



# ସଂଚାର
THE SANCHAR







Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 78 | ଭାଗ ୩୪ | ସଂଖ୍ୟା ୭୮ Bhubaneswar | Tuesday 10 June 2025 | Page 8 Rs. 4.00 ● ଭୁବନେଶ୍ୱର ମଙ୍ଗଳବାର ୧୦ ଜୁନ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଡିସେମ୍ବର ୯ରେ ବାଟବାଟୀରେ ଟି-୨୦

କଟକ,୯।୬(ସଂଚାର ବ୍ୟୁରୋ): ରାଜ୍ୟର କ୍ରିକେଟ୍‌ପ୍ରେମୀଙ୍କ ପାଇଁ ଆଜି ଆସିଛି ଏକ ଖୁସିର ଖବର। ବିସିସିଆଇ ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ୍ ସକାଶେ ଆଜି କାର୍ଯ୍ୟସୂଚୀ ଘୋଷଣା କରିବା ପରେ ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ କଟକର ଐତିହାସିକ ବାରବାଟୀ ମ୍ୟାଚ୍ ଖେଳିବ। ଏହି ଗସ୍ତରେ ଦୁଇ ଦେଶ ମଧ୍ୟରେ ୫ଟି ଟି-୨୦ ସହ ଦୁଇଟି ଟେଷ୍ଟ ଓ ୩ଟି ଦିନିକିଆ ଖେଳାଯିବ। ଏଥିସହ ୧୦ ମାସ ପରେ ବାରବାଟୀରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବା ନିଶ୍ଚିତ ହୋଇଛି। କାରଣ ଗତ ଫେବୃଆରୀ ୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ



**୧୦ ମାସ ପରେ କଟକ ଫେରିବ ଅନ୍ତର୍ଜାତୀୟ କ୍ରିକେଟ୍**

ଷ୍ଟାଡିୟମ୍‌ରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବା ସ୍ପଷ୍ଟ ହୋଇଛି। ବିସିସିଆଇ ପକ୍ଷରୁ ହୋଇଥିବା ଘୋଷଣା ଅନୁସାରେ, ଚଳିତ ବର୍ଷ ଶେଷ ଭାଗରେ ଅର୍ଥାତ୍ ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍‌ଟି ବାରବାଟୀରେ ଖେଳାଯିବ। ଆସନ୍ତା ନଭେମ୍ବରରୁ ଦକ୍ଷିଣ ଆଫ୍ରିକା ଟିମ ଭାରତ ଗସ୍ତରେ ଆସି ଏଠାରେ ତିନିଟିଯାକ ଫର୍ମାଟ୍‌ରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ସଫଳତାର ସହ ଶେଷ ହୋଇଥିଲା। କେବଳ ମ୍ୟାଚ ସମୟରେ ଫ୍ଲଡ ଲାଇଟ ଖରାପ ହେବା ଘଟଣାକୁ ଛାଡିଦେଲେ ବାକି ସବୁକିଛି ଯୋଜନା ମୁତାବକ ଚାଲିଥିଲା। ଅନ୍ୟପକ୍ଷରେ ଦୁଇ ଦଳ ମଧ୍ୟରେ ଏଠାରେ ଦୀର୍ଘ ୧୦ ବର୍ଷ ପରେ ଟି-୨୦ ମ୍ୟାଚ୍ ଖେଳାଯିବ। କାରଣ ଗତ ୨୦୧୫ ନଭେମ୍ବରରେ ଏଠାରେ ଖେଳାଯାଇଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି- ➺ପୃଷ୍ଠା-୬

**ରଥଯାତ୍ରା ସମନ୍ୱୟ ବୈଠକ**

## ସରକାରଙ୍କୁ କୋଭିଡ୍ ଚିନ୍ତା, ମାସ୍କ ବାଧ୍ୟତାମୂଳକ

- ଲକ୍ଷଣ ଥିଲେ ପୁରୀ ନ ଆସିବାକୁ ଆଇନ ମନ୍ତ୍ରୀଙ୍କ ନିବେଦନ
- ରଥଯାତ୍ରା ସମୟରେ ଚାଲିବ ୩୬୫ ସ୍ୱତନ୍ତ୍ର ଟ୍ରେନ୍

ପୁରୀ,୯।୬(ସଂଚାର ବ୍ୟୁରୋ): ଦେଶରେ କ୍ରମଶଃ କୋଭିଡ୍‌ଜନିତ ସ୍ଥିତି ଉଦ୍‌ବେଗଜନକ ହେଉଥିବା ବେଳେ ରାଜ୍ୟରେ ମଧ୍ୟ କ୍ରମାଗତ ଭାବେ ସଂକ୍ରମିତଙ୍କ ସଂଖ୍ୟା ବଢୁଛି। ଏପରି ସ୍ଥିତିରେ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ରଥଯାତ୍ରା ପାଇଁ ସରକାରଙ୍କ ଚିନ୍ତା ବଢ଼ିଯାଇଛି। କାରଣ ରଥଯାତ୍ରାରେ ବ୍ୟାପକ ମାତ୍ରାରେ ଭିଡ଼ ହେବ ଓ ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁମାନେ ଯୋଗଦେବେ। ତେଣୁ ଏହା କୋଭିଡ୍‌ଜନିତ ସ୍ଥିତିକୁ ଅଧିକ ସଙ୍ଗୀନ କରିବାର ଆଶଙ୍କା ରହିଥିବାରୁ ଏହା ଉପରେ ଆଜି ରଥଯାତ୍ରା ପାଇଁ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ସମନ୍ୱୟ ବୈଠକରେ ବିଶଦ ଆଲୋଚନା ହୋଇଛି। ବୈଠକରେ ସଭାପତିତ୍ୱ କରିଥିବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ୍ୟ ଯେଉଁମାନଙ୍କଠାରେ କୋଭିଡ୍ ଲକ୍ଷଣ ଥିବ, ସେମାନେ ରଥଯାତ୍ରା ଦେଖିବା ସକାଶେ ପୁରୀ ନ ଆସିବାକୁ ନିବେଦନ କରିଛନ୍ତି। ଅଦ୍ୟାବଧି ଯଦିଓ କୋଭିଡ କଟକଣା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ମାର୍ଗଦର୍ଶିକା ଆସିନାହିଁ। ତଥାପି ରାଜ୍ୟରେ କୋଭିଡ ସଂକ୍ରମଣ ବଢୁଥିବା ଦେଖି ମନ୍ତ୍ରୀ ପ୍ରତିଷେଧକମୂଳକ ବ୍ୟବସ୍ଥା ସ୍ୱରୂପ ଉକ୍ତ ନିବେଦନ କରିଛନ୍ତି।

ବୈଠକରେ ମହାପ୍ରଭୁଙ୍କର ଶୃଙ୍ଖଳିତ ନୀତି, ଜନଗହଳି ନିୟନ୍ତ୍ରଣ, ବିଭିନ୍ନ ବିଭାଗର ସେବା ନେଇ ଆଲୋଚନା କୋଭିଡ୍ ସଂକ୍ରମଣକୁ ରୋକିବା ସକାଶେ ପ୍ରତିଟି ଶ୍ରଦ୍ଧାଳୁ ପାଇଁ ମାସ୍କ ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହ ବୈଠକରେ




ହୋଇଛି। ବୈଠକରେ ହୋଇଥିବା କେତେକ ପ୍ରମୁଖ ନିଷ୍ପତ୍ତି ମଧ୍ୟରେ ରଥଯାତ୍ରା ସମୟରେ ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ସ୍ୱାସ୍ଥ୍ୟସେବା ସକାଶେ ୩୦୦ରୁ ଅଧିକ ଡାକ୍ତର ନିୟୋଜିତ ହେବେ। ଏଆଇ ସିସିଟିଭି କ୍ୟାମେରା ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବ। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ କମାଣ୍ଡ ସେଣ୍ଟର ସହ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ୱାର ରୁମ୍ ହେବ। ସେହିପରି ୨୩୦ରୁ ୨୫୦ ଅଧିକ ବସ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ବୈଠକରେ ବିଦ୍ୟୁତ୍, ସ୍ୱାସ୍ଥ୍ୟ ଓ ପରିମଳ ବିଭାଗକୁ ନେଇ ସରଗରମ ଆଲୋଚନା ହୋଇଥିଲା। ସେହିପରି ସ୍ୱାସ୍ଥ୍ୟ ସଚିବଙ୍କ ପରାମର୍ଶ ମାନିବାକୁ ଆଇନ ମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ କୋଭିଡର ସାଧାରଣ ନିୟମ ମାନିବାକୁ ଆମେ ବିଭିନ୍ନ ବିଜ୍ଞାପନ ମାଧ୍ୟମରେ ଜଣାଉଛୁ। ଏହାକୁ ନେଇ ଆମେ ଆଗକୁ ଆଡଭାଇଜରୀ ମଧ୍ୟ ଜାରି କରିବୁ। ସମଗ୍ର ଭକ୍ତ ସମାଜ ମାସ୍କ ବ୍ୟବହାର କଲେ କୋଭିଡ ବିପତ୍ତିକୁ ରହିବ ନାହିଁ ବୋଲି ଆମେ ସମସ୍ତଙ୍କୁ ଏହା ମାନିବାକୁ ନିବେଦନ କରିବୁ ବୋଲି ମନ୍ତ୍ରୀ କହିଛନ୍ତି।

ସେହିପରି ବୈଠକରେ ଉପସ୍ଥିତ ଥିବା ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ରଥଯାତ୍ରା ଅବକାଶରେ କୋଭିଡ ପାଇଁ ବ୍ୟସ୍ତ ➺ପୃଷ୍ଠା-୬

## ପୁଣି ରାହୁଲଙ୍କୁ ଧୋଇଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୯।୬(ସଂଚାର ବ୍ୟୁରୋ): ପୁଣି କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ କଡ଼ା ସମାଲୋଚନା କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବ୍ୟାପକ ଜାଲିଆତି ନେଇ ରାହୁଲ ଆଣିଥିବା ଅଭିଯୋଗକୁ

- ରାହୁଲ ଗାନ୍ଧି ଜଣେ ଅଜ୍ଞାନୀ ପିଲା
- ରାଜପରିବାରର ମିଛକୁ ପ୍ରଚାର କରନ୍ତି ଖଡଗେ



କାଉଣ୍ଟର କରିଛନ୍ତି ଧର୍ମେନ୍ଦ୍ର। ସେ କହିଛନ୍ତି, ମହାରାଷ୍ଟ୍ର ନିର୍ବାଚନକୁ ଏହା ଭିତରେ ଅନେକ ଦିନ ହୋଇଗଲାଣି। ସେ ସମୟରେ ଝାଡ଼ଖଣ୍ଡରେ ବି ନିର୍ବାଚନ ହୋଇଥିଲା। ତେବେ ଝାଡଖଣ୍ଡରେ ଜାଲିଆତି ହୋଇଥିଲା କି? ବିଜେପି ପଶ୍ଚିମବଙ୍ଗରେ ବି ନିର୍ବାଚନ ହାରିଥିଲା, ସେଠାରେ କଣ ରିଗିଂ ହୋଇଥିଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ ଦେଶବାସୀ ବାରମ୍ବାର ରାହୁଲ ଗାନ୍ଧିଙ୍କ ଦର୍ଶନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହାର ଫ୍ରଷ୍ଟେସନରେ ରାହୁଲ ଗାନ୍ଧି ଏମିତି ବୟାନ ରଖୁଛନ୍ତି। ସମସ୍ୟା ସେତେବେଳେ ହୋଇଥାଏ ଯେବେ ଜଣେ ଅଜ୍ଞାନୀ ଅହଙ୍କାରରେ ରହିଥାଏ। ରାହୁଲ ଗାନ୍ଧି ଜଣେ ଅଜ୍ଞାନୀ ପିଲା, ତାଙ୍କର ଭାରତୀୟ ପ୍ରଜାତନ୍ତ୍ର ଉପରେ ବିଶ୍ୱାସ ନାହିଁ। ସାମନ୍ତବାଦୀ ଚିନ୍ତାଧାରା ରଖୁଥିବା ଲୋକଙ୍କ ମନରେ ବେଳେବେଳେ ଏମିତି ଦେବାଳିଆପଣ ଦେଖାଯାଏ। ପ୍ରଥମେ ରାହୁଲ ଗାନ୍ଧୀ ମିଛ କୁହନ୍ତି ଏବଂ ତା'ପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ରାଜପରିବାରର ଚାପରେ ଦେଶସାରା ସେହି ମିଛ ପ୍ରଚାର କରିବାରେ ବ୍ୟସ୍ତ ରହନ୍ତି। ଆଜି ସମଗ୍ର କଂଗ୍ରେସ ରାହୁଲ ଗାନ୍ଧିଙ୍କ ମିଛ ଓ ଭ୍ରମ ଦର୍ଶନକୁ ଗ୍ରହଣ କରୁଛି। ଏହି ପୋଷ୍ଟ ମାଧ୍ୟମରେ ଖଡଗେ ଗାନ୍ଧି ପରିବାର ଓ କଂଗ୍ରେସର ଦଶନ୍ଧି ପୁରୁଣା ଇତିହାସକୁ ମଧ୍ୟ ଦେଶବାସୀଙ୍କ ସମ୍ମୁଖରେ ରଖିଛନ୍ତି। ଦେଶବାସୀ ଆଜି ଅର୍ଥନୀତିଠାରୁ ମୁଦ୍ରାସ୍ଫୀତି ପର୍ଯ୍ୟନ୍ତ କଂଗ୍ରେସ ନୀତିର ପଙ୍ଗୁତାର ସେହି ସମୟକୁ ମନେ ରଖିବାକୁ ➺ପୃଷ୍ଠା-୬

## ରାଜସ୍ୱ ସେବାର ହେବ ହୋମ୍ ଡେଲିଭରି

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ଏଣିକି ଗୋଟିଏ ମୋବାଇଲ୍ ଆପ୍‌ରେ ସମସ୍ତ ରାଜସ୍ୱ ସେବା ଉପଲବ୍ଧ ହେବ। ଘରେ ବସି ସମସ୍ତ ରାଜସ୍ୱ

- ଖୁବ୍‌ଶୀଘ୍ର ଉନ୍ମୋଚନ ହେବ ଆପ୍
- ଘରେ ବସି କରିପାରିବେ ଆବେଦନ



ସେବାର ସୁବିଧା ପାଇବେ ଲୋକେ। ଅର୍ଥାତ୍ ସମସ୍ତ ରାସ୍ୱେ ସେବାର ହୋମ୍ ଡେଲିଭରି ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ ଏହି ଆପ୍ ପ୍ରସ୍ତୁତ ହୋଇସାରିଛି। ଖୁବ୍‌ଶୀଘ୍ର ଏହା ଉନ୍ମୋଚନ ହେବ। ଏହାଦ୍ୱାରା କୌଣସି ସେବା କେନ୍ଦ୍ରକୁ ନ ଯାଇ କେହି ବି ଘରେ ବସି ବିଭିନ୍ନ ସମସ୍ୟାର ସମାଧାନ କରିପାରିବେ। ଛୋଟ ଛୋଟ କାମ ପାଇଁ ରାଜସ୍ୱ ବିଭାଗ କିମ୍ବା କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡ଼ିବନି। ଏଥିରେ ବିଭିନ୍ନ ପ୍ରକାର ସେବା ପାଇଁ ଆବେଦନ କରାଯାଇପାରିବ। ବିଭିନ୍ନ କାଗଜପତ୍ର ଆଦି ମଧ୍ୟ ଅନ୍‌ଲାଇନ୍‌ରେ ଡାଉନ୍‌ଲୋଡ୍ କରିହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେ କହିଛନ୍ତିଯେ ଆପ୍ ବ୍ୟବହାର କରୁଥିବା ୟୁଜର୍‌ମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ପଞ୍ଜିକୃତ ହୋଇ ରହିବ। କେଉଁ ପ୍ରମାଣପତ୍ର କେତେ ସମୟରେ ମିଳିବ, ସେନେଇ ସମୟ ଧାର୍ଯ୍ୟ ହେବ। ନିର୍ଦ୍ଦିଷ୍ଟ ସମୟରେ ପ୍ରମାଣପତ୍ର ମିଳିଲେ ରାଜସ୍ୱ ବିଭାଗକୁ ସୂଚନା ଆସିଯିବ। କେଉଁ ତହସିଲଦାରଙ୍କ ଦ୍ୱାରା କେଉଁ ତହସିଲରେ ଏହି ସେବା ଠିକ ସମୟରେ ମିଳିଲା ନାହିଁ, ଉପଭୋକ୍ତା ମାଗିଥିବା ସେବା ପାଇବା ପ୍ରକ୍ରିୟା ଶେଷ ହେବା ପରେ ଏ ବାବଦ ସବିଶେଷ ତଥ୍ୟ ସମ୍ପୃକ୍ତ ତହସିଲଦାର ଉକ୍ତ ଆପ୍‌ରେ ଅପଲୋଡ଼ କରିବେ। ଏହି ତଥ୍ୟ ଆବେଦନକାରୀ ଘରେ ବସି ଡାଉନଲୋଡ୍ କରିପାରିବେ। ଏହି ଆପ୍ ଉନ୍ମୋଚିତ ହେବା ପରେ ସାଧାରଣ ଲୋକ ଓ ରାଜସ୍ୱ ସେବା ମଧ୍ୟରେ ରହୁଥିବା ନାନାଦି ବାଧକ ଦୂର ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**।ମୁମ୍ବାଇ ଷ୍ଟେସନ୍‌ରେ ଅଘଟଣ।**

## ଚଳନ୍ତା ଟ୍ରେନ୍‌ରୁ ଖସି ୬ ଯାତ୍ରୀ ମୃତ

ମୁମ୍ବାଇ,୯।୬: ମୁମ୍ବାଇ ଥାନେ ରେଲଓ୍ୱେ ଷ୍ଟେସନରେ ଆଜି ଏକ ଅଘଟଣ ଘଟିଛି। ଲକ୍ଷ୍ନୌ ଯାଉଥିବା ଏକ ଟ୍ରେନ୍‌ରୁ ଖସିପଡ଼ି ୬ ଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ପୁଷ୍ପକ ନାମକ ଉକ୍ତ ଟ୍ରେନ୍‌ରେ ଭୀଷଣ ଭିଡ଼



- ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ
- ମୃତକଙ୍କ ପରିବାରକୁ ୫ ଲକ୍ଷ ସହାୟତା
- ଲାଗିବ ଅଟୋମେଟିକ ଡୋର

ଥିବା ବେଳେ ଅନେକ ଯାତ୍ରୀ ବଗିରେ ଝୁଲି କରି ଯାତ୍ରା କରୁଥିଲେ। ମୃତକଙ୍କ ମଧ୍ୟରେ ଭିକ୍କି ମୁଖୟାଡ୍ ନାମକ ଜିଆର୍‌ପି କନଷ୍ଟେବଲ ରହିଥିବା ବେଳେ ଏହି ଅଘଟଣରେ ୬ ଜଣ ଯାତ୍ରୀ ଆହତ ମଧ୍ୟ ହୋଇଛନ୍ତି। ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏହି ଦୁର୍ଘଟଣା ସେଣ୍ଟ୍ରାଲ୍ ରେଲଓ୍ୱେ ଅଧୀନସ୍ଥ ଡିଭା ଓ କୋପର ରେଳଷ୍ଟେସନ୍ ମଧ୍ୟରେ ଘଟିଛି। ଖବର ପାଇ ରେଳବାଇ ପୁଲିସ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବା ସହ ନିକଟସ୍ଥ କାଲଓ୍ୱା ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ତେବେ କେଉଁ ପରିସ୍ଥିତିରେ ଏପରି ଅଘଟଣ ଘଟିଛି, ତା' ଜାଣିବା ସକାଶେ ରେଳବାଇ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ➺ପୃଷ୍ଠା-୬

## କେନ୍ଦ୍ରାପଡ଼ାରୁ ହେବ ସରକାରଙ୍କ ୨ୟ ବର୍ଷର ଶୁଭାରମ୍ଭ

- ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନା ନେଇ ସନ୍ତୋଷ ବ୍ୟକ୍ତ
- ମେଡିକାଲ କଲେଜ ଓ ପରିକ୍ରମା ପ୍ରକଳ୍ପ ନେଇ ଆଲୋଚନା
- ହେନ୍ତାଳ ଜଙ୍ଗଲ ସହ ଇକୋ ଟୁରିଜିମକୁ ବ୍ୟାପକ କରାଯିବ
- ବାଂଲାଦେଶୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ



ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରି ଜିଲ୍ଲା ପ୍ରଦକ୍ଷଣ ଗୃହ ସ୍ଥିତ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏବଂ ଜିଲ୍ଲାର ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରିଛନ୍ତି ଓ ଘୋଷଣା କରିଛନ୍ତିଯେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷର ଆରମ୍ଭ କେନ୍ଦ୍ରାପଡ଼ା ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଆରମ୍ଭରୁ ହିଁ ହେବ। ସମୀକ୍ଷାରୁ ଜଣା ଯାଇଛି ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଜଳ ସମ୍ପଦର ବିକାଶ ହେବା ପାଇଁ ଏବଂ ଏହି ଜିଲାରେ ଶିଳ୍ପର ବିକାଶ ପାଇଁ ଖୁବ ଶୀଘ୍ର ପଦକ୍ଷେପ ନିଆଯିବ। କେନ୍ଦ୍ରାପଡ଼ା ଅଞ୍ଚଳରେ ଥିବା ହେନ୍ତାଳ ଜଙ୍ଗଲକୁ ଆହୁରି ବ୍ୟାପକ କରିବା ପାଇଁ ଏବଂ ଭିତରକନିକା ଓ ଗହୀରମଥା ଅଞ୍ଚଳରେ ଇକୋ ଟୁରିଜିମକୁ ଆହୁରି ତ୍ୱରାନ୍ୱିତ କରାଯିବ। ଖୁବ୍‌ଶୀଘ୍ର ବିଭିନ୍ନ ନୂତନ ପ୍ରକଳ୍ପଗୁଡ଼ିକ ଏହି ଜିଲ୍ଲାରେ ଉଦ୍‌ଘାଟନ ହେବା ପାଇଁ ଯାଉଛି ଏବଂ କେନ୍ଦ୍ରାପଡ଼ା ଠାରେ ମେଡିକାଲ କଲେଜ ସ୍ଥାପନ ଓ ମହାପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ବିଷୟରେ ବିଧାୟକ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାର କାରଣ ବୁଝି ➺ପୃଷ୍ଠା-୬

## ବଢ଼ିଲା ବନ୍ୟଜନ୍ତୁଜନିତ କ୍ଷତିପୂରଣ ରାଶି

### ମୃତ୍ୟୁ ପାଇଁ ମିଳିବ ୧୦ ଲକ୍ଷ

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ପୂର୍ବରୁ ମିଳୁଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ଆଜି ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ପୂର୍ବରୁ ଏ ବାବଦରେ ୬ ଲକ୍ଷ ଟଙ୍କା ମିଳୁଥିବା ବେଳେ ଏବେ ପ୍ରଭାବିତ ପରିବାରକୁ ୧୦ ଲକ୍ଷ ଟଙ୍କା ମିଳିବ। ସାଧାରଣତଃ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ସାଧାରଣତଃ ବନ୍ୟଜନ୍ତୁ ଆକ୍ରମଣ ଘଟଣା ଅଧିକ ଘଟିଆସିଛି। ବନ୍ୟଜନ୍ତୁ ଆକ୍ରମଣରେ ବ୍ୟାପକ ଧନଜୀବନ ମଧ୍ୟ ନଷ୍ଟ ହେଉଛି। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ରାଶି ବୃଦ୍ଧି କରିଛନ୍ତି। ନିଷ୍ପତ୍ତି ଅନୁଯାୟୀ, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରାଯିବା ସହ ଯଦି ବାସଗୃହ କ୍ଷତିଗ୍ରସ୍ତ ହୋଇଥାଏ, ତା'ହେଲେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ମିଳିବ, ନଚେତ ସମତୁଲ ଆର୍ଥିକ ସହାୟତା ଦିଆଯିବ। ରୋଷେଇ ଘର, ଧାନ ସଂରକ୍ଷଣ ଗୃହ କିମ୍ବା ଛେଳିଗୁହାଳ କ୍ଷତିଗ୍ରସ୍ତ ହେଲେ ୩ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମିଳିବ। ତା'ଛଡ଼ା ପକ୍କା ପାଚେରୀ, କମ୍ପାଉଣ୍ଡ ୱାଲ୍ କ୍ଷତିଗ୍ରସ୍ତ ହେଲେ ପ୍ରତି ମିଟର ପିଛା ୫ ହଜାର ଓ ସର୍ବାଧିକ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଛି।



**କାନ ଡେରିଥା**

ରାଜନୀତି ଛାଡି ରୋମାନ୍ସ
କରନ୍ତି
ଆଜିକାର ବୁଢ଼ା ନେତା
ପଞ୍ଚଷଠି ବର୍ଷେ ଚମକନ୍ତି ସିଏ
ବାଛିଲେ ପ୍ରେମର ରାସ୍ତା
ବରଷାକୁ ପରା ଛତା...
ଟୋକା ବୟସରେ ହଜି
ଯାଇଥିଲେ
ବୁଢ଼ା ବେଳେ ହେଲା ଖାସ୍ତା ।

■ ଦେବାଶିଷ

## ଜଗତ୍‌ସିଂହପୁରକୁ ବ୍ୟାପୁଛି ନିମାପଡ଼ା ଅସନ୍ତୋଷ

- ବିଜେପିରେ ଫାଟ ଜଳ ଜଳ ଦିଶୁଛି
- ଅନ୍ଧାରି ବିଜେ କରୁଛନ୍ତି ପୂର୍ବତନ ବିଧାୟକ



ଜଗତ୍‌ସିଂହପୁର,୯।୬(ସଂଚାର ବ୍ୟୁରୋ): ବିଜେପି ସରକାରକୁ ବର୍ଷଟିଏ ପୂରିନଥିବା ବେଳେ ନିମାପଡାର ଅସନ୍ତୋଷ ଏବେ ଜଗତ୍‌ସିଂହପୁରକୁ ବ୍ୟାପିବାରେ ଲାଗିଛି। ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ନିମାପଡା ବିଧାନସଭା କ୍ଷେତ୍ରରେ ସମୀର-ପ୍ରଭାତୀ ଲଢ଼େଇ ସରଗରମ ଥିବା ବେଳେ ଜିଲ୍ଲାର ଜଗତ୍‌ସିଂହପୁର ଓ ପାରାଦୀପ ବିଧାନସଭା କ୍ଷେତ୍ରରେ ସ୍ଥିତି ବିଗିଡ଼ିବାରେ ଲାଗିଛି। ଅବସ୍ଥା ଏଭଳି ହୋଇଛି ଯେ ସାଂସଦ, ବିଧାୟକ, ଜିଲ୍ଲା ସଭାପତି କାହାରି ସାଙ୍ଗରେ କାହାର ପଡୁନଥିବା ଦେଖିବାକୁ ମିଳୁଛି।

ଦୀର୍ଘଦିନ ପରେ ଜଗତ୍‌ସିଂହପୁର ବିଜେପିକୁ ନୂଆ ସଭାପତି ମିଳିଛନ୍ତି। ସଭାପତି ପ୍ରତାପ ମିଶ୍ର ହେଉଛନ୍ତି ଜଗତ୍‌ସିଂହପୁର ବିଧାନସଭା କ୍ଷେତ୍ରର। ହେଲେ ସଭାପତି ଓ ଜଗତ୍‌ସିଂହପୁର ବିଧାୟକ ଗୋଟିଏ ସରଳରେଖାରେ ଯାଇପାରୁନାହାନ୍ତି। ସଭାପତି ଡାକୁଥିବା ଅଧିକାଂଶ ବୈଠକରେ ବିଧାୟକ ଅନୁପସ୍ଥିତ ରହୁଥିବା ଦେଖିବାକୁ ମିଳୁଛି। ଗୋଟିଏ ଦଳର ଉଭୟ ନେତା ନିଜ ନିଜ ସମର୍ଥକଙ୍କ ସହ ସମାନ୍ତରାଳ ଗତିରେ ଯାଉଛନ୍ତି। ତେବେ ମିଳିଥିବା ସୂଚନା ଅନୁଯାୟୀ, ଏହାର ମୂଳ କାରଣ ହେଉଛି ନିର୍ବାଚନମଣ୍ଡଳୀରେ ମଣ୍ଡଳ ସଭାପତି ନିଯୁକ୍ତିକୁ ନେଇ ରହିଥିବା ମତାନ୍ତର। ୧୧ ମଣ୍ଡଳ ସଭାପତି ନିଯୁକ୍ତି କସରତରେ ଶେଷରେ ଜିଲ୍ଲା ସଭାପତି ସଫଳ ହୋଇଛନ୍ତି। ବିଧାୟକ ଦେଇଥିବା ନାଁ ମଧ୍ୟରୁ ଜଣେ ବି ଉକ୍ତ ତାଲିକାରେ ସ୍ଥାନ ପାଇନଥିବା କୁହାଯାଉଛି। ସେହିଭଳି ସାଂସଦଙ୍କ ବୈଠକରେ ବିଧାୟକ କିମ୍ବା ଜିଲ୍ଲାର ଏକମାତ୍ର ମନ୍ତ୍ରୀ ଅଧିକାଂଶ ସମୟରେ ଉପସ୍ଥିତ ରହୁନାହାନ୍ତି। ସଭାପତି ଡାକୁଥିବା ବୈଠକରେ କେତେବେଳେ ସାଂସଦ ଅନୁପସ୍ଥିତ ରହୁଛନ୍ତି ତ ଆଉ କେତେବେଳେ ବିଧାୟକ ଆସୁନାହାନ୍ତି। ସାଂସଦ ଉପସ୍ଥିତ ରହୁଥିବା ଅଧିକାଂଶ ବୈଠକରେ ଜିଲ୍ଲାର ମନ୍ତ୍ରୀଙ୍କୁ ବି ଦେଖିବାକୁ ମିଳୁନାହିଁ। ମୋଟାମୋଟି ଭାବେ ଜିଲ୍ଲାର ଏକମାତ୍ର ମନ୍ତ୍ରୀ, ପ୍ରଭାବଶାଳୀ ସାଂସଦ, ଯୁବ ବିଧାୟକ ଓ ସଂଘ ପରିବାରରୁ ଆସିଥିବା ସଭାପତି କାହାରି ସାଙ୍ଗରେ କାହାର ଠିକଣା ଭାବେ ପଡୁନାହିଁ। ଏଥିଯୋଗୁଁ ଜିଲ୍ଲାରେ ବିକାଶମୂଳକ କାର୍ଯ୍ୟ ଯେଭଳି ହେବା କଥା, ତାହା ଦେଖିବାକୁ ମିଳୁନଥିବା ଆଲୋଚନା ହେଉଛି। ନିମାପଡ଼ାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ତାଙ୍କରି ଦଳର ସମୀର ଦାସ ଖୋଲା ସମାଲୋଚନା କରିବା ପରେ ଏବେ ଏହି ରୋଗ ଜଗତ୍‌ସିଂହପୁରର ଅନ୍ୟ ନିର୍ବାଚମଣ୍ଡଳୀକୁ ବ୍ୟାପିବାରେ ଲାଗିଛି। ଜିଲ୍ଲାର ଏକମାତ୍ର ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ତିର୍ତ୍ତୋଲ ଓ ବାଲିକୁଦା-ଏରସମାର ଦୁଇ ବିଜେଡି ବିଧାୟକ ଘେରୁଥିବା ବେଳେ ଅନ୍ୟତମ ନେତା ବାପି ସର୍ଖେଲ ବି ତାଙ୍କ ବାଟ ଓଗାଳିଛନ୍ତି। ଏଭଳି ସ୍ଥିତିରେ ମନ୍ତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ କିନ୍ତୁ ଜିଲ୍ଲାର ବିଜେପି ନେତା ଓ ସଂଗଠନମାନେ ଏକାଠି ହୋଇପାରୁନାହାନ୍ତି। ଜିଲ୍ଲାରେ ବିଜେପିର ଆନ୍ତଃକନ୍ଦଳ ତୀବ୍ର ହେବାରେ ଲାଗିଥିବା ବେଳେ ବିଜେଡି ସଭାପତି ପ୍ରଶାନ୍ତ ମୁଦୁଲି କିନ୍ତୁ ଅନ୍ଧାରୀ ବିଜେକୁ ଜୋରଦାର କରିଛନ୍ତି। ଚୁପ୍‌ଚାପ୍ ଜିଲ୍ଲା ଗସ୍ତରେ ଯାଇ ଦଳୀୟ ନେତା ଓ କର୍ମୀଙ୍କୁ ଶ୍ରୀ ମୁଦୁଲି ଭେଟୁଥିବାବେଳେ ଏହା ଯେଭଳି କୌଣସି ଗଣମାଧ୍ୟମ ଏପରିକି ସୋସିଆଲ ମିଡିଆର ନଆସିବ, ତା' ଉପରେ ବି ଗୁରୁତ୍ୱ ଦେଉଛନ୍ତି। ବିଶେଷକରି ବିଜେଡି କର୍ମକର୍ତ୍ତାମାନେ ଯେଭଳି ଜଗତ୍‌ସିଂହପୁର ବିଧାୟକଙ୍କ ସହିତ ନ ଯାଆନ୍ତି, ତାହା ➺ପୃଷ୍ଠା-୬



## ସମ୍ବିଧାନ ବଞ୍ଚାଓ ସମାବେଶ ପ୍ରସ୍ତୁତି ବୈଠକ

**ରାଜନଗର,୯।୬ (ସଂଚାର ବ୍ୟୁରୋ):** ରାଜନଗର କଂଗ୍ରେସ ପକ୍ଷରୁ ବୁଧବାର ୧୧ ତାରିଖ ଦିନ ସମ୍ବିଧାନ ବଞ୍ଚାଓ ସମାବେଶ ଅନୁଷ୍ଠିତ ହେବ। ଆଜି ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ବରିଷ୍ଟ ନେତା ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଅଶୋକ କୁମାର ପ୍ରତିହାରୀ ଯୋଗ ଦେଇ ଦେଶରେ ଓ ରାଜ୍ୟରେ କିପରି ଅରାଜକତା ଚାଲିଛି ସେନେଇ ମତ ରଖିବା ସହ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଡାକରାରେ ରାଜନଗର ବ୍ଲକରେ ସମ୍ବିଧାନ ବଞ୍ଚାଓ ସମାବେଶ ଅନୁଷ୍ଠିତ ହେବ। ଏହି ସମାବେଶକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ଏହି ବୈଠକରେ କଂର୍ଷ ନେତା ହେମନ୍ତ ମିଶ୍ର, ବିଜୟ ନାୟକ, ରମାକାନ୍ତ ଶେଠୀ, କଳ୍ପତରୁ ସ୍ୱାଇଁ, ବିବେକ ରାଉତରାୟ, ପ୍ରଦୀପ ସେଠୀ, ମନୋଜ ସେଠୀ, ବିଦ୍ୟାଧର ମହାରଣା, ଗୌରାଙ୍ଗ ମହାରଣା, ଲକ୍ଷ୍ମଣ ସାହୁ, ରଞ୍ଜନ ପାଳ, ତୁସରକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ପ୍ରଭାରୀ ମନ୍ତ୍ରୀଙ୍କ ନୟାଗଡ ଗସ୍ତ

## ଜିଲ୍ଲାବାସୀଙ୍କୁ ଅନ୍ଧାରରେ ରଖି ଚାଲିଛି ମନ୍ତ୍ରୀଙ୍କ ସମୀକ୍ଷା




**ନୟାଗଡ଼,୯।୬ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ଜିଲ୍ଲା ପରିଷଦ ସୃଜନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ତଥା ସମବାୟ, ହସ୍ତତନ୍ତ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ବାଚସ୍ପତି ସୁରମା ପାଢ଼ୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଲଗ୍ନଜିତ ରାଉତ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକରେ ସ୍ୱାସ୍ଥ୍ୟ ବିଭାଗର କାୟାକଳ୍ପ ପୁରସ୍କାର, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ କେନ୍ଦ୍ର , ବୟୋ ବନ୍ଦନା ଯୋଜନା ମାଧମରେ ଶତ ପ୍ରତିଶତ କାର୍ଡ ବାଣ୍ଟିବା ପାଇଁ ଆଲୋଚନା କରାଯାଇଥିଲା। ରାଜସ୍ୱ ବିଭାଗ ଦ୍ୱାରା ବସୁନ୍ଧରା ଯୋଜନା ରେ ୨୨୧ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଛି । ତହସିଲଦାରଙ୍କୁ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି କୃଷି, ଶିକ୍ଷା, ଯୋଗାଣ, ଆର୍.ଡି, ଟିପିସିଓଡିଏଲ, ସମାଜ କଲ୍ୟାଣ ବିଭାଗର ସମୀକ୍ଷା କରାଯାଇ ଅନେକ ପରାମର୍ଶ ଦିଆଯାଇଛି। ଏହି ବୈଠକରେ ଅବକାରୀ ଅଧିକ୍ଷକ, ଜିଲ୍ଲା ମଙ୍ଗଳ ଅଧିକାରୀ, ହସ୍ତତନ୍ତ ବୟନ ଶିଳ୍ପ ବିଭାଗର ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ଯନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ବୈଠକ ସମ୍ପର୍କରେ ଗଣମାଧମକୁ ସୂଚନା ଦିଆଯାଇନଥିଲା। ତେବେ ଜିଲ୍ଲାରେ କଣ କଣ ସବୁ ଉନ୍ନତି ହୋଇଛି ଏବଂ କେତେ ସଫଳତା ହାସଲ କରିଛନ୍ତି ତାହା ସମୀକ୍ଷା କରି ସାମ୍ବାଦିକ ମାନଙ୍କ ମାଧମରେ ଜିଲ୍ଲାବସୀଙ୍କୁ ଅବଗତ କରାଯିବାର ଆବଶ୍ୟକତା ରହିଥିବା ବେଳେ ଏହାକୁ ଅନ୍ଧାରରେ ରଖି ସମୀକ୍ଷା କରାଯାଇଅଛି। ଯାହାକୁ ନେଇ ଆଜି ସାମ୍ବାଦିକ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ।

## ଜାମନଣ୍ଡାରେ ନିମ୍ନମାନର ଡ୍ରେନ କାର୍ଯ୍ୟ

- ଫଳକ ନାହିଁ, ଜେଇ ତଦାରଖ କରୁନାହାନ୍ତି



**ବୈଶିଙ୍ଗା,୯।୬ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କେବଳ ହରିଲୁଟରେ ଚାଲିଥିବାର ଅଭିଯୋଗ ହେଉଛି । ଏହାର ଉଦାହରଣ ପାଇଟିଛି ଜାମନଣ୍ଡା ଗ୍ରାମରେ ଚାଲିଥିବା ଡ୍ରେନ ନିର୍ମାଣ କାର୍ଯ୍ୟ।କୌଣସି ଫଳକ ନ ଥାଇ ଜିଲ୍ଲା ପରିଷଦ ହାତ ପାଣ୍ଠିରେ କାର୍ଯ୍ୟ ଚାଲିଥିବାର ଅଭିଯୋଗ ପରେ ଜିଲ୍ଲା ପରିଷଦ ମେମ୍ବର ସବିତା ଦାସଙ୍କୁ ଯୋଗାଯୋଗ କରିବାପରେ ସେ କହିଲେ "ମୋ ହାତ ପାଣ୍ଠି ଅର୍ଥରୁ ୨ଲକ୍ଷ ୪୦ହଜାର ଟଙ୍କା ମଞ୍ଜୁର ହେବା ପରେ ଆଇ ଟିଡିଏ କାର୍ଯ୍ୟଭାର ନେଇଛନ୍ତି। କାମ ବିଷୟରେ ସଂପୃକ୍ତ ଜେଇ ସୁରାଏ ମୁର୍ମୁଙ୍କୁ ଫୋନ ଯୋଗେ ବୁଝିବାରୁ ସେ କହିଲେ ମୁଁ ଲେଆଉଟ ଦେଇ ଆସିଥିଲି ୧୬୭ ଫୁଟ ଡ୍ରେନ ପାଇଁ ଏବଂ ଫଳକ ମଧ ଲଗାଇବାକୁ କହିଥିଲି। ତା ପରେ ସେ ଆଉ ଦେଖିବାକୁ ଆସି ନାହାନ୍ତି ବୋଲି କହିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଯେ ବର୍ଷା କାଦୁଅରେ ତଳେ ମେଟାଲ ଢଳେଇ ନ ଦେଇ ତରବରିଆ ଭାବେ ପ୍ଲାଷ୍ଟର କରି କାମ ସାରି ଦେଉଛନ୍ତି। ଏହା ବ୍ୟତୀତ ୧୫୦ ଫୁଟର କାମ କରାଯାଇଛି। ଅଭିଯୋଗ ବିଷୟରେ ପ୍ରଥମେ ନୂଆ ଦାୟିତ୍ୱ ନେଇଥିବା ଟୁଡୁ ବାବୁଙ୍କୁ ଫୋନ କରିବାରୁ ସେ କହିଲେ ମୋତେ ଡାହିବାଡି ହାଟରେ ୨୭ ଲକ୍ଷ ଟଙ୍କା ବ୍ୟୟରେ ଚାଲିଥିବା କାର୍ଯ୍ୟର ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱରେ ନ ଥାଇ ମଧ ସୁରାୟ ମୁର୍ମୁ କାମ ତଦାରଖ କରୁଛନ୍ତି ଏବଂ ମଙ୍ଗଳବାର କାମ ଦେଖିବାକୁ ଆସିବେ ବୋଲି କହିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ପିଏ ଆଇଟିଡିଏ କଣ କରୁଛନ୍ତି ।

# ଜବରଦଖଲରେ ନିଶ୍ଚିନ୍ତକୋଇଲି ବଜାର

**ନିଶ୍ଚିନ୍ତକୋଇଲି,୯।୬ (ସଂଚାର ବ୍ୟୁରୋ):** କଟକ ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବଜ଼ାର ଏକ ବ୍ୟବସାୟୀକ ପେଣ୍ଠସ୍ଥଳୀ। ବଜାରର ଉଭୟ ପାର୍ଶ୍ୱରେ ପ୍ରାୟ ପାଞ୍ଚ ଶହରୁ ଉର୍ଦ୍ଧ ବ୍ୟବସାୟୀ ଥିବାବେଳେ ରାସ୍ତା ଦେଇ ପ୍ରତିଦିନ ଶହ ଶହ ଦୁଇ ଚକିଆ ଓ

### ଉଚ୍ଛେଦ ହେବ କେବେ?



ଚାରି ଚକିଆ ଯାନ ଯାତାୟାତ କରନ୍ତି। ଏପରିକି ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟକୁ ବିଭିନ୍ନ ଅଞ୍ଚଳରୁ ଶହ ଶହ ଚାଷୀ ଓ ହଜାର ହଜାର ଜନସାଧାରଣ ଆସନ୍ତି। ବ୍ୟବସାୟୀମାନେ ନିଜର ସୁବିଧା ପାଇଁ ଦୋକାନ ସାମ୍ନା ରାସ୍ତାର ଦୁଇ ପାର୍ଶ୍ୱ ଦଖଲ କରି ବ୍ୟବସାୟ କରୁଛନ୍ତି। ଏପରିକି ପାଦଚଲା ରାସ୍ତାରେ ଆଜବେଷ୍ଟସ ତଥା ଛାତ ଘର ନିର୍ମାଣ କରି ଜୋର୍ ଜବରଦସ୍ତି ବ୍ୟବସାୟ କରୁଛନ୍ତି। ଫଳରେ ପ୍ରତିଦିନ ନିଶ୍ଚିନ୍ତକୋଇଲି ବଜାର ରାସ୍ତା ଭିଡ଼ ହେଉଥିବା ଦେଖିବାକୁ ମିଳେ। ଛୋଟ ବଡ଼ ଦୁର୍ଘଟଣା ହେଉଥିବା ବେଳେ ନିଶ୍ଚିନ୍ତକୋଇଲି ବଜ଼ାର ରାସ୍ତା ଅତିକ୍ରମ କରିବାକୁ ଯାନବାହାନଗୁଡିକ ଘଣ୍ଟା ଘଣ୍ଟା ସମୟ ରାସ୍ତାରେ ଛିଡ଼ା ହୋଇଥାଆନ୍ତି।

ଏହାକୁ ଦୃଷ୍ଟିରେ ରଖି କିଛିଦିନ ତଳେ ସ୍ଥାନୀୟ ଗ୍ରାମବାସୀ ତଥା ଜନସାଧାରଣ ସ୍ଥାନୀୟ ବିଧାୟକ, ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳଙ୍କ ନେର୍ଦ୍ଦେଶ କ୍ରମେ ନିଶ୍ଚିନ୍ତକୋଇଲି ତହସିଲଦାର ବଜ଼ାରର ଦୁଇ ପାର୍ଶ୍ୱ ଜବରଦଖଲ କରିଥିବା ବ୍ୟବସାୟୀ ଦୋକାନ ଘର ଉଚ୍ଛେଦ ପାଇଁ ବ୍ୟବସାୟୀ ସଂଘକୁ ନୋଟିସ କରିଛନ୍ତି। ବ୍ୟବସାୟୀ ସଂଘ ଯଦି କିଛି ପଦକ୍ଷେପ ନନିଏ ତେବେ ବାଧହୋଇ ସରକାର ଆଇନଗତ ପଦକ୍ଷେପ ନେବେ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ ଏହି ଘଟଣାକୁ ଦୁଇମାସ ବିତିବାକୁ ବସିଥିବା ବେଳେ ତହସିଲ୍ ପ୍ରଶାସନ ପକ୍ଷରୁ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି। ସରକାରଙ୍କ ଜବର ଦଖଲ ଉଚ୍ଛେଦ ନିୟମ କାହା ସ୍ୱାର୍ଥ ପାଇଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। କଟକ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯିବା ସମୟରେ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ମହାକାଳପଡ଼ା,୯।୬ (ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କେନ୍ଦ୍ରାପଡ଼ା ଗସ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ମହାକାଳପଡ଼ା ବେରୁହାଁ ପଞ୍ଚାୟତର ବିଜେପି ସଭାପତି ମାନସ ନାୟକ ଓ ଆଉ ଜଣେ ବିଜେପି କାର୍ଯ୍ୟ କର୍ତ୍ତା ନୃସିଂହ ଚରଣ ରାଉତ (ବାବନା) ମଟର ସାଇକେଲରେ ଯାଉଥିବା ସମୟରେ ମାର୍ଶାଘାଇ କ୍ରସିଂ ପାଖରେ ସଡ଼କ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏକ ଟ୍ରକ୍ ତାଙ୍କ ବାଇକ୍‌କୁ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ। ବାଇକ୍ ସହିତ ସେମାନଙ୍କୁ କିଛି ବାଟ ଘୋଷାଡି ନେଇଥିଲା ଟ୍ରକ୍। ଘଟଣାସ୍ଥଳରେ ନୃସିଂହ ଚରଣ ରାଉତ(ବାବନା)ଙ୍କ ମୃତ୍ୟୁ ଘଟିଥିବା ବେଳେ ମାନସ ନାୟକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ନଖରା ସ୍ଥିତ ସମ୍ ୨ ହସ୍ପିଟାଲରେ ଚିକିତ୍ସିତ ପାଇଁ ଭର୍ତ୍ତି ହୋଇଛନ୍ତି।

## ଦାରୁବ୍ରହ୍ମଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,୯।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଗୁଣ୍ଡୁପୁରସ୍ଥିତ ଦାରୁବ୍ରହ୍ମ ଙ୍କ ଘୋଷଯାତ୍ରା ନିମନ୍ତେ ମା ବରୁଣାଇ ଦେବୀଙ୍କ ବେଢାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଦାରୁବ୍ରହ୍ମ ମନ୍ଦିର ପରିଚାଳନା କମିଟିର ସଭାପତି କୁଳମଣି ଦାସଙ୍କ ପୌରୋହିତ୍ୟରେ କମିଟିର ସମ୍ପାଦକ ଶ୍ରୀ ମାଗୁଣୀ ଦଳାଇ, ଉପସଭାପତି ଶ୍ରୀ ହିମାଂଶୁ ଶେଖର ଜେନା, ସହ ସମ୍ପାଦକ ସୁକାନ୍ତ ତରାଇ, କୋଷାଧକ୍ଷ ରାଜେନ୍ଦ୍ର ବେହେରା କମିଟିର ସଭ୍ୟ ଅଭିମନ୍ୟୁ ତରାଇ, ସାନନ୍ଦ ଦଳାଇ, ଜୟରାମ ମାଝି, ପ୍ରଭାକର ତରାଇ, ନାରାୟଣ ସୁତାର, ପ୍ରଫୁଲ୍ଲ ପାତ୍ର, ରବୀନ୍ଦ୍ର ପାତ୍ର, ରଥ କାରିଗର ସୁନାକର ମାଝି ଓ ମାଉସୀ ମା ମନ୍ଦିର ପରିଚାଳନା କମିଟିର ସଭ୍ୟମାନେ ଉପସ୍ଥିତ ରହି ଚଳିତ ବର୍ଷ ରଥଯାତ୍ରା ର ଖସଡ଼ା ପ୍ରସ୍ତୁତ କରିଥିଲେ। ଘୋଷଯାତ୍ରା ପୂର୍ବରୁ ରଥଦାଣ୍ଡର ମରାମତି କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ସରପଞ୍ଚ ସନ୍ତୋଷିନି ଜେନା ପ୍ରତିଶ୍ରୁତି ଦେଇଥିଲେ। ଚଳିତ ବର୍ଷ ହେବାକୁ ଥିବା ରଥଯାତ୍ରାର ଜନସମାଗମକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ସ୍ୱଚ୍ଛତା, ବିଦ୍ୟୁତ୍ ସେବା, ପାନୀୟଜଳ ବ୍ୟବସ୍ଥାକୁ ବିଶେଷ ଦୃଷ୍ଟି ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ବିଜୟ ତରାଇ, ରମେଶ ବେହେରା, ବିଶ୍ୱନାଥ ସାମଲ, ସୁଶାନ୍ତ ତରାଇ ଆଦି କର୍ମକର୍ତ୍ତାଗଣ ଉପସ୍ଥିତ ରହି ରଥଯାତ୍ରାକୁ ସରସ ସୁନ୍ଦର କରିବା ନିମନ୍ତେ ପ୍ରତିଶ୍ରୁତି ଗ୍ରହଣ କରିଥିଲେ।

# ୪ ଦିନରେ ପହଞ୍ଚିଲା ଅନଶନ, ଜଣେ ଗୁରୁତର

**ରାଜନଗର,୯।୬ (ସଂଚାର ବ୍ୟୁରୋ):** ଥାନା ଆଗରେ ୪୦ରୁ ଉର୍ଦ୍ଧ୍ୱ ଲୋକ ପ୍ରତିନିଧି ଅନଶନରେ ବସିଛନ୍ତି। ୩ ଦିନ ଅନଶନରେ ବସିବା ପରେ ଆଜି ଠାରୁ ପଞ୍ଚାୟତ ସମିତି ଅଧକ୍ଷଙ୍କ ସମେତ ୧୩ ଜଣ ସରପଞ୍ଚ, ସମିତି ସଭ୍ୟ ଆମରଣ ଅନଶନରେ ବସିଛନ୍ତି। ରାଜନଗରରେ ଆଇନର ଶାସନ ନଫେରିବା ଯାଏଁ ଆମରଣ ଅନଶନ ଜାରି ରହିବ ବୋଲି ନିର୍ବାଚିତ ପ୍ରତିନିଧିମାନେ କହିଛନ୍ତି। ୪ ଦିନ ହେଲା ନିର୍ବାଚିତ ପ୍ରତିନିଧିଙ୍କ ସମେତ ବିଜେଡ଼ିର କର୍ମକର୍ତ୍ତାମାନେ ରାସ୍ତାରେ ବସିରହିଛନ୍ତି।

ବିଡିଓଙ୍କୁ ତାଙ୍କ କାର୍ଯ୍ୟଳୟରେ ଆଇଆଇସିଙ୍କ ଉପସ୍ଥିତିରେ ଅଭଦ୍ର ବ୍ୟବହାର କଲେ ଓ ତାଙ୍କ କବାଟକୁ ଗୋଇଠା ମାରି ଧମକ ଦେଲେ। ଏହି ଘଟଣାରେ ପୁଲିସ ପାଟି ନଖୋଲିବା ଓ ଅସମାଜିକ ବ୍ୟକ୍ତିଙ୍କୁ ସିସିଟିଭି ଫୁଟେଜ ଆଧାରରେ ଗିରଫ କରିବାର ଦାବିରେ ନିର୍ବାଚିତ ଲୋକ ପ୍ରତିନିଧି ମାନେ ୪ ଦିନ ହେଲା ରାସ୍ତାରେ ବସିଥିବା ବେଳେ ପୁଲିସ ହାତ ବାନ୍ଧି ବସିଛି। ହାତିନା ପଞ୍ଚାୟତ ପେଣ୍ଠ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରୁ ଚୋରି ହୋଇଥିବା ନେଇ ବାତ୍ୟା ଆଶ୍ରୟସ୍ଥଳୀର



ସମ୍ପାଦକ ରାଜନଗର ଥାନାରେ ଏତଲା ଦେଲେ। ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ ମଧ ଆଜି ଯାଏଁ ଏତଲା କାହିଁକି ପଞ୍ଜୀକୃତ କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି।

ଚାରି ଦିନ ହେଲା ରାସ୍ତାରେ ଲୋକ ପ୍ରତିନିଧି ଓ ବିଜେଡି ନେତୃତ୍ୱ ବସିଥିବା ବେଳେ ପୁଲିସ ଗୋଟିଏ ବି ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନନେବା ଆଚମ୍ବିତ କରିଛି। ଆଜି ଠାରୁ ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଆମରଣ ଅନଶନରେ ଆଜି ଦିନ ୯ଟା ଠାରୁ ବସି ରହିଥିବା ବେଳେ ଅନ୍ୟମାନେ ପ୍ରତୀକ ଧାରଣାରେ ବସିଛନ୍ତି। ଆମରଣ ଅନଶନରେ ବସିଥିବା କଣ୍ଡିରା ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପାଳନ କଲାନି ଶିକ୍ଷା ବିଭାଗ

# ପ୍ରଧାନମନ୍ତ୍ରୀଙ୍କୁ ଅଭିଯୋଗ କଲେ ପ୍ରଧାନଶିକ୍ଷକ

**କେନ୍ଦ୍ରାପଡ଼ା,୯।୬ (ସଂଚାର ବ୍ୟୁରୋ):** ଆଉ ଛବିଶ ଦିନ ପରେ ସରକାରୀ ଚାକିରିରୁ ଅବସର ନେବେ ହେଲେ ଆଜି ପର୍ଯ୍ୟନ୍ତ ସରକାର ଶୁଣିଲେନି ଜଣେ ପ୍ରଧାନ ଶିକ୍ଷକଙ୍କ ଦୁଃଖ। ପ୍ରଥମେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରୁ ସଚିବ ପରେ ମୁଖ୍ୟମନ୍ତ୍ରୀ ଏବେ ପ୍ରଧାନମନ୍ତ୍ରୀଙ୍କୁ କଲେ ଅଭିଯୋଗ। ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କୁଆଁରପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ଲେଙ୍କାଙ୍କ ପାଖରେ ଦେଖିବାକୁ ମିଳିଛି।

ତାଙ୍କର ସେବା ପୁସ୍ତିକାକୁ ନିୟମିତ କରାଯାଉ ନ ଥିବା ଅଭିଯୋଗ ହେଉଛି। ଚଳିତ ମାସ ସେ ଚାକିରିରୁ ଅବସର ନେବେ। କିନ୍ତୁ ସେବା ପୁସ୍ତିକାକୁ ୨୦୧୫ ମସିହାରୁ ନିୟମିତ କରାଯାଇ ନାହିଁ। ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ତ୍ରୁଟିପୂର୍ଣ୍ଣ କରାଯାଇଛି ବୋଲି ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ପୂର୍ବରୁ ଜିଲ୍ଲାପାଳଙ୍କୁ ମଧ ଏ ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇଛନ୍ତି । ସେ କହିଛନ୍ତି ମାର୍ଶାଘାଇ ବ୍ଲକ୍ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନ ନେବାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କିଛି ସୁଫଳ ମିଳିଲା ନାହିଁ । ଫଳରେ ବାଧହୋଇ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ ଦାଖଲ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଏଥିପ୍ରତି ବିଭାଗୀୟ ମନ୍ତ୍ରୀଙ୍କୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଜିଲ୍ଲା ଶିକ୍ଷା ବିଭାଗ ଏଥିପ୍ରତି କର୍ଣ୍ଣପାତ କଲାନାହିଁ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଶିକ୍ଷା ବିଭାଗ ମାନୁନାହିଁ ବୋଲି ସେ ଦୁଃଖର ସହିତ କହିଛନ୍ତି। ଯାହା ଫଳରେ ଶେଷରେ ନିରାଶ ହୋଇ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ମାଧମରେ ଅଭିଯୋଗ କରିଥିବା ଜାଣିବାକୁ ମିଳିଛି। ସେବା ପୁସ୍ତିକା ନିୟମିତ କରାଯାଉ ନ ଥିବାରୁ ତାଙ୍କୁ ବର୍ଦ୍ଧିତ ହାରରେ ୧୦ ବର୍ଷ ହେବ ଦରମାରେ ଆକାରରେ ମିଳୁନାହିଁ। ଏବେ ଅବସର ନେବେ ସେବା ପୁସ୍ତିକା ନିୟମିତ କରାନଗଲେ ସେ ପେନ୍‌ସନ୍ ପାଇବାରୁ ବଞ୍ଚିତ ହେବେ ବୋଲି କହିଛନ୍ତି। ଶ୍ରୀ ଲେଙ୍କାଙ୍କ କ୍ଷେତ୍ରରେ ସେବା ପୁସ୍ତିକାକୁ ଠିକ୍ କରା ନ ଯିବା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ଶ୍ରୀ ଲେଙ୍କା ଅନୁରୋଧ କରିଛନ୍ତି।



## ୨୨ ବର୍ଷ ପରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଭାବପୂର୍ଣ୍ଣ ମିଳନ

**କେନ୍ଦ୍ରାପଡ଼ା,୯।୬ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ କନ୍ତିଆ ମଠରେ ପୁରାତନ ଛାତ୍ର ଛାତ୍ରୀଙ୍କର ଏକ ବନ୍ଧୁ ମିଳନ ଏବଂ ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ୨୦୦୨ ମସିହା ମ୍ୟାଟ୍ରିକ ବ୍ୟାଚ୍ ର ସମସ୍ତ ଛାତ୍ର ଛାତ୍ରୀଙ୍କ ସମେତ ସେହି ସମୟର ଶିକ୍ଷକ, ଶିକ୍ଷୟତ୍ରୀ, କିରାଣୀ, ପିଅନ ଏବଂ ପ୍ରଧାନ ଶିକ୍ଷକ ସୁଦାମ ଚନ୍ଦ୍ର ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୨୦୦୨ ବ୍ୟାଚ୍ ର ଛାତ୍ର ମାନସ ରଞ୍ଜନ ମଲ୍ଲଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିବା ବେଳେ, ଉପସ୍ଥିତ ହୋଇଥିବା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଛାତ୍ର ଛାତ୍ରୀମାନେ ଉତ୍ତରୀୟ, ଫୁଲତୋଡ଼ା ସହ ସମ୍ବର୍ଦ୍ଧନା କରି ଆଶୀର୍ବାଦ ଗ୍ରହଣ କରିଥିଲେ । ଏକ ଦୀର୍ଘ ସମୟ ପରେ ବନ୍ଧୁ ମାନଙ୍କର ଏକ ଭାବ ପ୍ରବଣ ମିଳନ ହୋଇଥିଲା । ଦୀର୍ଘ ସମୟ ଧରି ପରସ୍ପର ମଧରେ ସୁଖ ଦୁଃଖ ବାଣ୍ଟିଥିଲେ ଏବଂ ପରେ ସଭା କାର୍ଯ୍ୟ ଆରମ୍ଭ କରାଯିବା ସହ ସମସ୍ତ ଛାତ୍ର ଛାତ୍ରୀ ନିଜ ବିଷୟରେ ପଦେ ପଦେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପରିଚୟ ପ୍ରଦାନରେ କହିଥିଲେ । ସେହି ସମୟର ସଂସ୍କୃତ ଶିକ୍ଷକ ବନମାଳୀ ଦାସ ପୁରାତନ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିବା ସହ ନିଜେ ଲେଖିଥିବା ଏକ ପୁସ୍ତକ "ମୁକ୍ତି ବିଚାର" ଛାତ୍ର ଛାତ୍ରୀ ମାନଙ୍କୁ ଉପହାର କରିଥିଲେ । ଛାତ୍ର ଛାତ୍ରୀମାନେ ମଧ ଆଣିଥିବା ଉପହାର ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଦେଇଥିଲେ । ପରେ ସଭାକାର୍ଯ୍ୟ ସମାପନ କରାଯିବା ସହ ଆୟୋଜନ ହୋଇଥିବା ଭୋଜି ଖାଇ ସମସ୍ତେ ଘରକୁ ଫେରିଥିଲେ ।

## ସୁଭଦ୍ରା ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା: ଦୁଇ ପ୍ରତିଯୋଗୀ ହେଲେ ପୁରସ୍କୃତ

**ନିଶ୍ଚିନ୍ତକୋଇଲି,୯।୬ (ସଂଚାର ବ୍ୟୁରୋ):** ମିଶନ ଶକ୍ତି ବିଭାଗ ତରଫରୁ ପ୍ରତି ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ହେଉଛି। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ମଧାହ୍ନରେ ମିଶନ ଶକ୍ତି ମା ମାନଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବହୁ ମିଶନ ଶକ୍ତି ଗ୍ରୁପ୍‌ର ମା'ମାନେ ଯୋଗ ଦେଇଥିବା ବେଳେ ଦୁଇଟି ଗ୍ରୁପ୍‌କୁ ପୁରସ୍କୃତ କରାଯାଇଥିଲା। ଅନ୍ୟ ଗ୍ରୁପ୍‌ର ମା'ମାନେ ନିରାଶରେ ଫେରିଥିଲେ। ମିଶନ ଶକ୍ତି ମା'ମାନେ ହଜାର ହଜାର ଟଙ୍କା ବ୍ୟୟ କରି ପୋଡ ପିଠା, ମାଣ୍ଡିଆ ପିଠା,ଛେନା ପୋଡ଼, କାକରା, ଦହିବରା ଭଳି ଅନେକ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ତିଆରି କରିଥିଲେ। ବ୍ଲକ୍ ପ୍ରଶାସନ ତଥା ଯନ୍ତ୍ରୀ, କିରାଣୀ, ତହସିଲ ପ୍ରଶାସନିକ ଅଧିକାରୀ ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନାର କର୍ମଚାରୀମାନେ ଖୁବ୍ ମଜାର ସହ ପେଟପୂରାଇ ଖାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିପିସି ଜ୍ୟୋତି ରଂଜନ ସାହୁ, ବିପିଏମ୍ ତନୁଜା ସାହୁ, ସିଡ଼ିପିଓ ସତ୍ୟଭାମା ବିଶୋଇ,ବିଡିଓ ଦୁର୍ଯ୍ୟନ୍ଦୁ ଦାସ, ତହସିଲଦାର ଅନିତା ନାୟକ, ହିସାବରକ୍ଷକ ସୌମ୍ୟନନ୍ଦନ ଦାସ, ବରିଷ୍ଠ କିରାଣୀ ଦିବ୍ୟଲୋଚନ ସ୍ୱାଇଁ, ଯନ୍ତ୍ରୀ ନଳିନୀକାନ୍ତ ମହପାତ୍ର, ପ୍ରଦିପ୍ତ ସେନାପତି, ଲିଲିନା ନାୟକ ପ୍ରମୁଖଙ୍କ ସମେତ ବ୍ଲକ୍ ଅଫିସର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।






- ନୂଆ ରାସନ୍ କାର୍ଡରେ ସାମିଲ୍ ହେଲେ
- ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ପ୍ରସ୍ତୁତି ଶେଷ

### ଦିବ୍ୟାଙ୍ଗ ଲିଲିଙ୍କୁ ରାସନ୍ ଚାଉଳ ନମିଳିବା ଘଟଣା

# ଖବର ପ୍ରକାଶ ପରେ ତତ୍ପରତା ଦେଖାଇଲା ପ୍ରଶାସନ

**ମହାକାଳପଡ଼ା,୯।୬ (ସଂଚାର ବ୍ୟୁରୋ):** ଜଣେ ମା ଛେଉଣ୍ଡ ଦିବ୍ୟାଙ୍ଗ ଯୁବତୀ ନାନା ପ୍ରକାର ସମସ୍ୟା ଘେରରେ ରହୁଥିବା ଖବର ସଂଚାରରେ ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ତତ୍ପରତା ଦେଖିବାକୁ ମିଳିଛି। ସମ୍ପୃକ୍ତ ଦିବ୍ୟାଙ୍ଗ ହିତାଧିକାରୀଙ୍କ ନିକଟରେ ପ୍ରଶାସନ ତରଫରୁ ଅଧିକାରୀ ପହଞ୍ଚି ତାଙ୍କର ସମସ୍ୟା ଶୁଣିବା ପରେ ତାଙ୍କୁ ନୂତନ ଭାବରେ ରାସନ୍ କାର୍ଡ କରାଇବା ସହିତ ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ପ୍ରସ୍ତୁତି ଶେଷ କରିଥିବା ମହାକାଳପଡା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

**ସଂଚାର ପ୍ରଭାବ**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ବିରିବାଟି ଗ୍ରାମର ଗଡେଶ୍ୱର ମଲ୍ଲିକ ଙ୍କ ୨୩ ବର୍ଷୀୟ ଝିଅ ଲିଲି ମଲ୍ଲିକ ଜଣେ ଦିବ୍ୟାଙ୍ଗ ଯୁବତୀ । ସେ ଜନ୍ମରୁ ଠିକ ଭାବରେ କଥା କହିପାରନ୍ତି ନାହିଁ କି ନିଜ କାର୍ଯ୍ୟ ନିଜେ ମଧ କରି ପାରନ୍ତି ନାହିଁ । ସବୁଠାରୁ ବଡ଼କଥା ହେଲା ଆଜି ପର୍ଯ୍ୟନ୍ତ ତାଙ୍କର ରାସନ କାର୍ଡ ମଧ ନଥିଲା। ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ସରକାରୀ ଅଧିକାରୀ ମାନଙ୍କୁ ବାରମ୍ବାର ଗୁହାରି କରି ମଧ ତାଙ୍କ କଥା କେହି ଶୁଣୁ ନଥିଲେ। କଥା କହିବା ଓ ଚାଲିବାକୁ ଅକ୍ଷମ ସତ୍ତ୍ୱେ ତାଙ୍କୁ ଏକ ହାତଲେଖା ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଶାସନ ତରଫରୁ ମିଳିଥିଲା। ଯେଉଁଥିରେ ୬୦% ଦିବ୍ୟାଙ୍ଗ ବୋଲି ଉଲ୍ଲେଖ ରହିଛି। ଯାହା ବୃଦ୍ଧି କରି ୮୦% ହେବାକୁ ସେ ଦାବି କରିଥିଲେ।

ଏ ସମ୍ବଳିତ ଏକ ଖବର ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନା ଲୋକଲୋଚନକୁ ଆଣି ଏପ୍ରିଲ୍ ୨୦ ତାରିଖରେ ଖବର ପ୍ରକାଶ କରାଇଥିଲେ। ଖବର ପ୍ରକାଶ ପରେ ପ୍ରଶାସନିକ ଅଧିକାରୀ ଓ ବିଭାଗୀୟ କାର୍ଯ୍ୟାଳୟ ନିକଟକୁ "ଏକ୍ସ" ଜରିଆରେ ଅଭିଯୋଗ କରାଯାଇଥିଲା। ଯାହାଫଳରେ ପ୍ରଶାସନ ତରଫରୁ ତତ୍ପରତା ଦେଖିବାକୁ ମିଳିଥିଲା। ପ୍ରଶାସନ ତରଫରୁ ଦିବ୍ୟାଙ୍ଗ ଲିଲି ମଲ୍ଲିକଙ୍କ ନିକଟରେ ପହଞ୍ଚି ସତ୍ୟତା ଜାଣିବା ପରେ ଲିଲିଙ୍କ ନାମରେ ଏକ ନୂତନ ରାସନ୍ କାର୍ଡ କରାଯାଇଛି। ତାଙ୍କର ହାତଲେଖା ଭିନ୍ନକ୍ଷମ ପ୍ରମାଣପତ୍ର କୁ ନୂତନ ଭାବରେ କରାଇବା ପାଇଁ ପ୍ରସ୍ତୁତି ଶେଷ କରାଯାଇଛି। ଲିଲିଙ୍କ ମେଡିକାଲ୍ ପରୀକ୍ଷା ପରେ ତାଙ୍କୁ ନୁଆ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯିବ। ଭିନ୍ନକ୍ଷମ ପ୍ରମାଣପତ୍ରରେ ପ୍ରତିଶ୍ରୁତ ଯଦି ବୃଦ୍ଧି ହୁଏ,ତେବେ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବାକୁ ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଛି। ଯାହା ଦୀର୍ଘଦିନ ଧରି ହୋଇ ପାରୁନଥିଲା ତାହା ସଂଚାର ର ପ୍ରୟାସରେ ହୋଇ ପାରିଛି। ସେଥିପାଇଁ ସଂଚାରକୁ ଧନ୍ୟବାଦ ଜଣାଇଛନ୍ତି ପରିବାର ଲୋକେ ଓ ଅଞ୍ଚଳବାସୀ।

## ୧୯୯୨ ମସିହା ବ୍ୟାଚ ପୁରାତନ ଛାତ୍ରଛାତ୍ରୀ ବନ୍ଧୁମିଳନ



**ମହାକାଳପଡ଼ା,୯।୬ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ କରଞ୍ଜି ଈଶାଣେଶ୍ୱର ଉଚ୍ଚ ବିଦ୍ୟାଳୟ ୧୯୯୨ ମସିହା ବ୍ୟାଚ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ବନ୍ଧୁମିଳନ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ୩୩ ବର୍ଷ ପରେ ବିଦ୍ୟାଳୟ ପରିସରରେ ଏକତ୍ରିତ ହୋଇପାରିଥିବାରୁ କାର୍ଯ୍ୟକ୍ରମର ସଂଯୋଜକ ପୁରାତନ ଛାତ୍ର କଳ୍ପତରୁ ବାରିକ, ଅମରେନ୍ଦ୍ର ଦାସଙ୍କୁ ସମସ୍ତ ପୁରାତନ ଛାତ୍ରଛାତ୍ରୀ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ କୁମାର ନାୟକ, ପ୍ରାକ୍ତନ ଶିକ୍ଷକ ରମେଶ ଚନ୍ଦ୍ର ରାଉତ, ନିରଞ୍ଜନ ବେହେରା, ପ୍ରଭାସ ମିଶ୍ର, ଉତ୍ତମ ଚରଣ ମହାନ୍ତି, ବାସନ୍ତୀ ଆଚାର୍ଯ୍ୟଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର କମଳାକାନ୍ତ ନାୟକ, ବିପିନ ଭୋଳ,ବିପିନ ସାହୁ, କାହ୍ନୁ ଚରଣ ରାଉତ, ପ୍ରକାଶ ଚନ୍ଦ୍ର ଲେଙ୍କା, ସଂଗ୍ରାମ କେଶରୀ ମହାପାତ୍ର, ବଲ୍ଲଭ ବେହେରା, ସୁକାନ୍ତ ବେହେରା, ସୁଶାନ୍ତ ନାୟକ, ଗୁରୁକୃଷ୍ଣ ଆଚାର୍ଯ୍ୟ, ତାପସ ବାରିକ, ହେମନ୍ତ ପ୍ରଧାନ, ରାଧାକାନ୍ତ ପ୍ରଧାନ, ପୁରାତନ ଛାତ୍ରୀ ମିନାକ୍ଷୀ ସାମଲ, ପ୍ରିୟମ୍ବଦା ନାୟକ, ସବିତା ରାଉତ, ଜ୍ୟୋତ୍ସ୍ନା ସ୍ୱାଇଁ, ରୀନାରାଣୀ ସାମଲ, ସଫଳା ଦାସ, କାଞ୍ଚନ ବେହେରା, ମାନସୀ ସେଠୀ, ନିରୁପମା ସେଠୀ, ଜୀନୁଲତା ବେହେରା ପ୍ରମୁଖ ଯୋଗଦେଇଥିଲେ ।

# ପୁରସ୍କାର ପାଇଥିବା ହାତରେ ହାତକଡ଼ି

**ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ):** ଗତକାଲି କଳାହାଣ୍ଡି ଜିଲ୍ଲାର ଧରମଗଡ଼ ଉପଜିଲ୍ଲାପାଳ ଧିମନ୍ ଚକ୍ମା ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଜନୈକ କ୍ରସର୍ ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ପ୍ରମାଣ ସହ ଧରିଥିଲେ ଭିଜିଲାନ୍ସ ଅଧିକାରୀ। ଏଥିସହ ତାଙ୍କ ବାସଭବନରୁ ତଲାସୀ

- ବନ୍ଧାହେଲେ ଲାଞ୍ଚୁଆ ଉପଜିଲ୍ଲାପାଳ
- ଆଇଏଏସ୍ ଆଶାୟୀଙ୍କ ପାଇଁ ଥିଲେ ରୋଲ୍ ମଡେଲ୍
- ସୋସିଆଲ୍ ମିଡିଆରେ ହେଉଛନ୍ତି ଟ୍ରୋଲ୍

ସମୟରେ ମଧ୍ୟ ୪୭ ଲକ୍ଷ ଟଙ୍କା ମିଳିଥିଲା। ତେବେ ମାତ୍ର ୪ ବର୍ଷ ତଳେ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଏହି ଓଡ଼ିଶା-କ୍ୟାଡର୍ ଅଧିକାରୀ ଜଣଙ୍କ ଏତେ ମାତ୍ରାରେ ଦୁର୍ନୀତିଗ୍ରସ୍ତ ହେବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଚର୍ଚ୍ଚାକୁ ଆହୁରି ଖୋରାକ୍ ଯୋଗାଇଛି ଆଇଏଏସ୍ ପରୀକ୍ଷାରେ ତାଙ୍କର



ଅବିଶ୍ୱସନୀୟ ସଫଳତା। ସେ ଥରେ ନୁହେଁ, ବରଂ ଦୁଇ ଦୁଇ ଥର ଆଇଏଏସ୍ ପରୀକ୍ଷାରେ ପାସ୍ କରିବା ସହ ଯୁବପିଢ଼ି ପାଇଁ ଉଦାହରଣ ପାଲଟିଯାଇଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ ଗଭୀର ଜ୍ଞାନ ବଳରେ ସେ ଏପରି ସଫଳତା ପାଇଥିଲେ। କିନ୍ତୁ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ଆଇଏଏସ୍ ଆଶାୟୀଙ୍କ ପାଇଁ ରୋଲ୍ ମଡେଲ୍ ପାଲଟିଥିବା ଏହି ଯୁବ ଅଧିକାରୀଙ୍କ ହାତରେ ଆଜି ହାତକଡ଼ି ପଡ଼ିଛି। କାରଣ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ତାଙ୍କୁ ଭିଜିଲାନ୍ସ ଗିରଫ କରିଥିବା ଦର୍ଶାଇଛି। ଏଥିସହ ଶ୍ରୀ ଚକ୍ମାଙ୍କୁ ମଧ୍ୟ ସୋସିଆଲ୍ ମିଡିଆରେ ବ୍ୟାପକ ମାତ୍ରାରେ ଟ୍ରୋଲ୍ କରାଯାଉଛି।

ତ୍ରିପୁରାର ମୂଳ ବାସିନ୍ଦା ଶ୍ରୀ ଚକ୍ମା ଏକ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଛନ୍ତି। ତାଙ୍କ ବାପା ଜଣେ ସ୍କୁଲ୍ ଶିକ୍ଷକ ଥିବା ବେଳେ ମା' ଗୃହିଣୀ। କୌଣସି ବଡ଼ ଧରଣର କୋଚିଂ ସେଣ୍ଟର୍ ଯାଇପାରିନଥିବା ସତ୍ତ୍ୱେ ସେ ଅଗରତାଲାସ୍ଥିତ ଏନ୍ଆଇଟିରୁ ସଫଳତା ପୂର୍ବକ କମ୍ପ୍ୟୁଟର୍ ସାଇନ୍ସରେ ବିଟେକ୍ ଡିଗ୍ରୀ ହାସଲ କରିଥିଲେ। ପରେ ୨୦୧୯ରେ ସେ ୟୁପିଏସ୍‌ସି ପରୀକ୍ଷାରେ ୭୨୨ତମ ସ୍ଥାନରେ ରହି ଉତ୍ତୀର୍ଣ୍ଣ ହୋଇଥିଲେ। ଏଥିସହ ସେ ଆଇଏଫ୍ଏସ୍ ସେବାରେ ଯୋଗ ଦେବାର ସୁଯୋଗ ପାଇଥିଲେ। ସେତେବେଳେ ସେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ନିଯୁକ୍ତି ପାଇଥିଲେ। କିନ୍ତୁ ଆଗକୁ ବଢ଼ିବାର ଇଚ୍ଛାଶକ୍ତି ନେଇ ସେ ୨୦୨୦ରେ ଦ୍ୱିତୀୟ ଥର ପାଇଁ ଆଇଏଏସ୍ ପରୀକ୍ଷା ଦେଇଥିଲେ ଓ ଏଥର ସର୍ବଭାରତୀୟ ସ୍ତରରେ ୪୮୨ତମ ର୍ୟାଙ୍କରେ ରହିଥିଲେ। ଗୋଟିଏ ବର୍ଷର କଠିନ ପ୍ରଶିକ୍ଷଣ ପରେ ସେ ଧରମଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଲେ। ତେବେ ଏହି ପଦ ପର୍ଯ୍ୟନ୍ତ ତାଙ୍କର କଠିନ ଯାତ୍ରା ଯୁବପିଢ଼ି ପାଇଁ ଉଦାହରଣ ହୋଇପାରିଥିଲା ଓ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ତାଙ୍କୁ ପୁରସ୍କୃତ ମଧ୍ୟ କରିଥିଲେ। କିନ୍ତୁ ଲାଞ୍ଚ ନେଇ ଗିରଫ ହେବା ପରେ ଶ୍ରୀ ଚକ୍ମା କଡ଼ା ସମାଲୋଚିତ ହେଉଛନ୍ତି।

# ଲୋକଙ୍କୁ ସଫଳତାର ହିସାବ ଦେବେ ବିଧାୟକ, ସାଂସଦ

**ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ):** ଜୁନ ୧୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ବିଜେପି ସରକାରର ବର୍ଷପୂର୍ତ୍ତି ଉତ୍ସବ ପାଇଁ ବିରାଟ ଆୟୋଜନ କରୁଛି ଦଳ। ଏନେଇ ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମାର୍ଗଦର୍ଶନ କରାଇଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ୧୨ ଦିନ ଧରି ଚାଲିବାକୁ ଥିବା ଏହି ବର୍ଷପୂର୍ତ୍ତି ଉତ୍ସବ ଅବସରରେ ବିଜେପିର ସବୁ ବିଧାୟକ ଓ ସାଂସଦମାନେ ଜିଲ୍ଲାସ୍ତରରେ ମୋହନ ସରକାରଙ୍କ ସଫଳତାର ତାଲିକା ଲୋକଙ୍କୁ ଦେବେ।

ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ପ୍ରତିଶୃତି କେତେ ପାଳନ କରିଛି ଓ ଏକ ବର୍ଷର ଉପଲବ୍ଧି ସମ୍ପର୍କରେ ରାଜ୍ୟବାସୀଙ୍କୁ ହିସାବ ଦେବ ଦଳ। ଏଥିପାଇଁ ଦଳର ସବୁ ନେତାଙ୍କୁ ଦଳର ସଭାପତି ଦେଇଛନ୍ତି ସଫଳତାର ଲମ୍ବା ତାଲିକା। ସୁଭଦ୍ରା ଯୋଜନାରେ ମହିଳା ସଶକ୍ତିକରଣ ଠାରୁ ଆରମ୍ଭ କରି ଭତ୍ତା ବୃଦ୍ଧି, ଶିଳ୍ପାୟନରେ ରେକର୍ଡ ପୁଂଜିନିବେଶ, ଦୁର୍ନୀତିଖୋର ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା, ଲୋକଙ୍କ ପାଖରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପହଁଚି ଅଭିଯୋଗର ଶୁଣାଣୀ କରିବା



ଏମିତି ସଫଳତାର ଲମ୍ବା ତାଲିକା ରହିଛି ବର୍ଷକର ସରକାରର। ସାଧାରଣ ଲୋକଙ୍କ ଆଶୀର୍ବାଦରେ ଜିତିଥିବା ବିଜେପି ଓଡିଆ ଅସ୍ମିତାକୁ ଗତ ନିର୍ବାଚନରେ ବଡ ପ୍ରସଙ୍ଗ କରିଥିଲା। ତେଣୁ ଓଡିଆ ଅସ୍ମିତାର ସୁରକ୍ଷାରେ ଦଳ କେତେ ସଫଳ ହୋଇଛି ତାର ହିସାବ ମଧ୍ୟ ଲୋକଙ୍କୁ ଦିଆଯିବ। ବିଶେଷ କରି ପ୍ରଶାସନିକ ସ୍ତରରେ ବାଧ୍ୟତାମୂଳକ ଭାବେ ଓଡିଆ ଭାଷାର ବ୍ୟବହାର, ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଭଳି ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବେ ବିଜେପିର ନେତା, ମନ୍ତ୍ରୀ, ବିଧାୟକ ଓ ସାଂସଦ। ଏପରିକି ଏହି ସମୟରେ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀମାନେ ମଧ୍ୟ ଆସିବାର କାର୍ଯ୍ୟକ୍ରମ ରହିଛି।

୧୨ ଦିନ ଧରି କ୍ରମାଗତ ଭାବେ ତୃଣମୂଳ ସ୍ତରରେ ବର୍ଷେ ଏକ ଉପଲବ୍ଧି ଅନେକ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ପାଳନ କରିବ ବିଜେପି। ଗତକାଲି ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ବିଧାୟକ ଓ ସାଂସଦଙ୍କ ସହିତ ସରକାରଙ୍କ କାର୍ଯ୍ୟକ୍ରମ ନେଇ ଲୋକସେବା ଭବନରେ ଆଲୋଚନା କରିଥିବା ବେଳେ ଆଜି ବିଜେପି ବିଧାୟକଙ୍କ ସହ ଆଲୋଚନା କରିଛନ୍ତି ରାଜ୍ୟ ସଭାପତି। ବିଜେପି ସରକାର ଏକ ବର୍ଷ ଭିତରେ ପ୍ରତିଶ୍ରୁତି କେତେ ପାଳନ କରିଛି ଏବଂ ବିକଶିତ ଓଡିଶା ଗଠନ ପାଇଁ ରଣ ରହିଛି ରୋଡମ୍ୟାପ ସେ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରିବ ଦଳ।

### ରଜ ପାଇଁ ଓସେନ୍ ୱାର୍ଲ୍ଡ ୱାଟର ପାର୍କର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

## 'ରଜ କାର୍ଣ୍ଣିଭାଲ ଇଭେଣ୍ଟ-୨୦୨୫'



**ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ):** ଆମ ଓଡ଼ିଶା ମାଟିର ନିଜସ୍ୱ ଗଣପର୍ବ ରଜ ଉପଲକ୍ଷେ ଗାଁଠୁ ସହର ସବୁଠି ଉତ୍ସବର ମାହୋଲ୍ ରହୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଫୁଲନଖରାସ୍ଥିତ ଓସେନ୍ ୱାର୍ଲ୍ଡ ୱାଟର ପାର୍କ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବହୁ ସଂଖ୍ୟାରେ ଲୋକଙ୍କୁ ରଜ ପର୍ବରେ ଏଠାକାର ସୁବିଧାର ସୁଯୋଗ ନେବାକୁ ଆକର୍ଷିତ କରିବା ସକାଶେ ଆସନ୍ତା ୧୪ରୁ 'ରଜ କାର୍ଣ୍ଣିଭାଲ-୨୦୨୫' ଆରମ୍ଭ ହେବ। ଏହି ତିନିଦିନିଆ ଇଭେଣ୍ଟରେ ସ୍ୱଳ୍ପ ଖର୍ଚ୍ଚରେ ପୂରା ପରିବାରକୁ ସାଥୀ ହୋଇ ରଜର ଭରପୂର ମଜା ନେବାର ସୁଯୋଗ ମିଳିବ। ଏହି ଇଭେଣ୍ଟରେ କପୁଲ ଗେମ୍ସ ଶୋ', ରଜ ସୁନ୍ଦରୀ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଏଥିସହ ପାରମ୍ପରିକ ରଜ ପିଠା, ରଜ ପାନ, ରଜ ଦୋଳି, ମେହନ୍ଦୀ ଆଦି ସେଠାରେ ଉପଲବ୍ଧ ରହିବ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ୩ ଦିନ ଧରି ଓଡ଼ିଶାର ସୁନାମଧନ୍ୟ ପ୍ଲେବ୍ୟାକ୍ ସିଙ୍ଗର୍‌ମାନଙ୍କୁ ନେଇ ସଙ୍ଗୀତ ଓ ଆଗଧାଡିର ମଡର୍ଣ୍ଣ ଡ୍ୟାନ୍ସ ଟ୍ରୁପ୍‌କୁ ନେଇ କାର୍ଯ୍ୟକ୍ରମ କରାଯିବ। ଅନ୍ତରା ଚକ୍ରବର୍ତ୍ତୀ, ସତ୍ୟଜିତ ପ୍ରଧାନ, ସ୍ୱୟଂ ପାଢ଼ୀ, ସତ୍ୟଜିତ ଜେନାଙ୍କ ସମେତ କଣ୍ଠଶିଳ୍ପୀ ମୃଣ୍ମୟ ଏମ୍ଏମ୍ଏସ୍ ତାଙ୍କ ଟିମ୍ ସହ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିବେଶ ସୃଷ୍ଟି କରିବେ। ପ୍ରତିଦିନ ଶୁଭମଙ୍କ ଭଳି ସୁନାମଧନ୍ୟ ଆଙ୍କର ମଧ୍ୟ ମଞ୍ଚ ପରିଚାଳନା କରିବେ। ଏହି ରଜ କାର୍ଣ୍ଣିଭାଲରେ ବୟସ୍କମାନେ ମାତ୍ର ୬୯୯ ଟଙ୍କା ଓ କିଡ୍ସମାନେ ମାତ୍ର ୫୯୯ ଟଙ୍କାର ଦେୟ ପଇଠ କରି ଭାଗ ନେଇପାରିବେ ଓ ଆଗାମୀ ରଜ ପର୍ବରେ ଢେର ମଉଜ କରିପାରିବେ ବୋଲି ଓସେନ୍ ୱାର୍ଲ୍ଡ ୱାଟର ପାର୍କର ପରିଚାଳନା ମୁଖ୍ୟ ଦୀପକ ଦାଶ କହିଛନ୍ତି।

# ମନ୍ତ୍ରୀଙ୍କ ତାଗିଦା ପରେ ବି ସୁଧୁରିନି ଜଳାଭାବ ସ୍ଥିତି

**ବଲାଙ୍ଗିର,୯।୬(ସଂଚାର ବ୍ୟୁରୋ):** ପାଣି ପାଇଁ ହାହାକାର। ଜାତୀୟ ରାଜପଥ କଡ଼ରେ ଥାଇ ବି ପାଣି ମୁନ୍ଦାଏ ମିଳୁନାହିଁ। ପଞ୍ଚାୟତରୁ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଅଭିଯୋଗ ଦାୟର କରିଥିଲେ ମଧ୍ୟ କେହି ବି ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ତେଣୁ ଡହ ଡହ ଖରାରେ ପୂରା ପଞ୍ଚାୟତ ବାସିନ୍ଦା ପାଣି ମୁନ୍ଦାଏ ପାଉନାହାନ୍ତି। ପାଖାପାଖି ଦୁଇ ସପ୍ତାହ ତଳେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ନିକଟରେ ପାଇ ପଞ୍ଚାୟତବାସୀ ତାଙ୍କୁ ସେମାନଙ୍କ ଅଭିଯୋଗ କରିଥିଲେ। ମନ୍ତ୍ରୀ ମଧ୍ୟ ତୁରନ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ଡାକି ତାଗିଦ୍ କରିଥିଲେ। କିନ୍ତୁ ଏହି ଘଟଣାକୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ସ୍ଥିତିରେ କୌଣସି ପରିବର୍ତ୍ତନ ଆସିନାହିଁ। ଅର୍ଥାତ୍ ତାଗିଦା ପରେ ବି ବିଭାଗୀୟ ଯନ୍ତ୍ରୀ କୌଣସି ପଦକ୍ଷେପ ନ ନେଇ ଚୁପ୍ ହୋଇ ବସିଯାଇଛନ୍ତି।

ମିଳିଥିବା ସୂଚନାନୁସାରେ, ଦୀର୍ଘ ଦିନରୁ ସଇଁନ୍ତଲାର ପାଣି ସମସ୍ୟାକୁ ନେଇ ମନ୍ତ୍ରୀଙ୍କ ଆଗରେ



ସବୁକିଛି ବଖାଣିଥିଲେ ସ୍ଥାନୀୟ ସରପଞ୍ଚ ସୁବ୍ରତ ନାଗ। ସବୁ ଅଭିଯୋଗ ଶୁଣିସାରିବା ପରେ ମନ୍ତ୍ରୀ

**ପଦକ୍ଷେପ ନ ନେଇ ଚୁପ୍ ବସିଛନ୍ତି ବିଭାଗୀୟ ଅଧିକାରୀ**

ଶ୍ରୀ ନାଏକ ବିଭାଗୀୟ ଯନ୍ତ୍ରୀଙ୍କୁ ଡାକି ତାଗିଦ୍ କରିଥିଲେ। ବଲାଙ୍ଗିର ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଥିବା ମନ୍ତ୍ରୀ ଶ୍ରୀ ନାଏକ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ସଦର ମହକୁମାରେ ସମୀକ୍ଷା କରିଥିଲେ। ଏହାପରେ ସେ ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ସଇଁନ୍ତଲାରେ ପହଞ୍ଚିଥିଲେ। ମନ୍ତ୍ରୀଙ୍କୁ ଦେଖି ଲୋକେ ପାଣି ସମସ୍ୟା ଜଣାଇବା ସକାଶେ ତାଙ୍କୁ ଘେରିଯାଇଥିଲେ। ଗୋଟି ଗୋଟି କରି ସମସ୍ୟା ସମ୍ପର୍କରେ କହିବା ପରେ ପାଣି ସମସ୍ୟା ନେଇ ଲିଖିତ ଭାବେ ଜଣାଇଥିଲେ ସରପଞ୍ଚ। ଏପରିକି ମନ୍ତ୍ରୀଙ୍କ ସାମ୍ନାରେ କଥା ଶୁଣୁନଥିବାରୁ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ସରପଞ୍ଚ ଅଭିଯୋଗ କରିଥିଲେ। ଏସବୁ ଦେଖି ମନ୍ତ୍ରୀ ଶ୍ରୀ ନାଏକ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅଧିକାରୀ ଅଦ୍ୟାବଧି କୌଣସି ପଦକ୍ଷେପ ନେଇନଥିବାରୁ ଏବେ ସଇଁନ୍ତଲାରେ ଲୋକମାନେ ସେମାନଙ୍କ ଜଳ ଆବଶ୍ୟକତା ପୂରଣ ସକାଶେ ବିଭିନ୍ନ ସଂଗଠନ ପକ୍ଷରୁ ଯୋଗାଇ ଦିଆଯାଉଥିବା ଟ୍ୟାଙ୍କର ପାଣି ଉପରେ ଭରସା କରିବାକୁ ବାଧ୍ୟ ହେଉଛନ୍ତି। ଟ୍ୟାଙ୍କର ଆସିବା ଆଗରୁ ଭିଡ଼ ଜମିଯାଉଛି। ଭିଡକୁ ଦେଖିଲେ ଲୋକେ କିପରି ପାଣି ପାଇଁ ତହଳବିକଳ ହେଉଛନ୍ତି, ତାହା ସ୍ପଷ୍ଟ ହୋଇଯାଉଛି। ୧୦ଟି ଗାଁକୁ ନେଇ ସଇଁନ୍ତଲା ଗ୍ରାମ ପଞ୍ଚାୟତ ଗଠିତ ହୋଇଥିବା ବେଳେ ପାଖାପାଖି ୧୫ ହଜାର ଲୋକ ବସବାସ କରୁଛନ୍ତି। ଭୂତଳ ଟାଙ୍କିର ବି ଅଭାବ ନାହିଁ। ଘରେ ଘରେ ଟ୍ୟାପ୍ ଲାଗିଛି । ପାଇପ ଯୋଗେ ଜଳଯୋଗାଣର ବ୍ୟବସ୍ଥା ବି ରହିଛି। କିନ୍ତୁ ଟୋପେ ପାଣି ଆସୁନାହିଁ। ଦଶ ବର୍ଷ ହେବ, ଏଭଳି ଅବସ୍ଥା ଜାରି ରହିଛି। ଏପରିକି କିଛି ମାସ ଆଗରୁ ଦୂଷିତ ପାଣି ପିଇ ସ୍ଥାନୀୟ ଅଞ୍ଚଳରେ ଶହେରୁ ଅଧିକ ଲୋକ ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ବି ହୋଇଥିଲା। ତେବେ ଏଠାକାର ଲୋକଙ୍କ ପାଣି ସମସ୍ୟା କେବେ ଦୂର ହେଉଛି, ତାହା ଦେଖିବାର କଥା।

# ଅମର ହୋଇଗଲେ ବିଶ୍ୱଜିତ

- କିଡ୍‌ନୀ ଦାନ କରି ଅନ୍ୟ ମୁହଁରେ ଫୁଟାଇଲେ ହସ



**ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ):** ମୃତ୍ୟୁ ପରେ ବି ଅମର ହୋଇଗଲେ ଯୁବକ। ଅଙ୍ଗଦାନ କରି ଅନ୍ୟ ଦୁଇ ଜଣଙ୍କ ଜୀବନ ବଞ୍ଚାଇଛନ୍ତି। ଆଖି ବୁଜିବା ପରେ ଅନ୍ୟ କାହା ଘରେ ଫୁଟାଇଲେ ହସ। ମୃତ୍ୟୁ ପରେ ନିଜର କିଡନୀ ଦାନ କରି ସବୁଦିନ ପାଇଁ ଅମର ହୋଇଯାଇଛନ୍ତି ଅନୁଗୁଳ ଜିଲ୍ଲାର ବିଶ୍ୱଜିତ ଦାସ। ୬ ଦିନ ତଳେ ଘଟିଥିବା ଏକ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇ ଯୁବକ ଜଣଙ୍କ ସ୍ଥାନୀୟ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। କିନ୍ତୁ ଆଜି ଡାକ୍ତର ତାଙ୍କର ବ୍ରେନ୍ ଡେଡ ହୋଇଥିବା ଘୋଷଣା କରିଥିଲେ। ପରେ ତାଙ୍କ ପରିବାର ଲୋକଙ୍କ ସହମତିରେ ଦୁଇଟିଯାକ କିଡ୍‌ନୀ କଢ଼ାଯାଇଥିଲା। ଗୋଟିଏ ସେହି ଘରୋଇ ହସ୍ପିଟାଲରେ ପ୍ରତିରୋପଣ କରାଯାଇଥିବା ବେଳେ ଅନ୍ୟଟି କଟକ ଏସସିବି ମେଡିକାଲକୁ ଅଣାଯାଇଥିଲା। ଏସସିବି ମେଡିକାଲରେ ଜଗତସିଂହପୁର ଅଞ୍ଚଳର ସୁନୀଲ୍ ନାୟକ ନାମକ ଜଣେ ଯୁବକଙ୍କ ଶରୀରରେ ଗୋଟିଏ କିଡନୀ ସଫଳ ପ୍ରତିରୋପଣ କରାଯାଇଛି । ସୁନିଲଙ୍କ ଦୁଇଟି ଯାକ କିଡନୀ ନଷ୍ଟ ହୋଇଯାଇଥିବା ବେଳେ ତାଙ୍କୁ ଦୀର୍ଘ ୫ ବର୍ଷ ହେଲା ଡାଏଲେସିସ ଚିକିତ୍ସା କରାଯାଉଥିଲା। ଏସସିବି ମେଡିକାଲର ନେଫ୍ରୋଲୋଜି ଓ ୟୁରୋଲୋଜି ବିଭାଗ ସହ ଆନେସ୍ଥେସିଆ ବିଭାଗର ଡାକ୍ତରଙ୍କ ସହଯୋଗରେ ଏହି ସଫଳ ପ୍ରତିରୋପଣ କରାଯାଇଛି।

## ପୂର୍ବତନ ସରପଞ୍ଚଙ୍କୁ ସଂଘବଦ୍ଧ ଆକ୍ରମଣ



**ବାସୁଦେବପୁର, ୯।୬ (ସଂଚାର ବ୍ୟୁରୋ) :** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ସାମଲଙ୍କୁ କିଛି ବ୍ୟକ୍ତି ଛୁରି ଓ ରଡ଼ରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ସାମଲ ନିଜ ଘର ନନ୍ଦପୁରରୁ ବାଇକ୍ ଯୋଗେ ରବିବାର ସନ୍ଧ୍ୟାରେ ବାସୁଦେବପୁର ବଜାରକୁ ଯାଉଥିବା ବେଳେ ସେହି ଗ୍ରାମର ୩ ଜଣ ବ୍ୟକ୍ତି ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ସାମଲ ଆକ୍ରମଣରେ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ସାମଲ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ସ୍ତ୍ରୀଙ୍କ ଗଳାକାଟି ହତ୍ୟା କଲେ ସ୍ୱାମୀ

**ଗଜପତି, ୯।୬ (ସଂଚାର ବ୍ୟୁରୋ) :** ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ଗାଇବା ଗାଁର ଜଣେ ମହିଳାଙ୍କ ଗଳାକାଟି ହତ୍ୟା କରିଛି ସ୍ୱାମୀ। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମୃତ ମହିଳା ଜଣଙ୍କ ହେଲେ ମୋନିକା ପାଇକ। ଘଟଣାସ୍ଥଳରୁ ସ୍ୱାମୀ ନରେନ୍ଦ୍ର ପାଇକ ଫେରାର ହୋଇଯାଇଥିବା ବେଳେ ଘରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୋନିକାଙ୍କ ମୃତଦେହ ଘରେ ପଡ଼ିରହିଛି। ମିଳିଥିବା ସୂଚନାନୁସାରେ, ଗାଇବାର ଝିଅ ମୋନିକାଙ୍କୁ ନୂଆଗଡ଼ ବ୍ଲକ କେରେଡାଙ୍ଗ ଗାଁର ନରେନ୍ଦ୍ର ପ୍ରେମ ବିବାହ କରିଥଲେ। ସେହିଦିନଠାରୁ ନରେନ୍ଦ୍ର ଗାଇବାରେ ଶ୍ୱଶୁର ଘରେ ରହିଆସୁଥିଲେ। ତେବେ ପରକୀୟା ପ୍ରୀତିକୁ ନେଇ ଉଭୟଙ୍କ ମଧ୍ୟରେ ବାରମ୍ବାର ଗଣ୍ଡଗୋଳ ଲାଗି ରହୁଥିଲା। ସୋମବାର ଭୋର୍ ସମୟରେ ଶାଶୁ ନାଳକୁ ଗାଧୋଇବା ପାଇଁ ଯିବାବେଳେ ଏହାର ସୁଯୋଗ ନେଇ ନରେନ୍ଦ୍ର ସ୍ତ୍ରୀ ମୋନିକାଙ୍କ ଗଳାକାଟି ହତ୍ୟାକରି ଫେରାର ହୋଇଯାଇଛନ୍ତି। ସେରଙ୍ଗ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

# ଜୁଲାଇ ୮ରୁ ଡ୍ରାଇଭର୍ ମହାସଂଘର ଆନ୍ଦୋଳନ



**ଭୁବନେଶ୍ୱର,୯।୬ (ସଂଚାର ବ୍ୟୁରୋ):** ଓଡ଼ିଶା ଡ୍ରାଇଭର ମହାସଂଘ ଓ ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ଆସନ୍ତା ମାସ ୮ ତାରିଖରୁ ମିଳିତ ଭାବେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଛି। ଏନେଇ ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯିବା ସହ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମାଣ୍ଡୁଲି, ଅଲ ଓଡ଼ିଶା ପରିବହନ ଚାଳକ ସଙ୍ଘର ସଭାପତି ଦୀପକ ନାୟକ, ଓଡ଼ିଶା ଡ୍ରାଇଭର ମହାସଂଘ ସମ୍ପାଦକ ଚୈତନ୍ୟ ପ୍ରଧାନ, କୋଷାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ବେହେରା, ସହସମ୍ପାଦକ ମାନସ ଦେବତା, ଉପଦେଷ୍ଟା ଅବକାଶ ଖଟୁଆ, ଖୋର୍ଦ୍ଧା ଜିଲ୍ଲା କମିଟି ଓ ଭୁବନେଶ୍ୱର ବ୍ଲକ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ ସରକାରଙ୍କୁ ସୂଚନା ଦିଆଯିବା ସହ ରାଜ୍ୟରେ ସକ୍ରିୟ ଥିବା ଡ୍ରାଇଭର୍‌ମାନଙ୍କ ସୁରକ୍ଷା, ସମ୍ମାନ ଓ ଅଧିକାର ଦାବିରେ ଏହି ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ସରକାର ସେମାନଙ୍କ ଦାବି ନ ମାନିଲେ ଆନ୍ଦୋଳନ କରାଯିବ ବୋଲି ମଧ୍ୟ କୁହାଯାଇଛି। ସାରା ରାଜ୍ୟର ଡ୍ରାଇଭରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଲ୍ ଓଡ଼ିଶା ମିନି ଟ୍ରକ ମାଲିକ ମହାସଂଘ, ଓଡ଼ିଶା ଟ୍ରକ ମାଲିକ ସଂଘ ଓ ବସ୍ ମାଲିକ ସଂଘ ସେମାନଙ୍କର ସମର୍ଥନ ଜାରି ରଖିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି।

# ଚିକିତ୍ସାଧୀନ ଦନ୍ତାହାତୀର ମୃତ୍ୟୁ

- ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କହିଲେ ଆନନ୍ଦପୁର ଡିଏଫ୍ଓ

**ଆନନ୍ଦପୁର, ୯।୬ (ସଂଚାର ବ୍ୟୁରୋ) :** ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ କୋଳିମାଟି ପଞ୍ଚାୟତ କରଡାବଣି ନିକଟରେ ଚିକିତ୍ସାଧୀନ ଅବସ୍ଥାରେ ଦନ୍ତାହାତୀ ମୃତ୍ୟୁ ବରଣ କରିଛି । ଗତ କିଛିଦିନ ତଳେ ଦନ୍ତାକୁ କେହି ତୀରମାଡ କରିଥିଲେ। ଫଳରେ ଦନ୍ତାଟି ଆହତ ହୋଇ ବୁଲୁଥିଲା। ଆହତ ଦନ୍ତାକୁ ବନ ବିଭାଗ ପକ୍ଷରୁ ଟ୍ରାଙ୍କୁଲାଇଜ କରାଯାଇ ତାର ଚିକିତ୍ସା କରୁଥିବା ବେଳେ ଆଜି ଦନ୍ତା ମୃତ୍ୟୁବରଣ କରିଛି । ଘଟଣା ସ୍ଥଳରେ ବନବିଭାଗର ଅଧିକାରୀ ମାନେ ପହଞ୍ଚି ଦନ୍ତାର ମୃତଦେହକୁ ଜବତ କରିଛନ୍ତି । ଆହତ ଦନ୍ତା ଦେହରୁ ୬ ଇଞ୍ଚ୍ ର ଏକ ତୀର ବାହାରି ଥିବାବେଳେ ଏହାର ବ୍ୟବଚ୍ଛେଦ କରାଯିବା ପରେ ପ୍ରକୃତ କାରଣ ଜଣାପଡିବ। ଦୋଷୀ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆନନ୍ଦପୁର ଡିଏଫଓ ଅଭୟ କୁମାର ଦଳେଇ କହିଛନ୍ତି।



## ପଣସ ବୋଝେଇ ପିକ୍ଅପ୍ ଧକ୍କାରେ ବାପ-ପୁଅ ମୃତ, ଗାଡ଼ି ଜବତ

**ବାଲିଗୁଡା, ୯।୬ (ସଂଚାର ବ୍ୟୁରୋ):** ଭୋଜି ଖାଇ ଫେରିବା ସମୟରେ ବାପ-ପୁଅଙ୍କୁ ସାମ୍ନା ପଟେ ଧକ୍କା ଦେଲା ପଣସ ବୋଝେଇ ବୋଲେରୋ । ଦୁର୍ଘଟଣାରେ ଘଟଣା ସ୍ଥଳରେ ବାପାର ମୃତ୍ୟୁ ହୋଇଥିବା ବେଳେ ପୁଅର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ଦୁର୍ଘଟଣା ପରେ ଗୁରୁତର ନାବାଳକ ପୁଅକୁ ସ୍ଥାନୀୟ ଲୋକ ଉଦ୍ଧାର କରି ବାଲିଗୁଡା ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଅଧିକ ଗୁରୁତର ନେଇ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ତାର ମୃତ୍ୟୁ ହୋଇ ଯାଇଛି । କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଗାଲିଗାରୁ ବୁଲାଣି ରାସ୍ତାରେ ଘଟିଛି ଏପରି ଦୁର୍ଘଟଣା । ମୃତକ ବାଲିଗୁଡା ଥାନା ରତୁଙ୍ଗିଆ ପଂଚାୟତ ସିର୍ଶୀପାଙ୍ଗା ଗାଁର ହେମ କଂହର । ରାଇପାଙ୍ଗା ଗାଁରେ ଭୋଜି ଖାଇ ବାପା ହେମ କଂହର ନାବାଳକ ପୁଅ ସହ ବାଇକରେ ଗାଁ ସିର୍ଶୀପାଙ୍ଗାକୁ ଫେରିବା ସମୟରେ ବାଲିଗୁଡାରୁ ମୋହନଗିରି ଅଭିମୁଖେ ଯାଉଥିବା ପଣସ ବୋଝେଇ ଗାଡିଟି ସାମ୍ନା ପଟେ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ଗାଡିଟି ଖସି ପଳେଇଥିବା ବେଳେ ବାଲିଗୁଡା ପୋଲିସ ବୋଲେରୋ ପିକଅପ ଗାଡିକୁ ଜବତ କରିବା ସହ ଘଟଣା ସ୍ଥଳରୁ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ବାଲିଗୁଡା ମେଡିକାଲକୁ ପଠାଇଛି।

## ଉଦ୍ଧାରହେଲେ ଷଷ୍ଠଶ୍ରେଣୀ ଛାତ୍ରୀ

**ଦିଗପହଣ୍ଡି, ୯।୬ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳର ଜଣେ ୬ଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ରୀଙ୍କୁ ଦୀପକ କୁମାର ନାୟକ ନାମକ ଜଣେ ଯୁବକ ଅପହରଣ କରି କେଉଁଆଡ଼େ ନେଇଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଛାତ୍ରୀଙ୍କ ମା' ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ମକଦ୍ଦମା ରୁଜୁ କରିବା ସହ ଏସଆଇ ଜ୍ୟୋତି ରଞ୍ଜନ ବେହେରାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରି ତଦନ୍ତକାରୀ ଅଧିକାରୀ ସଦଳବଳେ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢାଉ କରି ଅପହୃତା ଛାତ୍ରୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଚଳାଇଥିବା ଜଣାପଡ଼ିଛି। ଛାତ୍ରୀ ଜଣକ ଶନିବାର ସାରେ ଅନ୍ୟଜଣେ ସାଙ୍ଗଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ତାଙ୍କ ଘରକୁ ଯାଇଥିବା ବେଳେ ତାଙ୍କୁ ପୂର୍ବ ଯୋଜନା ପ୍ରକାରେ ଅପହରଣ କରାଯାଇଥିଲା।

# ସଫଳତା ତାଲିକା ପ୍ରସ୍ତୁତି ପାଇଁ ତନାଘନା

**ଭୁବନେଶ୍ୱର,୯।୬:** ଓଡ଼ିଶାରେ ବିଜେପି ସରକାର ଗଠନର ପ୍ରଥମବର୍ଷ ପୂର୍ତ୍ତି ସହିତ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ପ୍ରଧାନମନ୍ତ୍ରୀତ୍ୱର ୧୧ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗ ଏବେ ଚଳ ଚଞ୍ଚଳ । ଏଥିପାଇଁ ବିଭାଗୱାରୀ ସମୀକ୍ଷା ବୈଠକ ସହିତ ସଫଳତାର ତାଲିକା। ପ୍ରସ୍ତୁତି ଲାଗି ତନାଘନା ଉଦ୍ୟମ ଚାଲିଛି ।

ଏଗାର ବର୍ଷରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଓଡ଼ିଶା ପାଇଁ କେଉଁ କ୍ଷେତ୍ରରେ କ'ଣ କାମ କରିଛନ୍ତି ଏବଂ କେଉଁ ପ୍ରକଳ୍ପରେ କେତେ ଅର୍ଥ ମଞ୍ଜୁର କରିଛନ୍ତି ଓ ସେଥିରୁ କେତେ ସଂଖ୍ୟକ ଲୋକ ଉପକୃତ ହୋଇଛନ୍ତି ସେସବୁର ବିସ୍ତୃତ ବିବରଣୀ ସଂଗ୍ରହ ଚାଲିଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପି ପକ୍ଷରୁ ଜାରି କରାଯାଇଥିବା




ମୋଦି ଗ୍ୟାରେଣ୍ଟି ଓଡ଼ିଶାରେ କେତେ କାର୍ଯ୍ୟକ୍ଷମ ଓ ଲୋକପ୍ରିୟ ହୋଇପାରିଛି ସେ ସଂକ୍ରାନ୍ତରେ ବି ସ୍ୱତନ୍ତ୍ର ଆଲେଖ୍ୟମାନ ପ୍ରସ୍ତୁତ ଚାଲିଛି।

ଗତବର୍ଷ ଜୁନ୍ ୪ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା, ଯେଉଁଥିରେ ୨୧ଟି ଲୋକସଭା ଆସନରୁ ଓଡ଼ିଶାରେ ବିଜେପି ୨୦ଟି ହାସଲ କରି ବିଜେଡିକୁ ନିର୍ମୂଳ କରିଥିବାବେଳେ କଂଗ୍ରେସ କେବଳ ତାହାର ଗୋଟିଏ ଆସନ ବଜାୟ ରଖିଥିଲା। ସେଦିନ ପ୍ରକାଶିତ ବିଧାନସଭା ଫଳାଫଳ ନବୀନ ପଟ୍ଟନାୟକଙ୍କ ବିଜେଡି ସରକାରକୁ ଶକ୍ତି ଧକ୍କା ଦେଇ ଓଡ଼ିଶାରେ ବିଜେପି ଏକାକୀ ସରକାର ଗଢ଼ିବାପାଇଁ ବାଟ ଫିଟାଇଥିଲା। ଏଥର ବିଜେପି ୭୮ଟି ଆସନ ପାଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୩ଜଣ ସ୍ୱାଧୀନ ବିଧାୟକ ଏହି ଦଳକୁ ସମର୍ଥନ ଦେଇଥିଲେ। ତଦନୁଯାୟୀ ୨୦୨୪ ଜୁନ୍ ୧୨ ତାରିଖରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପି ସରକାର ଗଠନ କରାଯାଇଥିଲା ।

ଓଡ଼ିଶା ପାଇଁ କ'ଣ ସବୁ କାମ କରିବ ତାହା ନିର୍ବାଚନବେଳେ ବିଜେପି ସଙ୍କଳ୍ପପତ୍ର ଆକାରରେ ଜାରି କରିଥିଲା । ବର୍ଷକ ଭିତରେ ଏହି ସଙ୍କଳ୍ପପତ୍ରରୁ କ'ଣ ସବୁ କାର୍ଯ୍ୟକାରୀ ହୋଇଛି, ଆଉ କେଉଁ କାର୍ଯ୍ୟକ୍ରମ ଅଧାପନ୍ତରିଆ ଥିବା ବେଳେ କେଉଁ ସଙ୍କଳ୍ପ ସବୁ ଆଦୌ ଆରମ୍ଭ ହୋଇନାହିଁ ତାହାର ବିଭାଗୱାରୀ ତଥ୍ୟ ସଂଗ୍ରହ ଚାଲିଛି। ପ୍ରଧାନମନ୍ତ୍ରୀଙ୍କ ୧୧ ବର୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ୧ ବର୍ଷ ପୂର୍ତ୍ତି ପାଇଁ ବହୁ ଦିବସୀୟ କାର୍ଯ୍ୟକ୍ରମମାନ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଜନସମାବେଶ, ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ବ୍ୟାପକ ଆୟୋଜନ କରାଯାଉଛି । ଏଥିଲାଗି ସୂଚନା ଲୋକସମ୍ପର୍କ ବିଭାଗ ଏବଂ ସଂସ୍କୃତି ବିଭାଗ ପୂରା ଦମରେ ଲାଗି ପଡିଛନ୍ତି । ବିଜେପି ନେତାମାନେ କହୁଛନ୍ତି ସଙ୍କଳ୍ପପତ୍ରରେ ଯାହାସବୁ ରହିଥିଲା ସେସବୁକୁ କାର୍ଯ୍ୟକାରୀ କରିବା ସହିତ ବିଜେପି ସରକାର ଆହୁରି ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଅନ୍ୟ ପକ୍ଷରେ ଏହି ଅବସରରେ ରାଜ୍ୟ ସରକାରଙ୍କ ବିଫଳତାର ଗାଥା ଗାଇବାପାଇଁ ବି ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି।

ବିଜେପି ସରକାରର ଉତ୍ସବ ପାଳନକୁ ଅଧିକ ଆକର୍ଷଣୀୟ କରିବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ବିଭିନ୍ନ ଦିନରେ ଓଡ଼ିଶା ଗସ୍ତରେ ଆସିବାର ଶୁଣାଯାଉଛି । ଏମାନଙ୍କ ନିରାପତ୍ତା ଲାଗି ଏବେଠାରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସରକାରୀ ସ୍ତରରେ କାର୍ଯ୍ୟକ୍ରମ ବାହାରେ ବିଜେପିର କର୍ମକର୍ତ୍ତାମାନେ ମଧ୍ୟ ପଞ୍ଚାୟତ, ବ୍ଲକ, ପୌରସଂସ୍ଥା, ଜିଲ୍ଲା ଓ ରାଜ୍ୟସ୍ତରରେ ମଧ୍ୟ ବ୍ୟାପକ ଗଣଜାଗରଣ କାର୍ଯ୍ୟକ୍ରମ କରିବେ। ତେବେ ଏହି ଉତ୍ସବ ଶେଷ ପୂର୍ବରୁ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ଓ ଅଦଳବଦଳ ଏବଂ ବିଭିନ୍ନ ନିଗମ, ବୋର୍ଡ ଆଦିରେ ରାଜନୈତିକ ନେତାଙ୍କ ନିଯୁକ୍ତି ସମ୍ଭାବନା କ୍ଷୀଣ। (ତଥ୍ୟ)

jeevan amrut anuchinta



ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୧୦ ଜୁନ ୨୦୨୫, ଭୁବନେଶ୍ୱର
Tuesday 10 June 2025, Bhubaneswar


# ସଂଖ୍ୟାଲଘୁ ତୁଷ୍ଟିକରଣ ରାଜନୀତି

ଭାରତରେ ନିଜକୁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ବୋଲି ଦାବି କରୁଥିବା ଅନେକ ନେତା ବା ନେତ୍ରୀ ଧର୍ମନିରପେକ୍ଷତାର ଅର୍ଥ ବୁଝି ନାହାଁନ୍ତି କିମ୍ବା ଜାଣିଶୁଣି ଏହାର ଭୁଲ ସଂଜ୍ଞା ନିରୁପଣ କରୁଛନ୍ତି। ସେମାନଙ୍କ ଧର୍ମନିରପେକ୍ଷତା ହେଲା କେବଳ ବିଜେପିକୁ ବିରୋଧ କରିବା ବା ହିନ୍ଦୁତ୍ୱକୁ ସମାଲୋଚନା କରିବା। ରାହୁଲ, ମମତା, ଅକିଳେଶ ଯାଦବ ଏବଂ ଲାଲୁ ଯାଦବଙ୍କ ଭଳି ନେତାମାନେ ସକାଳୁ ରାତି ପର୍ଯ୍ୟନ୍ତ କେବଳ ସଂଖ୍ୟାଲଘୁ ତୁଷ୍ଟିକରଣରେ ମାତିଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟ ହାତେଇବା ହେଉଛି ସେମାନଙ୍କ ଲକ୍ଷ୍ୟ। ଏଥିପାଇଁ ସେମାନେ ଧାରା ୩୭୦ ଉଚ୍ଛେଦ, ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା, ତିନିତଲାକ ବ୍ୟବସ୍ଥାର ଉଚ୍ଛେଦ ଏବଂ ୱାକଫ ବୋର୍ଡର କ୍ଷମତା ସଙ୍କୋଚନ ବା କମନ ସିଭିଲ କୋଡ ପରିବର୍ତ୍ତେ ୟୁନିଫର୍ମ ସିଭିଲ କୋଡ ଲାଗୁ କରିବାକୁ ବିରୋଧ କରୁଛନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷ କରି ମୁସଲମାନ ସମ୍ପ୍ରଦାୟକୁ ଖୁସି କରିବା ହେଉଛି ସେମାନଙ୍କ ରାଜନୀତିର ଲକ୍ଷ୍ୟ। ଏଥିପାଇଁ ମମତା ବାନାର୍ଜୀ ସରକାର ରାଜ୍ୟ ବଜେଟର ଏକ ବଡ଼ ଅଂଶ ସଂଖ୍ୟାଲଗୁ ସମ୍ପ୍ରଦାୟ ପାଇଁ ଖର୍ଚ୍ଚ କରୁଛନ୍ତି। କେବଳ ସଂଖ୍ୟାଲଘୁ ତୁଷ୍ଟିକରଣ ଲାଗି ଏହି ତଥାକଥି ଧର୍ମନିରପେକ୍ଷ ଦଳମାନେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ବେଆଇନ ଭାବେ ଭାରତରେ ଥଇଥାନ କରିବାକୁ ସାହାଯ୍ୟ କରୁଛନ୍ତି। ସେମାନେ ଭାରତର ମତଦାତା ସୂଚୀରେ ସାମିଲ ହେଲେ ଏହି ଧର୍ମନିରପେକ୍ଷ ଦଳକୁ ଭୋଟ ଦେବେ। ଏବେ ଚାଲିଥିବା ପ୍ରୟାଗରାଜ ମହାକୁମ୍ଭ ମେଳାକୁ ବିଶ୍ୱର କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ମାନେ ଆସୁଛନ୍ତି। ଏବେ ସୁଦ୍ଧା ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୬୦ କୋଟି ଟପିଗଲାଣି। ଏହାକୁ ଏହି ତଥାକଥିତ ଧର୍ମନିରପେକ୍ଷ ସପକ୍ଷବାଦୀମାନେ ସହ୍ୟ କରିପାରୁନାହାଁନ୍ତି। ଲାଲୁ ପ୍ରସାଦ ଯାଦବ ଏହାଖୁ ଫାଲତୁ ବୋଲି କହୁଥିବା ବେଳେ ମମତା ବାନାର୍ଜୀ ମହାକୁମ୍ଭକୁ ମୃତ୍ୟୁ କୁମ୍ଭ କହୁଛନ୍ତି। ଯଦି ଅନ୍ୟ କୋ÷ଣସି ଧର୍ମର ଏଭଳି ଏକ ସମାବେଶ ହୋଇଥାଆନ୍ତା, ଲାଲୁ, ମମତା ସେମାନଙ୍କ ପ୍ରତି ଏପରି ମନ୍ତବ୍ୟ ଦେବାକୁ ସାହସ କରିନଥାନ୍ତେ। ହିନ୍ଦୁମାନେ ସହନଶୀଳ। ତେଣୁ ସେମାନେ ଏହାର ଫାଇଦା ଉଠାଉଛନ୍‌ି। ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ମେଳାରେ ଏବେ ସୁଦ୍ଧା ୬୦ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇଲେଣି। ଆସନ୍ତା ୨୬ରେ ମେଳା ଉଦଯାପିତ ହେବ। ସେହି ସମୟ ସୁଦ୍ଧା ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭୦ କୋଟି ଟପିବା ଆକଳନ କରାଯାଉଛି। ୨୬ ତାରିଖ ପବିତ୍ର ମହାଶିବରାତ୍ରି ଅବସରରେ କୋଟିଏରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇବେ ବୋଲି ଆଶା କରାଯାଉଛି। ପ୍ରତି ୧୨ ବର୍ଷରେ ଥରେ ଏହି ମହାକୁମ୍ଭ ଆୟୋଜିତ ହୋଇଥାଏ। ତେବେ ଚଳିତ ବର୍ଷ ମହାକୁମ୍ଭର କିଛିଟା ବିଶେଷତ୍ୱ ରହିଥିଲା। ଏଥର ଏକ ବିରଳ ଯୋଗରେ ଏହି ମହାକୁମ୍ଭ ପଡ଼ିଛି। ଦୀର୍ଘ ୧୪୪ ବର୍ଷ ପରେ ଏହି ସୁଯୋଗ ଆସିଥିଲା। ପୁନର୍ବାର ଏପରି ବିରଳ ସଂଯୋଗ ଲାଗି ଆଉ ୧୪୪ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ତେଣୁ ସ୍ୱାଭାବିକ ଭାବେ ଏଥର ପ୍ରୟାଗରାଜ ମହାକୁମ୍ଭରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଅତୀତର ସବୁ ରେକର୍ଡକୁ ଭାଙ୍ଗିଲା। ଏହା ବିଶ୍ୱର ସର୍ବବୃହତ୍ ଧାର୍ମିକ ମେଳା ଭାବେ ଗିନିଜ ବୁକ ଅଫ ରେକର୍ଡସରେ ସ୍ଥାନ ପାଇବାକୁ ଯାଉଛି। ମହାକୁମ୍ଭ ଅବସରରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ ବୁଡ଼ ପକାଇଛନ୍ତି। ବିଦେଶରୁ ମଧ ଅନେକ ଶ୍ରଦ୍ଧାଳୁ ଏଥର ମହାକୁମ୍ଭ ବୁଲିବାକୁ ଆସିଛନ୍ତି। ସେମାନଙ୍କ ମଧରେ କେବଳ ଏନଆରଆଇ ନୁହଁନ୍ତି, ଅନେକ ଭିନ୍ନ ଧର୍ମର ବ୍ୟକ୍ତି ମଧ ଏହି ବିଶାଳ ମେଳା ଦେକିବାକୁ ଆସିଛନ୍ତି। ଏଥିଲାଗି ଦୀର୍ଘ ଦିନରୁ ପ୍ରସ୍ତୁତି ଚାଲିଥିଲା। ମହାକୁମ୍ଭ କିପରି ଶାନ୍ତି ଶୃଙ୍ଖଳାର ସହ ଆୟୋଜିତ ହେବ ଏବଂ ଶ୍ରଦ୍ଧାଳୁମାନେ କିପରି ସୁରକ୍ଷିତ ଭାବେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇ ଫେରିବେ ସେଥିଲାଗି ଉଭୟ କେନ୍ଦ୍ର ଏବଂ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଥିଲା। ସଡ଼କ ଏବଂ ରେଳପଥରେ ଶ୍ରଦ୍ଧାଳୁଙ୍କ ପ୍ରୟାଗରାଜ ଯାତ୍ରା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ରେଳବାଇ ପକ୍ଷରୁ ଏଥିଲାଗି ଅନେକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ବ୍ୟବସ୍ଥା କରାଯାଇଛି। ସେହିପରି ବିମାନ ଯୋଗେ ପ୍ରୟାଗରାଜ ଯିବାକୁ ସ୍ଥାନୀୟ ବିମାନ ବନ୍ଦରର ବିକାଶ ସହ ଅନେକ ସ୍ୱତନ୍ତ୍ର ବିମାନ ଉଡ଼ାଣ ବ୍ୟବସ୍ଥା ମଧ ହୋଇଛି। ସବୁ କିଛି ଠିକଠାକ ଚାଲିଥିଲେ ମଧ କିଛି ଘଟଣା ହୃଦୟବିଦାରକ ହୋଇଛି। ମୋ÷ନୀ ଅମାବାସ୍ୟାରେ ବୁଡ଼ ପକାଇବାକୁ ପ୍ରୟାଗ ରାଜରେ କୋଟିଏ ଅଧିକ ଶ୍ରଦ୍ଧାଳୁ ଏକାଠି ହୋଇଥିବା ବେଳେ ଭିଡ଼ ନିୟନ୍ତ୍ରଣରେ କର୍ତ୍ତୃପକ୍ଷ ବିଫଳ ହେବାରୁ ଦଳାଚକଟାରେ ୩୦ଜଣ ପ୍ରାଣ ହରାଇଲେ। ଏବେ ଏହି ସଂକ୍ୟା ୩୭ ବୋଲି କୁହାଯାଉଛି। କିନ୍ତୁ ବାସ୍ତବ ସଂଖ୍ୟା ଢେର ଅଧିକ ହେବ ବୋଲି କୁହାଯାଉଛି। ସମାଜବାଦୀ ପାର୍ଟି ସାଂସଦ ଜୟାବଚ୍ଚନ ଦାବି କରିଛନ୍ତି ଯେ, ପ୍ରୟାଗରାଜରେ ଦଳାଚକଟାରେ ଅନେକ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ଅନେକ ମୃତକଙ୍କ ଶବକୁ ଗଙ୍ଗାରେ ଭସାଇ ଦିଆଯାଇଛି। ଏହା କେତେଦୂର ସତ୍ୟ ତାହା ଭିନ୍ନ କଥା। କିନ୍ତୁ ଦଳାଚକଟାରେ ଏତେ ସଂଖ୍ୟକ ବ୍ୟକ୍ତି ପ୍ରାଣ ହରାଇବା ବାସ୍ତବିକ ହୃଦୟବିଦାରକ। ଏହି ଘଟଣା ପରେ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି। ଭିଭିଆଇପି ପାସ ବାତିଲ କରାଯାଇଛି। ମେଳା ନିକଟକୁ କୋ÷ଣସି ଯାନବାହନ ଛଡ଼ାଯାଉନି। ଏହା ବହୁ ପୂର୍ବରୁ କରାଯିବା ଉଚିତ ଥିଲା। ସେହିପରି ନୂଆଦିଲ୍ଲୀ ରେଳ ଷ୍ଟେସନରେ ପ୍ରୟାଗରାଜ ମହାକୁମ୍ଭ ଯିବା ପାଇଁ ଉଦ୍ୟମରତ ଟ୍ରେନ ଯାତ୍ରୀଙ୍କ ମଧରେ ଦଳାଚକଟାରୁ ୧୮ଜଣ ପ୍ରାଣ ହରାଇଛନ୍ତି ଏବଂ ୧୧ ଜଣ ଆହତ ହୋଇଛନ୍ତି। ରେଳବାଇ କର୍ତ୍ତୃପକ୍ଷ ବିଶେଷ କରି ସ୍ଥାନୀୟ ଷ୍ଟେସନ ପରିଚାଳକଙ୍କ ତ୍ରୁଟି ଯୋଗୁ ଏଭଳି ଅଘଟଣ ଘଟିଲା। ଏହା ବ୍ୟତିତ ପ୍ରତିଦିନ ପ୍ରୟାଗରାଜ ଯାଉଥିବା ବା ଫେରୁଥିବା ବେଳେ ଅନେକ ଶ୍ରଦ୍ଧାଳୁ ସଡ଼କ ଦୁର୍ଘଯଣାରେ ପ୍ରାଣ ହରାଉଛନ୍ତି। ମେଳା ସ୍ଥାନରେ ୪ ଥର ଅଗ୍ନିକାଣ୍ଡ ମଧ ହୋିଛି। ଏତେ ବଡ଼ ଆୟୋଜନ, କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମରେ ଏଭଳି କିଛି ବ୍ୟତିକ୍ରମ ଏବଂ ଅଘଟଣର ଆଶଙ୍କା ଥିଲା। ଏହା ସତ୍ୟ ପ୍ରମାଣିତ ହୋଇଛି। ଏହାକୁ ହାଲୁକା ଭାବେ ବିଚେନା କରାଯିବା ଉଚିତ ନୁହେଁ। କିନ୍ତୁ ଏହାକୁ ନେଇ ରାଜନୀତି ହେବା ମଧ ନିନ୍ଦନୀୟ। ମେଳା ଆୟୋଜନରେ ତ୍ରୁଟିକୁ ବିରୋଧୀ ସମାଲୋଚନା କରିବା ସ୍ୱାଭାବିକ ଏବଂ ଏହାକୁ ସରକାର ଭିନ୍ନ ଦୃଷ୍ଟିରେ ଦେଖିବା ଅନୁଚିତ। କିନ୍ତୁ କିଛି ବିରୋଧୀ ନେତା ଏହାକୁ ନେଇ ଅତି କଟୁ ମନ୍ତବ୍ୟ ଦେଇଛନ୍ତି। ଉଦାହରଣ ସ୍ୱରୂପ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମହାକୁମ୍ଭକୁ ମୃତ୍ୟୁକୁମ୍ଭ ଭାବେ ବର୍ଣ୍ଣନା କରିଛନ୍ତି। ଏଭଳି ଶବ୍ଦ ବ୍ୟବହାର କରିବା ଅନୁଚିତ। ଏହାକୁ ମିଛ ଧର୍ମନିରପେକ୍ଷତା ବୋଲି କୁହାଯାଇପାରେ। ପ୍ରୟାଗରାଜ ମହାକୁମ୍ଭ ହେଉଛି ହିନ୍ଦୁ ଧର୍ମାବଲମ୍ବୀଙ୍କ ଆସ୍ଥା ଏବଂ ବିଶ୍ୱାସର ପ୍ରତୀକ। ଏହାକୁ ସମାଲୋଚନା କରିବା କୋଟି କୋଟି ଶ୍ରଦ୍ଧାଳୁଙ୍କ ପ୍ରତି ଅପମାନ ଏବଂ ଅବମାନନା। ଲାଲୁ ପ୍ରସାଦ ଯାଦବ ଏହାକୁ ଫାଲତୁ ବୋଲି କହିଛନ୍ତି। ଅଖିଳେଶ ଯାଦବ ମଧ ଏଭଳି କିଛି କଟୁ ମନ୍ତବ୍ୟ ଦେଇଛନ୍ତି ଯାହା ଭୋଟ ରାଜନୀତି ଭଳି ଲାଗୁଛି। ମହାକୁମ୍ଭ କିପରି ସୁରୁଖୁରୁରେ ଶେଷ ହେବ ଏବଂ ଶ୍ରଦ୍ଧାଳୁମାନେ ନିରାପଦରେ ଫେରିବେ ସେଥିଲାଗି ସମସ୍ତଙ୍କ ସହଯୋଗ ଆବଶ୍ୟକ। ଆୟୋଜନରେ କିଛି ତ୍ରୁଟି ବିଚ୍ୟୁତି ରହିଛି। ଏଥିଲାଗି ୟୁପି ସରକାର, ରେଳବାଇ କର୍ତ୍ତୃପକ୍ଷ ଉତ୍ତରଦାୟୀ। କିନ୍ତୁ ମହାକୁମ୍ଭ ମେଳାକୁ ଅନ୍ଧ ଭଳି ସମାଲୋଚନା କରାଯିବା ଅନୁଚିତ। ଏହାକୁ କିପରି ଶୃଙ୍ଖଳାର ସହ ପରିଚାଳିତ କରାଯାଇପାରିବ ସେଥିଲାଗି ବିଭିନ୍ନ ବିରୋଧୀ ରାଜନୈତିକ ଦଳ ଏବଂ ବିରୋଧୀ ଦଳ ଦ୍ୱାରା ଶାସିତ ରାଜ୍ୟମାନେ ସହଯୋଗ କରିବା ଉଚିତ ଥିଲା। ଦଳାଚକଟା ବା ସଡ଼କ ଦୁର୍ଘଟଣାରେ ଜୀବନ ଯିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। କିନ୍ତୁ ଅନ୍ୟ ସମୟରେ ମଧ ଏଭଳି ଅଘଟଣ ହେଉଛି। ଏହାକୁ ରୋକିବା ନିମନ୍ତେ ଭିନ୍ନ ପନ୍ଥା ଅବଲମ୍ବନ କରାଯିବା ଉଚିତ। ଯେତେବେଳେ କୋ÷ଣସି ମେଳା, ମହୋତ୍ସବ ବା ଧାର୍ମିକ ସମାରୋହ ଅନୁଷ୍ଠିତ ହେଉଛି ସେତେବେଳେ ସମ୍ଭାବ୍ୟ ଅଘଟଣକୁ ରୋକିବା ନିମନ୍ତେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯିବା ଉଚିତ। ଦଳାଚକଟା ଭଳି ଘଟଣାକୁ ରୋକିବା ନିମନ୍ତେ ପୋଲିସ ଓ ଜିଲ୍ଲା ପ୍ରଶାସନ ସାମାନ୍ୟ ସଚେତନତାର ସହ ସତର୍କ ହେଲେ, ମହିଳା, ଶିଶୁ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରିଲେ ଏହାକୁ ରୋକାଯାଇପାରିବ।

# ଜନଗଣନାର ରାଜନୈତିକ ପ୍ରଭାବ



## ସୁବାସ ଷଡଙ୍ଗୀ

ଇତିମଧରେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି ଯେ ଆସନ୍ତା ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ। ପ୍ରଥମ ପର୍ଯ୍ୟାୟରେ ଦେଶର ପାହାଡିଆ ଅଂଚଳ ବିଶେଷ କରି ଜାମୁକାଶ୍ମୀର, ଲଦାଖ,ଉତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ଜନଗଣନା କରାଯିବ। ଏହା ଶେଷ ହେବ ୨୦୨୬ ମସିହା ଅକ୍ଟୋବର ଏକ ତାରିଖରେ। ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ମସିହା ମାର୍ଚ୍ଚ ଏକ ତାରିଖ ସୁଦ୍ଧା ଅନ୍ୟ ଅବଶିଷ୍ଟ ରାଜ୍ୟଗୁଡିକରେ ଜନଗଣନା କରାଯିବ। ୨୦୨୧ ମସିହାରେ ଆମ ଦେଶରେ ଜନଗଣନା ହେବା କଥା। ପ୍ରତି ଦଶବର୍ଷରେ ଥରେ ଜନଗଣନା ହେବା କଥା। କିନ୍ତୁ କୋଭିଡ ମହାମାରି ଯୋଗୁ ୨୦୨୧ ମସିହାରେ ହେବାକୁ ଥିବା ଜନଗଣନାକୁ ବନ୍ଦ କରାଯାଇଥିଲା। ତେବେ ଇତି ମଧରେ କରୋନା ଆଉ ମହାମାରି ହୋଇନାହିଁ। ତେବେ କାହିଁକି ଏ ପର୍ଯ୍ୟନ୍ତ ଜନଗଣନା ଆରମ୍ଭ ହୋଇ ନାହିଁ, ତାର ଉତର ମଧ ସରକାରଙ୍କ ପକ୍ଷରୁ ଦିଆଯାଇ ନାହିଁ। ଯାହା ହେଉ ସରକାରୀଭାବେ ଜନଗଣନା ହେବ ବୋଲି ଘୋଷଣା ହୋଇଛି। ଏଥରକ ଯେଉଁ ଜନଗଣନା ହେବ, ତାହା ଦୁଇଟି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। କାରଣ, ଏଥରକ ଦଶ ବର୍ଷ ପରିବର୍ତ୍ତେ ଷୋହଳ ବର୍ଷ ପରେ ଜନଗଣନା କରାଯାଉଛି । ଦ୍ୱିତୀୟ କଥାଟି ହେଲା ଚଳିତ ଜନଗଣନାରେ ଜାତିଭିତିକ ଜନଗଣନା ହେବ। ଏହା ପୂର୍ବରୁ ୧୯୩୧ ମସିହାରେ ଜାତିଭିତିକ ଜନଗଣନା କରାଯାଇଥିଲା।

ଭାରତ ଭଳି ଦୃତ ବିକଶିତ ଦେଶରେ ପ୍ରତି ଦଶ ବର୍ଷରେ ଥରେ ଜନଗଣନା ହେବା ବହୁ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଏଣୁ ୨୦୨୭ ମସିହାରେ ହେବାକୁ ଥିବା କିଭଳି ହେବ, ତାହା ଦେଖିବାକୁ ସମସ୍ତେ ଚାହାନ୍ତି। ୨୦୧୧ ମସିହାରେ ହୋଇଥିବା ଜନଗଣନାକୁ ଭିତି କରି ଭାରତରେ ଅନେକ ବିକାଶମୂଳକ କାମ ହୋଇଛି। ୨୦୧୧ ମସିହାରେ ହୋଇଥିବା ଜନଗଣନାରେ ଜିଡିପି ୧୦୮ ଲକ୍ଷ କୋଟି ଡଲାର ଥିଲା। ଜିଡିପି ହେଉଛି ସକଳ ଘରୋଇ ଉତ୍ପାଦ। ୨୦୨୭ ମସିହା ବେଳକୁ ଏହା ବଢ଼ି ପାଂଚଲକ୍ଷ କୋଟି ଡଲାରରେ ପହଂଚିବ ବୋଲି ଆକଳନ କରାଯାଉଛି। ଆମ ଦେଶରେ ସହରୀ କରଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି। କାରଣ, ଗାଁ ଗୁଡିକୁ ଛୋଟ ଛୋଟ ସହରରେ ପରିଣତ କରାଯାଇପାରିଲେ ଏହାର ଦୃତ ବିକାଶ ହୋଇ ପାରିବ। ଏଣୁ ତାଜା ପରିସଂଖ୍ୟାନ ସରକାରଙ୍କ ପାଖରେ ନ ରହିଲେ ଯୋଜନା ଠିକ ଭାବରେ ହୋଇପାରିବ ନାହିଁ।

ଦେଶରେ ସହରୀ କରଣନେଇ ଯେଉଁ ଯୁକ୍ତି ଦିଆଯାଉଛି, ତାହାକୁ ଅନେକ ବିରୋଧ କରୁଛନ୍ତି। କିନ୍ତୁ ପାଶ୍ଚାତ୍ୟ ଦେଶରେ ଯେପରି ବଜାରୀ କରଣ ବଢ଼ି ଚାଲିଛି ତା ସହିତ ତାଳ ଦେଇ ଚାଲିବାକୁ ହେଲେ, ଗାଁ ଲୋକ ସହରକୁ ଆସିବା ଦରକାର। ବଜାରରେ କୁହାଯାଉଛି, ଗାଁ ଅପେକ୍ଷା ସହରରେ ଜିନିଷପତ୍ର ବିଶେଷକରି ଭୋଗପଣ୍ୟର ବଜାର ଅଧିକ। ସାଧାରଣ ଭାବରେ ଦେଖିବାକୁ ଗଲେ, ଜନଗଣନାରୁ ଜଣା ପଡିବ କେଉଁ ଜାତିର ଲୋକମାନେ, ବଜାର ବ୍ୟବସ୍ଥାରେ ଅଧିକ ଉ ପକୃତ ହେଉଛନ୍ତି। ଜନଗଣନାର ପରିସଂଖ୍ୟାନ ଠିକ ରହିଲେ, ଯୋଜନା ଠିକ ହୁଏ। ଏହାକୁ କାର୍ଯ୍ୟକାରି କରିବା ମଧ ସହଜ ହୁଏ।ଅନେକ ଦାବୀ କରନ୍ତି, ଆମ ଦେଶର ଜନସଂଖ୍ୟା କୁଆଡେ ଚୀନ ଠାରୁ ଅଧିକ ହୋଇଗଲାଣି। ଆଉ କେତେକ ଯୁକ୍ତି ବାଢନ୍ତି, ଜନ୍ମହାର କମୁଥିବାରୁ ଚୀନ ତଳକୁ ଆମେ ଏବେବି ରହିଛୁ। ଏଣୁ ଯୋଜନା ପାଇଁ ସଠିକ ପରିସଂଖ୍ୟାନ ଦରକାର। ଇଏତ ଗଲା ସାମାଜିକ ଓ ଆର୍ଥିକ ବିକାଶର କଥା। ଜନଗଣନା ସହିତ ରହିଛି, ରାଜନୈତିକ ହଟଚମଟ। କୁହାଯାଉଛଇ ୨୦୨୭ ମସିହା ବେଳକୁ ରାଜନୈତିକ ବାତାବରଣ ବଦଳିଯିବ। ପ୍ରଥମ କଥା ହେଉଛି ଜାତି ଜନଗଣନା ହେଲେ, କେଉଁ ଜାତିର ଲୋକଙ୍କ ସଂଖ୍ୟା ବଢ଼ିଛି ବା କମିଛି, ତାହା ଜଣା ପଡିବ। ଜାତିକୁ ନେଇ ୨୦୨୪ ମସିହା ନିର୍ବାଚନରେ ଏକ ବଡ ପ୍ରସଙ୍ଗ ହୋଇଥିଲା। ଓବିସିଠାରୁ ଆରମ୍ଭ କରି ଦଳିତ ଓ ଆଦିବାସୀମାନେ ସଂରକ୍ଷଣ ନେଇ ଅଧିକ ଦାବି କରିବେ। ତଦନୁଯାୟି ଲୋକସଭା ଆସନ ବଢ଼ିବ।

୨୦୨୬ ମସିହାରେ ଲୋକସଭା ଆସନ ଗୁଡିକର ପୁନର୍ଗଠନ ହେବା କଥା। କିନ୍ତୁ ଜନଗରନା ହୋଇ ପାରି ନଥିବାରୁ ଆସନ ପୁନର୍ଗଠନ ହୋଇପାରି ନାହିଁ। ଯଦିବା ଏବେ ଜନଗଣନା ହୁଏ, ତେବେ ୨୦୨୯ ମସିହା ନିର୍ବାଚନ ବେଳକୁ ଲୋକସଭା ଆସନ ପୁନର୍ଗଠନ କାମ ଶେଷ ହୋଇ ପାରିବ ନାହିଁ। ଚଳିତ ଜନଗରନାକୁ ଆଧାର କରି ମହିଳାମାନଙ୍କ ପାଇଁ ଏକତୃତୀୟାଂଶ ଆସନ ସଂରକ୍ଷଣ ଦାବି ମଧ ଜୋରଦାର ହେବ। କିନ୍ତୁ ୨୦୨୯ ନିର୍ବାଚନ ବେଳକୁ ଏହା ହୋଇ ନପାରିବା କାରଣରୁ ରାଜନୈତିକ ବାତାବରଣ କିଛିଟା ହଟଚମଟ ହେବ। ଏହାକୁ ଏକ ରାଜନୈତିକ ଅସ୍ତ୍ର ଭାବରେ ବିରୋଧୀମାନେ ନିର୍ବାଚନରେ ବ୍ୟବହାର କରିବେ।

ଜନଗଣନାକୁ ଭିତକରି ଲୋକସଭା ଆସନ ବଢ଼ିପାରେ ବା କମିପାରେ। ଏହି ପ୍ରସଙ୍ଗ ନେଇ ଏବେଠାରୁ ଉତର ଓ ଦକ୍ଷିଣ ରାଜ୍ୟ ମଧରେ ରାଜନୀତି ଆରମ୍ଭ ହୋଇଗଲାଣି। କାରଣ, ଦକ୍ଷିଣ ରାଜ୍ୟ ଗୁଡିକରେ ଶିକ୍ଷାର ବିକାଶ ଫଳରେ ଲୋକମାନେ ସୀମିତ ପରିବାର ନେଇ ସୁଖୀ। ଯାହାକୁ କୁହନ୍ତି, ଛୋଟ ପରିବାର। କିନ୍ତୁ ଉତର ରାଜ୍ୟଗୁଡିକରେ ଅଶିକ୍ଷା ଫଳରେ ପିଲା ଜନ୍ମ ହାର ଅଧିକ। ସେ ଦୃଷ୍ଟିରୁ ଦେଖିବାକୁ ଗଲେ ଦକ୍ଷିଣରେ ଯେତିକି ଲୋକସଭା ଆସନ ବଢ଼ିବ ତାହାଠାରୁ ଅଧିକ ଆସନ ବଢ଼ିବ ଉତର ରାଜ୍ୟଗୁଡିକରେ। ଏଣୁ ରାଜନୈତିକ ଦୃଷ୍ଟିରୁ ଉତର ଭାରତର ପ୍ରଭାବ ଅଧିକ ରହିବ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସେମାନଙ୍କ ରାଜ୍ୟବାସୀଙ୍କ ଅଧିକ ପିଲା ଜନ୍ମ କରିବାକୁ ଆହ୍ୱାନ ଦେଇସାରିଲେଣି। ତେବେ ଦେଶର ପ୍ରଗତି ପାଇଁ ଜନଗରନା ନିହାତି ଦରକାର। ଜାତି ଜନଗଣନା ମଧ ଅନେକ ଦୃଷ୍ଟିରୁ ଦରକାର। କେବଳ ଆସନ ସଂରକ୍ଷଣ ନୁହେଁ, ସମାଜର ତଳସ୍ତରରେ ରହିଥିବା ଲୋକଙ୍କ ବିକାଶ ପାଇଁ, ସେମାନଙ୍କ ସଂଖ୍ୟା ଜାଣିବା ନିହାତି ଦରକାର।


**ମୋବାଇଲ୍: ୯୪୩୯୬୫୨୩୨୨**





# ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ଓ ତାହାର କିମ୍ବଦନ୍ତୀ



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଭାରତୀୟ ଶାସ୍ତ୍ରରେ 'ପଞ୍ଚଯଜ୍ଞ'ର ଉଲ୍ଲେଖ ରହିଛି। ଏହି ପଞ୍ଚ ଯଜ୍ଞ ମଧରୁ ଗୋଟିଏ ହେଉଛି 'ଋଷିଯଜ୍ଞ'। ଏହାର ଅର୍ଥ, ଯେଉଁ ମୁନିଋଷିମାନେ ଆମକୁ ସୁନିୟନ୍ତ୍ରିତ ଜୀବନଯାପନ କରିବା ନିମିତ୍ତ ଶାସ୍ତ୍ରପୁରାଣମାନ ରଚନା କରିଛନ୍ତି, ସେମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ। ତାହାର ଏକ ସୁନ୍ଦର ଉଦାହରଣ ହେଉଛି ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିର ବ୍ରତପାଳନ। ଏହି ତିଥିରେ କଶ୍ୟପ, ଅତ୍ରି, ଭରଦ୍ୱାଜ, ବିଶ୍ୱାମିତ୍ର, ଗୌତମ, ଯମଦଗ୍ନି ଓ ବଶିଷ୍ଠ ଆଦି ସପ୍ତଋଷିଙ୍କୁ ପୂଜା କରାଯାଇଥାଏ। ଆଜି ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ବ୍ରତ ନୀତି ପାଳିତ ହୋଇଯାଇଛି। ସ୍ୱୟଂ ମହାଲକ୍ଷ୍ମୀ ଠାକୁରାଣୀ ଏହି ବ୍ରତ ପାଳନ କରିଥାନ୍ତି। ଏଥିପାଇଁ ଶ୍ରୀମନ୍ଦିରରେ ଆଜି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ। ପରମ୍ପରା ଅନୁଯାୟୀ, ଋଷି ପଞ୍ଚମୀ ନୀତି ପାଳନ ପୂର୍ବକ ଆଜି ସକାଳ ଧୂପ ସରିବା ପରେ ପୂଜାପଣ୍ଡା ଶ୍ରୀଦେବୀଙ୍କୁ ଆଜ୍ଞାମାଳ ପ୍ରଦାନ କରିଥାନ୍ତି। ପରେ ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ସିଂହାସନରେ ବିଜେ କରାଇ ମୁକ୍ତିମଣ୍ଡପ ନିକଟକୁ ନେଇଥାନ୍ତି। ସେଠାରେ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ଶ୍ରୀଦେବୀଙ୍କୁ ବିଜେ କରାଯାଇଥାନ୍ତି। ପରେ ଶ୍ରୀଦେବୀ ଶ୍ରୀମନ୍ଦିରରୁ ବାହାରି ମାର୍କଣ୍ଡ ପୁଷ୍କରିଣୀଠାରେ ଥିବା ମାର୍କଣ୍ଡେୟ ମହାଦେବଙ୍କ ମନ୍ଦିରକୁ ବିଜେ କରିଥାନ୍ତି। ସେଠାରେ ଶ୍ରୀଦେବୀଙ୍କୁ ମାଜଣା କରାଯାଇଥାଏ। ତତ୍ପରେ ପୂଜାପଣ୍ଡା



ମାର୍କଣ୍ଡେୟଙ୍କ ଉପସ୍ଥିତିରେ ସପ୍ତଋଷିଙ୍କୁ ଆବାହନ ପୂର୍ବକ ବରୁଣ ପୂଜା ଆଦି କରି ନୈବେଦ୍ୟ ସମର୍ପଣ କରିଥାନ୍ତି।

ଏହାପରେ ପୂଜାପଣ୍ଡା ବ୍ରତକଥା ପଠନ କରନ୍ତି ! ଏହି ବ୍ରତ କଥାରେ ପୂର୍ବକାଳରେ ଏକ ବ୍ରାହ୍ମଣ ଦମ୍ପତ୍ତି ଙ୍କ କନ୍ୟା କିପରି ଦୋଷଯୁକ୍ତ ହୋଇ ପୋକ ରେ ଭରିଜାଇଥିଲେ ଏହାପରେ ସେ ଋଷିପଞ୍ଚମୀ ବ୍ରତ କରିବାରୁ ସେହି ଦୋଷରୁ ମୁକ୍ତିଲାଭ କରିଥିଲେ, ଏହା ବର୍ଣ୍ଣିତ ଅଛି ବ୍ରତ କଥା ପାଠ ପରେ ଠାକୁରାଣୀଙ୍କୁ ଆଳତି କରାଯାଇଥାଏ। ପୂଜାନୀତି ଶେଷ ପରେ ଠାକୁରାଣୀ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହାପରେ ମଧାହ୍ନ ଧୂପ ହୋଇଥାଏ। ଏହି ବ୍ରତରେ ଋଷି ମାନଙ୍କୁ କ୍ଷୀର , କଦଳୀ ଓ ଫଳ ଭୋଗ ହୋଇଥାଏ। ସ୍ତ୍ରୀ ମାନେ ରଜସ୍ୱଳା ସମୟରେ ନିଜର ଅଜ୍ଞାତରେ ଯଦି କିଛି ଦୋଷ କରିଥାନ୍ତି, ସେଥିରୁ ମୁକ୍ତି ପାଇବା ପାଇଁ ସପ୍ତଋଷିଙ୍କୁ ପୂଜାର୍ଚ୍ଚନା କରିବାର ବିଧି ରହିଛି। ଶ୍ରୀଦେବୀ ଏହିଦିନ ତାଙ୍କର ବ୍ରତ ଉପଲକ୍ଷେ ଶ୍ରୀମନ୍ଦିରରୁ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି। ବର୍ଷକୁ ଥରେ ମା'ଏହି ଦିନ ପୂଜାପଣ୍ଡାଙ୍କୁ ଛଞ୍ଚା ଦେଇଥାନ୍ତି।ମାନ୍ୟତା ଯାହାବି ରହିଥାଉ ପଛରେ, କିନ୍ତୁ ଏଭଳି ପର୍ବ ପାଳନ ଭାରତୀୟ ସନାତନ ପରମ୍ପରା ରେ ଋଷି ମାନଙ୍କ ପ୍ରତି ଆଦର, ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ନିଶ୍ଚୟ।ଏହି ଦିନ ସପ୍ତଋଷି ଙ୍କୁ ପୂଜା କରାଯାଏ। ସେହି ସପ୍ତଋଷି ଙ୍କ ବିଷୟରେ ଭଗବାନ ବିଷ୍ଣୁଙ୍କ ମତ୍ସ୍ୟ ଅବତାରରେ ଉଲ୍ଲେଖ ମିଳେ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ ବିଦର୍ଭ ଦେଶରେ ଉତ୍ତଙ୍କ ନାମକ ଜଣେ ସଦାଚାରୀ ବ୍ରାହ୍ମଣ ରହୁଥିଲେ। ତାଙ୍କ ପତ୍ନୀ ପତିବ୍ରତା ଥିଲେ। ତାଙ୍କର ଗୋଟିଏ କନ୍ୟା। କନ୍ୟାର ବିବାହ ତାଙ୍କ ସମକକ୍ଷ ଏକ କୁଳଶୀଳ ବର ସହିତ କଲେ। ଦୁର୍ଭାଗ୍ୟବଶତଃ କିଛି ଦିନ ପରେ ତାଙ୍କ କନ୍ୟା ବିଧବା ହୋଇଗଲେ। ଉତ୍ତଙ୍କ ମନଦୁଃଖରେ ନିଜ କନ୍ୟାକୁ ଆଣି ଗଙ୍ଗା ତଟରେ ଏକ କୁଡ଼ିଆ ଘର ତିଆରି କରି ରହିବାକୁ ଲାଗିଲେ। ଥରେ ବ୍ରାହ୍ମଣ କନ୍ୟା ଶୋଇଥିବା ସମୟରେ ହଠାତ୍ ତାଙ୍କ ଶରୀର ପୋକରେ ଭରିଗଲା। ବ୍ରାହ୍ମଣ କନ୍ୟା ତାଙ୍କ ମା'ଙ୍କୁ ସମସ୍ତ କଥା ଶୁଣାଇଲେ। ପତ୍ନୀ ସ୍ୱାମୀ ଉତ୍ତଙ୍କଙ୍କୁ କହିଲେ- ମୋ ସାଧ୍ୱୀ କନ୍ୟାର ଏପରି ଦଶା ହେବାର କାରଣ କ'ଣ ? ଉତ୍ତଙ୍କ ସାଧନା ବଳରେ ଜାଣିବାକୁ ପାଇଲେ ଯେ ପୂର୍ବଜନ୍ମରେ ତାଙ୍କ କନ୍ୟା ବ୍ରାହ୍ମଣୀ ଥିଲେ। ସେ ରଜସ୍ୱଳା ହୋଇଥିବା ବେଳେ ବାସନ ସ୍ପର୍ଶ କରିଦେଇଥିଲେ।ଯାହା ଫଳରେ ଏହି ଜନ୍ମରେ ତା' ଶରୀରରେ ପୋକ ହୋଇଯାଇଛି।ଧର୍ମ ଶାସ୍ତ୍ର ମାନ୍ୟତା ଅନୁସାରେ ରଜସ୍ୱଳା ସ୍ତ୍ରୀ ପ୍ରଥମ ଦିନରେ ଚଣ୍ଡାଳୁଣୀ, ଦ୍ୱିତୀୟ ଦିନରେ ବ୍ରହ୍ମଘାତିନୀ ଏବଂ ତୃତୀୟ ଦିନରେ ଧୋବଣୀ ସହ ସମାନ ଅପବିତ୍ର ହୋଇଥାଏ। ସେ ଚତୁର୍ଥ ଦିନରେ ସ୍ନାନ କରି ଶୁଦ୍ଧ ହୋଇଥାଏ। ଯଦି ସେ ଶୁଦ୍ଧ ମନରେ ଋଷି ପଞ୍ଚମୀ ବ୍ରତ କରିବ ତା'ର ସମସ୍ତ ଦୁଃଖ ଦୂର ହୋଇଯିବ ଏବଂ ପରବର୍ତ୍ତୀ ଜନ୍ମରେ ସେ ସୌଭାଗ୍ୟପ୍ରାପ୍ତ କରିପାରିବ। ପିତା ଉତ୍ତଙ୍କ ଆଜ୍ଞା ପାଇଁ ସାଧ୍ୱୀ କନ୍ୟା ଋଷି ପଞ୍ଚମୀ ବ୍ରତ ପାଳନ କଲେ। ଏହା କରିବାଦ୍ୱାରା ସାଧ୍ୱୀ କନ୍ୟାଙ୍କ ସମସ୍ତ ଦୁଃଖ କଷ୍ଟ ଦୂର ହେବା ସହ ଅକ୍ଷୟ ପ୍ରାପ୍ତ କଲେ।


**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**


# ଅଶ୍ୱପତିଙ୍କ ରାଜ୍ୟକୁ ଘୋଡ଼ା ବେପାରୀ ହାଟୁଆ



## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆମ ଦେଶରେ ପୂର୍ବେ ବିଖ୍ୟାତ ଓ ପ୍ରତାପୀ ରାଜାମାନେ ଶାସନ କ୍ଷମତାରେ ଥିଲେ, ନରପତି, ଅଯୋଧାର ରାଜା ଗଜପତି ଉତ୍କଳ ଭୂଖଣ୍ଡର ରାଜା ଅଶ୍ୱପତି ପ୍ରାଚୀନ ଅଖଣ୍ଡ ପଞ୍ଜାବର ରାଜା, ଛତ୍ରପତି ମହାରାଷ୍ଟ୍ରର ରାଜା। ଏହାବାଦ ଅନେକ ଖଣ୍ଡ ଖଣ୍ଡ ରାଜ୍ୟ ଭାରତରେ ଥିଲା। ପଞ୍ଜାବ କହିଲେ ପଞ୍ଚନଦୀର ପ୍ରବାହିତ ଭୂଖଣ୍ଡକୁ ବୁଝାଏ। ଏ ପଞ୍ଚନଦୀ "ବିଚଇବିଶ' ଯାହା ପୂର୍ଣ୍ଣରୂପରେ ବିତସ୍ତା ଚନ୍ଦ୍ରଭାଗା, ଇନ୍ଦ୍ରାବତୀ ବିପାଶା, ଶତଦ୍ର ଏମିତି ନାମରେ ପ୍ରବାହିତ। ଏହି ନଦୀ ଗୁଡ଼ିକର ବିଶେଷତ୍ୱ ହେଲା ଏମାନେ ଇଶାନରୁ ନୈଋତକୁ ଢ଼ାଲୁ ସ୍ଥାନରେ ବ୍ୟାପକ ଜଳଧାରାରେ ପ୍ରବାହିତ। ସାଧାରଣତଃ ନଦୀ ଗୁଡ଼ିକ ପଶ୍ଚିମରୁ ପୂର୍ବକୁ ଦକ୍ଷିଣରୁ ଉତ୍ତରକୁ ବୋହୁଥିବା ନଦୀର ଦ୍ୱିଧାର ବାସକାରୀମାନେ ମୂଲ୍ୟବାନ ଓ ଉର୍ବର ମସ୍ତିଷ୍କର ଗୁଣାବଳୀରେ ଭବିଷ୍ୟତ ବଂଶଧର ଚିନ୍ତନରେ ରହନ୍ତି। ଗଙ୍ଗା, ଯମୁନା, ହିମାଳୟରୁ ଏପରି ବାୟୁକୋଣରୁ ବାହାରି ଭାରତର ଇଶାନ କୋଣ ପୂର୍ବ ଦିଗକୁ ପ୍ରବାହିତ। ମହାନଦୀ ଠିକ ଏପରି ପଶ୍ଚିମରୁ ପୂର୍ବକୁ ପ୍ରବାହିତ। କେହି ଯଦି ବନାରସ (ବାରାଣଶସୀ) ଯାଇଥିବେ ତେବେ ଏଠାରେ ଗଙ୍ଗାର ଦ୍ୱିଧାର ବରୁଣା ଓ ଅସିର ତ୍ରିକୋଣ ଭୂମିରେ ଏ ସହର ଠିକ କଟକ ସହର ମହାନଦୀ ଦକ୍ଷିଣ-ଭୁଲରୀ ଓ କାଠଯୋଡ଼ି ପଶ୍ଚିମରୁ ପୂର୍ବ ବାହିନୀ ବହିବା ସ୍ଥଳର ତ୍ରିକୋଣ ଭୂମିରେ କଟକ ସହର।

ସେମିତି ଏଇ ପଞ୍ଚନଦୀ ବହୁ ତ୍ରିକୋଣ ଦ୍ୱୀପ ଏହି ନଦୀ ପ୍ରବାହରେ ମଧରେ ରହେ। ଜଳ ବିନା କୃଷି ଅସମ୍ଭବ। ଉତ୍ତମ କୃଷି ଏ ଅଞ୍ଚଳରେ ଏବେ ବି ପୂର୍ବପରି ହେଉଛି। ଅଶ୍ୱପତି ରାଜ୍ୟରେ ଅଶ୍ୱର ଏକ ବଡ଼ହାଟ ରହିଥିଲା। ଏହା ସୀମାନ୍ତ ରାଜ୍ୟ ଯୋଗୁ ଘୋଡ଼ା ବେପାରୀମାନେ ଏଠାକୁ ଘୋଡ଼ା ବିକ୍ରୟ ପାଇଁ ଦୂରରୁ ଘୋଡ଼ା ନେଇ ଆସୁଥିଲେ। ସଂସ୍କୃତରେ ଘୋଡ଼ାକୁ ତୁରଙ୍ଗମ ଓ ଅର୍ବ କୁହାଯାଏ। ତୁରସ୍କର ଘୋଡ଼ା ଛୋଟ ଉଚ୍ଚତା ସବଳ ଘୋଡ଼ା ଓ ଅର୍ବସ୍ଥାନ ଆରବ ଦେଶର ଘୋଡ଼ା ଅଧିକ ଉଚ୍ଚା ଓ ହୃଷ୍ଟପୁଷ୍ଟ ଲମ୍ବା । ଘୋଡ଼ା ବିକ୍ରୟ ପାଇଁ ଅଶ୍ୱପତିଙ୍କର ଘୋଡ଼ାହାଟକୁ ଆସୁଥିଲା। ଘୋଡ଼ାଙ୍କର ଆୟୁଭୋଗ ପ୍ରାୟ ୩୨ ବର୍ଷ, ଘୋଡ଼ାଟିର ଚେହେରା ଦେଖି ତାର ବୟସ ଅନୁମାନ କରିବା କଷ୍ଟ ସାଧ୍ୟ। ଘୋଡ଼ାର ମୂଲ୍ୟ ତା'ର ବୟସ ଦୃଷ୍ଟେ କରାଯାଏ। ଘୋଡ଼ା କେତୋଟି ଦାନ୍ତ ବିଶିଷ୍ଟ, ଦାନ୍ତର ରଙ୍ଗ ଓ ଅନ୍ୟ କେତେ ଅଙ୍ଗ ଚିହ୍ନରୁ ଘୋଡ଼ାର ମୂଲ୍ୟ ନିର୍ଦ୍ଧାରଣ ହୁଏ। ପ୍ରକୃତ ବିକ୍ରେତା କେବେ ମୂଳ ବାସ ସ୍ଥାନରୁ ଘୋଡ଼ା ନେଇ ଆସିବା କ୍ୱଚିତ। ଦଲାଲ ବ୍ୟବସାୟୀମାନେ ହାଟକୁ ସର୍ବଦା ଥୋଡ଼େ ଥୋନେ ଘୋଡ଼ା ନେଇ ଆସନ୍ତି। ଏ ମଧରେ ଆରବ ଘୋଡ଼ା ଓ ତୁରସ୍କ ଘୋଡ଼ା ଥାନ୍ତି। ତୁଟଘୋଡ଼ା ତୁରସ୍କର ହିଁ ଆସୁଥିଲେ। କାଳକ୍ରମେ ଗଧ ବିକ୍ରୀ ପାଇଁ ସେ ଦେଶମାନେ ଚିନ୍ତା କଲେ। ଘୋଡ଼ା ଓ ଗଧର ମିଶ୍ରଣରେ ଖଚର ଜନ୍ମ ନେଲେ। ଖଚର ବି ବିକ୍ରୟ ପାଇଁ ସେ ପଶୁ ବଣିକମାନେ ଚିନ୍ତା କଲେ। ଆରବ ମରୁଭୂମିରେ ଏମିତି ଓଟର ଚାହିଦା ଦୃଷ୍ଟେ ଓଟବେପାରୀ ରାଜସ୍ଥାନରୁ ଏମିତି ଏଇ ଅଶ୍ୱପତିଙ୍କର ରାଜ୍ୟ ଦେଇ ଆସିଲେ। କଷ୍ଟ ସହିତ ବଞ୍ଚିବାରେ ଦୁମ୍ବା ଏକ ଜୀବ ଏବି ସେହି ଆରବରୁ ଆସିଛନ୍ତି। ଜୀବିତ ଦୁମ୍ବାର ପଚାମାଂସ ଧାରୁଆ ଅସ୍ତ୍ରରେ ତାଞ୍ଛିନେଇ ତାର ରକ୍ତ କ୍ଷରଣ ବନ୍ଦ କିଛି ହଳଦୀପରି ଲେପ ଦେଲେ ପୁନଃ ତାହା କଅଁଳେ ଓ ବଢ଼େ।

ଏପରି ଆରବ ଘୋଡ଼ା ବଣିକଙ୍କ ପଶୁ ହାଟକୁ ଆସି ଏ ଦେଶର ପଶୁ କ୍ରୟ କ୍ଷମତାକୁ ଚାଲି ଚଳନ ହାବଭାବ ଭଙ୍ଗି ପରେ ଲୁଣ୍ଠନକାରୀଙ୍କୁ ଦେଶରେ ଲୁଟିବା ବାଟ ଫିଟି ଯାଇଥିଲା। ଆମ ଶାସ୍ତ୍ରରେ ଅଛି କାହାକୁ ବିଶ୍ୱାସ କରିବ ନାହିଁ। ବାୟବ୍ୟକୋଣାଗତଙ୍କୁ ବିଶ୍ୱାସ କରିବନାହିଁ। ଦିଗପାଳ ମଧରେ ଇନ୍ଦ୍ରକ୍ଷମ ଅଗ୍ନି ବରୁଣ ଆଦି ଦେବତା ଏମାନେ ଅଦିତିଙ୍କ ପୁତ୍ର ମାତ୍ର ଏଇ ବାୟୁଦେବତା ଦିତିମାଆଙ୍କର ପୁତ୍ର। ଏ ଅଣଚାଷ ଖଣ୍ଡ ଓ ସପ୍ତ ଗୋଷ୍ଠୀରେ ବିଭକ୍ତ। ଫଳରେ ଦେବ କାନୁନକୁ ଏମାନେ ତୁଚ୍ଛ ନକରିପାରନ୍ତି। ମହାବାତ୍ୟା ବାତ୍ୟାର କାରଣ ପରି ଯୁଦ୍ଧ ମହାଯୁଦ୍ଧ ଖଣ୍ଡଯୁଦ୍ଧର ଏମାନେ କାରଣ ପୂର୍ବରୁ ହୋଇ ଆସୁଛନ୍ତି। ଖାଇରେ ଗିରି ସଂକଟ ବାଟେ ଏ ଦେଶକୁ ଆକ୍ରମଣକାରୀ ଆସି ଏ ଦେଶରେ ତଙ୍ଗ ସୃଷ୍ଟି କରିଛନ୍ତି। ଏଇ ବାୟବୀୟମାନେ ବାରମ୍ବାର ରୁପ ବଦଳାଇ ମାୟାକରି ସତେ ଯେମିତି ବାୟୁଦେବତାଙ୍କର ବାହିନୀ ପରି ତୁହାକୁ ତୁହା ଆସୁଛନ୍ତି। ହୁଣ ପଠାଣ, ମୋଗଲ ଏଇ ପଟେ ହିଁ ଆସିଛନ୍ତି। ଏବେ ଦେଖ ତାମସା। ସମ୍ରାଟ ଅଶୋକ ବମିୟାନରେ ଏକ ସୁଦୃଶ୍ୟ ବୁଦ୍ଧିମୂର୍ତ୍ତୀ ନିର୍ମାଣ କରିଥିଲେ ସେ ସବୁ ଲୋକଙ୍କୁ ଏତେ ଏହା ଖରାପ ଲାଗିଲା ତାକୁ ଭାଙ୍ଗିବା ପାଇଁ ତୋପ ମାଡ଼ରେ ଭାଙ୍ଗି ଦେଲେ। ଶାନ୍ତିର ବାର୍ତ୍ତାବହ ବୁଦ୍ଧଙ୍କର ମୂର୍ତ୍ତି ଭଙ୍ଗା ଅଞ୍ଚଳର ବାସ୍ତୁ ଯେ ପ୍ରବଳ ବିଘ୍ନ ହୋଇଯାଇଛି ଏହା ଶେଷରେ ପରସ୍ପର ବିକର୍ଷଣ ବ୍ୟକ୍ତିତ୍ୱରେ ଖଣ୍ଡ ଖଣ୍ଡ କ୍ଷୁଦ୍ର ଶାସନର ଅଞ୍ଚଳ ହେବ ଜଣାପଡୁଛି।

ଗନ୍ଧାର ଦେଶ କହିଲେ ଏହି ପାକିସ୍ଥାନର ଆହୁରୀ ଭିତରେ ପେଷୱାରବା ପୁରୁଷପୁର, ଗନ୍ଧାର ସେନଙ୍କ ପୁତ୍ରମାନେ ଗାନ୍ଧାରୀଙ୍କର ପୁତ୍ରଙ୍କ ଦ୍ୱାରା ମୃତ ହୋଇଥିଲେ। ଶେଷରେ ତନ୍ମଧରୁ ବଞ୍ଚିଥିବା ଶକୁନୀର ଚକ୍ରାନ୍ତରେ ମହାଭାରତ ଯୁଦ୍ଧ ଶେଷରେ ଶକୁନୀ ଓ ତାର ପୁତ୍ର ସମସ୍ତେ ନିଶ୍ଚିନ୍ନ ହୋଇଥିଲେ। କୁଟକପଟ ବୁଦ୍ଧିରେ ପରରକ୍ଷିତ କରିବା ଦ୍ୱାରା ଯେ ନିଜେ ଶେଷରେ ଧ୍ୱଂସ ହେବ ଏକଥା ସମସ୍ତେ ଭୁଲନ୍ତୁ ନାହିଁ। ଭାରତରେ ପାଣିପାଗରେ ପାକିସ୍ଥାନ ପଟ ବଡ଼ ଭୂମିକା ରହିଛି। ବଙ୍ଗୋପସାଗରରୁ ପାକିସ୍ଥାନ ପଟ ମଧରେ ଥିବା ସରଳ ରେଖା ଭାରତରେ ଗରମ ଥଣ୍ଡାର ଏକ ଗତିପଥ। ଶୀତ ଦିନେ ବାୟୁକୋଣରୁ ଥଣ୍ଡାପବନ ପାକିସ୍ଥାନ ପଟୁ ହିଁ ବହେ। ୧୯୯୯ ମହାବାତ୍ୟାର ତାଣ୍ଡବ ଏହି ପାକିସ୍ଥାନ ପଟରୁ ଫେରିବା ପବନ ହିଁ ଓଡ଼ିଶାରେ କରାଇଥିଲା। ପବନଙ୍କ ପାଇଁ ସୀମା ନାହିଁ ପବନାଙ୍କ ପାଇଁ ମଧ ସୀମା ନାହିଁ ଏହି ପବନାମାନେ ରାତ୍ରୀଙ୍କ ଭିତରେ ହାତି କିଣିପାରନ୍ତି। ଦିଗପାଳ ଧାର୍ଯ୍ୟରେ ପବନର ସ୍ଥିତି ବାୟୁକୋଣରେ। ଏ ଅଣଚାଷ ଖଣ୍ଡ ଓ ସାତଦଳା ଦଳ ଦଳ ହୋଇ ତୁହାକୁ ତୁହା ଏମିତି ଆକ୍ରମଣରେ ଦିଗର ବହୁଦୂରରୁ ଆକ୍ରମଣରେ ଆସିଥାନ୍ତି।

ଅଭିମନ୍ୟୁଙ୍କୁ ସପ୍ତରଥି ଘେରି ମାରିବା ମହାଭାରତରେ ଲେଖାଅଛି। ଅଭିମନ୍ୟୁଙ୍କର ବାପା, ପାର୍ଥ, ମାମୁଁ ଶ୍ରୀକୃଷ୍ଣ ବଳରାମ ନିଜେ ୧୬ ବର୍ଷର ଯୁବକ ଚକ୍ର, ବିହ୍ୱଭେଦ କରିବା ପାଇଁ ସେ ଦ୍ରୋଣଙ୍କର ରଣକୌଶଳର ମୁକାବିଲାକୁ ଯାଇଥିଲେ। ଯାହାର ଭିତ୍ତିଭୂମି ପ୍ରଚାରରେ ମଝଭୂତ ବୁଝାପଡ଼େ ତାକୁ ଅନେକ ଭୟ କରନ୍ତି ଯେମିତି ଶାରୀରିକ ଶକ୍ତି ସାମର୍ଥ୍ୟ ବୁଦ୍ଧିବିଦ୍ୟା ସାମର୍ଥ୍ୟ, ରାଜଶକ୍ତିର ଦାୟିତ୍ୱରେ ରହିବା ପୁଣି ପଛରେ ଆଗରେ ବଳବାନ ମାନେ ରହିବା ଜଣାପଡ଼େ। ଏସବୁ ଅଭିମନ୍ୟୁଙ୍କର ଥିଲା ସେ ଏଇ ସପ୍ତରଥି ତାଙ୍କୁ ବିଭିନ୍ନ ଦିଗରୁ କଲବଲ କରି ହତ୍ୟା କରିଥିଲେ। ହୁଏତ ଏହି ବାୟୁମଣ୍ଡଳୀୟ ବିଦ୍ୟା ସମ୍ବନ୍ଧରେ ଏଥିରେ ଚେତେଇ ଦିଆଯାଇଛି। ୪୯ଟି ଶକ୍ତିର ୭ଗୋଷ୍ଠୀ ହିଁ ସପ୍ତରଥି। ବାୟୁମାନେ ସ୍ଥିର ନୁହଁନ୍ତି, ଚୌକୀ ଦେଉଥିବା ସେନାମାନେ ଏକ ସ୍ଥାନରେ ବାରମ୍ବାର ଏକ ନିର୍ଦ୍ଧିଷ୍ଟ ସ୍ଥାନରେ ରହିନି ସର୍ବଦା ଚକ୍ର ଆକାରରେ ଗତି କରୁଥାନ୍ତି। ଫଳରେ ଏକ ଅସ୍ତ୍ରଧାରୀ ବହୁ ପ୍ରକାର ଅସ୍ତ୍ରଧରଙ୍କୁ ନିର୍ଦ୍ଧିଷ୍ଟ ଦିଗରୁ ଆକ୍ରମଣ କେମିତି ପ୍ରତିହତ କରିବ। ଭାରତର ବାୟବୀୟମାନେ ଏପରି ବହୁ ପ୍ରକାର ଆକ୍ରମଣ ବେଳକୁ ନୂଆ ନୂଆ ପଦ୍ଧତିରେ କରି ଆସୁଛନ୍ତି ଇତିହାସ ଦେଖିଲେ ବହୁ ପ୍ରାଚୀନରୁ ଏ ପର୍ଯ୍ୟନ୍ତ ବହୁ ହାନିକର ଆକ୍ରମଣ ଏହି ବାୟବୀୟମାନେ କରି ଆସୁଛନ୍ତି। ଏମାନେ ଦିତିଙ୍କର ପୁତ୍ର ଦୈତ୍ୟ, ଦୈତ୍ୟ ନିୟମରେ କେବେ ରହିଛନ୍ତି ଏମିତି କିଛି ପ୍ରମାଣ ଶାସ୍ତ୍ରରେ ବି ନାହିଁ। ଲୁଟତରାଜ ରକ୍ତପାତ କରି ଅନ୍ୟର ସ୍ୱହରଣ ତାଟର ଜୀବିକା, ଏ ପାଇଁ ମାୟାଯୁଦ୍ଧ, ଖଣ୍ଡ ଯୁଦ୍ଧର, ଆଶ୍ରୟ ଏମାନେ ନିଅନ୍ତି। କଶ୍ୟପ ଭୂମି ହେଉଛି କାଶ୍ମୀର। କଶ୍ୟପଙ୍କର ଅନେକ ପତ୍ନୀ ଏ ମଧରେ ଦିତି ଅଦିତି ଦୁଇଜଣ। ଦିତିଙ୍କ ପୁତ୍ରମାନେ ପିତୃ ଭୂମିକୁ ପୂର୍ଣ୍ଣ ଉପଭୋଗ ଚିନ୍ତାରେ ରହିଆସିଛନ୍ତି। ଅଦିତିଙ୍କ ପୁତ୍ର ଆଦିଦ୍ୟ ଏ ପୂର୍ବଦିଗ ଅଧିପତି ଦିଗପାଳରେ ସୂର୍ଯ୍ୟ ଉଦୟ ପଟର ମାଲିକ ଇନ୍ଦ୍ର ମେଘ ବା ବର୍ଷା ସବୁ ଦିନେ ସମ୍ଭବ ନୁହେଁ। ହେଲେ ବର୍ଷା ଋତୁରେ ବର୍ଷର ବେଗ ରୋକିବା କ୍ଷମତା କାହାରି ହୋଇନାହିଁ। ଇନ୍ଦ୍ରଙ୍କ ବଜ୍ରାଘାତ ଭୟରେ ତଥା କେ ବାୟବୀୟ କନ୍ଦରାରେ ଲଉଚନ୍ତି। କନ୍ଦରାରେ ଲୁଚି ଆସିଛନ୍ତି ଏବେ ବି ଲୁଚୁଛନ୍ତି। ରାଜନୀତିରେ ଘୋଡ଼ା ବେପାର ଏବେ ଅଛି। ଠିକ ଭୋଟର ପୂର୍ବ ଦିନେ ଦୁଇଦିନ ପୂର୍ବରୁ ମୋଦକ ବାଣ୍ଟି ଲୋକଙ୍କୁ ଭାଙ୍ଗ ମୋଦକ ବାଣ୍ଟି ଭୋଟ ହାସଲ କରାଯାଉଛି। ଏକ ଦଳ ମ୍ୟାଜିକ ନମ୍ବରରେ ନ ଆସିଲେ ସଂଖ୍ୟାରେ କମ ଥିଲେ ଗରିଷ୍ଠତା ହାସଲ ପାଇଁ ଏପରି ଭାଙ୍ଗ ମୋଦକ ବା ସିଦ୍ଧି ମୋଦକ ବା ବିଜୟା ମୋଦକ ପ୍ରୟୋଗ ଏହି ଘୋଡ଼ା ବେପାରରେ କରାଯାଉଛି। ଏ ବାର ଅଶ୍ୱପତି ଏଇମାନେ ହେଲେଣି। କାରଣ ହର୍ସ ପାୱାର ହାସଲ ବିଦ୍ୟା ଏହି ବାୟବୀୟଙ୍କ ଯୋଗୁ ପୂର୍ବାଞ୍ଚଳ ରାଜ୍ୟରେ ହିଁ ଘଟୁଛି। ବଙ୍ଗ, ଉତ୍କଳ, ଆନ୍ଧ୍ର, ତାମିଲନାଡୁର ବାୟୁକୋଣ ଭାରତର ରାଜଧାନୀ, ଆହୁରି ବାୟୁକୋଣ ଏଇ ପାକିସ୍ଥାନ ପଟ ଦିଲ୍ଲୀ ରାଜଧାନୀର ଶାସକ ସରକାର ଏସବୁ ରାଜ୍ୟରେ ଅଶାନ୍ତି ସୃଷ୍ଟିକାରୀକୁ ପାକିସ୍ଥାନ ପଟ ବାୟୁ ବିକାର ଜଟିଳ ବାତ୍ୟାର କାରଣ ହୋଇ ଆସୁଛନ୍ତି। ସ୍ଥାୟୀ ସରକାର ରଖିବା ସମସ୍ୟାକୁ ସ୍ଥାୟୀ ନିର୍ମାଣ ରକ୍ଷା କରିବା ଏସବୁ ପଟରେ ସମସ୍ୟା। ବାୟୁ ପଟକୁ ଡରାଇ ରଖିବାକୁ ଅଗ୍ନିକୋଣ ପଟରେ ଆଗ୍ନେୟାସ୍ତ୍ରାଦି ନିର୍ମାଣ ନୂଆ ନୂଆ ଭାବରେ ଚାଲିଛି।


**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,**
**ମୋବାଇଲ୍: ୯୪୩୭୦୩୧୨୫୩**



# ହନିମୁନ ଟ୍ରିପ୍‌ରେ ସ୍ୱାମୀଙ୍କୁ ହତ୍ୟା

**ସ୍ତ୍ରୀ ଦେଇଥିଲା ସୁପାରୀ • ପ୍ରେମିକ ସହ ୪ ଗିରଫ • ରିମାଣ୍ଡରେ ଗଲେ ସୋନମ**

**ଲକ୍ଷ୍ନୌ, ୯।୬:** ହନିମୁନରେ ମେଘାଳୟ ଯାଇଥିବା ନବଦମ୍ପତି ନିଖୋଜ ଘଟଣାରେ ଆସିଛି ଟ୍ୱିଷ୍ଟ। ଘଟଣା ପଛର ସତ ଏବେ ସାମ୍ନାକୁ ଆସିଛି । ଗତ ମେ ୨୧ତାରିଖରେ ହନିମୁନ ପାଇଁ ମେଘାଳୟରେ ପହଞ୍ଚିଥିଲେ ଇନ୍ଦୋର ଦମ୍ପତି ରାଜା ରଘୁବଂଶୀ ଏବଂ ତାଙ୍କ ପତ୍ନୀ ସୋନମ । ୨୩ ତାରିଖରେ ଉଭୟେ ନିଖୋଜ ହୋଇଥିବା ଅଭିଯୋଗ ହୋଇଥିଲା। ଜୁନ ୨ ତାରିଖରେ ମିଳିଥିଲା ରାଜା ରଘୁବଂଶୀଙ୍କ ମୃତଦେହ । ପତ୍ନୀ ସୋନମଙ୍କର କିଛି ବି ଖୋଜ ଖବର ମିଳିନଥିଲା। ତେବେ ଆଜି ଏକ ନାଟକକୀୟ ଢଙ୍ଗରେ ମେଘାଳୟ ପୁଲିସ ରାଜାଙ୍କ ପତ୍ନୀ ସୋନମଙ୍କୁ ଉତ୍ତରପ୍ରଦେଶରେ ଟ୍ରେସ କରିବା ସହ ଗିରଫ କରିଛି। ସୋନମ ସୁପାରୀକିଲର ନିୟୋଜିତ କରି ସ୍ୱାମୀଙ୍କୁ ହତ୍ୟା କରିଥିବା ଜଣାପଡିଛି। ପୁଲିସ ସୋନମଙ୍କ ପ୍ରେମିକ ଓ ହତ୍ୟାରେ ସଂପୃକ୍ତ ୩ଜଣ ସୁପାରୀକିଲରଙ୍କୁ ଗିରଫ କରିଛି। ମେଘାଳୟ ପୁଲିସ ଏହି ମାମଲାର ଜୋରଦାର ଛାନଭିନ ଆରମ୍ଭ କରିଥିଲା। ଏହି ଦମ୍ପତିଙ୍କ ଗତିବିଧି କେମିତି ଥିଲା, ଜାଣିବା ପାଇଁ ନିକଟରେ ଥିବା ସମସ୍ତ ସିସିଟିଭି ଯାଞ୍ଚ କରାଯାଇଥିଲା । ପୁଲିସର ତଦନ୍ତ ପରେ ସୋନମ ହିଁ ଘଟଣା ପଛର ମାଷ୍ଟରମାଇଣ୍ଡ ବୋଲି ଜଣାପଡିଛି । ସୋନମ ନିଜ ସ୍ୱାମୀଙ୍କୁ ମାରିବାକୁ ସୁପାରୀ ଦେଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୁଲିସର ସୂଚନା ଅନୁସାରେ, ସୋନମର ରାଜ୍ କୁଶୱାହା ନାମକ ଜଣେ ଯୁବକ ସହ ସମ୍ପର୍କ ଥିଲା। ଯେଉଁଥିପାଇଁ ସେ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା । ସୁପାରୀକିଲରକୁ ଟଙ୍କା ଦେଇ ଏଭଳି ଷଡଯନ୍ତ୍ର ରଚିବା ସହ ନିଜେ ଗାୟବ ହୋଇଯାଇଥିଲା। ମେଘାଳୟ ଡିଜିପି ଇଦାଶିଶା ନୋନଗ୍ରାଙ୍ଗ କହିଛନ୍ତି, ଉତ୍ତରପ୍ରଦେଶ ଗାଜିପୁରରେ ସୋନମର ଲୋକେସନ ଟ୍ରେସ କରାଯାଇ ତାକୁ ଧରିବାରେ ସଫଳ ହୋଇଛୁ । ସୋନମ ପୁଲିସ ନିକଟରେ ଦୋଷ ସ୍ୱୀକାର କରିଛି। ଏହି ମାମଲାରେ ପୁଲିସ ସୋନମଙ୍କ ପ୍ରେମିକ ସମେତ ସମ୍ପୃକ୍ତ ଆଉ ୩ ଅଭିଯୁକ୍ତଙ୍କୁ ଧରିଛି । ରଘୁବଂଶୀଙ୍କୁ ହତ୍ୟା କରିବାକୁ ୩ ସୁପାରୀକିଲରଙ୍କ ସହାୟତା ନେଇଥିବା ନେଇ ସୋନମ ସ୍ୱୀକାର କରିଛି । ସେମାନଙ୍କ ମଧ୍ୟରୁ ଜଣଙ୍କୁ ଉତ୍ତରପ୍ରଦେଶ ଓ ଅନ୍ୟ ୨ ଜଣଙ୍କୁ ଇନ୍ଦୋର ଏସଆଇଟି ଗିରଫ କରିଛି। ଗିରଫମାନେ ହେଲେ ଆକାଶ ରାଜପୁତ, ବିକାଶ ଓରଫ ଭିକି ଓ ଆନନ୍ଦ। ପୂର୍ବରୁ ଜଣେ ଟୁରିଷ୍ଟ ଗାଇଡ୍ ଏହି ଦମ୍ପତିଙ୍କ ସହ ୩ଜଣଙ୍କୁ ଦେଖିଥିବା ବୟାନ ଦେଇଥିଲେ। ସମସ୍ତେ ହିନ୍ଦୀ କହୁଥିବାରୁ ଲୋକାଲ ଲୋକ ହୋଇନଥିବା ଜଣାପଡିଥିଲା। ଏସବୁ ତଥ୍ୟପ୍ରମାଣ ,ସିସିଟିଭି ଫୁଟେଜ ଓ ମୋବାଇଲ ଲୋକେସନ ଆଧାରରେ ପୋଲିସ ଅପରାଧୀ ପାଖରେ ପହଞ୍ଚିଛି । ସେପଟେ ସୋନମ ମଧ୍ୟ ପୂର୍ବ ଉତ୍ତରପ୍ରଦେଶ ଗାଜିପୁର ଜିଲ୍ଲା ନନ୍ଦଗଞ୍ଜ ପୁଲିସ ଥାନାରେ ଆତ୍ମସମର୍ପଣ କରିଛି । ଏହି ଘଟଣାରେ ଉଭୟ ପରିବାର ସିବିଆଇ ତଦନ୍ତ ପାଇଁ ଦାବି କରିଛନ୍ତି। ସୋନମଙ୍କ ବାପା ତାଙ୍କ ଝିଅ ନିର୍ଦ୍ଦୋଷ ବୋଲି କହିଛନ୍ତି। ସୋନମଙ୍କ ଗିରଫ ପରେ ଶିଲଂ ପୁଲିସ ଜିଲ୍ଲା ଜଜ କୋର୍ଟରେ ତାଙ୍କୁ ହାଜର କରିଥିଲେ। କୋର୍ଟ ସୋନମଙ୍କୁ ତିନିଦିନିଆ ଟ୍ରାଞ୍ଜିଟ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି।

# ସିଙ୍ଗାପୁର ଜାହାଜରେ ବିସ୍ଫୋରଣ



**କୋଚି, ୯।୬:** ଆଜି ସକାଳେ କେରଳ ଉପକୂଳରେ ସିଙ୍ଗାପୁରର କଣ୍ଟେନର ଜାହାଜ ଏମଭି ୱାନ ହେ ୫୦୩ ରେ ଏକ ବଡ଼ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି। ମୁମ୍ବାଇ ସ୍ଥିତ ମେରାଇନ୍ ଅପରେସନ୍ସ ସେଣ୍ଟର ପକ୍ଷରୁ ମିଳିଥିବା ସୂଚନା ମୁତାବକ ସକାଳ ପ୍ରାୟ ୧୦ଟା ୩୦ମିନିଟ ସମୟରେ ଏହି ବିସ୍ଫୋରଣ ଘଟିଛି । ୨୭୦ ମିଟର ଲମ୍ବା ଜାହାଜ ଏମଭି ୱାନ ହେ ୫୦୩ ଜୁନ୍ ୭ ତାରିଖରେ କଲମ୍ବୋରୁ ବାହାରିଥିଲା ଏବଂ ଜୁନ୍ ୧୦ ତାରିଖରେ ମୁମ୍ବାଇରେ ପହଞ୍ଚିବା ଆଶା କରାଯାଉଥିଲା। ପ୍ରାପ୍ତ ସୂଚନା ଅନୁଯାୟୀ, ଜାହାଜର ତଳ ଡେକ୍ ରେ ବିସ୍ଫୋରଣ ଘଟିଥିଲା। ଘଟଣା ସମୟରେ ଜାହାଜଟି କେରଳ ଉପକୂଳ ନିକଟରେ ସମୁଦ୍ରରେ ଥିଲା। ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ। ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି, ଭାରତୀୟ ନୌସେନା ତୁରନ୍ତ ସେଠାରେ ପହଞ୍ଚିଲା। ଜାହାଜକୁ ତୁରନ୍ତ ସହାୟତା ଦେବା ପାଇଁ କୋଚିରେ ଥିବା ଆଇଏନଏସ ସୁରତକୁ ଘଟଣାସ୍ଥଳକୁ ପଠାଯାଇଛି। ଏହା ସହିତ, ନୌସେନା ପକ୍ଷରୁ କୋଚିର ଆଇଏନଏସ ଗରୁଡ଼ରୁ ଏକ ଡୋର୍ନିୟର ବିମାନ ପଠାଇବାକୁ ଯୋଜନା କରାଯାଉଛି, ଯାହା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ମୂଲ୍ୟାଙ୍କନ କରିବ ଏବଂ ଆବଶ୍ୟକ ସମନ୍ୱୟ ଯୋଗାଇବ। ଜାହାଜରେ ୨୨ ଜଣ କ୍ରୁ ମେମ୍ବର ଥିବା ବେଳେ ୪ଜଣ ନିଖୋଜ ଥିବା ଜଣାପଡିଛି। ନିଖୋଜଙ୍କ ଭିତରେ ୨ଜଣ ତାଇୱାନ ନାଗରିତ, ଜଣେ ମିଆଁମାର ଓ ଜଣେ ଇଣ୍ଡୋନେସିଆ ନାଗରିକ ରହିଛନ୍ତି। ଅନ୍ୟ ୧୮ଜଣ କ୍ରୁ ମେମ୍ବରଙ୍କୁ ଉଦ୍ଧାର କରାଯାଇଛି। ଜଣେ ଗୁରୁତର ଆହତ ଅଛନ୍ତି।

# ଗୁଜରାଟ ହାଇକୋର୍ଟକୁ ବୋମା ଧମକ

**ଅହମଦାବାଦ, ୯।୬:** ସୋମବାର ଗୁଜରାଟ ହାଇକୋର୍ଟକୁ ଇମେଲ ମାଧ୍ୟମରେ ବୋମା ଧମକ ମିଳିଛି। ଧମକ ମିଳିବା ପରେ ସତର୍କତା ମୂଳକ ମଧ୍ୟାହ୍ନ ଭୋଜନ ପରେ କୋର୍ଟ କାର୍ଯ୍ୟକୁ ହଠାତ୍ ସ୍ଥଗିତ ରଖାଯାଇ ପରିସରକୁ ତୁରନ୍ତ ଖାଲି କରାଯାଇଥିଲା। ଡେପୁଟି ପୁଲିସ କମିଶନର ସଫିନ ହସନ କହିଛନ୍ତି ଯେ ପ୍ରାରମ୍ଭିକ ଯାଞ୍ଚ ସମୟରେ କୌଣସି ବିସ୍ଫୋରକ ମିଳିନଥିଲେ ମଧ୍ୟ ବୋମା ନିଷ୍କ୍ରିୟକାରୀ ଏବଂ ଡଗ ସ୍କ୍ୱାଡ ଦ୍ୱାରା ସଂପୂର୍ଣ୍ଣ ସନ୍ଧାନ ଆରମ୍ଭ କରାଯାଇଛି। ସାଇବର ସେଲ୍‌କୁ ଇମେଲର ଉତ୍ସ ଖୋଜିବା ପାଇଁ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ଜରୁରୀକାଳୀନ ପ୍ରୋଟୋକଲ୍ ସକ୍ରିୟ କରାଯାଇଥିଲା, ସମସ୍ତ ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥାନକୁ ସିଲ୍ କରାଯାଇଥିଲା। ସାଧାରଣ ପ୍ରବେଶକୁ ସ୍ଥଗିତ କରାଯାଇଥିଲା, ଏବଂ ସୁରକ୍ଷା କର୍ମୀମାନେ ପରିସରରେ ଯାଞ୍ଚ କରିବା ସମୟରେ ଯାନବାହାନ ଏବଂ ବ୍ୟକ୍ତିବିଶେଷଙ୍କର ସମ୍ପୂର୍ଣ୍ଣ ଯାଞ୍ଚ କରାଯାଇଥିଲା। ରେଜିଷ୍ଟ୍ରାର ଜେନେରାଲଙ୍କ ଦ୍ୱାରା ଜାରି ଏକ ନୋଟିସରେ କୁହାଯାଇଛି। ଅନିବାର୍ଯ୍ୟ ପରିସ୍ଥିତି ଯୋଗୁଁ ମଧ୍ୟାହ୍ନ ଭୋଜନ ପରେ କୋର୍ଟଗୁଡ଼ିକର କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। କୋର୍ଟଗୁଡ଼ିକୁ ଓକିଲମାନଙ୍କୁ ଜଣାଇବାକୁ ଅନୁରୋଧ କରାଯାଇଛି ଯେ ସେମାନେ ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟ କରୁନାହାଁନ୍ତି ଏବଂ ସମଗ୍ର କୋର୍ଟ ପରିସରର ସୁରକ୍ଷା ଯାଞ୍ଚ ଆବଶ୍ୟକ ହୋଇଥିବାରୁ ସମସ୍ତଙ୍କୁ ଯଥାଶୀଘ୍ର ପରିସର ଛାଡିବାକୁ ପଡିବ।

# ସୁକମାରେ ଆଇଇଡି ବିସ୍ଫୋରଣ




**ରାୟପୁର, ୯।୬:** ଛତିଶଗଡ଼ର ସୁକମା ଜିଲ୍ଲାର କୋଣ୍ଟା ଅଞ୍ଚଳରେ ଆଇଇଡି ବିସ୍ଫୋରଣ ଘଟିଛି। ମାଓବାଦୀଙ୍କ ଦ୍ୱାରା କରାଯାଇଥିବା ଆଇଇଡି ବିସ୍ଫୋରଣରେ ଅତିରିକ୍ତ ଏସପି ଆକାଶ ରାଓ ଗିରପୁଞ୍ଜେ ସହିଦ ହୋଇଛନ୍ତି। ଅନ୍ୟ ଦୁଇ ଜଣ ପୁଲିସ ଅଧିକାରୀ ଆହତ ହୋଇଛନ୍ତି। ଘଟଣା ପରେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଆକାଶ ରାଓ ଗିରପୁଞ୍ଜେଙ୍କ ସହିଦ ହେବା ପରେ ସମଗ୍ର ପୁଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି। ବିସ୍ଫୋରଣରେ କୋଣ୍ଟା ପୁଲିସ ଷ୍ଟେସନ ଇନଚାର୍ଜ (ଟିଆଇ) ଓ ଏସଡିପିଓ ମଧ୍ୟ ଆହତ ହୋଇଛନ୍ତି । ଏବେ ସେମାନଙ୍କ ଚିକିତ୍ସା ଚାଲିଛି। ପୁଲିସ ଦଳ ପାଟ୍ରୋଲିଂରେ ବାହାରିବା ବେଳେ କୋଣ୍ଟା ପୁଲିସ ଷ୍ଟେସନ ଅଞ୍ଚଳରେ ଏହି ଘଟଣା ଘଟିଛି। ପୁଲିସ ଏବଂ ସୁରକ୍ଷା ବାହିନୀ ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଛନ୍ତି।

# ତାତିରେ ତିନିଦିନ ଜଳିବେ ଦିଲ୍ଲୀବାସୀ

**ଅରେଞ୍ଜ ୱାର୍ଣ୍ଣିଂ ଜାରି**



**ନୂଆଦିଲ୍ଲୀ, ୯।୬:** କଲବଲ କରିବ ତାତି । ଆଗାମୀ ତିନି ଦିନ ତ୍ରାହି ତ୍ରାହି ଡାକିବେ ଦିଲ୍ଲୀବାସୀ। ପ୍ରବଳ ଗରମ ଓ ଗୁଳୁଗୁଳି ସହ ତାତିରେ ଭାଜି ହେବ ଦିଲ୍ଲୀ। ଜୁନରେ ଜଳୁଛି ଦିଲ୍ଲୀ, ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଜୀବନ ଅସ୍ତବ୍ୟସ୍ତ ହେଉଥିବା ବେଳେ ଆଗାମୀ ୩ ଦିନ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ଆଗାମୀ ୩ ଦିନ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି। ଏଥିସହ ଦିନର ତାପମାତ୍ରା ୪୫ ଡିଗ୍ରୀ ଡେଇଁବା ନେଇ ଅନୁମାନ କରାଯାଉଛି। ତେବେ ଏହି ୩ ଦିନ ମଧ୍ୟରେ ଅସହ୍ୟ ଗୁଳୁଗୁଳି ମଧ୍ୟ ହେବ ଯାହା ଜନଜୀବନକୁ ପ୍ରଭାବିତ କରିପାରେ। ଗତକାଲି ରାତିରେ ଦିଲ୍ଲୀରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇଥିବା ବେଳେ ଏହା ଆଗକୁ ମଧ୍ୟ ଜାରି ରହିବ। ସେପଟେ ସକାଳ ହେଉ ହେଉ ଖରା ନାଲିଆଖି ଦେଖାଉଥିବା ବେଳେ ସକାଳ ସାଢେ ୫ଟା ସୁଦ୍ଧା ତାପମାତ୍ରା ୩୨ ଡିଗ୍ରୀ ଥିବା ରେକର୍ଡ କରାଯାଇଛି । ମୌସୁମୀ ବର୍ଷାର ଅନ୍ତରାଳେ ପୁଣି ତାତି ଫେରିଥିବା ବେଳେ ନାଲି ଆଖି ଦେଖାଉଛି ଖରା । ପ୍ରବଳ ତାତି ଓ ଅସହ୍ୟ ଗରମ ଭିତରେ ଅଣନିଶ୍ୱାସୀ ହେଉଛନ୍ତି ରାଜଧାନୀବାସୀ। ଦିନରେ ଗରମ ରାତି ହେଲେ ଗୁଳୁଗୁଳିରେ ଆଉଟୁ ପାଉଟୁ ହେଉଛନ୍ତି ଲୋକେ । ଗତକାଲି ଦିଲ୍ଲୀରେ ତାପମାତ୍ରା ରେକର୍ଡ ଭାଙ୍ଗିଥିଲା। ଜୁନ ମାସରେ ପ୍ରଥମ ଥର ପାଇଁ ୪୦ ଡିଗ୍ରୀ ଉପରେ ରହିଥିଲା ତାପମାତ୍ରା। ଆୟା ନଗରରେ ସାର୍ବାଧିକ ୪୪.୧ ଡିଗ୍ରୀ , ଲୋଡି ରୋଡରେ ୪୨.୩ ଡିଗ୍ରୀ ଏବଂ ଅନ୍ୟାନ୍ୟ ସ୍ଥାନରେ ୪୦ରୁ ୪୨ ଡିଗ୍ରୀ ଭିତରେ ରହିଥିଲା ତାପମାତ୍ରା । ଖାଲି ଦିଲ୍ଲୀ ନୁହେଁ ଉତ୍ତରପ୍ରଦେଶରେ ବି ପ୍ରବଳ ତାତି ଅନୁଭୂତ ହୋଇଛି । ଆଗ୍ରା, ଝାନସୀରେ ତାପମାତ୍ରା ୪୫ ଡିଗ୍ରୀ ପାଖାପାଖି ଥିବାବେଳେ ୨୩ ଜିଲ୍ଲାର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ସେପଟେ ଜମ୍ମୁରେ ବି ପ୍ରବଳ ତାତି ଦେଖାଦେଇଛି ।

# ବାୟୁସେନାରେ ସାମିଲ ହେବ ହାଇଟେକ ସ୍ପାଏ ପ୍ଲେନ

**ନୂଆଦିଲ୍ଲୀ, ୯।୬:** ଅପରେଶନ ସିନ୍ଦୂର ପରେ ଭାରତ ଆଉ ଏକ ବଡ଼ ନିଷ୍ପତ୍ତି ନେଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁସେନା ପାଇଁ ୧୦ କୋଟି ଟଙ୍କା ମୂଲ୍ୟରେ ୩ଟି ହାଇ-ଟେକ ସ୍ପାଏ ପ୍ଲେନ କିଣିବାକୁ ପ୍ରସ୍ତୁତ ହେଉଛି। ଏଥିପାଇଁ ଏକ ପ୍ରସ୍ତାବ ଆଣିବାକୁ ଯାଉଛି। ବାୟୁସେନା ଏହା ମାଧ୍ୟମରେ ଶତ୍ରୁର ସଠିକ ସ୍ଥିତି ଜାଣିପାରିବ। ଆଇ-ଷ୍ଟାର (ଇଣ୍ଟେଲିଜେନ୍ସ, ସର୍ଭିଲାନ୍ସ, ଟାର୍ଗେଟ ଆକ୍ୱିଜିସନ ଏବଂ ରିକୋନାଇସାନ୍ସ) ପ୍ରକଳ୍ପ ସେନାର କାମକୁ ସହଜ କରିବ। ଆଇ-ଷ୍ଟାର ସେନାକୁ ଏୟାର-ଟୁ-ଗ୍ରାଉଣ୍ଡ ନିରୀକ୍ଷଣ ପ୍ରଦାନ କରେ। ଏହା ଆକ୍ରମଣ ସମୟରେ ଶତ୍ରୁ ବିଷୟରେ ସଠିକ ସୂଚନା ପ୍ରଦାନ କରିବ ଏବଂ ଯେକୌଣସି ଅପରେଶନ ସମୟରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଭାରତୀୟ ବାୟୁସେନା ଆକାଶରୁ ଭୂମିକୁ ଏକ ସ୍ପଷ୍ଟ ଚିତ୍ର ପାଇପାରିବ ଏବଂ ଏହା ସହଜରେ ଶତ୍ରୁର ଭୂମି ଲକ୍ଷ୍ୟସ୍ଥଳ (ଯେପରିକି ରାଡାର ଷ୍ଟେସନ, ଏୟାର ଡିଫେନ୍ସ ୟୁନିଟ) ଉପରେ ଆକ୍ରମଣ କରିପାରିବ। ସେନାର ଏହି ପ୍ରକଳ୍ପକୁ ଜୁନ ଚତୁର୍ଥ ସପ୍ତାହରେ ଅନୁମୋଦନ ମିଳିପାରେ। ପ୍ରତିରକ୍ଷା ଅଧିକାରୀମାନେ କହିଛନ୍ତି ଯେ, ଗୁପ୍ତଚର, ନିରୀକ୍ଷଣ, ଲକ୍ଷ୍ୟ ହାସଲ ଏବଂ ପରୀକ୍ଷଣ ଆଇ-ଷ୍ଟାର) ପାଇଁ ୧୦,୦୦୦ କୋଟି ଟଙ୍କାର ପ୍ରକଳ୍ପ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ ବୈଠକରେ ଅନୁମୋଦନ ପାଇଁ ରଖାଯିବ।

**• ଭାରତର ସର୍ତ୍ତ**

# ଆତଙ୍କବାଦ ବନ୍ଦ ହେଲେ ପାଣି ଛାଡ଼ିବୁ

**ନୂଆଦିଲ୍ଲୀ, ୯।୬ :** ଭାରତ ପକ୍ଷରୁ ସିନ୍ଧୁ ଜଳବଣ୍ଟନ ଚୁକ୍ତିକୁ ସ୍ଥଗିତ ରଖାଯିବା ପରେ ପାକିସ୍ତାନର ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ପାଣି ଛାଡ଼ିବାକୁ ପାକିସ୍ତାନ ବାରମ୍ବାର ଭାରତକୁ ପତ୍ର ଲେଖି ଅନୁରୋଧ କରିଚାଲିଛି। କିନ୍ତୁ ଭାରତ ଏଥିପ୍ରତି କର୍ଣ୍ଣପାତ କରୁନାହିଁ। ଏନେଇ ଭାରତ ପକ୍ଷରୁ ଏକ ସର୍ତ୍ତ ରଖାଯାଇଛି। ପାକିସ୍ତାନର ଜଳସମ୍ପଦ ସଚିବ ସୟଦ ଅଲି ମୁର୍ତାଜା ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ ରଖିବା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଭାରତକୁ ବାରମ୍ବାର ଅନୁରୋଧ କରିଛନ୍ତି। ଭାରତୀୟ ପ୍ରତିପକ୍ଷ ଦେବଶ୍ରୀ ମୁଖାର୍ଜୀଙ୍କୁ ଅନେକ ଚିଠି ଲେଖି ସୟଦ ଅଲି ମୁର୍ତାଜା ନୂଆଦିଲ୍ଲୀ ଦ୍ୱାରା ଉଠାଯାଇଥିବା ନିର୍ଦ୍ଦିଷ୍ଟ ଆପତ୍ତି ଉପରେ ଆଲୋଚନା କରିବାକୁ ତାଙ୍କ ସରକାର ବାରମ୍ବାର ଇଚ୍ଛୁକତା ପ୍ରକାଶ କରିଛନ୍ତି। ଭାରତ ପାକିସ୍ତାନର କୌଣସି ଚିଠିର ଉତ୍ତର ଦେଇନାହିଁ। ଭାରତ କହିଛି ଯେ ଆତଙ୍କବାଦ ସମ୍ପର୍କରେ ନୂଆଦିଲ୍ଲୀ ଚିନ୍ତାର ସମାଧାନ ନହେବା ଏବଂ ଚୁକ୍ତିନାମାକୁ ସମ୍ପୂର୍ଣ୍ଣଭାବେ ବଦଳା ନ ଯିବା ପର୍ଯ୍ୟନ୍ତ ଏହା ପଡ଼ୋଶୀ ଦେଶ ସହିତ କୌଣସି ପ୍ରକାରେ ଆଲୋଚନା କରିବ ନାହିଁ। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ୧୯୬୦ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିଥିଲା। ଏହି ଆକ୍ରମଣରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ। ମୁଖାର୍ଜୀ ଏହି ନିଷ୍ପତ୍ତି ବିଷୟରେ ପାକିସ୍ତାନକୁ ଆନୁଷ୍ଠାନିକ ଭାବରେ ଅବଗତ କରାଇଥିଲେ।

**ମୋଦି ସରକାରଙ୍କ ୧୧ ବର୍ଷ ପୂର୍ତ୍ତି**

# ସ୍ୱର୍ଣ୍ଣ ଅକ୍ଷରରେ ହେବ ଲିପିବଦ୍ଧ: ନଡ୍ଡା



**ନୂଆଦିଲ୍ଲୀ, ୯।୬:** କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ଉପଲବ୍ଧ ରଖିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା । ଦିଲ୍ଲୀ ସ୍ଥିତ ପାର୍ଟି ମୁଖ୍ୟାଳୟରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଦେଶର ରାଜନୈତିକ ସଂସ୍କୃତିକୁ ବଦଳାଇ ଏକ ନୂଆ ଯୁଗ ଆରମ୍ଭ କରିଛନ୍ତି। ଯାହା ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହେବ। ଏଠି ତୁଷ୍ଟୀକରଣ ସ୍ଥାନ ନେଇଛି ଉତ୍ତରଦାୟୀ, ପାରଦର୍ଶିତା ଓ ବିକାଶ। ନରେନ୍ଦ୍ର ମୋଦି ସରକାର କଠୋର ନିଷ୍ପତ୍ତି ନେବା ଓ ଆର୍ଥିକ ଅନୁଶାସନ ଆଣିବା ସରକାର ବୋଲି ନଡ୍ଡା କହିଛନ୍ତି। ନଡ୍ଡା କହିଛନ୍ତି, ୧୧ ବର୍ଷ ପୂର୍ବେ ଦେଶରେ ତୁଷ୍ଟୀକରଣ ରାଜନୀତି ଦେଖିବାକୁ ମିଳୁଥିଲା । କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଏହାକୁ ବଦଳାଇ ଉତ୍ତରଦାୟୀର ରାଜନୀତି ଓ ରିପୋର୍ଟ କାର୍ଡ ରାଜନୀତି ଆରମ୍ଭ କରିଛନ୍ତି। ସେ ଜୋର ଦେଇ କହିଛନ୍ତି ଯେ ମୋଦି ସରକାର ନ୍ୟୁ ନର୍ମଲ ଓ ନ୍ୟୁ ବ୍ୟବସ୍ଥା ସ୍ଥାପନ କରିଛନ୍ତି। ଏହା ଏପରି ଏକ ସରକାର ଯିଏ ଭବିଷ୍ୟତକୁ ଦେଖି ଚାଲେ । ପୂର୍ବ ସରକାର ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଥିଲେ ଓ ତୁଷ୍ଟୀକରଣରେ ବିଶ୍ୱାସ କରୁଥିଲେ। କିନ୍ତୁ ଆମେ ନକାରାତ୍ମକରୁ ସକାରାତ୍ମକ ଆଡ଼କୁ ପାଦ ବଢାଇଛୁ। ଆଜି ଭାରତର ସାଧାରଣ ନାଗରିକଙ୍କ ବିଶ୍ୱାସ ଯେ ମୋଦି ହେ ତୋ ମୁମକିନ୍ ହେ। ଏହାସହ ସରକାରଙ୍କ ତିନି ପ୍ରମୁଖ ଉପଲବ୍ଧି ଉପରେ ଆଲୋକପାତ କରିଛନ୍ତି, ବିକାଶ, ଆବିଷ୍କାର ଓ ନବସୃଜନ। ସେ କହିଛନ୍ତି, ଆମ ନୀତିରେ ପର୍ଫର୍ମ, ରିଫର୍ମ ଓ ଟ୍ରାନ୍ସଫର୍ମର ମନ୍ତ୍ର ଦେଖାଯାଏ। ଆମେ ସବକା ସାଥ୍, ସବକା ବିଶ୍ୱାସ, ସବକା ପ୍ରୟାସର ନୀତିକୁ ଆପଣାଇଛୁ ।

**• ବେଙ୍ଗାଲୁରୁ ଦଳାଚକଟା ମାମଲା**

# ହାଇକୋର୍ଟରେ ଜବାବ ରଖିଲା ଇଭେଣ୍ଟ ମ୍ୟାନେଜମେଣ୍ଟ



**ବେଙ୍ଗାଲୁରୁ, ୯।୬:** ବେଙ୍ଗାଲୁରୁସ୍ଥିତ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ବାହାରେ ଦଳାଚକଟା ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ଆରସିବି ଦଳ ସମେତ ୪ଟି ଦଳ/ସଂଗଠନ ବିରୋଧରେ ମାମଲା ରୁଜୁ ହୋଇଛି। ଏବେ ରୟାଲ ଚ୍ୟାଲେଞ୍ଜର୍ସ ଓ ଇଭେଣ୍ଟ ମ୍ୟାନେଜମେଣ୍ଟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ହାଇକୋର୍ଟରେ ଆବେଦନ କରି ଇଭେଣ୍ଟ ମ୍ୟାନେଜମେଣ୍ଟ ଡିଏନଏ ଏଣ୍ଟରଟେନମେଣ୍ଟ ନେଟୱାର୍କସ କହିଛି, କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସସିଏ) ଏବଂ ପୁଲିସ ଅଧିକାରୀଙ୍କ ସହିତ ପରାମର୍ଶ କରିବା ପରେ ହିଁ ବିଜୟ ପରେଡ୍ କରିବାକୁ ଘୋଷଣା କରାଯାଇଥିଲା। ଏଥିସହିତ ଆରସିବି ପକ୍ଷରୁ କରାଯାଇଥିବା ପୋଷ୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା କି ଯେଉଁମାନେ ବେଙ୍ଗାଲୁରୁ ଦଳର ସରକାରୀ ୱେବସାଇଟରେ ପଞ୍ଜିକରଣ କରିଥିବେ ସେମାନଙ୍କୁ ହିଁ ଭିତରକୁ ପ୍ରବେଶ କରିବାରର ଅନୁମତି ଦିଆଯିବ। ଆରସିବି ଦଳକୁ ମୌଖିକ ଭାବରେ ଜଣାଇ ଦିଆଯାଇଥିଲା ଯେ ବେଙ୍ଗାଲୁରୁ ପୁଲିସ ବିଜୟ ପରେଡ୍ କାର୍ଯ୍ୟକ୍ରମକୁ ବାତିଲ କରିଦେଇଛି। ଏହା ମଧ୍ୟ କୁହାଯାଇଥିଲା ଯେ ମୁଖ୍ୟମନ୍ତ୍ରୀ ସିଦ୍ଧରାମୈୟା ବିଧାନ ସୌଧରେ ବେଙ୍ଗାଲୁରୁ ଦଳକୁ ସମ୍ମାନିତ କରିବାକୁ ଯୋଜନା କରିଛନ୍ତି। ଆବେଦନରେ କୁହାଯାଇଛି ଯେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରାମୈୟା ଦଳର ସମ୍ବର୍ଦ୍ଧନା ସମାରୋହକୁ ଲୋକଙ୍କୁ ନିମନ୍ତ୍ରଣ କରିଥିଲେ। ପ୍ରମାଣ ସ୍ୱରୂପ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଟ୍ୱିଟ୍ ଉପସ୍ଥାପନ କରିଛି।

# ପରିବାର ସହ କଥା ହୋଇପାରିବ ରାଣା



**ନୂଆଦିଲ୍ଲୀ, ୯।୬:** ଦିଲ୍ଲୀର ପଟିଆଲା ହାଉସ କୋର୍ଟ ୨୬/୧୧ ଆତଙ୍କବାଦୀ ଆକ୍ରମଣ ଅଭିଯୁକ୍ତ ତହବୁର ହୁସେନ ରାଣାଙ୍କୁ ନିଜ ପରିବାର ସହିତ ଫୋନରେ କଥା ହେବାକୁ ଅନୁମତି ଦେଇଛନ୍ତି। ରାଣା ଏ ନେଇ ପଟିଆଲା ହାଉସ କୋର୍ଟରେ ଏକ ଆବେଦନ କରିଥିଲା। ଅନ୍ୟପକ୍ଷରେ କୋର୍ଟ ସୋମବାର ଠାରୁ ୧୦ ଦିନ ମଧ୍ୟରେ ରାଣାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏକ ନୂତନ ରିପୋର୍ଟ ମଧ୍ୟ ମାଗିଛନ୍ତି। ଦିଲ୍ଲୀର ପଟିଆଲା ହାଉସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଚନ୍ଦର ଜିତ ସିଂହ ରାଣାଙ୍କୁ କେବଳ ଥରେ ପରିବାର ସହିତ କଥା ହେବାକୁ ଅନୁମତି ଦେଇଛନ୍ତି। ବିଚାରପତି କହିଛନ୍ତି ଯେ ଏହି କଲ୍ ଜେଲ ମାନୁଆଲ୍ ଅନୁଯାୟୀ ହେବ ଏବଂ ତିହାର ଜେଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହା ଉପରେ ନଜର ରଖାଯିବ। କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କୁ ରାଣାକୁ ନିୟମିତ ଫୋନ୍ କଲ୍ କରିବାକୁ ଅନୁମତି ଦିଆଯିବା ଉଚିତ କି ନାହିଁ ସେ ବିଷୟରେ ସେମାନଙ୍କର ମତ ସ୍ପଷ୍ଟ ଉଲ୍ଲେଖ ଥିବା ଏକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦାବି କରାଯାଉଛି ଯେ ତହବୁର ରାଣା ନିଜ କନସଲଟାନ୍ସି ସଂସ୍ଥାରେ ଡେଭିଡ୍ ହେଡଲିକୁ ମଧ୍ୟ ନିଯୁକ୍ତି ଦେଇଥିଲା। ଡେଭିଡ୍ ହେଡଲି ଏହି ଫାର୍ମର ମୁମ୍ବାଇ ଶାଖାର କାମ ପାଇଁ ମୁମ୍ବାଇ ଆସିଥିଲା ଏବଂ ଲସ୍କର-ଏ-ତୈବାର ଆତଙ୍କବାଦୀ ଆକ୍ରମଣର ଯୋଜନା ପ୍ରସ୍ତୁତି କରିବା ପାଇଁ ମୁମ୍ବାଇର ତାଜମହଲ ହୋଟେଲ ଏବଂ ଛତ୍ରପତି ଶିବାଜୀ ଟର୍ମିନସ୍ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ରେକି କରିଥିଲା।

# ୩୩୦ ଅନୁପ୍ରବେଶକାରୀଙ୍କୁ ତଡିଛି: ହିମନ୍ତ ଶର୍ମା

**ଗୌହାଟି, ୯।୬:** ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି ଯେ ସରକାର ଗତ କିଛି ମାସ ମଧ୍ୟରେ ୩୩୦ ଜଣ ଅବୈଧ ପ୍ରବାସୀଙ୍କୁ ତଡି ଦେଇଛି।

ଆମେ ପ୍ରାୟ ୩୩୦ ଜଣଙ୍କୁ ଫେରାଇ ଦେଇଛୁ ଏବଂ ସେମାନଙ୍କ ମଧ୍ୟରୁ ଆଉ କେହି ଫେରି ନାହାନ୍ତି। ଏହି କାର୍ଯ୍ୟକୁ ଆହୁରି ତୀବ୍ର କରାଯିବ ବୋଲି ସେ ଏକ ସ୍ୱତନ୍ତ୍ର ଦିନିକିଆ ଅଧିବେଶନରେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ପାକିସ୍ତାନୀ ଉପାଦାନ ଏବଂ ବାଂଲାଦେଶୀ ମୌଳବାଦୀଙ୍କ ଅନୁପ୍ରବେଶକୁ ଦୃଷ୍ଟିରେ ରଖି ଆସାମକୁ ସୁରକ୍ଷା ଦେବା ପାଇଁ ସରକାରଙ୍କୁ ଅଧିକ ସକ୍ରିୟ ହେବାକୁ



ପଡିବ। ରାଜ୍ୟ ସରକାର ୧୯୫୦ର ଅବୈଧ ବହିଷ୍କାର ଆଇନ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି।

ଜିଲ୍ଲା କମିସନର (ଡିସି) ଦ୍ୱାରା ବିଦେଶୀ ଭାବରେ ଚିହ୍ନଟ ହୋଇଥିବା ଲୋକମାନଙ୍କୁ ବିଦେଶୀ ଟ୍ରିବ୍ୟୁନାଲକୁ ସେମାନଙ୍କ ମାମଲା ପଠା ନଯାଇ ବହିଷ୍କାର କରାଯିବ ବୋଲି ଶର୍ମା କହିଛନ୍ତି। ସୁପ୍ରିମକୋର୍ଟର ଏକ ସାମ୍ବିଧାନିକ ଖଣ୍ଡପୀଠ ସମ୍ପ୍ରତି ରାୟ ଦେଇଛନ୍ତି ଯେ ଅବୈଧ ବହିଷ୍କାର ଆଇନ ବଳବତ୍ତର ଅଛି ଏବଂ ସରକାର ଏହାର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିପାରିବେ। ସଂଖ୍ୟାଲଘୁଭିତ୍ତିକ ବିରୋଧୀ ଦଳ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ଆସାମରେ ତଥାକଥିତ ଅବୈଧ ବିଦେଶୀଙ୍କୁ ଧରିବା ବାହାନାରେ ଭାରତୀୟ ମୁସଲମାନମାନଙ୍କୁ ନିରନ୍ତର ହଇରାଣ କରାଯାଉଥିବା ପ୍ରତିବାଦରେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କ ନିକଟରେ ଆବେଦନ କରିଛି।

# ଇସିଆଇ ଘୋଷଣାକୁ ରାହୁଲଙ୍କ ସ୍ୱାଗତ

**ନୂଆଦିଲ୍ଲୀ, ୯।୬:** ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଦ୍ୱାରା ନିର୍ବାଚନ ଫିକ୍ସି ଅଭିଯୋଗ ଆସିବା ପରେ ନିର୍ବାଚନ କମିସନ ହରିୟାଣା ଏବଂ ମହାରାଷ୍ଟ୍ର ପାଇଁ ୨୦୦୯ରୁ ୨୦୨୪ ପର୍ଯ୍ୟନ୍ତ ଭୋଟର ତାଲିକା ତଥ୍ୟ ସେୟାର



କରିବାକୁ ନିଷ୍ପତ୍ତି ନେଇଛନ୍ତି । କମିସନଙ୍କ ଏହି ନିଷ୍ପତ୍ତିକୁ ରାହୁଲ ଗାନ୍ଧି ସ୍ୱାଗତ କରିଛନ୍ତି। ଏହା ସହିତ ସେ ଆଉ ଏକ ପ୍ରଶ୍ନ ପଚାରିଛନ୍ତି। ଏହି ତଥ୍ୟ କେବେ ମିଳିବ ବୋଲି ସେ ପ୍ରଶ୍ନ କରିଛନ୍ତି । ଏକ୍ସ (ପୂର୍ବର ଟ୍ୱିଟର)ରେ ଏକ ପୋଷ୍ଟରେ ରାହୁଲ ନିର୍ବାଚନ କମିସନଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଭୋଟର ତାଲିକା ହସ୍ତାନ୍ତର କରିବା ନିର୍ବାଚନ କମିସନଙ୍କ ଦ୍ୱାରା ନିଆଯାଇଥିବା ଏକ ଭଲ ପ୍ରଥମ ପଦକ୍ଷେପ। ନିର୍ବାଚନ କମିସନ କ'ଣ ଏହି ତଥ୍ୟ ହସ୍ତାନ୍ତର କରାଯିବ ତାହାର ସଠିକ୍ ତାରିଖ ଘୋଷଣା କରିପାରିବେ? ସେ ପଚାରିଛନ୍ତି। ରିପୋର୍ଟରେ ଦାବି କରାଯାଇଛି ଯେ ନିର୍ବାଚନ କମିସନ ୨୦୦୯ ରୁ ୨୦୨୪ ପର୍ଯ୍ୟନ୍ତ ହରିୟାଣା ଏବଂ ମହାରାଷ୍ଟ୍ର ପାଇଁ ଭୋଟର ତାଲିକା ତଥ୍ୟ ସେୟାର କରିବା ପାଇଁ ପଥ ପରିଷ୍କାର କରିଛନ୍ତି। ଏଥିରେ କୁହାଯାଇଛି ଯେ ନିର୍ବାଚନ କମିସନ ପୂର୍ବରୁ ଏହି ବର୍ଷ ଆରମ୍ଭରେ ଦିଲ୍ଲୀ ହାଇକୋର୍ଟକୁ ଏହି ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିଲେ।

# ଟ୍ରେଡିଂ ନିଶା କଲା ବରବାଦ୍

# ୧୧୦ ଆକାଉଣ୍ଟରୁ ୪.୫୭ କୋଟି ହଡ଼ପ

**ଗିରଫ ହେଲେ ୪୧ ଗ୍ରାହକଙ୍କୁ ଲୁଟିଥିବା ମହିଳା କର୍ମଚାରୀ**



**ଜୟପୁର, ୯।୬:** ରାତିରାତି ବଡଲୋକ ହେବା ନିଶା ଏବେ ସମସ୍ତଙ୍କୁ ଘାରିଛି। ଭୟଙ୍କର ହେଉଛି ଟ୍ରେଡିଂ ନିଶା। ଲୋକେ ବିଛା ମନ୍ତ୍ର ନଜାଣି ସାପ ଗାତରେ ହାତ ମାରିଲା ପରି ବିନା ଜ୍ଞାନରେ ଷ୍ଟକ ମାର୍କେଟରେ ଟଙ୍କା ଖଟାଉଛନ୍ତି। ଆଉ ତାପରେ ବରବାଦ ହେଉଯାଉଛନ୍ତି। ଏପରି ଖବର ପ୍ରତିଦିନ ଟିଭି, ଖବରକାଗଜରେ ବାହାରୁଥିଲେ ମଧ୍ୟ ଲୋକେ ଚେତୁ ନାହାନ୍ତି। ଜଣେ ବ୍ୟାଙ୍କ କର୍ମଚାରୀ ଅଧିକ ଟଙ୍କା ରୋଜଗାର ନିଶାରେ କିପରି ବ୍ୟାଙ୍କରେ ଥିବା ସ୍ଥାୟୀ ଜମା ଆକାଉଣ୍ଟରୁ ୪.୫୭ କୋଟି ଟଙ୍କା ଚୋରି କରି ବରବାଦ ହୋଇଛନ୍ତି, ତାହା ଏବେ ପଦାକୁ ଆସିଛି। ଷ୍ଟକ ନିବେଶ କରିବା ପାଇଁ ବ୍ୟାଙ୍କ କର୍ମଚାରୀ ଏଫଡି ଆକାଉଣ୍ଟରୁ ୪.୫୭କୋଟି ଟଙ୍କା ଚୋରି କରି ସବୁକିଛି ହରାଇଛନ୍ତି। କୋଟାରେ ଥିବା ଆଇସିଆଇସିଆଇ ବ୍ୟାଙ୍କର ଜଣେ ପୂର୍ବତନ ଜନସମ୍ପର୍କ ପରିଚାଳିକାଙ୍କୁ ଦୁଇ ବର୍ଷରୁ ଅଧିକ ସମୟ ଧରି ଗ୍ରାହକଙ୍କ ସ୍ଥାୟୀ ଜମା ଏଫଡି ଆକାଉଣ୍ଟରୁ କୋଟି କୋଟି ଟଙ୍କା ହଡ଼ପ କରିବା ଅଭିଯୋଗରେ ଗିରଫ କରାଯାଇଛି। ଏକ ବିସ୍ତୃତ ତଦନ୍ତ ପରେ ତାଙ୍କୁ ମେ ୩୧ତାରିଖରେ ଉଦ୍ୟୋଗ ନଗର ପୁଲିସ ଗିରଫ କରିଛି। ଗିରଫ ଜଣକ ହେଲେ ରାଜସ୍ଥାନ କୋଟା ସହର ଡିସିଏମ ଅଞ୍ଚଳରେ ଥିବା ଆଇସିଆଇସିଆଇ ବ୍ୟାଙ୍କର ସାକ୍ଷୀ ଗୁପ୍ତା। ସେ ୨୦୨୦ରୁ ୨୦୨୩ ମଧ୍ୟରେ ଏଠାରେ କାର୍ଯ୍ୟ କରୁଥିଲେ। ରିପୋର୍ଟ ଅନୁଯାୟୀ, ଗୁପ୍ତା ତାଙ୍କ ଚାକିରି କାଳ ମଧ୍ୟରେ ୟୁଜର୍ ଏଫଡିର ଅପବ୍ୟବହାର କରି ଏବଂ ବେଆଇନ କାରବାରର ଏକ ସିରିଜ୍ କରି ୪୧ ଜଣ ଗ୍ରାହକଙ୍କ ୧୧୦ରୁ ଅଧିକ ଆକାଉଣ୍ଟକୁ ଆକ୍ସେସ୍ କରିଥିଲେ। ସେ ଗ୍ରାହକଙ୍କ ସମ୍ମତି ବିନା ୪୦ ଟି ଆକାଉଣ୍ଟରେ ଓଭରଡ୍ରାଫ୍ଟ ସୁବିଧା ସକ୍ରିୟ କରିଥିବା ଏବଂ ୩୧ ଟି ଆକାଉଣ୍ଟରୁ ୧.୩୪ କୋଟି ଟଙ୍କାର ସ୍ଥାୟୀ ଜମା ଅବଧି ପୂର୍ବରୁ ବନ୍ଦ କରିଦେଇଥିବା ଅଭିଯୋଗ ହୋଇଛି। ଗୁପ୍ତା ଜଣେ ବୃଦ୍ଧ ମହିଳାଙ୍କ ଆକାଉଣ୍ଟକୁ 'ପୁଲ୍ ଆକାଉଣ୍ଟ' ଭାବରେ ବ୍ୟବହାର କରି ପାଣ୍ଠି ସ୍ଥାନାନ୍ତର କରିଥିଲେ। ସେ ପ୍ରଭାବିତ ଆକାଉଣ୍ଟ ସହିତ ଲିଙ୍କ୍ ହୋଇଥିବା ମୋବାଇଲ୍ ନମ୍ବରଗୁଡ଼ିକୁ ମଧ୍ୟ ପରିବର୍ତ୍ତନ କରିଥିଲେ ।

**• ଗୁପ୍ତଚର ମାମଲା**

# ୧୪ ଦିନିଆ ନ୍ୟାୟିକ ହେପାଜତକୁ ଗଲେ ଜସବୀର

**ଚଣ୍ଡିଗଡ଼, ୯।୬:** ସୋମବାର ମୋହାଲିର ଏକ କୋର୍ଟ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଥିବା ପଞ୍ଜାବ ୟୁଟ୍ୟୁବର ଜସବୀର ସିଂହଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ରୂପନଗର ଜିଲ୍ଲା ମହଲାନ ଗ୍ରାମର ବାସିନ୍ଦା ସିଂହ ଓରଫ ଜାନ ମହଲଙ୍କୁ ଜୁନ୍ ୪ ତାରିଖରେ ଗିରଫ କରାଯାଇଥିଲା ଏବଂ ତାଙ୍କୁ ମୋହାଲିରୁ ରୋପର ଜେଲକୁ ପଠାଯାଇଥିଲା। ସେ ୧୧ ଲକ୍ଷରୁ ଅଧିକ ସବସ୍କ୍ରାଇବର୍ ସହିତ ଏକ ୟୁଟ୍ୟୁବ୍ ଚ୍ୟାନେଲ୍ ଜାନମହଲ ଭିଡିଓ ଚଳାଉଥିଲେ। ଯାହାଦ୍ୱାରା ସେ ଯାତ୍ରା ଏବଂ ରୋଷେଇ ବ୍ଲକ ପୋଷ୍ଟ କରୁଥିଲେ। ଦୁଇ ଦିନିଆ ପୁଲିସ ରିମାଣ୍ଡ ସମାପ୍ତ ହେବା ପରେ ସିଂହଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଶ୍ରୀ ସିଂହଙ୍କ ଓକିଲ କହିଛନ୍ତି ଯେ ସେମାନେ ତାଙ୍କର ଜାମିନ ଆବେଦନ ଦାଖଲ କରିବେ। ଏହି ସମୟରେ ଜଳନ୍ଧରର ତାଙ୍କ ମହିଳା ବାନ୍ଧବୀଙ୍କୁ ପଞ୍ଜାବ ପୁଲିସର ଷ୍ଟେଟ୍ ସ୍ପେଶାଲ୍ ଅପରେସନ୍ ସେଲରେ ଘଣ୍ଟା ଘଣ୍ଟା ଧରି ପଚରାଉଚରା କରାଯାଇଥିଲା। ସେ କହିଛନ୍ତି, ସିଂହ ପାକିସ୍ତାନୀ ଅପରେଟିଭ୍ ଏହସାନ-ଉର-ରହିମ ଓରଫ ଦାନିଶ୍ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ବ୍ୟବହାର କରି ତାଙ୍କୁ ପ୍ରବେଶ କରାଇଥିବା ଅଭିଯୋଗ ହୋଇଛି।

### ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତା

# ସିନ୍ନରଙ୍କୁ ହରାଇ ଅଲକାରାଜ ଚାମ୍ପିଅନ୍



ପ୍ୟାରିସ, ୯।୬: ତୀବ୍ର ସଂଘର୍ଷପୂର୍ଣ୍ଣ ତଥା ଅପୂର୍ବ ଉତ୍କଣ୍ଠାପୂର୍ଣ୍ଣ ଫାଇନାଲ୍‌ରେ ପ୍ରଥମ ସିଡ୍ ଓ ବିଶ୍ୱମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଇଟାଲିର ଜାନିକ ସିନ୍ନରଙ୍କୁ ନାଟକୀୟ ଭାବେ ୪-୬, ୬-୭ (୪-୭), ୬-୪, ୭-୬ (୭-୩), ୭-୬ (୧୦-୨)ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ୍ ଆଲ୍‌କାରାଜ୍ ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଫ୍ରେଞ୍ଚ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତାର ପୁରୁଷ ଏକକ ଟ୍ରଫି ଜିତି ନେଇଛନ୍ତି। ଗତବର୍ଷ ଏଠାରେ ନିଜର ପ୍ରଥମ ଟ୍ରଫି ଜିତିଥିବା ଆଲ୍‌କାରାଜ୍‌ଙ୍କ କ୍ୟାରିୟର୍‌ର ଏହା ପଞ୍ଚମ ଗ୍ରାଣ୍ଡସ୍ଲାମ୍ ବିଜୟ ହୋଇଛି। ରବିବାର ୨୨ ବର୍ଷୀୟ ଆଲ୍‌କାରାଜ୍ ଫ୍ରେଞ୍ଚ ଓପନ୍ ଫାଇନାଲ୍‌ର ଅନ୍ୟତମ ସ୍ମରଣୀୟ ପ୍ରତ୍ୟାବର୍ତ୍ତନ କରିଥିଲେ। ପ୍ରଥମ ଦୁଇ ସେଟ୍‌କୁ ହାରିବା ପରେ ପରବର୍ତ୍ତୀ ତିନି ସେଟ୍ ଜିତି ସିନ୍ନରଙ୍କ ପଞ୍ଝାରୁ ଟ୍ରଫି ଛଡ଼ାଇ ନେଇଥିଲେ। ସେ ମଧ ତିନିଟି ଚାମ୍ପିଅନ୍‌ସିପ୍ ପଏଣ୍ଟ୍ ବଞ୍ଚାଇ ଫ୍ରେଞ୍ଚ ଓପନ୍ ବିଜେତା ହେବାରେ ପ୍ରଥମ ଖେଳାଳି ହେବାର ଐତିହାସିକ ସଫଳତା ଲାଭ କରିଥିଲେ। ଫଳରେ ସିନ୍ନରଙ୍କ ପ୍ରଥମ ଫ୍ରେଞ୍ଚ ଓପନ୍ ବିଜୟ ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଯାଇଥିଲା। ଆଜି ଫାଇନାଲ୍‌ର ୫ଟିରୁ ତିନିଟି ସେଟ୍ ଟାଇବ୍ରେକର୍‌ରେ ଫୈସଲା ହେବା ବି ଉଲ୍ଲେଖନୀୟ ରହିଥିଲା।

ସେହିଭଳି ପଞ୍ଚମ ମାନ୍ୟତାପ୍ରାପ୍ତ ସ୍ପେନ୍-ଆର୍ଜେଣ୍ଟିନା ଯୋଡ଼ି ମାର୍ସେଲ୍ ଗ୍ରାନୋଲର୍ସ ଓ ହୋରାସିଓ ଜିବାଲୋସ ନିଜ ନିଜ ଖେଳ ଜୀବନର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି ଜିତିଛନ୍ତି। ରବିବାର ଫ୍ରେଞ୍ଚ୍ ଓପନ୍ ପୁରୁଷ ଯୁଗଳ ଫାଇନାଲ୍‌ରେ ଗ୍ରାନୋଲର୍ସ-ଜିବାଲସ୍ ୬-୦, ୬-୭ (୫), ୭-୫ରେ ବ୍ରିଟିସ୍ ଯୋଡ଼ି ଜୋ ସାଲିସବରି ଓ ନିଲ୍ ସୁପ୍‌ସିଙ୍କୁ ପରାସ୍ତ କରି ଏହି ସ୍ୱପ୍ନ ସାକାର କରିଛନ୍ତି।

### ତାଇୱାନ ଓପନ୍ ଦୌଡ଼କୁଦ

## ଭାରତର ସ୍ୱର୍ଣ୍ଣ ଅମଳ ଜାରି

ନୂଆଦିଲ୍ଲୀ, ୯।୬: ତାଇୱାନ ଆଥଲେଟିକ୍ସ ଓପନ୍ ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ସ୍ୱର୍ଣ୍ଣ ପଦକ ଅମଳ ଜାରି ରଖିଛନ୍ତି। ଦ୍ୱିତୀୟ ତଥା ଅନ୍ତିମ ଦିବସରେ ରବିବାର ସେମାନେ ୧୦ ପଦକ ଜିତିଛନ୍ତି। ଯେଉଁଥିରେ ୬ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। ମୋଟ ଉପରେ ଭାରତୀୟ ଖେଳାଳି ୧୨ ସ୍ୱର୍ଣ୍ଣ ସହ ୧୬ ପଦକ ଜିତିଛନ୍ତି। ଦୁଇ ଥର ଅଲିମ୍ପିଆନ୍ ଜାଭଲିନ୍ ତାରକା ଅନୁ ରାଣୀ ଦ୍ୱିତୀୟ ପ୍ରୟାସରେ ୫୬.୮୨ ମିଟର୍ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବରୁ ପୁରୁଷ ଜାଭଲିନ୍‌ର ୨ ଥର ଜାତୀୟ ବିଜେତା ରୋହିତ ଯାଦବ (୭୧.୪୬ ମିଟର୍) ମଧ ସ୍ୱର୍ଣ୍ଣ ପଦକ ଜିତି ଏହି ଇଭେଣ୍ଟ୍‌ରେ ଭାରତ ପାଇଁ ଯୁଗଳ ସଫଳତା ଆଣିଥିଲେ। ସେହିଭଳି ମହିଳା ୪୦୦ ମିଟର ବାଧାଦୌଡ଼ରେ ଭାରତର ବିଥ୍ୟା ରାମରାଜ (୫୬.୫୩ ସେକେଣ୍ଡ୍) ସ୍ୱର୍ଣ୍ଣ ଜିତିଥିବାବେଳେ ପୁରୁଷ ବର୍ଗରେ ୟାସାସ ପଲକ୍ଷା ନୂଆ ବ୍ୟକ୍ତିଗତ ଶ୍ରେଷ୍ଠ ସମୟ (୪୯.୨୨ ସେକେଣ୍ଡ୍) ରୌପ୍ୟ ପଦକ ପାଇଥିଲେ। ମହିଳା ୮୦୦ ମିଟରେ କିନ୍ତୁ ଭାରତ ଯୁଗଳ ପୋଡିୟମ୍ ଫିନିସ୍ ମିଳିଛି। ପୂଜା (୨:୦୨.୭୯) ମିଟ୍ ରେକର୍ଡ ସହ ଏବଂ ଟ୍ୱିଙ୍କଲ୍ ଚୌଧୁରୀ (୨:୦୬.୯୬) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ପୂର୍ବରୁ ପୂଜା ୧୫୦୦ ମିଟରରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ୮୦୦ ମିଟର୍ ଦୌଡ଼ରେ କ୍ରିଷ୍ଣନ୍ କୁମାର (୧:୪୮.୪୬) ରେକର୍ଡ ସମୟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ଲଙ୍ଗ୍ ଜମ୍ପ୍‌ରେ ମଧ ଭାରତକୁ ଡବଲ୍ ପୋଡ଼ିୟମ୍ ଫିନିସ୍ ମିଳିଛି। ସାଇଲି ସିଂହ (୬.୪୧ ମିଟର୍) ଓ ଆନସି ସୋଜନ୍ (୬.୩୯ ମିଟର୍) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ଦିନର ଶେଷ ଇଭେଣ୍ଟ୍‌ରେ ଭାରତୀୟ ପୁରୁଷ ୪୦୦ ମିଟର୍ ରିଲେ ଦଳ ମିଟ୍ ରେକର୍ଡ ସମୟ (୩:୦୫.୫୮) ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ।



## ପୁଣି ବିଶ୍ୱକପ୍‌ରୁ ବଞ୍ଚିତ ହୋଇପାରେ ଇଟାଲି

ରୋମ୍, ୯।୬: ଇଟାଲି ଫୁଟ୍‌ବଲ୍‌ରେ ଏକ ଝଡ଼ ସୃଷ୍ଟି ହୋଇଛି। ଶନିବାର ରାତିରେ ୪ ଥର ଫିଫା ବିଶ୍ୱକପ୍ ବିଜେତା ଦେଶ ୨୦୨୬ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ୦-୩ ଗୋଲ୍‌ରେ ନରୱେଠାରୁ ହାରିଯାଇଛି। ବିଗତ ୪ଟି ମ୍ୟାଚ୍‌ରୁ ୩ଟି ପରାଜୟ ବରଣ କରି ଗ୍ରୁପ୍ ପର୍ଯ୍ୟାୟରେ ଇଟାଲି ବିଜୟଶୂନ୍ୟ ରହିଛି। ଶେଷ ଥର ପାଇଁ ୨୦୦୬ରେ ବିଜେତା ହେବା ପରେ ଇଟାଲି ପରବର୍ତ୍ତୀ ଦୁଇ ସଂସ୍କରଣର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲା। ସେହିଭଳି ଗତ ୨ଟି ସଂସ୍କରଣ ପାଇଁ ବି ଇଟାଲି ଯୋଗ୍ୟତା ଅର୍ଜନ କରିପାରିନଥିଲା। ଏବେ ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ହାସଲ କରିବା କଷ୍ଟକର ବ୍ୟାପାର ଥିବାରୁ ଦଳର ପ୍ରଶିକ୍ଷକ ଲୁସିଆନୋ ସ୍ପାଲେଟି ଇସ୍ତଫା ପ୍ରଦାନ କରିଛନ୍ତି। କିନ୍ତୁ ଇଟାଲି ଫୁଟ୍‌ବଲ୍ ମହାସଂଘ ତାଙ୍କୁ ବହିଷ୍କାର କରିଛି ବୋଲି ପରେ ଖବର ଆସିଛି।

### ଆନ୍ତଃରାଜ୍ୟ ଦୃଷ୍ଟିବାଧିତ ମହିଳା କ୍ରିକେଟ୍

## ଦିଲ୍ଲୀକୁ ହରାଇ ଓଡ଼ିଶାର ଅଭିଯାନ



**ଭୁବନେଶ୍ୱର, ୯।୬ (ସଂଚାର ବ୍ୟୁରୋ):** ଏନ୍‌ଟିପିସି ଏମ୍-ପାୱାର ଅନ୍ତଃରାଜ୍ୟ ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ସହ ଆନ୍ଧ୍ରପ୍ରଦେଶ, କେରଳ ଓ ଦିଲ୍ଲୀ ଭଳି ଚାରିଟି ରାଜ୍ୟର ଦଳକୁ ନେଇ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୪୯ ରନ୍‌ରେ ଦିଲ୍ଲୀକୁ ପରାସ୍ତ କରିଛି। ରବିବାର ବର୍ଷା ପ୍ରଭାବିତ ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଫୁଲ ସୋରେନଙ୍କ ୩୦, ଯମୁନାରାଣୀ ଟୁଡୁଙ୍କ ୨୮ ଓ ବାସନ୍ତୀ ହାଁସଦାଙ୍କ ୨୩ ରନ୍ ବଳରେ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୩ ୱିକେଟ୍ ହରାଇ ୧୨୬ ରନ୍ କରିଥିଲା। ୧୨୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦିଲ୍ଲୀ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪.୫ ଓଭରରେ ମାତ୍ର ୭୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ଯମୁନାରାଣୀ ସର୍ବାଧିକ ୩ଟି ଏବଂ ସୁକାନ୍ତି ଦଳପତି ଓ ଫୁଲ ସୋରେନ୍ ୨ ଲେଖାଏଁ ୱିକେଟ୍ କରାୟତ୍ତ କରିଥିଲେ। ଯମୁନାରାଣୀ ତାଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ ପାଇଁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଓଡ଼ିଶା ତା'ର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ କେରଳକୁ ଭେଟିବ।

### ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ୍ କପ୍ କ୍ରିକେଟ୍ ଉଦ୍‌ଯାପିତ

## ରାଇଜିଂ ଷ୍ଟୁଡେଣ୍ଟ୍ ବିଜେତା

**ଭୁବନେଶ୍ୱର, ୯।୬ (ସଂଚାର ବ୍ୟୁରୋ):** ପାରାମାଉଣ୍ଟ୍ ସ୍ପୋର୍ଟିଂ କ୍ଲବ୍ ଦ୍ୱାରା ଆୟୋଜିତ ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ୍ କପ୍ ଅନ୍ତଃକ୍ଲବ୍ କ୍ରିକେଟ୍ ପ୍ରତିଯୋଗିତାରେ କଟକର ରାଇଜିଂ ଷ୍ଟୁଡେଣ୍ଟ୍ ବିଜେତା ଆଖ୍ୟା ଅର୍ଜନ କରିଛି। ରବିବାରର ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ ଆଦିତ୍ୟ ରାଉତଙ୍କ ଶତକୀୟ ପାଳି ବଳରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ (ଏମ୍‌ସିସି)କୁ ୧୪୯ ରନ୍‌ର ବଡ଼ ବ୍ୟବଧାନରେ ପରାସ୍ତ କରି ଏହି ସଫଳତା ଲାଭ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାଉଜିଂ ଷ୍ଟୁଡେଣ୍ଟ୍ ଆଦିତ୍ୟଙ୍କ ୬୮ ବଲ୍ ୧୦୬ ରନ୍, ଅଭିଷେକ ଯାଦବଙ୍କ ୮୧ (୪୦ ବଲ୍) ଏବଂ ଅମିନ ଇକବାଲ୍ ଖାନଙ୍କ ୬୬ (୩୦ ବଲ୍) ରନ୍ ବଳରେ ନର୍ଦ୍ଧାରିତ ୪୦ ଓଭରରେ ସମସ୍ତ ୱିକେଟ୍ ହରାଇ ୩୯୨ ରନ୍‌ର ବିଶାଳ ସ୍କୋର୍ କରିଥିଲା। ପ୍ରତିପକ୍ଷ ଦଳର ଶ୍ରୀରାଜ ପଟ୍ଟନାୟକ ୩ ୱିକେଟ୍ କରାୟତ୍ତ କରିଥିଲେ। ଏହାର ଜବାବରେ ଦୀନେଶ ମାଝୀଙ୍କ ୪୦ ବଲ୍ ୭୫ ରନ୍ ସତ୍ତ୍ୱେ ଏମ୍‌ସିସି ୨୮ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୨୪୩ ରନ୍ କରିପାରିଥିଲା। ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା




ରାଇଜିଂ ଷ୍ଟୁଡେଣ୍ଟ୍ ଦଳକୁ ଅରବିନ୍ଦ ସ୍ମାରକୀ ଟ୍ରଫି ସହ ୫୦,୦୦୦ ଟଙ୍କା ଓ ଉପବିଜେତା ଏମ୍‌ସିସିକୁ ରନର୍ସ ଅପ୍ ଟ୍ରଫି ସହ ୩୦,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ପୂର୍ବତନ ରଣଜୀ ତାରକା ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭୁବନେଶ୍ୱର ଦୌଡ଼କୁଦ ସଂଘ ସମ୍ପାଦକ ସୌର୍ଯ୍ୟରଂଜନ ପରିଜା, ଓଡ଼ିଶା ରଣଜୀ ଦଳର ପୂର୍ବତନ ଅଧିନାୟକ ତଥା ଆୟୋଜକ ପାରାମାଉଣ୍ଟ୍ କ୍ଲବ୍‌ର ବରିଷ୍ଠ ଖେଳାଳି ପ୍ରଭଞ୍ଜନ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଆଶୀର୍ବାଦ ସ୍ୱାଇଁ, ଶ୍ରେଷ୍ଠ ବୋଲର୍ ହର୍ଷିତ୍ ରାଠୋଡ, ଶ୍ରେଷ୍ଠ ଫିଲ୍ଡର୍ ପ୍ରତୀକ ଦାସ , ଫାଇନାଲର ଶ୍ରେଷ୍ଠ ଖେଳାଳି ଅଭିଷେକ ଯାଦବ ଏବଂ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଅମିନ ଇକବାଲ୍ ଖାଁଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବକୁ କ୍ଲବ୍‌ର ସଭାପତି ପ୍ରତାପ ଜେନା, ଉପଦେଷ୍ଟା ପ୍ରଦ୍ୟୁମ୍ନ ଜେନା, ସମ୍ପାଦକ ଅଶୋକ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

CM Trophy 2025

## ଭୁବନେଶ୍ୱରକୁ ହରାଇ ବରଗଡ଼ ବିଜେତା

**ରାଉରକେଲା, ୯।୬ (ସଂଚାର ବ୍ୟୁରୋ):** ପ୍ରଥମ ଥର ପାଇଁ ଆୟୋଜିତ ସିଏମ୍ ଟ୍ରଫି (୧୫ ବର୍ଷରୁ କମ୍) ଫୁଟ୍‌ବଲ୍ ପ୍ରତିଯୋଗିତାରେ ବରଗଡ଼ ଏଫ୍‌ସି ବିଜେତା ହୋଇଛି। ରାଉରକେଲା ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ବରଗଡ଼ ଶେଷ ମୁହୂର୍ତ୍ତ ପ୍ରତ୍ୟାବର୍ତ୍ତନ ସହ ୩-୨ ଗୋଲ୍‌ରେ ଭୁବନେଶ୍ୱର ଏଫ୍‌ସିକୁ ପରାସ୍ତ କରିଛି। ରବିବାର ପୂର୍ବାହ୍ନରେ ଖେଳାଯାଇଥିବା ଫାଇନାଲ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ଭୁବନେଶ୍ୱର ଏଫ୍‌ସିର ଶ୍ରୀଜଲ କିସ୍କୁ ଲଗାତାର ଦୁଇଟି ଗୋଲ୍ (୭ ଓ ୨୦ ମିନିଟ୍) ଦେଇ ଦଳକୁ ୨-୦ ଗୋଲ୍‌ରେ ଆଗୁଆ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ କିନ୍ତୁ ବରଗଡ଼ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ୪୬ତମ ମିନିଟ୍‌ରେ ରୋହନ ସୁନା ଓ ୬୫ତମ ମିନିଟ୍‌ରେ ପ୍ରଦୀପ ଟୁଡୁ ଗୋଟିଏ ଲେଖାଏଁ ଗୋଲ୍ ଦେଇ ସ୍କୋର୍‌କୁ ୨-୨ରେ ବରାବର କରିଥିଲେ। ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ସ୍କୋର୍ ସମାନ ରହିବାରୁ ଅତିରିକ୍ତ ସମୟ ଖେଳାଯାଇଥିଲା। ଏଥିରେ ବରଗଡ଼ ବାଜି ମାରିନେଇଥିଲା। ପ୍ରଦୀପ ଏକ ଆକର୍ଷଣୀୟ




ଗୋଲ୍ ଦେଇ ଦଳକୁ ବହୁ ପ୍ରତୀକ୍ଷିତ ବିଜୟ ଭେଟି ଦେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଦୁର୍ଗା ମାଧବ ନାଏକ ମ୍ୟାଚ୍ କମିସନର ଦାୟିତ୍ୱ ନିର୍ବାହ କରିଥିବାବେଳେ ଆଶୀର୍ବାଦ କାନୁନ୍‌ଗୋ, ଜିତେନ୍ଦ୍ରୀୟ ଥାନପତି, ଦେବରାଜ ସ୍ୱାଇଁ ଓ ରୋଶନ ଖାନ ମ୍ୟାଚ୍ ପରିଚାଳନା କରିଥିଲେ। ବରଗଡ଼ ଏଫ୍‌ସିର ଗୋଲ୍‌କିପର ସୌମ୍ୟ ରଂଜନ ଦେବତା ଫାଇନାଲ୍‌ର ଶ୍ରେଷ୍ଠଖେଳାଳି ବିବେଚିତ ହୋଇଥିବାବେଳେ ଭୁବନେଶ୍ୱର ଏଫ୍‌ସିର ଶ୍ରୀଜଲ କିସ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ବରଗଡ଼ର ଶିବ ମୁଣ୍ଡା ଶ୍ରେଷ୍ଠ ଡିଫେଣ୍ଡର, ଭୁବନେଶ୍ୱରର ଆଶିଷ କୁମାର ଶ୍ରେଷ୍ଠ ମିଡ୍‌ଫିଲ୍ଡର ଓ ବରଗଡ଼ର ପ୍ରଦୀପ ଟୁଡୁ ଶ୍ରେଷ୍ଠ ଷ୍ଟ୍ରାଇକର୍ ପୁରସ୍କାର ଲାଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚିହ୍ନଟ ଓ ବିକାଶ ପରିକଳ୍ପନାକୁ ସାକାର କରିବା ଲାଗି ପ୍ରଥମଥର ହୋଇଛି ସିଏମ୍ ଟ୍ରଫି (୧୫ବର୍ଷରୁ କମ୍) ଫୁଟ୍‌ବଲ୍ ପ୍ରତିଯୋଗିତା। ଓଡ଼ିଶା ଫୁଟ୍‌ବଲ୍ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଜାନୁଆରି ୧୬ ତାରିଖରୁ ଏପ୍ରିଲ ୧୯ ତାରିଖ ଯାଏଁ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାଗୁଡ଼ିକରେ ରହିଥିବା ବିଭିନ୍ନ ଫୁଟ୍‌ବଲ୍ କ୍ଲବ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଜୋନାଲ୍‌ସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲାସ୍ତରୀୟ ଦଳକୁ ୪ ଟି ଜୋନ୍ (ସମ୍ବଲପୁର, ଭୁବନେଶ୍ୱର, କେନ୍ଦୁଝର ଓ ବ୍ରହ୍ମପୁର)ରେ ବିଭକ୍ତ କରି ମ୍ୟାଚ୍ ଖେଳାଯାଇଥିଲା। ଜୋନାଲ୍‌ସ୍ତରୀୟ ପ୍ରତିଯୋଗିତା ଶେଷହେବା ପରେ ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରବିବାର ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶାର ସଭାପତି ତଥା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଓ ଉପବିଜେତା ଦଳକୁ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଡିସେମ୍ବର...

୨୦ରେ ଘରୋଇ ଦଳର ଶୋଚନୀୟ ପ୍ରଦର୍ଶନ ପରିପ୍ରେକ୍ଷୀରେ ଦର୍ଶକ ବୋତଲ ମାଡ଼ କରିଥିଲେ। ଯାହା ଫଳରେ ମ୍ୟାଚ୍‌ଟି ଅଧାରୁ ବାତିଲ୍ ହେବା ସହ ବାରବାଟୀ ଅନ୍ତର୍ଜାତୀୟ ସ୍ତରରେ ଅପବାଦ ମୁଣ୍ଡାଇଥିଲା। ଏପରି ସ୍ଥିତିରେ ଆଗାମୀ ମ୍ୟାଚ୍‌ଟିକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ନେଇ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଉପରେ ନିଶ୍ଚିତ ଭାବେ ଅତିରିକ୍ତ ଚାପ ରହିବ।

ସୂଚନାଯୋଗ୍ୟ ଯେ ସିରିଜ୍‌ର ଅନ୍ୟ ୪ଟି ଟି-୨୦ ମଧ୍ୟରୁ ଦ୍ୱିତୀୟଟି ଡିସେମ୍ବର ୧୧ରେ ଚଣ୍ଡିଗଡ଼ରେ, ତୃତୀୟଟି ଡିସେମ୍ବର ୧୪ରେ ଧର୍ମଶାଳାଠାରେ, ଚତୁର୍ଥଟି ଡିସେମ୍ବର ୧୭ରେ ଲକ୍ଷ୍ନୌଠାରେ ଓ ପଞ୍ଚମଟି ଡିସେମ୍ବର ୧୯ରେ ଅହମ୍ମଦାବାଦଠାରେ ଖେଳାଯିବ।

### ସରକାରଙ୍କୁ...

ହେବାର ନାହିଁ। ଲୋ ଭାରିଆଣ୍ଟର କୋଭିଡ ଥିବାରୁ ଏହା ବ୍ୟାପିବାର ଆଶଙ୍କା ଯଥେଷ୍ଟ କମ୍। ଅଦ୍ୟାବଧି ରାଜ୍ୟରେ ସମୁଦାୟ ୪୯ଟି ରୋଗୀ ଚିହ୍ନଟ ହୋଇଥିବା ବେଳେ ମାତ୍ର ୩୪ଟି ସକ୍ରିୟ ମାମଲା ରହିଛି। କିନ୍ତୁ ଆମକୁ ସତର୍କତାମୂଳକ ପଦକ୍ଷେପ ନେବାକୁ ପଡ଼ିବ। ଏହି କ୍ରମରେ କେହି ବି ଥଣ୍ଡା କିମ୍ବା କାଶ ଲକ୍ଷଣ ଥିବା ଲୋକ ଗହଳିପୂର୍ଣ୍ଣ ସ୍ଥାନଠାରୁ ନିଜକୁ ଦୂରେଇ ରଖିବା ଉଚିତ। ମାସ୍କ ମଧ୍ୟ ବ୍ୟବହାର କଲେ ଭଲ। ହେଲେ କୋଭିଡକୁ ନେଇ କିଛି କଟକଣା ଓ ନିୟମାବଳୀ ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ମାର୍ଗଦର୍ଶିକା ଆସିନାହିଁ। ଏପରି ସ୍ଥିତିରେ ରଥଯାତ୍ରାକୁ ଆସୁଥିବା ଭକ୍ତମାନେ ସଚେତନ ରହିବାକୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି।

ବୈଠକରେ ବିଭିନ୍ନ ବିଭାଗର ମନ୍ତ୍ରୀ, ସଚିବ, ଜନପ୍ରତିନିଧି, ବୁଦ୍ଧିଜୀବୀ, ଶ୍ରୀମନ୍ଦିର ସେବାୟତ ଉପସ୍ଥିତ ଥିଲେ। ରଥ ନିର୍ମାଣ, ରଥ କାଠ ଯୋଗାଣ, ରଥକନା ଓ ଦଉଡ଼ି, ନୀତି ସମ୍ପାଦନା, ରଥଟଣା, ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍, ସ୍ୱେରେଜ୍, ସଡ଼କ ଓ ରେଳପଥ ପରିବହନ, ରାସ୍ତାଘାଟ ମରାମତି, ଟେଲିଫୋନ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

ସେହିପରି ଆଗାମୀ ଜୁନ ୨୬ରୁ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ପୁରୀ ପୌରାଞ୍ଚଳରେ ବ୍ୟକ୍ତି ପିଛା ୫ ଲକ୍ଷ ଟଙ୍କାର ବୀମା କରାଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୈଠକରେ ସୂଚନା ଦେଇଛନ୍ତି। ରଥଯାତ୍ରା ସମୟରେ କୌଣସି ଅଘଟଣ ଘଟିଲେ, ସେମାନଙ୍କ ପରିବାର ଲୋକଙ୍କୁ ବୀମା କମ୍ପାନୀ ପକ୍ଷରୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ସେହିପରି ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ଦେଇ ପୁରୀବାସୀଙ୍କୁ ଛାଡ଼ିବା ଓ ଗୁଣ୍ଡିଚା ମନ୍ଦିରରେ ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବା ସକାଶେ ପୁରୀ ବିଧାୟକ ସୁନୀଲ ମହାନ୍ତି ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ନୟାଗଡ଼ ଡିଏଫ୍‌ଓଙ୍କ ସୂଚନାନୁଯାୟୀ, ଚଳିତ ବର୍ଷ ଢେଙ୍କାନାଳରୁ ୨୧ ଓ ବରଗଡ଼ରୁ ୧୯ ଜଣ ଫାଶୀ କାଠ ଦାନସୂତ୍ରରେ ମିଳିଛି। ଖୋର୍ଦ୍ଧା ଓ ନୟାଗଡ଼ ବନଖଣ୍ଡ ସହ ରାଜ୍ୟର ୮ଟି ଡିଭିଜନରୁ ଚଳିତ ବର୍ଷ ୮୧୫ ଖଣ୍ଡ କାଠ ଆସିଛି। ତାମିଲନାଡୁରୁ ଗ୍ରେଡ-ଏ' ମାନର ଚନ୍ଦନ କାଠ ମଧ୍ୟ ଆସିଛି ବୋଲି ଡିଏଫ୍‌ଓ ବୈଠକରେ ସୂଚନା ଦେଇଛନ୍ତି। ସେହିପରି ରଥଯାତ୍ରା ସମୟରେ ଆମ୍ବୁଲାନ୍ସ ଯାତାୟତ ପାଇଁ ଗ୍ରୀନ୍ କରିଡ଼ର ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟା ବ୍ୟବସ୍ଥା କରାଯିବ। ରଥଯାତ୍ରାରେ ପାଖାପାଖି ୧୫ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ୨୦ ଲକ୍ଷ ପାଣି ବୋତଲ ଓ ପାଉଚ୍ ପାଣିର ବ୍ୟବସ୍ଥା କରାଯାଇଛି। ସହରରେ ୯୦ ପ୍ରତିଶତ ଡ୍ରେନ ସଫେଇ କାମ ସରିଛି। ପ୍ରତ୍ୟେକ ସାହି ଗଳିକନ୍ଦିରେ ରାସ୍ତାଘାଟ ମରାମତି, ମଶା ଧୂଆଁ ସ୍ପ୍ରେ, ଷ୍ଟ୍ରିଟ୍ ଲାଇଟ୍ ମରାମତି ବ୍ୟବସ୍ଥା କରିବାକୁ ଆଇନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତାଳବଣିଆରେ ମାଷ୍ଟର କଣ୍ଟ୍ରୋଲ ରୁମ୍ କରାଯିବ। ସହରର ବିଭିନ୍ନ ସ୍ଥାନରେ ୧୮ଟି ପାର୍କିଂ ସ୍ଥାନ ସହ ୧୪ଟି ବର୍ଷା ଜଳ ଜମି ରହୁଥିବା ସ୍ଥାନରେ ୩୦ଟି ଉଚ୍ଚ କ୍ଷମତାସମ୍ପନ୍ନ ଅତ୍ୟାଧୁନିକ ମେସିନ୍ ରଖାଯିବ। ମାଳତୀପାଟପୁରରେ ଟୁରିଷ୍ଟ ବସ ଓ ରଥଯାତ୍ରା, ବାହୁଡ଼ା ଓ ସୁନାବେଶ ଦିନ ଯାତ୍ରୀବାହୀ ବସ ତାଳବଣିଆରେ ପାର୍କିଂ କରିବ। ରଥଯାତ୍ରା ସମୟରେ ବିଭିନ୍ନ ପାର୍କିଂ ସ୍ଥାନରୁ ମାଗଣା ଅଟୋ ସେବା ଯୋଗାଇ ଦିଆଯିବ। ସବୁ ବସରେ ରହିବ ରେଟ୍ ଚାର୍ଟ ମଧ୍ୟ ଲଗାଯିବ। ରଥଯାତ୍ରା ସମୟରେ ୩୬୫ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବା ସହ ୩୫ଟି ଅତିରିକ୍ତ ଟିକେଟ କାଉଣ୍ଟର, ୧୦ଟି ଏଟିଭି ମେସିନର ବ୍ୟବସ୍ଥା କରାଯିବ। ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ଓ ଜନଗହଳିପୂର୍ଣ୍ଣ ସ୍ଥାନ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସହ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ। ଦୁର୍ଘଟଣା ରୋକିବା ପାଇଁ ଇଣ୍ଟରସେପ୍ଟର, ୧୧ଟି କ୍ରେନ୍ ନିୟୋଜିତ ହେବ। ଟ୍ରେନ୍ ସୂଚନା ପ୍ରଦାନ ପାଇଁ ଏଲଇଡି ଡିସପ୍ଲେ ବ୍ୟବସ୍ଥା ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ବଡ଼ଦାଣ୍ଡରେ ବିପଦସଙ୍କୁଳ କୋଠାଗୁଡ଼ିକୁ ଚିହ୍ନଟ କରାଯାଇଛି। ଖରା ଓ ଗୁଳୁଗୁଳି ପାଇଁ ଅଧିକ ସ୍ପ୍ରିଙ୍କଲର ଓ ସମୁଦ୍ର କୂଳରେ ପର୍ଯ୍ୟାପ୍ତ ଲାଇଫ ଗାର୍ଡ ମୁତୟନ ରହିବେ। ଶାନ୍ତିଶୃଙ୍ଖଳା ରକ୍ଷା ସହ ଆଇନଶୃଙ୍ଖଳା ପରିସ୍ଥିତି, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପୁଲିସ୍ କର୍ମଚାରୀଙ୍କୁ ମୁତୟନ କରାଯିବ। ରଥଯାତ୍ରା ସହ ଜଡ଼ିତ ବିଭାଗଗୁଡ଼ିକ ୮୦ ପ୍ରତିଶତ କାମ ଶେଷ କରିଛନ୍ତି। ଅବଶିଷ୍ଟ କାର୍ଯ୍ୟ ତ୍ୱରାନ୍ୱିତ କରି ରଥଯାତ୍ରା ପୂର୍ବରୁ କାମ ଶେଷ କରିବାକୁ ଆଇନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗୁଣ୍ଡିଚା ମନ୍ଦିର ଅଞ୍ଚଳରୁ ପଲ୍ଲୀଶ୍ରୀ ମେଳା ସମୁଦ୍ରକୂଳ ସ୍ଥାନାନ୍ତର ନେଇ ପୁନଃବିଚାର ଓ ସମୀକ୍ଷା କରାଯିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ରଥଯାତ୍ରାରେ ଭିଡ ଓ ଟ୍ରାଫିକ ନିୟନ୍ତ୍ରଣ ଏଆଇ କ୍ୟାମେରା ଦ୍ୱାରା ପରିଚାଳିତ ହେବ।

### ପୁଣି ରାହୁଲଙ୍କୁ...

ମଧ୍ୟ ଚାହାଁନ୍ତି ନାହିଁ। ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିବା ପର୍ଯ୍ୟନ୍ତ, କଂଗ୍ରେସ ଜରୁରୀକାଳୀନ ପରିସ୍ଥିତିଠାରୁ ନିର୍ବାଚିତ ସରକାରଗୁଡ଼ିକୁ ବରଖାସ୍ତ କରିବା ଓ ନିଜର କ୍ଷମତା ବଞ୍ଚାଇବା ପାଇଁ କୋର୍ଟ ନିଷ୍ପତ୍ତିକୁ ଓଲଟାଇ ଦେବା ପର୍ଯ୍ୟନ୍ତ ଅନେକ ଉପାୟରେ ଗଣତାନ୍ତ୍ରିକ ଢାଞ୍ଚାକୁ ଆକ୍ରମଣ କରିଆସୁଛି। କଂଗ୍ରେସ ଦଳର କଥା ଏବଂ କାର୍ଯ୍ୟ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି। ଗୋଟିଏ ପଟେ ଏହି ଲୋକମାନେ ସମ୍ବିଧାନକୁ ଧରି ଘୂରି ବୁଲନ୍ତି ଏବଂ ଅନ୍ୟପଟେ ସେମାନେ ବାବାସାହେବଙ୍କୁ ସଂସଦରେ ପ୍ରବେଶ କରିବାକୁ ନଦେବା ପର୍ଯ୍ୟନ୍ତ, ଏସସି, ଏସଟି ଏବଂ ଓବିସିଙ୍କ ଅଧିକାରକୁ ଚୂର୍ଣ୍ଣ କରିବା ପାଇଁ କାମ କରନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାର ଗତ ୧୧ ବର୍ଷ ଧରି ବାବାସାହେବଙ୍କ ସମ୍ବିଧାନ ଅନୁଯାୟୀ ଗରିବ, ଶୋଷିତ, ବଞ୍ଚିତ ସମେତ ଦେଶର ପ୍ରତ୍ୟେକ ବର୍ଗର ଉନ୍ନତି ପାଇଁ ଜନଭାଗୀଦାରୀକୁ ପ୍ରୋତ୍ସାହିତ କରି ଜନକଲ୍ୟାଣ କରିଆସୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ତେଣୁ ଜରୁରୀକାଳୀନ ପରିସ୍ଥିତି ଲାଗୁ କରି ଦେଶବାସୀଙ୍କ ସମସ୍ତ ଅଧିକାରକୁ ଦଳି ଦେଇଥିବା ଏକଛତ୍ରବାଦୀ ମାନସିକତାସମ୍ପନ୍ନ ଲୋକମାନଙ୍କୁ ସମ୍ବିଧାନ ବିଷୟରେ କଥା ହେବା ଶୋଭାପାଏ ନାହିଁ ଏବଂ ଏପରି ଲୋକମାନେ ଭାରତର ବିକାଶ ବିରୁଦ୍ଧରେ ସେମାନଙ୍କର ଦୁଷ୍ଟ ଇଚ୍ଛାକୁ ଶେଷ କରି ଦେଶର ସ୍ୱାର୍ଥ ବିଷୟରେ କଥା ହେବା ଉଚିତ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ।

### ଜଗତ୍‌ସିଂହପୁରକୁ...

ଉପରେ ସେ ତୀକ୍ଷ୍ଣ ନଜର ରଖିଛନ୍ତି। କାରଣ ବିଧାୟକ ଅମରେନ୍ଦ୍ର ଦାସ ବିଜେଡିର ଆଗଧାଡିର ନେତା ହୋଇଥିବା ବେଳେ ନିର୍ବାଚନର ଅବ୍ୟବହିତ ପୂର୍ବରୁ ବିଜେପି ଟିକଟ ନେଇ ଜିଣିଛନ୍ତି। ବିଜେପି ନେତାମାନେ ତାଙ୍କୁ କରଛଡା ଦେଉଥିବା ବେଳେ ଶ୍ରୀ ଦାସ ଏବେ ବିଜେଡି କର୍ମୀଙ୍କ ନିକଟତର ହେବାରେ ଲାଗିଛନ୍ତି।

ସେହିଭଳି ବିଜୟ ଶଙ୍କର ଦାସଙ୍କ ଗତିବିଧିକୁ ନେଇ ଜିଲ୍ଲାରେ ଚର୍ଚ୍ଚା ଜୋର ଧରିଛି। ଶ୍ରୀ ଦାସ ଦଳବଳ ସହ ଖୁବଶୀଘ୍ର ପଦ୍ମ ଧରିବେ ବୋଲି ଆଲୋଚନା ହେଉଥିବା ବେଳେ ଏହା କେତେଦୂର ସତ୍ୟ ତାହା ଆଉ ଦିନେ ଦୁଇଦିନ ପରେ ଜଣାପଡିବ। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିଜୟଙ୍କ ଅନୁଗାମୀଙ୍କୁ ବିଜେପିକୁ ଆଣିବା ପାଇଁ ଜୋରଦାର ଉଦ୍ୟମ ଚାଲିଛି। ବିଜୟଙ୍କ ନାଁରେ ବିଭିନ୍ନ ମାଲିମୋକଦ୍ଦମା ଥିବାରୁ ବିଜେପି ତାଙ୍କୁ ଦଳକୁ ନେବାକୁ ଚାହୁଁନାହିଁ।ଏଭଳି ସ୍ଥିତିରେ ଜଗତ୍‌ସିଂହପୁର ବିଜେପି ରାଜନୀତି ଯେଭଳି ଭାବେ ଆଗକୁ ବଢୁଛି, ଦଳୀୟ କର୍ତ୍ତୃପକ୍ଷ ତାହା ଉପରେ ନଜର ନ ଦେଲେ ସେଠାରେ ଖୁବ୍‌ଶୀଘ୍ର ନିମାପଡ଼ାର ପୁନରାବୃତ୍ତି ଘଟିବ ବୋଲି ଆଶଙ୍କା କରାଗଲାଣି। ବିଶେଷକରି ଯେଉଁମାନେ ଦଳ ଛାଡି ବିଜେପିକୁ ଆସିଥିଲେ, ସେମାନେ ସମୀରଙ୍କ ରୂପ ଧରିବାର ବେଶ୍ ସମ୍ଭାବନା ରହିଛି।

### କେନ୍ଦ୍ରାପଡ଼ାରୁ ...

ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧ ରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା କେନାଲ, ରାସ୍ତା ନିର୍ମାଣ, ପାନୀୟ ଜଳଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏହା ସହିତ ଜନଶୁଣାଣି, ଭତ୍ତା ବଣ୍ଟନ, ବରିଷ୍ଠ ଅଧିକାରୀ ଓ ମନ୍ତ୍ରୀଙ୍କ ପରିଦର୍ଶନ, ମଧ୍ୟାହ୍ନଭୋଜନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନା, ମିଶନ ଶକ୍ତି ଇତ୍ୟାଦି ରେ ଉଲ୍ଲେଖନିୟ ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛି। ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲା ଓଡ଼ିଶାରେ ଦ୍ୱିତୀୟ ସ୍ଥାନରେ ରହି ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୁଲିସ ପ୍ରଶାସନକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଚୋରା ବାଲି ଚାଲାଣ, ଆଇନ ଶୃଙ୍ଖଳା ଓ ସରକାରୀ କର୍ମଚାରୀ ଅଭାବ ଭଳି ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ମୁଖ୍ୟମନ୍ତ୍ରୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସେ ପୁଣି କହିଥିଲେଯେ, ଆଗାମୀ ଦିନରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ। ଏଥିପାଇଁ ନୂଆ ପ୍ରକଳ୍ପ ଯଥା ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦିଆଯାଉ। ଏହା ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ଏକ ମାସ ମଧ୍ୟରେ ପ୍ରସ୍ତୁତ କରନ୍ତୁ। ଯେଉଁ ସ୍ଥାନରେ ପାନୀୟଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀ ମାନେ ଯଥାଶୀଘ୍ର ପଦକ୍ଷେପ ନେଇ କାର୍ଯ୍ୟ ସମାପ୍ତ କରନ୍ତୁ। ସ୍ୱାସ୍ଥ୍ୟ ସେବାରେ ଯେପରି କୌଣସି ଅସୁବିଧା ନହୁଏ ସେଥିପାଇଁ ମଧ୍ଯ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ମାଉସୀମା' ମନ୍ଦିରଠାରୁ ଶ୍ରୀବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରାରେ ଯୋଗଦେବା ସହ ଶ୍ରୀ ବଳଦେବଜୀଉ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଜିଲ୍ଲା କୃଷି ରଥ ଓ ରାଜସ୍ୱ ରଥର ଶୁଭାରମ୍ଭ କରିଥିଲେ। ସମୀକ୍ଷା ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଡକ୍ଟର ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସଙ୍କ ସମେତ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ଓ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

### ଚଳନ୍ତା ...

ସୂଚନାନୁସାରେ, କସାରା ଯାଉଥିବା ମୁମ୍ବାଇ ଟ୍ରେନର ଗାର୍ଡ କହିଛନ୍ତି ଯେ ମୁମ୍ବାଇ ଷ୍ଟେସନ ନିକଟରେ ୬ ଜଣ ଯାତ୍ରୀ ଟ୍ରେନରୁ ଖସି ପଡ଼ିଛନ୍ତି। ମୃତକମାନଙ୍କୁ ଚିହ୍ନଟ କରାଯାଉଛି। ସମସ୍ତ ମୃତକଙ୍କ ବୟସ ୩୦ ରୁ ୩୫ ବର୍ଷ ମଧ୍ୟରେ। ପୁଷ୍ପକ ଟ୍ରେନରେ ବହୁତ ଭିଡ଼ ଥିଲା, ଯାହା ଫଳରେ ଯାତ୍ରୀମାନେ ଦ୍ୱାର ମୁହଁରେ ଝୁଲି ଯାତ୍ରା କରୁଥିଲେ। ଏହି ସମୟରେ ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ୍ ଆଡ଼କୁ ଯାଉଥିବା ଟ୍ରେନ୍ ସହ ଉକ୍ତ ଯାତ୍ରୀମାନେ ଘଷିହୋଇଯିବା ଫଳରେ ତଳକୁ ଖସିପଡ଼ିଥିଲେ। ଏହି ଦୁର୍ଘଟଣା ସମୟର ଏକାଧିକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରେ ଯାତ୍ରୀମାନଙ୍କୁ ଟ୍ରେନରୁ ଟ୍ରାକ୍ ଉପରେ ଖସିପଡୁଥିବାର ଦୃଶ୍ୟ ରହିଛି। ଯାତ୍ରୀମାନଙ୍କୁ ଟ୍ରାକରୁ ଉଠାଇ ପ୍ଲାଟଫର୍ମକୁ ଅଣାଯାଇଥିଲା। ଯାହା ଫଳରେ ଯାତ୍ରୀମାନେ ଗୁରୁତର ଆହତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ କହିଛନ୍ତି ଯେ ଏକ ଲୋକାଲ୍ ଟ୍ରେନରୁ ଯାତ୍ରୀ ଖସିପଡ଼ିବା ଏବଂ ୬ ଜଣ ମୃତ୍ୟୁବରଣ କରିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଁ ମୃତକଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ଏହାସହ ମହାରାଷ୍ଟ୍ର ସରକାର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଏହି ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଫଡନାଭିସ୍ କହିଛନ୍ତି।

# ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ କୁଶଳୀ କାରିଗର ସମ୍ମାନିତ



**ଗୋପ, ୯।୬ (ସଂଚାର ବ୍ୟୁରୋ) :** ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଅନ୍ତର୍ଗତ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ଦୃଢ଼ ପ୍ରତିବଦ୍ଧତା ଓ ଉଦ୍ୟମଶୀଳ ଚେଷ୍ଟା ପାଇଁ ଉତ୍କର୍ଷ ନିମାପଡା କମିଟି ପକ୍ଷରୁ ପୟରା ଗ୍ରାମପଞ୍ଚାୟତ ହେଲାରୀ ଗ୍ରାମର ଜିତୁ ବାରିକ ମାନ୍ୟବର ରାଜ୍ୟପାଳଙ୍କ ଦ୍ୱାରା ସମ୍ମାନ ସହ ପୁରସ୍କୃତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ହେଉଛି ଭାରତ ସରକାରଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଦେଶର ପାରମ୍ପାରିକ କାରିଗର ଓ ଶିଳ୍ପୀମାନଙ୍କୁ ସ୍ୱାବଲମ୍ବୀ ଓ ସମୃଦ୍ଧ କରିବା ଲକ୍ଷ୍ୟରେ ଆର୍ଥିକ ସହାୟତା, ପ୍ରଶିକ୍ଷଣ ଓ ବ୍ୟବସାୟିକ ସମର୍ଥନ ଯୋଗାଇଥାଏ । ଏହି ଯୋଜନା ଅନ୍ତର୍ଗତ ପ୍ରାପ୍ତ ସହାୟତାକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରି ନିଜ ଶିଳ୍ପ କୌଶଳକୁ ଉନ୍ନତ କରିଛନ୍ତି ଜିତୁ। ଆୟ ବୃଦ୍ଧି କରିଛନ୍ତି ଏବଂ ଜଣେ ଚାକିରି ଆଶାୟୀ ବ୍ୟକ୍ତିରୁ ଜଣେ ସଫଳ ଉଦ୍ୟୋଗୀ ଭାବେ ପରିଣତ କରିଛନ୍ତି ତାଙ୍କ ବ୍ୟବସାୟକୁ। ଏହି ସଫଳତା ପାଇଁ ଉତ୍କର୍ଷ ନିମାପଡା ୨୦୨୫ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନରେ ସଫଳ କାରିଗର ଭାବେ ଜିତୁ ବାରିକ ଙ୍କୁ ମାନ୍ୟବର ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପାତି ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ସମ୍ମାନିତ କାରଯାଇଛି। ଜିତୁଙ୍କ ସଫଳ ପାଇଁ କାରିଗର ଓ ଶିଳ୍ପୀମାନଙ୍କୁ ଏକ ପ୍ରେରଣାଦାୟୀ ଉଦାହରଣ ସୃଷ୍ଟି କରିଛି।

# ଧରତୀ ଅବବା ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ପାଳିତ



**ଉମରକୋଟ, ୯।୬ (ସଂଚାର ବ୍ୟୁରୋ) :** ଧରତୀ ଅବବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ବଳିଦାନ ଦିବସ ଆଜି ନବରଙ୍ଗପୁର ଜିଲ୍ଲା ଉମରକୋଟର ସୁନାବେଡା ଠାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଭଗବାନ ବିର୍ସା ମୁଣ୍ଡାଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ କାରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଭଗବାନ ବିର୍ସା ମୁଣ୍ଡା ଦେଶ ଓ ଜାତି ପାଇଁ ଯେଉଁ ଚରମ ବଳିଦାନ ଦେଇଛନ୍ତି ତାହା ଅବିସ୍ମରଣୀୟ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ରକାଶ କରିବା ସହ ତାଙ୍କ ଜୀବନ ଆଦର୍ଶ ଓ ଦେଶପ୍ରେମ ଆମ ପାଇଁ ସଦା ସର୍ବଦା ପ୍ରେରଣା ର ଉତ୍ସ ବୋଲି କହିଥିଲେ। ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ଧରତୀ ଅବବା ଜନଜାତୀୟ ଗ୍ରାମ ଉନ୍ନୟନ ଯୋଜନା କେନ୍ଦ୍ର ସରକାର ଆରମ୍ଭ କରିଥିବା ବେଳେ ନବରଙ୍ଗପୁର ଜିଲ୍ଲା ଭଳି ଜନଜାତି ବହୁଳ ଜିଲ୍ଲା ରେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପିର ଅଶୋକ ପାଢ଼ୀ, ରାମ ନାୟକ, ସନ୍ତୋଷ ମହାପାତ୍ର, ଭଜନାଥ ଗଣ୍ଡ ପ୍ରମୁଖଙ୍କ ସହ ବିଜେପି ନେତୃ ମଣ୍ଡଳୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ବିଭିନ୍ନ ସମସ୍ୟା ନେଇ ୧୫ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ



**ନାଉଗାଁ, ୯।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ବିଭିନ୍ନ ସମସ୍ୟାକୁ ନେଇ ୧୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ସୋମବାର ଜନସ୍ୱାର୍ଥ କମିଟି ତରଫରୁ ବିଡିଓ ଅନୁପସ୍ଥିତିରେ ବରିଷ୍ଠ କିରାଣୀ ଜଗନ୍ନାଥ ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରକୁ କମିଟିର ସଭାପତି ବଂଶୀଧର ବେହେରା, ସମ୍ପାଦକ ସୁବାସ ସ୍ୱାଇଁ, ସଦସ୍ୟ ମହେଶ୍ୱର ଦାସ, ରଘୁନାଥ ଦାସ ଆଦି ପ୍ରଦାନ କରିଛନ୍ତି। ଦାବି ସମୁହ ମଧ୍ୟରେ ରହିଛି ବ୍ଲକରେ ସ୍ଥାୟୀ ବିଡିଓ, ଏବିଡିଓ, ସହକାରୀ ବ୍ଲକ ଶିକ୍ଷାଧିକାରୀଙ୍କ ନିଯୁକ୍ତି ସହିତ ମଧାହ୍ନ ଭୋଜନ ପାଚିକା ନିଯୁକ୍ତି କ୍ଷେତ୍ରରେ ପ୍ରିୟାପ୍ରିତି ପୋଷଣ ପ୍ରତ୍ୟାହାର କରିବା, ଆବଶ୍ୟକୀୟ ଅନୁଯାୟୀ ଉନ୍ନତମାନର ଧାନ ବିହନ, ସାର ଯୋଗାଇବା, ସରକାରଙ୍କ ଦ୍ୱାରା ଘୋଷିତ ଦର ସର୍ବସାଧାରଣରେ ପ୍ରଚାର କରିବା, ଚକୁଳିପଡ଼ା ଠାରେ ଥିବା କେନାଲ ସଫା କରାଯିବା, ଦେବୀନଦୀର ଦେବୀ ଦୋଳ ଠାରେ ଏକ ଚେକଡ୍ୟାମ ନିର୍ମାଣ ସହିତ ଜଳସେଚନ ଓ ପାନୀୟ ଜଳର ସ୍ଥାୟୀ ବନ୍ଦୋବସ୍ତ କରିବା, ଧୂଆଁପଦା ଓ ଡେରିକି (ଗୋରାକଣ) ଠାରେ ସ୍ଲୁଇସଗେଟ ନିର୍ମାଣ, ବାଉଁଶ ଯୋରୀରେ ଉଦବୃତ ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା, ଓଷକଣା ଠାରେ ଦେବୀନଦୀର ଅତଡା ଖସିବାର ସ୍ଥାୟୀ ସମାଧାନ କରିବା, ସରକାରୀ ଶୀତଳଭଣ୍ଡାର ନିର୍ମାଣ କରିବା, ଦେବୀଦୋଳ ଠାରୁ ଅଙ୍ଗେଶ୍ୱରପଡ଼ା ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାକୁ ଗମନା ଗମନ ଯୋଗ୍ୟ କରାଯାଉ, ଭୂମିହୀନମାନଙ୍କୁ ଯଥା ଶୀଘ୍ର ପଟ୍ଟା ପ୍ରଦାନ କରିବା ଆଦି ଦାବି ରହିଛି।

# ଗୁହାଳ ପାଲଟିଛି ଅସ୍ତରଙ୍ଗ ମୁଖ୍ୟ ବଜାର

## ବଢୁଛି ଦୁର୍ଘଟଣା, ଗୋରୁଗାଈଙ୍କ ଥଇଥାନ ଦାବି



**କାକଟପୁର/ଅସ୍ତରଙ୍ଗ, ୯।୬ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗରୁ କାକଟପୁର ମୁଖ୍ୟ ରାସ୍ତା ଅସ୍ତରଙ୍ଗ ତାରିଣୀ ମନ୍ଦିର ସାମ୍ନା ହେଉ ଅବା ବଜାରରେ ସନ୍ଧ୍ୟା ହେଲେ ଏବେ ବୁଲା ଗାଈଗୋରୁଙ୍କ ପାଇଁ ଗୁହାଳ ପାଲଟିଛି। ଫଳରେ ବଢୁଛି ଦୁର୍ଘଟଣା। ତୁରନ୍ତ ଏହି ବୁଲା ଗୋରୁଗାଈଙ୍କ ଥଇଥାନ କରିବାକୁ ସ୍ଥାନୀୟ ଲୋକ ଦାବୀ କରିଛନ୍ତି।

ଅସ୍ତରଙ୍ଗ ତାରିଣୀ ମନ୍ଦିର ଠାରୁ ବ୍ଲକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଶତାଧିକ ଗାଈଗୋରୁ ଦିନ ରାତି ବୁଲୁଥିବା ଦେଖିବାକୁ ମିଳୁଛି। ସେହିପରି ମେଡିକାଲ ଛକ, ଲକ୍ଷ୍ମୀ ବଜାର, ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସ ସାମ୍ନା, ଥାନା ଛକ ପର୍ଯ୍ୟନ୍ତ ସବୁଠି ଗୋରୁଙ୍କ ଭିଡ଼ ଲାଗି ରହୁଛି। ବିଶେଷ କରି ସନ୍ଧ୍ୟାରେ ମୁଖ୍ୟ ରାସ୍ତା ଉପରେ ଶୋଇ ରହୁଛନ୍ତି। ଫଳରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏଥିପାଇଁ ବାରମ୍ବାର ଦୁର୍ଘଟଣା ମଧ ଘଟୁଛି। କ୍ଷୀର ନେଇ ସାରିବା ପରେ ମାଲିକ ଗାଈ ଗୁଡିକୁ ନିଜ ଗୁହାଳରେ ବାନ୍ଧି ରଖିବା ପରିବର୍ତ୍ତେ ବାହାରକୁ ଛାଡି ଦେଉଛନ୍ତି। ଫଳରେ ରାସ୍ତାରେ ଗୋରୁଗୁଡ଼ିକଙ୍କ ଭିଡ଼ ଯୋଗୁଁ ଦୁର୍ଘଟଣା ଘଟୁଛି। ପ୍ରତିଦିନ ଏହି ସମସ୍ୟା ଦେଖିବାକୁ ମିଳୁଥିଲେ ମଧ ଏ ଦିଗରେ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ।

ବୁଲା ଗୋରୁ ଗାଈଙ୍କ ପାଦୁର୍ଭାବରେ ଅତିଷ୍ଠ ହୋଇ ପଡିଲେଣି ଲୋକେ। ରାସ୍ତାରେ ଗାଡି ରଖି କିଛି ସମୟ ଅନ୍ୟମନସ୍କ ହୋଇ ପଡିଲେ ଗାଡ଼ିରେ ଥିବା ପରିବା ବ୍ୟାଗ ସହ ଅନ୍ୟ ଜିନିଷ ଖାଇ ନଷ୍ଟ କରି ଦେଉଛନ୍ତି। ତେଣୁ ବୁଲା ଗୋରୁ ଗାଈଙ୍କ ଥଇଥାନ ପାଇଁ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଗୋଟିଏ ଗୋଶାଳା ପ୍ରତିଷ୍ଠା କରିବା ପାଇଁ ଦାବୀ ହେଉଛି। ଏହା ସହିତ ଏହି ବୁଲା ଗୋରୁଗାଈଙ୍କ ମାଲିକଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି।



# ଗୋପ ବ୍ଲକ ସମ୍ମୁଖରେ ସିପିଆଇର ବିକ୍ଷୋଭ

**ଗୋପ, ୯।୬ (ସଂଚାର ବ୍ୟୁରୋ) :** ସରକାର ଗଠନ ପୂର୍ବରୁ ସାଧାରଣ ଜନତାଙ୍କୁ ଭାରତୀୟ ଜନତା ପାର୍ଟି ଦେଇଥିବା ପ୍ରତିଶୃତି ଏକ ବର୍ଷ ସରକାର କଠନ ପରେବି ପୂରଣ କରିନଥିବା ପ୍ରତିବାଦରେ ଗୋପ ସିପିଆଇ ତରଫରୁ ଗୋପ ବ୍ଲକ ସମ୍ମୁଖରେ ଭିକ୍ଷୋଭ କାରଯିବା ସହିତ ଦାବୀ ପତ୍ର ପ୍ରଦାନ। ଗୋପ ବ୍ଲକ ସିପିଆଇ ତରଫରୁ ୧୯ଟି ଦାବିପତ୍ରକୁ ନେଇ ଆଜି ଗୋପ ବ୍ଲକ ସମ୍ମୁଖରେ ଶତାଧିକ କର୍ମୀ ପ୍ରତିବାଦ କରିବା ସହିତ ଗୋପ ବିଡିଓ ଛବିରାଣୀ ସାହୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆୟୁଷ୍ମାନ ଯୋଜନରେ ପରିବାର ସମସ୍ତ ସଦ୍ୟସ ମାନଙ୍କ ଏକକ କାର୍ଡ ପ୍ରଦାନ, ପ୍ରତ୍ୟେକ ବୃଦ୍ଧ, ବୃଦ୍ଧା ଓ ବିକଳାଙ୍ଗ, ବିଧବା ନିରାଶୟ ମାନଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରିବା, ସୁଭଦ୍ରା ଯୋଜନାକୁ ଏକ ଲକ୍ଷ ଟଙ୍କା ପ୍ରଦାନ ବୃଦ୍ଧକରିବା, ୩୦୦ ୟୁନିଟ ଫ୍ରି ବିଦ୍ୟୁତ ପ୍ରଦାନ କରିବା, ଦର ଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପରି ୧୯ ଗୋଟି ଦାବୀ ଗୋପ ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛି ଗୋପ ବ୍ଲକ ସପିଆଇ। ଏହି ପ୍ରତିବାଦ ସଭାରେ କୃଷକସଭା ରାଜ୍ୟ ଉପସଭାପତି ପ୍ରଦୀପ କୁମାର ମହାନ୍ତି, ସିପିଆଇ ରାଜ୍ୟ ଜୋନ ସମ୍ପାଦକ ପ୍ରସନ ଦାଶ, କୃଷକ ସଭା ଜିଲ୍ଲା ସଭାପତି ମନୋଜ ପରିଡା, ସିପିଆଇ ରାଜ୍ୟ ସହ ସମ୍ପାଦକ ଖିରୋଦ ସିଂ ଦେଓ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋଙ୍କ ସମେତ ଶତାଧିକ ସିପିଆଇ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅମନାତ୍ୟ ବିକାଶ ପରିଷଦର ବାର୍ଷିକ ଉତ୍ସବ ଅନୁଷ୍ଠିତ

**ବୋରିଗୁମ୍ମା, ୯।୬ (ସଂଚାର ବ୍ୟୁରୋ):** ଅବିଭକ୍ତ କୋରାପୁଟ ଜିଲ୍ଲା ଅମନାତ୍ୟ ବିକାଶ ପରିଷଦର ସଭାପତି ଧନୁର୍ଜୟ ପୂଜାରୀଙ୍କ ନେତୃତ୍ୱରେ ତୃତୀୟତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବୋରିଗୁମ୍ମା ପୂଜାରିପୁଟ ଶିବ ମନ୍ଦିର ଠାରୁ ଏକ ବିଶାଳ ରାଲି ବାହାରି ପୂଜାରିପଟ ସ୍ଥିତ ହନୁମାନ ମନ୍ଦିର ସମ୍ମୁଖରେ ଶୋଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର ତଥା ଛତିଶଗଡ଼ରୁ ଅମନାତ୍ୟ ସମାଜର ସମସ୍ତ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ବିଗତ ୨୦୨୨ ମସିହାରେ ପୂଜାରିପୁଟ ଠାରେ କୋରାପୁଟ ଜିଲ୍ଲା ଅମନାତ୍ୟ ବିକାଶ ପରିଷଦ ଗଠନ ହୋଇଥିଲା।

# ମନରେଗାରେ ଅନିୟମିତତା ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ



**ନାଉଗାଁ, ୯।୬ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତ ଚାନ୍ଦଖାପାଟଣା ମୌଜାର ଶେଷ ଭାଗରେ ମନରେଗା ଯୋଜନାରେ ଏକ ପୋଖରୀ ଖନନ କରାଯାଉଛି। ପୋଖରୀଟି ଘୋଡାଂଶ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ଖୋଳା ଯାଉଛି। ଉକ୍ତ କାର୍ଯ୍ୟରେ ସରକାରଙ୍କ ନିୟମକୁ ଖୋଲା ଖୋଲି ଉଲଘଂନ କରାଯାଉଛି। ଜବକାର୍ଡଧାରୀମାନେ ଉକ୍ତ ଯୋଜନାରେ କାର୍ଯ୍ୟ କରିବାର ନିୟମ ରହିଥିବା ବେଳେ ତାହା କରାନଯାଇ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ସହାୟତାରେ ମେସିନ ମାଧରେ ଏହା ଖୋଳା ଯାଉଅଛି। ଯାହାଫଳରେ ଜବକାର୍ଡଧାରୀମାନେ କାର୍ଯ୍ୟ ପାଉ ନାହାନ୍ତି।

ଅପରପକ୍ଷେ ଯେଉଁ ସ୍ଥାନରେ ପୋଖରୀ ଖୋଳାଯାଉଛି ତାହା ଗ୍ରାମର ଖେଳପଡ଼ିଆ ଅଟେ। ଏହାର ଅପରପାର୍ଶ୍ୱରେ ଶ୍ମଶାନ ରହିଥିବା ବେଳେ ଗୋଚାରଣ ପାଇଁ ଜମି ରହିଅଛି। ଏହି ସ୍ଥାନରେ ପୋଖରୀ ଖୋଳା ହେବା ଦ୍ୱାରା କେତେ ବେଳେ ଧନ ଜୀବନ ହାନି ହେବ ତାହା କହିହେବ ନାହିଁ। ଉକ୍ତ ଅଭିଯୋଗକୁ ଗ୍ରାମର କୈଳାସ ଚନ୍ଦ୍ର ସାହୁ, ରଶ୍ମିତା ଦାସ, ବନି ଦେଈ, ଅର୍ଜ୍ଜୁନ ଭୋଇ ଆଦି ଗ୍ରାମବାସୀଙ୍କ ସ୍ୱାକ୍ଷର ରହିଥିବା ବେଳେ ସୋମବାର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିସହିତ ଏହାର ନକଲ କପି ମୁଖ୍ୟମନ୍ତ୍ରୀ, ସଚିବ, ପଞ୍ଚାୟତିରାଜ ବିଭାଗ, ବିଡିଓ, ନାଉଗାଁ, ତହସିଲଦାର, ନାଉଗାଁ, ଏପିଓ ନାଉଗାଁ, ଘୋଡାଂଶ ପଞ୍ଚାୟତର ଯନ୍ତ୍ରୀ ଓ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

# ନୟାଗଡ଼ରେ ସମ୍ବିତ୍ ପାତ୍ରଙ୍କୁ ବିରୋଧ




## କୁଆଡେ ଗଲା ସାଂସଦଙ୍କ ୧୦୦ ଦିନରେ ଚିନିକଳ

**ନୟାଗଡ଼, ୯।୬ (ସଂଚାର ବ୍ୟୁରୋ):** ଛାତ୍ର ଓ ଯୁବ କଂଗ୍ରେସ ପକ୍ଷରୁ ନୟାଗଡ଼ରେ ପୁରୀ ସାଂସଦ ସମ୍ବିତ୍ ପାତ୍ରଙ୍କୁ ବିରୋଧ କରାଯାଇଛି। ସାଂସଦଙ୍କ ଗତକାଲିର ଗସ୍ତରେ ନୟାଗଡ଼ର ପବିତ୍ର ମାଟି ଅପବିତ୍ର ହୋଇଥିବା ଏବଂ ନୟାଗଡ଼ ମାଟିକୁ ପୁଣି ପବିତ୍ର କରିବା ଉଦ୍ଦେଶ୍ୟରେ କଂଗ୍ରେସ କର୍ମୀ ନୟାଗଡ଼ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରୁ ଏକ ବିଶାଳ ରାଲିରେ ବାହାରି ଗୋବର ପାଣି ଛିଞ୍ଚିଛିଞ୍ଚି, ଚିନିକଳ ପ୍ରତିଶ୍ରୁତି କୁଆଡେ ଗଲା, ଆଦି ବିଭିନ୍ନ ସ୍ଲୋଗାନ, ନାରାବାଜି ଦେଇ ବିରୋଧ କରିଥିଲେ। ପରେ ଗୋଲେଇ ଛକରେ ପହଞ୍ଚି ସେଠାରେ ସାଂସଦଙ୍କ କୁଶ ପୁତ୍ତଳିକାକୁ ଦାହ କରଯାଇଥିଲା।

ସାଂସଦ ସମ୍ବିତ୍ ପାତ୍ର ଜିତିବା ପୂର୍ବରୁ ୧୦୦ ଦିନରେ ଚିନିକଳ ପ୍ରତିଶ୍ରୁତି ଦେଇ ଭୁଲିଯିବା, ପାର୍ଲାମେଂଟ ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ଅପମାନ ସହ, ଓଡ଼ଗାଁ ମାଙ୍କଡ଼ ଖଣି ଦୁର୍ନୀତିରେ ମଧ ସାଂସଦଙ୍କ ସାମିଲ ଅଛି ବୋଲି ଦଳ ଅଭିଯୋଗ କରିଥିଲା। ଆଗାମୀ ଦିନରେ ସାଂସଦ ଚିନିକଳ ପାଇଁ ନୟାଗଡ଼ ବାସୀଙ୍କୁ ଏବଂ ରାହୁଲ ଗାନ୍ଧୀଙ୍କୁ ଅପମାନ ପାଇଁ କ୍ଷମା ନ ମାଗିବା ଯାଏ ସାଂସଦ ସମ୍ବିତ୍ ପାତ୍ରଙ୍କୁ ନୟାଗଡ଼ରେ ଜୋରଦାର ବିରୋଧ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏ ବିକ୍ଷୋଭରେ ଜିଲ୍ଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ୍ ଦାଶ, ଜିଲ୍ଲା ସଂଯୋଜକ ସତ୍ୟବ୍ରତ ନାୟକ, କଂଗ୍ରେସ ନେତା ବିଭୂ ପ୍ରସାଦ ମିଶ୍ର, କମଳ ସାହୁ, ଛାତ୍ର କଂଗ୍ରେସ ସଭାପତି ଶିବ୍ ରଞ୍ଜନ ସାହୁ, ଯୁବ କଂଗ୍ରେସ ନେତା ଦିଲ୍ଲୀପ୍ କୁମାର ବିଶୋଇ, ଲିଙ୍କନ ମହାପାତ୍ର, ଅମ୍ଳାନ ଅଂଶୁମାନ ସାହୁ, ଶାଶ୍ୱତ ପ୍ରଧାନ, ଜୀବନ ଜ୍ୟୋତି ରାଉତ ପ୍ରମୁଖ ଛାତ୍ରନେତା ଉପସ୍ଥିତ ଥିଲେ।

# ଡ଼ାବୁଗାଁରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି ଶିବିର ଅନୁଷ୍ଠିତ



**ନବରଙ୍ଗପୁର, ୯।୬ (ସଂଚାର ବ୍ୟୁରୋ):** ଆଜି ଡ଼ାବୁ ଗାଁ ବ୍ଲକ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର ୱାନ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ,ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର,ତହସିଲଦାର ଗୀତା ମୁର୍ମୁଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୫ ଜଣ ଚିହ୍ନଟ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଏବଂ ୪ ଜଣଙ୍କୁ ବୈଶାଖୀ ସହାୟତା ପ୍ରଦାନ କରାଯାଇଥିଲା।

## ଟାଟା ପାୱାରର ମନମାନି

# ବିନା ସୂଚନାରେ ମିଟର ବଦଳ, ଥାନାରେ ଏତଲା

**ବ୍ରହ୍ମପୁର, ୯।୬ (ସଂଚାର ବ୍ୟୁରୋ):** ଗାଙ୍ଗପୁର ଥାନା ଅନ୍ତର୍ଗତ ବରପଲ୍ଲୀ ଗ୍ରାମରେ ଗତ ମାସ ୩ ତାରିଖରେ ଟାଟା ପାୱାର ବିନା ସୂଚନାରେ ମିଟର ବଦଳ କରିଛି। ଗ୍ରାମର ସ୍ୱର୍ଗତ ଅରକ୍ଷିତ ପାଢ଼ୀଙ୍କ ଘର ବନ୍ଦ ଥିବା ସତ୍ତ୍ୱେ କୌଣସି ସୂଚନା ନଦେଇ ନିଜକୁ ଟାଟା ପାୱାର କର୍ମଚାରୀ କହି ସଠିକ୍ ଚାଲୁଥିବା ମିଟରକୁ ବଦଳାଇ ନୂଆ ସ୍ମାର୍ଟ ମିଟର ଲଗାଇ ପୁରୁଣା ଚାଲୁଥିବା ମିଟରକୁ ସାହି ପଡୋଶୀଙ୍କ ବାରଣ ସତ୍ତ୍ୱେ ସାଙ୍ଗରେ ନେଇ ଚାଲିଯାଇଥିବା ଅଭିଯୋଗ ହୋଇଛି । ସାହି ପଡ଼ୋଶୀଙ୍କ ଠାରୁ ଖବର ପାଇ ତାଙ୍କ ବୋହୂ ସସ୍ମିତା ପାଣିଗ୍ରାହୀ ଏସଡିଓ ଓ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ




ଚେଷ୍ଟା କିରିଥିଲେ। ପରେ ସେମାନଙ୍କୁ ମେଲ୍ ଯୋଗେ ଜଣାଇଥିଲେ। ଏହା ପରେ ତାଙ୍କ ମୋବାଇଲକୁ ଏକ ମେସଜ ଜରିଆରେ ଅଭିଯୋଗ ନଥାଇ ସମସ୍ୟାର ସମାଧାନ ହୋଇଥିବା ନେଇ ମେସେଜର ଏକ ଲେଖା ମୋବାଇଲକୁ ଆସିଥିଲା। ତେବେ ଏସ.ଇ ଭଞ୍ଜନଗର ଏହାର କିଛି ସମାଧାନ ନ କରି ସ୍ମାର୍ଟ ମିଟରର ଉପକାରିତା ବିଷୟରେ ମୋବାଇଲକୁ ମେସଜ ଦେଲେ । ଏହାର କୌଣସି ନ୍ୟାୟ ନ ପାଇ ଅଭିଯୋଗକାରୀ ଗାଙ୍ଗପୁର ଥାନାରେ ଗତ ୭ ତାରିଖରେ ଅଭିଯୋଗ ଦାଖଲ କରିଛନ୍ତି। ବିନା ସୂଚନାରେ ଏବଂ ଘର ବନ୍ଦ ଥିବା ପରେ ବି ମିଟର ବଦଳାଇବାର କୌଣସି ନିୟମ ନାହିଁ ବୋଲି ବୁଦ୍ଧିଜୀବୀମାନେ କହିବା ସହ ସାଧାରଣରେ ଏହାକୁ ନିନ୍ଦା କରାଯାଇଛି। ଏହାର ତୁରନ୍ତ ସମାଧାନ କରିବା ପାଇଁ ଦାବୀ ଉଠିଛି । ବିନା ସୂଚନାରେ ମିଟର ବଦଳାଇବା ସମ୍ବିଧାନିକ ଅଧିକାର କ୍ଷୁଣ୍ଣ ହୋଇଛି ବୋଲି ଅଭିଯୋଗ କାରୀ ସସ୍ମିତା ପାଣିଗ୍ରାହୀ କହିଛନ୍ତି।

# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ



**ବୋରିଗୁମ୍ମା, ୯।୬ (ସଂଚାର ବ୍ୟୁରୋ):** ସୋମବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଆମ ଓଡ଼ିଆ ଘରର ପାରମ୍ପରିକ ରନ୍ଧା ଖାଦ୍ୟ ଯାହା ସ୍ୱାସ୍ଥ୍ୟ ପାଇଁ ହିତକର ଏବଂ ଆମେ ସମସ୍ତେ ବହୁ କାଳରୁ ଖାଇଆସୁଥିବା ପାରମ୍ପରିକ ଖାଦ୍ୟ ସବୁ ଧୀରେ ଧୀରେ ହାଣ୍ଡିଶାଳରୁ ଉଭାନ ହୋଇଯାଉଛି ତାକୁ ଆମେ ପୁନର୍ବାର ଆଦୃତ କରାଇବା ଓ ଏହାର ବିଶେଷ ପ୍ରଚାର, ପ୍ରସାର କରିବା ଏହି କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହି ମଞ୍ଚରେ ତହସିଲଦାର ଶୋଭନ କୁମାର ବେହେରା, ଏବିଡ଼ିଓ ମାଧୁରୀ ଆଚାରୀ, ଏଇଇ ପ୍ରକାଶ କୁମାର ପ୍ରଧାନ, ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜକ ଦେବେନ୍ଦ୍ର ପଣ୍ଡା, ବିପିସି ସ୍ୱାତି ପଟନାୟକ, ଜିପିଡିଇଓ ସ୍ୱାଗତିକା ଗୋପାଳ,ଏପିଓ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁମନ୍ତ କୁମାର ବିଶ୍ୱାଳ, ଆଇସିଡ଼ିଏସ. ସୁପରଭାଇଜର ରୋଜାଲିନ କୋଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ୧୦ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ସଦସ୍ୟା ପ୍ରଦର୍ଶନକାରୀ ଭାବେ ନିରାମିଷ ଖାଦ୍ୟ ଷ୍ଟଲ୍ ମାଧମରେ ଖାଦ୍ୟ ପ୍ରସ୍ତୁତ କରି ବିଚାରକ ମଣ୍ଡଳୀକୁ ବୁଝାଇଥିଲେ।

# ବିପିଏଲଧାରୀଙ୍କ ଟ୍ରାନ୍ସଫର୍ମର ଲୁଟିନେଲେ ଦୁର୍ବୃତ୍ତ

**ବାଲିଅନ୍ତା, ୯।୬ (ସଂଚାର ବ୍ୟୁରୋ):** ବାଲିପାଟଣା ବିଦ୍ୟୁତ ସେକ୍ସନ ଅଧୀନ କୋଲଥପିଟା ଗ୍ରାମ ନିକଟରେ ବିପିଏଲଧାରୀଙ୍କ ପାଇଁ ବସିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରରୁ ତମ୍ବା କେବୁଲ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ବିଦ୍ୟୁତ ଲାଇନ କାଟି ଦେଇ ଟ୍ରାନ୍ସଫର୍ମର ଲୁଟି ନେବା ପରେ ଦୁର୍ବୃତ୍ତ ନୂଆସାହି ଗ୍ରାମ ନିକଟରେ ଟ୍ରାନ୍ସଫର୍ମର ଖୋଲି କେବୁଲ କାଢି ନେଇଥିଲେ । ଫଳରେ ଗ୍ରାମର ୨୫ ପରିବାର ଏବେ ଅନ୍ଧାରରେ ରହିଛନ୍ତି। ଏସମ୍ପର୍କରେ ଉପଭୋକ୍ତାମାନେ ବାଲିପାଟଣା ଥାନାରେ ଏବଂ ବାଲିପାଟଣା ବିଦ୍ୟୁତ ସେକ୍ସନରେ ଅଭିଯୋଗ କରିଛନ୍ତି। ହେଲେ ବିଭାଗ ପକ୍ଷରୁ ଏହା ମଧ୍ୟରେ ୨୪ ଘଣ୍ଟା ବିତିଯାଇଥିଲେ ମଧ ଟ୍ରାନ୍ସଫର୍ମର ଯୋଗାଇ ଦିଆଯାଇ ନାହିଁ।




## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଆବିର୍ଭାବ ୦୧.୦୧.୧୯୪୯ | ତିରୋଧାନ ୩୦.୦୫.୨୦୨୫

**୰ପ୍ରେମଲତା ପରିଡା**

ସ୍ୱାମୀ :-ରତ୍ନାକର ପରିଡା, ଅସ୍ତରଙ୍ଗ, ପୁରୀ

ତୋ ଅଭୁଲା ସ୍ମୃତିକୁ ସମୟ କେବେ ବି ଲିଭେଇ ପାରିବ ନାହିଁ। ସମୟ ବକ୍ଷେ ତୁ ଅଲିଭା ଗାଁର ଅଭୁଲା ଅନୁଭବର ମନ୍ଦିର। ସମୟ ସ୍ରୋତରେ ସବୁକିଛି ଭାସିଯାଇ ପାରେ କିନ୍ତୁ ତୋର ଅଭୁଲା ଅନୁଭବ ନୁହେଁ। ଆଜିର ପୁଣ୍ୟତିଥିରେ ତୋର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରଭୁ ଜଗତରନାଥ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ। ତୁମର ପ୍ରତିଟି ସଂସ୍କାର, ଭାଷା, ଉପଦେଶ ଓ ସମସ୍ତଙ୍କୁ ନିଜର କରିବା କଳା ଆମ୍ଭର ପ୍ରେରଣାଦାୟୀ ହେଉ।

-: ଶୋକସନ୍ତପ୍ତ :-

ପୁତ୍ର: ଶରତ କୁମାର ପରିଡା, ପବିତ୍ର କୁମାର ପରିଡା, କନ୍ୟା-ମମତା ପରିଡା, ଜ୍ୱାଇଁ-ପବିତ୍ର ସ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାର ବର୍ଗ


# ନବରଙ୍ଗପୁରରେ ଫଳିଲା ବିଦେଶୀ ପ୍ରଜାତିର ଆମ୍ବ 'ମିୱାଜାକି'



**ନବରଙ୍ଗପୁର/ନନ୍ଦାହାଣ୍ଡି, ୯।୬ (ସଂଚାର ବ୍ୟୁରୋ) :** ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ବ୍ଲକର ଡେଙ୍ଗାଡୋଟା ଗୁଡା ଗ୍ରାମରେ ଶୋଭା ବର୍ଦ୍ଧନ କରୁଛି ମିୱାଜାକି ଆମ୍ବ। ଅଗ୍ରଣୀ ଚାଷୀ ସୁଧାଂଶୁ ପାଢ଼ୀ ପରୀକ୍ଷଣ ଭିତ୍ତିରେ ନିଜ ଫାର୍ମରେ ଚାଷ କରିଛନ୍ତି ମିୱାଜାକି ଆମ୍ବ। ୨୦୨୩ ଜୁଲାଇ ମାସରେ ଏକ ନର୍ସରୀରୁ ପ୍ରତି ଚାରା୨୧୦୦ ଟଙ୍କାରେ ଏହି ଆମ୍ବ ପ୍ରଜାତିର ଚାରା କିଣି ଆଣି ନିଜ ଫାର୍ମରେ ଲଗାଇଥିଲେ। ଗୋବର, ନିମ ଓ ଜିଆ ଖତ ବ୍ୟବହାର କରିଥିଲେ। ଫଳରେ ଦୁଇବର୍ଷ ମଧ୍ୟରେ ଗଛରେ ଫଳ ଧରି ପାରିଛି। ମାତ୍ର ୬ ରୁ ୭ ଫୁଟ ଉଚ୍ଚତା ବିଶିଷ୍ଟ ଗଛରେ ଆମ୍ବ ଫଳିଛି। ଗୋଟିଏ ଗୋଟିଏ ଆମ୍ବର ଓଜନ ଅଧା କେଜିରୁ ଗୋଟିଏ କେଜି ଓଜନର ହେଲାଣି। ଦେଖିବାକୁ ଖୁବ ସୁନ୍ଦର ଓ ଲୋଭନୀୟ ଏହି ଆମ୍ବ। ଏଭଳି ବିଦେଶୀ ପ୍ରଜାତିର ଆମ୍ବ ଚାଷ ପ୍ରଥମ ଥର ନବରଙ୍ଗପୁର ଜିଲ୍ଲାରେ।

ପ୍ରଥମ ଥର ପାଇଁ ମିୱାଜାକି ଆମ୍ବ ଚାଷ କରି ପାରିଥିବାରୁ ଆମ୍ବ ଚାଷୀ ସୁଧାଂଶୁ ପାଢ଼ୀ ବେଶ ଖୁସି। ସୁଧାଂଶୁ ନିଜ ଫାର୍ମରେ କେଶର, ଚଉସା, ଆଲଫାନ ଆମ୍ବ ସହ ପିଜୁଳି ଚାଷ କରନ୍ତି। ତେବେ ମିୱାଜାକି ଆମ୍ବ ଚାଷ କରି ସେ ନୂତନ ପରୀକ୍ଷଣ କରିଛନ୍ତି। ମିୱାଜାକି ଆମ୍ବର ଦର ଆନ୍ତର୍ଜାତୀୟ ବଜାରରେ ଅଧିକ ଚଢା ଦର ଥିବା ସତ୍ତ୍ୱେ ପ୍ରଥମ ଆମ୍ବ ଫସଲକୁ ସେ କମ ଦରରେ ସ୍ଥାନୀୟ ବଜାରରେ ହିଁ ବିକ୍ରି କରିବେ ବୋଲି କହିଛନ୍ତି। ସୁଧାଂଶୁଙ୍କ ମିୱା ଜାକି ଆମ୍ବ ଚାଷର ସଫଳତା ଅନ୍ୟ ଚାଷୀଙ୍କୁ ପ୍ରେରଣା ଯୋଗାଇବ ବୋଲି ଜିଲ୍ଲା ଉଦ୍ୟାନ ବିଭାଗର ଉପ କୃଷି ନିର୍ଦ୍ଦେଶକ ଚନ୍ଦ୍ର ମୋହନ ସାହୁ କହିଛନ୍ତି।

# ଜଟଣୀ ବ୍ଲକକୁ ସାଂସଦଙ୍କ ୫୦ ଲକ୍ଷର ପ୍ରକଳ୍ପ ଭେଟି

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ଏକ ବର୍ଷ ପରେ ଗାଁରେ ପଲିଟିକାଲ ଅଡିଟ୍ ହେବ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି। ପଲିଟିକାଲ ଅଡିଟ୍ ଦ୍ୱାରା ଗାଁରେ ଅଟକି ରହୁଥିବା ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ

## ଗାଁରେ ହେବ ପଲିଟିକାଲ ଅଡିଟ୍: ଅପରାଜିତା

ହୋଇପାରିବ। ଆଜି ଜଟଣୀ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଅବସରରେ ଏହା କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏହି ଅବସରରେ ସାଂସଦ ଜଟଣୀ ବ୍ଲକକୁ ୫୦ ଲକ୍ଷ ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପ ଭେଟି ଦେଇଛନ୍ତି। ଜଟଣୀ ବ୍ଲକର କୁସୁମାଟି ପଞ୍ଚାୟତ ଅନ୍ତର୍ଗତ ଛଣଘରଠାରେ ଏହିସବୁ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଖାପାଖି ୨୦ ହଜାର ଲୋକ ଉପକୃତ ହେବେ। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାସ୍ତା, ପାନୀୟ ଜଳ ଓ ଅନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସାଂସଦ। ଏହି ଅବସରରେ ସେ କହିଛନ୍ତି ଯେ ଗାଁରେ ଅନେକଗୁଡ଼ିଏ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶ ଦିଗରେ ସେ ଗୁରୁତ୍ୱ ଦେବା ସହ ଏହାକୁ ନିଜର ଦାୟିତ୍ୱ ଭାବେ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ଘରକୁ ରାସ୍ତା, ବିଦ୍ୟୁତ ସଂଯୋଗ, ପାନୀୟ ଜଳ ପହଞ୍ଚାଇବା ତାଙ୍କର ପ୍ରମୁଖ ଲକ୍ଷ୍ୟ। ଆଗାମୀ ୪ ବର୍ଷରେ ଏହି ଲକ୍ଷ୍ୟ ନିଶ୍ଚିତ ପୂରଣ ହେବ। ୨୦୧୯ ପରେ ୨୦୨୪ରେ ପୁଣିଥରେ ତାଙ୍କୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବାସିନ୍ଦାଙ୍କ ସେବା କରିବାର ସୁଯୋଗ ମିଳିଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ମାଧ୍ୟମରେ ସେ ଜନସାଧାରଣଙ୍କ ଋଣ ପରିଶୋଧ କରିବେ ବୋଲି ଅପରାଜିତା କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ବିକାଶ କୌଣସି ଦଳ ମଧ୍ୟରେ ସୀମିତ ନଥାଏ ଓ ଦଳମତ ନିର୍ବିଶେଷରେ ଗାଁର ବିକାଶରେ ସମସ୍ତେ ସାମିଲ ହେବା ଉଚିତ ବୋଲି ଅପରାଜିତା କହିଛନ୍ତି।



ସୂଚନାଯୋଗ୍ୟ ଯେ କୁସୁମାଟି ପଞ୍ଚାୟତର ଅଧିକାଂଶ ଗାଁକୁ ଭଲ ରାସ୍ତା ନଥିଲା। କିନ୍ତୁ ଏବେ ଉକ୍ତ ଗ୍ରାମବାସୀଙ୍କ ସମସ୍ୟା ଦୂର ହେବ। ଆଜି ରାସ୍ତା, ପାନୀୟ ଜଳ ଓ ଅନ୍ୟାନ୍ୟ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାରୁ ସ୍ଥାନୀୟ ଲୋକେ ମଧ୍ୟ ଏନେଇ ଖୁସି ପ୍ରକଟ କରିଛନ୍ତି। ଏଭଳି ପଦକ୍ଷେପ ପାଇଁ ସେମାନେ ସାଂସଦଙ୍କୁ ପ୍ରଶଂସା ମଧ୍ୟ କରିଛନ୍ତି। ଏହି ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଜେପି ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ସରପଞ୍ଚ ଶୁଭାସିନୀ ବିଶ୍ୱାଳ, ସମିତି ସଭ୍ୟ ହରମୋହନ ଓ ଜଟଣୀ ବିଡିଓ ଉପସ୍ଥିତ ଥିଲେ।



# ରଥଯାତ୍ରା ପୂର୍ବରୁ ସରିବ ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ କାର୍ଯ୍ୟ

ପୁରୀ,୯।୬(ସଂଚାର ବ୍ୟୁରୋ): ରଥଯାତ୍ରା ପୂର୍ବରୁ ଶ୍ରୀକ୍ଷେତ୍ରରେ ଶ୍ରୀଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ କାର୍ଯ୍ୟ ଶେଷ ହେବ। ମନ୍ଦିରର ପଶ୍ଚିମ ପଟ ମେଘନାଦ ପାଚେରୀକୁ ସ୍ୱତନ୍ତ୍ର ଖଣ୍ଡେଲାଇଟ ପଥର ଦ୍ୱାରା ନିର୍ମାଣ କାର୍ଯ୍ୟ କରାଯାଉଛି। ପୂର୍ବରୁ ଶ୍ରୀଗୁଣ୍ଡିଚା ମନ୍ଦିର ମେଘନାଦ ପାଚେରୀ ଇଟାରେ ପ୍ରସ୍ତୁତ ହୋଇଥିବା ବେଳେ ବର୍ତ୍ତମାନ ଏହାକୁ ଖଣ୍ଡେଲାଇଟ ପଥର ଦ୍ୱାରା ଓଡ଼ିଶାର ସ୍ଥାପତ୍ୟ ଶୈଳୀରେ ନିର୍ମାଣ କରାଯାଉଛି। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଏକ ସୂଚନା କେନ୍ଦ୍ର ଥିବା ବେଳେ ବର୍ତ୍ତମାନ ସେଠାରେ ଆଉ ଏକ ସୂଚନା କେନ୍ଦ୍ର ନିର୍ମାଣ କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଉଥିବା ବେଳେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ନିକଟରେ ସ୍ୱତନ୍ତ୍ର ଏଲଇଡି ବ୍ୟବସ୍ଥା କରାଯାଉଛି। ଏଥିରେ ଶ୍ରୀମନ୍ଦିରର ନୀତିକାନ୍ତି ସମ୍ପର୍କିତ ବିଭିନ୍ନ ସୂଚନା ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି।

## ଅସ୍ଥାୟୀ ବସଷ୍ଟାଣ୍ଡରୁ ବଡଦାଣ୍ଡ ପର୍ଯ୍ୟନ୍ତ ମାଗଣା ଅଟୋସେବା :ପରିବହନ ମନ୍ତ୍ରୀ

ପୁରୀ, ୯।୬ (ସଂଚାର ବ୍ୟୁରୋ) : ରଥଯାତ୍ରା, ବାହୁଡା ଓ ସୁନାବେଶ ପାଇଁ ତାଳ ବଣିଆରେ ହେବ ଅସ୍ଥାୟୀ ବସଷ୍ଟାଣ୍ଡ । ଭକ୍ତଙ୍କ ପାଇଁ ବସଷ୍ଟାଣ୍ଡରୁ ବଡଦାଣ୍ଡ ପର୍ଯ୍ୟନ୍ତ ହେବ ମାଗଣା ଅଟୋସେବା। ପୁରୀକୁ ୨୫୦ଟି ବସ ଚଳାଚଳ ପାଇଁ ସ୍ୱତନ୍ତ୍ର ପରମିଟ ଦିଆଯିବ ସହ ରେଟ ଚାର୍ଟ ଲଗାଯିବ । ରଥଯାତ୍ରା ପ୍ରସ୍ତୁତି ବୈଠକରେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ସୂଚନା । ରଥଯାତ୍ରାପାଇଁ ଚଳିତ ବର୍ଷ ଏଆଇର ବ୍ୟବହାର କରାଯିବ । ଅପରାଧ ଓ ଭିଡ଼ ନିୟନ୍ତ୍ରଣ ପାଇଁ ସିସିଟିଭି ଓ ଇଣ୍ଟି ଗ୍ରେଟେଡ଼ କଣ୍ଟ୍ରୋଲ ରୁମର ସହାୟତା ନିଆଯିବ । ରଥଯାତ୍ରା ପ୍ରସ୍ତୁତି ବୈଠକରେ ସୂଚନା ଦେଲେ ପୁରୀ ଏସପି ବିନୀତ ଅଗ୍ରୱାଲ ।

# କଲବଲ କରୁଛି ଅସହ୍ୟ ତାତି

## ପୂର୍ବାହ୍ନ ସାଢ଼େ ୮ଟାରେ ୩୨ ଡିଗ୍ରୀ ଉପରେ ତାତି

ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ରାଜ୍ୟରେ କଲବଲ କରୁଛି ଅସହ୍ୟ ଗୁଳୁଗୁଳି ସହ ତାତି। ଭୁବନେଶ୍ୱରରେ ସକାଳ ସାଢ଼େ ୮ଟା ସୁଦ୍ଧା ତାପମାତ୍ରା ୩୨ ଡିଗ୍ରୀ ଉପରେ ରହୁଥିବା ପରିଲକ୍ଷିତ ହୋଇଛି। ରାଜଧାନୀ ଭୁବନେଶ୍ୱରରେ ଆଜି ୮୧ ପ୍ରତିଶତ ଆର୍ଦ୍ରତା ରେକର୍ଡ କରାଯାଇଥିବା ବେଳେ ଭୀଷଣ ତାତି ଓ ଗୁଳୁଗୁଳିରେ ଜନଜୀବନ ଏକରକମ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ଦେଖାଯାଇଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସମାନ ସ୍ଥିତି ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ପାଖାପାଖି ୪୩ ଡିଗ୍ରୀକୁ ଛୁଇଁବ ବୋଲି ମଧ୍ୟ ଆକଳନ କରାଯାଇଛି। କିନ୍ତୁ ଇତିମଧ୍ୟରେ ସାମାନ୍ୟ ଆଶ୍ୱସ୍ତିକର ଖବର ଆଣିଛି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ। ଧୀରେ ଧୀରେ ଏହା ଘନୀଭୂତ ହୋଇ ଆସନ୍ତା ୧୩ ତାରିଖ ମଧ୍ୟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରଜ ପର୍ବ ଭିଜିବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୧୪ ତାରିଖରୁ ଧୀରେ ଧୀରେ ବର୍ଷାର ପରିମାଣ ବଢ଼ିବ ବୋଲି କୁହାଯାଇଛି।

■ ଲୋକସେବା ଭବନରୁ ଏସି ଚୋରି ଘଟଣା

## ବନ୍ଧାହେଲେ ତିନି ମହିଳା ଓ ଜଣେ ପୁରୁଷ



ଭୁବନେଶ୍ୱର, ୯।୬ (ସଂଚାର ବ୍ୟୁରୋ) : ଲୋକସେବା ଭବନରୁ ଏସି ୟୁନିଟ୍ ଚୋରି ଅଭିଯୋଗରେ ୪ ଜଣକୁ ବାନ୍ଧିଲା ପୋଲିସ। ସମସ୍ତ ଚାରି ଅଭିଯୁକ୍ତଙ୍କୁ କ୍ୟାପିଟାଲ ଥାନା ଅଞ୍ଚଳ, ୟୁନିଟ୍-୫, କେଶରୀ ନଗର ବସ୍ତିରୁ ପୋଲିସ ଧରିଥିବାବେଳେ ସେମାନଙ୍କ ଘରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଏମାନେ ଲୋକସେବା ଭବନରେ ଶ୍ରମିକ ଭାବରେ କାମ କରୁଥିବାରୁ ସୁଯୋଗର ଫାଇଦା ଉଠାଇ ଏସବୁ ଚୋରି କରିଥିଲେ। ସୂଚନାଥାଉକି, ଲୋକସେବା ଭବନ ଆରଡି ସମ୍ମିଳନୀ ହଲ ଛାତରୁ ବାହାର ଏସି ୟୁନିଟ୍ ଭାଙ୍ଗି ତମ୍ବା ତାର ଚୋରି କରୁଥିବାର ଦେଖାଯାଇଥିଲା। ଅଭିଯୋଗକାରୀ ଏନେଇ ସେଠାରେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କୁ ଜଣାଇଥିଲେ, ଯାହା ପରେ କ୍ୟାପିଟାଲ ଥାନାରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ତଦନ୍ତ ସମୟରେ, ଘଟଣାସ୍ଥଳର ସିସିଟିଭି ଫୁଟେଜ୍ ଏବଂ ଫଟୋଗ୍ରାଫ୍ ସଂଗ୍ରହ କରାଯାଇଥିଲା। ଆଉ ତଦନ୍ତକ୍ରମେ ସୋମବାର ଏହି ଚାରି ୪ ଶ୍ରମିକ ଧରାପଡ଼ିଛନ୍ତି। ଏମାନଙ୍କ ନିକଟରୁ ଆହୁରି ଅନେକ ଏସି ଆଉଟଡୋର ୟୁନିଟ ଓ ଏସିର କପର ତାର ଜବତ ମଧ୍ୟ କରିଛି କ୍ୟାପିଟାଲ ଥାନା ପୋଲିସ। ଗିରଫ ତିନି ମହିଳା ହେଉଛନ୍ତି ଉର୍ମିଳା ପ୍ରଧାନ, କ୍ରିଷ୍ଣା ବିଷୋୟୀ, କୁମାରୀ ପ୍ରଧାନ ଅନ୍ୟ ଜଣେ ପୁରୁଷ ଶ୍ରମିକ ହେଉଛନ୍ତି ପ୍ରଫୁଲ୍ଲ କୁମାର ଜେନା ।

## ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ମାମଲାରେ ୯ ଗିରଫ



ବାଲେଶ୍ୱର,୯।୬(ସଂଚାର ବ୍ୟୁରୋ): ଗତ ୨ ତାରିଖରେ କପ୍ତିପଦା ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀ (ଓଆରଏସ)ଙ୍କୁ କେତେକ ବାଲିମାଫିଆ ଆକ୍ରମଣ କରିଥିଲେ। ଏହି ଘଟଣାରେ ଆଜି ୯ ଜଣ ଗିରଫ ହୋଇଛନ୍ତି। ଏଥିସହ ଏହି ମାମଲାରେ ଜଡ଼ିତ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଜି ପୂର୍ବାଞ୍ଚଳ ଡିଆଇଜି ଡାକ୍ତର ସତ୍ୟଜିତ ନାଏକ ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଗିରଫ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କୁ ଓଡ଼ିଶା ବ୍ୟତୀତ ଝାଡ଼ଖଣ୍ଡ ଓ ଅନ୍ୟାନ୍ୟ ବିଭିନ୍ନ ରାଜ୍ୟରୁ ଗିରଫ କରାଯାଇଛି। କାର୍ଯ୍ୟସ୍ଥଳରେ ଥିବା ସରକାରୀ କର୍ମଚାରୀ ବାଲି ମାଫିଆଙ୍କ ଆକ୍ରମଣର ଶିକାର ହେଲେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଓଡ଼ିଶା ପୁଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ମୁତାବକ ଆଲୋଚ୍ୟ ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଡିଆଇଜି ଡାକ୍ତର ନାଏକ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ସପ୍ତାହରେ ମୟୂରଭଞ୍ଜର କପ୍ତିପଦା ଥାନା ନିକଟରେ ୨୦ରୁ ଉର୍ଦ୍ଧ୍ୱ ବାଲି ମାଫିଆ ଅତିରିକ୍ତ ତହସିଲଦାର ଭୀମକାନ୍ତ ମାଝୀଙ୍କୁ ଆକ୍ରମଣ କରିଥିଲେ। ଏନେଇ ଶ୍ରୀ ମାଝୀ କପ୍ତିପଦା ଥାନାରେ ୧୨ ଜଣଙ୍କ ନାଁରେ ଅଭିଯୋଗ ଦାଏର୍ କରିଥିଲେ। ତାଙ୍କ ଅଭିଯାଗକୁ ଭିତ୍ତି କରି ସେଠାକାର ଏସଡିପିଓ ହରେକୃଷ୍ଣ ନାୟକ ଘଟଣାର ତଦନ୍ତ ଭାର ସମ୍ଭାଳିଥିଲେ।

■ ମହଙ୍ଗା ପଡ଼ିଲା ଭାଇ-ଭାଉଜ କଳିରେ ମଧ୍ୟସ୍ଥତା

## ଭାଇ ଆକ୍ରମଣରେ ବଡ଼ ଭଉଣୀ ମୃତ



ବଣାଇ,୯।୬(ସଂଚାର ବ୍ୟୁରୋ): ସୁନ୍ଦରଗଡ ଜିଲ୍ଲା ମହୁଲପଦା ଥାନାର ଜିନକଳା ଗ୍ରାମରେ ଆଜି ଘଟିଯାଇଛି ଏକ ଅଭାବନୀୟ ଘଟଣା। ଭାଇର ଲୁହ ଛଡ଼ ମାଡ଼ରେ ବଡ଼ ଭଉଣୀର ମୃତ୍ୟୁ ହୋଇଛି। ମିଳିଥିବା ସୂଚନାନୁଯାୟୀ, ସାନ ଭାଇ ବିଜୟ ମାହାନ୍ତ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ଝଗଡ଼ା ହେଉଥିବା ଦେଖି ବଡ଼ ବାପା ଝିଅ ହେମଗିରି ଏଥିରେ ମଧ୍ୟସ୍ଥତା କରିବାକୁ ଉଦ୍ୟମ କରିଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା ଝଗଡ଼ା ରୋକିବା ସକାଶେ ସେ ଉଦ୍ୟମ କରିଥିଲେ ହେଁ ଶେଷରେ ଏହା ତାଙ୍କ ଜୀବନ ନେଇଯିବ ବୋଲି ସେ କଦାପି ଚିନ୍ତା ବି କରି ନଥିଲେ। କାରଣ ବିଜୟ ବଡ଼ ଭଉଣୀର ମଧ୍ୟସ୍ଥତାକୁ ଗ୍ରହଣ କରିପାରି ନଥିଲେ ଓ କ୍ରୋଧାନ୍ୱିତ ହୋଇ ହେମଗିରିଙ୍କ ମୁଣ୍ଡକୁ ହାତରେ ଧରିଥିବା ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଫଳରେ ହେମଗିରିଙ୍କ ମୁଣ୍ଡରୁ ଭୀଷଣ ରକ୍ତସ୍ରାବ ହୋଇଥିଲା ଓ ସେ ଘଟଣାସ୍ଥଳରେ ଟଳିପଡ଼ିଥିଲେ। ତେବେ ବିଜୟ ନିଜେ ଚିକିତ୍ସା ପାଇଁ ହେମଗିରିଙ୍କୁ ବଣାଇ ଡାକ୍ତରଖାନାକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।



## ନିଶା ବେପାରୀ ଘରେ ଲାଗିଲା ନୋଟିସ

ଭୁବନେଶ୍ୱର, ୯।୬ (ସଂଚାର ବ୍ୟୁରୋ): ବାଜିଲା ଡେଙ୍ଗୁରା ଲାଗିଲା ନୋଟିସ୍। ଭୁବନେଶ୍ୱର ଲିଙ୍ଗରାଜ ଥାନା ନାଗେଶ୍ୱର ଟାଙ୍ଗୀ ଅଞ୍ଚଳର କୁଖ୍ୟାତ ନିଶା ବେପାରୀ ଲୋକନାଥ ସାମଲଙ୍କ ଘରେ ଲାଗିଲା ଲଟକା । କୋର୍ଟଙ୍କ ନିର୍ଦ୍ଦେଶରେ ଲିଙ୍ଗରାଜ ଥାନା ପକ୍ଷରୁ ଲଟକା ଜାରି ହୋଇଛି। ଯଦି ୩୦ ଦିନ ମଧ୍ୟରେ ଥାନାରେ ହାଜର ନହେଲେ ଲୋକନାଥଙ୍କ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରାଯିବ ।

■ ରାଜଧାନୀରେ ବେଆଇନ ଗର୍ଭପାତ କିଟ୍ ଧରପଗଡ଼

## ମେଡିସିନ୍ ଷ୍ଟୋର୍‌ରେ ଚଢ଼ାଉ, ବ୍ୟାପକ କିଟ୍ ଜବତ




ଭୁବନେଶ୍ୱର,୯।୬(ସଂଚାର ବ୍ୟୁରୋ): ବେଆଇନ ଗର୍ଭପାତ କିଟ୍ ବିକ୍ରି ଉପରେ ରୋକ ଲଗାଇବା ସକାଶେ ଆଜି ରାଜଧାନୀର ବିଭିନ୍ନ ସ୍ଥାନରେ ବଡ଼ ଧରଣର ଚଢ଼ାଉ ହୋଇଛି। ଡ୍ରଗ୍ସ କଣ୍ଟ୍ରୋଲ୍ ବିଭାଗ ପକ୍ଷରୁ ନୟାପଲ୍ଲୀ ଅଞ୍ଚଳରେ ଥିବା ଏକ ମେଡିସିନ ଷ୍ଟୋରରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଉକ୍ତ ଷ୍ଟୋର୍ ଦାୟିତ୍ୱରେ ଥିବା କର୍ମଚାରୀମାନେ ବିନା ଡାକ୍ତରୀ ପ୍ରେସକ୍ରିପସନରେ ଗର୍ଭପାତ କିଟ୍ ବିକ୍ରି କରୁଥିବା ଜଣାପଡ଼ିଛି। ଏହି ଚଢାଉରେ ଏକ ତିନିଜଣିଆ ଟିମ୍ ସାମିଲ ରହିଛି। ଚଢାଉ ସମୟରେ ବ୍ୟାପକ ପରିମାଣର ଗର୍ଭପାତ କିଟ୍ ମଧ୍ୟ ଜବତ ହୋଇଛି। ବିନା ପ୍ରେସକ୍ରିପସନରେ ଔଷଧର ଅପବ୍ୟବହାରକୁ ରୋକିବା ଉଦ୍ଦେଶ୍ୟରେ ଏହି ଚଢାଉ କରାଯାଇଛି। ଏହି ଚଢ଼ାଉ ନେଇ ଡ୍ରଗସ କଣ୍ଟ୍ରୋଲ୍ ବିଭାଗର ଅଧିକାରୀ କହିଛନ୍ତି ଯେ ବିଭାଗୀୟ ନିର୍ଦ୍ଦେଶାନୁଯାୟୀ ଗର୍ଭପାତ କିଟର ବେଆଇନ ବ୍ୟବହାରକୁ ରୋକିବା ପାଇଁ ଏହି ଚଢାଉ ହୋଇଛି। ଏହି ଦୋକାନରେ ହୋଇଥିବା ଚଢାଉରେ ବିପୁଳ ପରିମାଣର ବେଆଇନ ଗର୍ଭପାତ କିଟ୍ ଜବତ କରିଛୁ। ମିସୋପ୍ରିସ୍ତୋଲ ଭଳି ମେଡିସିନ ଡାକ୍ତରଙ୍କ ବିନା ପରାମର୍ଶରେ ଗ୍ରହଣ କଲେ ତାହା ସ୍ୱାସ୍ଥ୍ୟ ଉପରେ ବହୁତ ଖରାପ ପ୍ରଭାବ ପକାଇଥାଏ। ଏହା ଗ୍ରହଣ କରିବା ଦ୍ୱାରା ଭବିଷ୍ୟତରେ ବନ୍ଧ୍ୟାଦୋଷ ସମେତ ଅନ୍ୟାନ୍ୟ ଜଟିଳ ସମସ୍ୟା ସୃଷ୍ଟି ହେବା ସହ ପ୍ରଚୁର ରକ୍ତସ୍ରାବ ମଧ୍ୟ ହୁଏ, ଯାହାକି ଅତ୍ୟନ୍ତ ବିପଜ୍ଜନକ ବୋଲି ଉକ୍ତ ଅଧିକାରୀ ଜଣଙ୍କ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଆମେ ସବୁ ଦୋକାନରେ ତଦନ୍ତ କରୁଛୁ। ଯେଉଁମାନେ ଏହି ଗର୍ଭପାତ କିଟଗୁଡ଼ିକର ବେଆଇନ ବିକ୍ରି କରୁଛନ୍ତି, ସେମାନଙ୍କ ଦୋକାନକୁ ତୁରନ୍ତ ସିଲ୍ କରାଯିବ ନାହିଁ। ଚଢାଉ ହୋଇଥିବା ଦୋକାନର ଚୂଡ଼ାନ୍ତ ରିପୋର୍ଟ ପ୍ରଥମେ ଦାଖଲ କରାଯିବ। ତା'ପରେ କାରଣ ଦର୍ଶାଅ ନୋଟିସ୍ ଜାରି କରି ପରେ ଆବଶ୍ୟକ ପଡ଼ିଲେ ଦୋକାନର ଲାଇସେନ୍ସ ରଦ୍ଦ କରାଯିବ ବୋଲି ଅଧିକାରୀ ଜଣଙ୍କ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଏହି ଚଢ଼ାଉକୁ ନେଇ ଦୋକାନୀ କହିଛନ୍ତି ଯେ ଆମେ ପୂର୍ବରୁ ଯେଉଁମାନେ ଏହା ଆବଶ୍ୟକ କରୁଥିଲେ, ସେମାନଙ୍କୁ ବିକ୍ରି କରୁଥିଲୁ। କିନ୍ତୁ ଏବେ ବିକ୍ରି କରିବା ବନ୍ଦ କରିଦେଇଛୁ। ତେବେ ଭୁବନେଶ୍ୱରରେ ଏହି ଚଢ଼ାଉ ଆଗାମୀ ଦିନରେ ଅନ୍ୟ କେଉଁସବୁ ଅଞ୍ଚଳର ମେଡିସିନ୍ ଷ୍ଟୋର୍‌ରେ ହେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ମୋଦି ସରକାରଙ୍କୁ ବାଲୁକାକଳାରେ ଶୁଭେଚ୍ଛା




ପୁରୀ,୯।୬(ସଂଚାର ବ୍ୟୁରୋ): କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଜି ତୃତୀୟ ପାଳିର ପ୍ରଥମ ବର୍ଷ ପୂରଣ କରିଥିବା ବେଳେ ତାଙ୍କୁ ବାଲୁକାକଳାରେ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକାକଳା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। ପୁରୀ ନୀଳାଦ୍ରି ବେଳାଭୂମିରେ ସେ ୬ ଫୁଟର ଏକ ସୁନ୍ଦର ବାଲୁକା କଳା ନିର୍ମାଣ କରି ଭାରତ ସରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ବାଲୁକାକଳାରେ ପ୍ରାୟ ୫ ଟନର ବାଲି ବ୍ୟବହାର କରାଯାଇଛି। ଗତ ୨୦୧୪ରୁ କେନ୍ଦ୍ରରେ କ୍ଷମତା କାଏମ ରଖିଥିବା ନରେନ୍ଦ୍ର ମୋଦିଙ୍କ ସରକାରର ବିଭିନ୍ନ ଯୋଜନାକୁ ମଧ୍ୟ ଶ୍ରୀ ପଟ୍ଟନାୟକ ଉକ୍ତ ବାଲୁକାକଳାରେ ଦର୍ଶାଇଛନ୍ତି। ଏଥିସହ ବାଲୁକାକଳାରେ 'ଜର୍ଣ୍ଣି ଟୁ ବିକଶିତ ଭାରତ' ମଧ୍ୟ ଲେଖା ହୋଇଛି। ଦେଶ ସାରା ଲୋକେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ୧୧ ବର୍ଷର ଯାତ୍ରା ପାଇଁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଅକ୍ଳାନ୍ତ ନେତୃତ୍ୱ, ଅଟଳ ପ୍ରତିବଦ୍ଧତା ଏବଂ ପରିବର୍ତ୍ତନକାରୀ ଦୃଷ୍ଟିକୋଣ ପାଇଁ ହୃଦୟସ୍ପର୍ଶୀ କୃତଜ୍ଞତା ପ୍ରକାଶ କରିଛନ୍ତି ବାଲୁକାଶିଳ୍ପୀ ଶ୍ରୀ ପଟ୍ଟନାୟକ ।

## ଅଟୋ ସହ ଟ୍ରାକ୍ଟର ଧକ୍କା: ୭ ଗୁରୁତର



ଘଷିପୁରା,୯।୬(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ୨୦ ନଂ ଜାତୀୟ ରାଜପଥ ହସନପୁର ଟୋଲ୍ ପ୍ଲାଜା ନିକଟରେ ଆଜି ଏକ ଦୁର୍ଘଟଣା ଘଟିଛି। ଏଥିରେ ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଛି ଟ୍ରାକ୍ଟର। ଏହି ଦୁର୍ଘଟଣାରେ କଲିକତାର ୭ ଜଣ ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୋମବାର ସକାଳୁ କଲିକତା ଅଞ୍ଚଳର ୭ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ ସାରି ଅଟୋ ଯୋଗେ ଯାଜପୁର ରେଳଷ୍ଟେସନକୁ ଯାଉଥିଲେ । ଷ୍ଟେସନକୁ ଯିବା ବେଳେ ହସନପୁର ଟୋଲ୍ ପ୍ଲାଜା ନିକଟରେ ଉକ୍ତ ଅଟୋକୁ ସମ୍ମାରୁ ଆସୁଥିବା ଏକ ଟ୍ରାକ୍ଟର ଧକ୍କା ଦେଇଥିଲା।

## ୨୯ ଓଏଏସ୍ ଅଧିକାରୀଙ୍କ ବଦଳି

### ସୁକାନ୍ତ କୁମାର ବେହେରା ହେଲେ କଟକ ଆର୍‌ଡିସି

ଭୁବନେଶ୍ୱର, ୯।୬ (ସଂଚାର ବ୍ୟୁରୋ) : ୨୯ ଓଏଏସ୍ ଅଧିକାରୀଙ୍କ ବଦଳି । ୨୯ ଜଣ ବରିଷ୍ଠ ଓଏଏସ୍ ଅଧିକାରୀଙ୍କ ବଦଳି କଲେ ସରକାର । ସୁକାନ୍ତ କୁମାର ବେହେରା ହେଲେ କଟକ ଆର୍‌ଡିସି (ସିଡି) ସଚିବ। ଲିପ୍ ସା ଦାସଙ୍କୁ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ବୀରସେନ ପ୍ରଧାନ ହେଲେ ବ୍ରହ୍ମପୁର ଆର୍‌ଡିସି (ଏସ୍‌ଡି) ସଚିବ। ଆଶୁତୋଷ ସାମଲଙ୍କୁ କଟକ ଭୂଲେଖ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଦାୟିତ୍ୱ ଦିଆଯାଇଛି। ଦେବାଶିଷ ପଟ୍ଟନାୟକ ହେଲେ କଟକ ଆର୍‌ଡିସି (ସିଡି) ଅତିରିକ୍ତ ସଚିବ। ଶାନ୍ତନୁ କୁମାର ମହାନ୍ତି ହେଲେ ଓଏସ୍‌ବିସିଏଲ୍‌ର ଜେନେରାଲ ମ୍ୟାନେଜର।

## ବଳାତ୍କାରର ପ୍ରତିଶୋଧ ନେଲେ ୮ ମହିଳା

# ୬୦ବର୍ଷର ବୃଦ୍ଧଙ୍କୁ ପେଟ୍ରୋଲ ଢ଼ାଳି ଜାଳିଦେଲେ



ମୋହନା, ୯।୬ (ସଂଚାର ବ୍ୟୁରୋ) : ଗଜପତି ଜିଲା ମୋହନା ଥାନା କୁଇହୁରୁ ଗାଁରେ ୬୦ ବର୍ଷର ବୃଦ୍ଧ କାମ୍ବି ମଳିକଙ୍କୁ ହତ୍ୟା ଘଟଣାରେ ପୋଲିସ ସୋମବାର ୧୦ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ୮ ଜଣ ମହିଳାଥିବା ବେଳେ ଦୁଇଜଣ ପୁରୁଷ ଅଛନ୍ତି। ପୋଲିସ ଘଟଣାସ୍ଥଳରୁ ହତ୍ୟା କରାଯାଇଥିବା ଖପୁରି ଓ ହାଡ ପାଉଁଶ ଜବତ କରିବା ସହ ହତ୍ୟାରେ ବ୍ୟବହୃତ ହୋଇଥିବା କାତିକୁ ଜବତ କରିଛି। ସୂଚନା ପ୍ରକାରେ, କାମ୍ବି ମଳିକ ଗାଁରେ ରହି ମହିଳା ମାନଙ୍କ ସହ ବଳପୂର୍ବକ ଅନୈତିକ ସମ୍ପର୍କ ରଖି ଆସୁଥିଲେ। ପ୍ରତିବାଦ କରିଲେ ମାରିଦେବା ପାଇଁ ଧମକ ଚମକ ଦେଉଥିଲେ। ଚଳିତ ଜୁନ୍ ୨ରେ ଗାଁରେ ଜୈନିକ ମହିଳାଙ୍କୁ ବଳାତ୍କାର ପରେ ତାଙ୍କ ସମେତ ଅନ୍ୟ ମହିଳାମାନେ ମିଶି ସଂଘବୋଧ ଭାବେ ପ୍ରତିଶୋଧ ପରାଣ ହୋଇ ବୃଦ୍ଧଙ୍କୁ ହତ୍ୟା କରି ଗାଁଠାରୁ ଗୋଟିଏ କିଲୋ ମିଟର ଦୂରରେ ପେଟ୍ରୋଲ ଓ ଡିଜେଲ ଢାଳି ପୋଡି ଦେଇଥିଲେ। ତେବେ ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟ କିଏ ସମ୍ପୃକ୍ତ ରହିଛନ୍ତି ସେମାନଙ୍କୁ ମଧ୍ୟ ଯଥାଶୀଘ୍ର ଗିରଫ କରାଯିବା ନେଇ ଏସ୍‌ଡିପିଓ ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

# ହୋମଗାର୍ଡ ଚାକିରି ପାଇଁ ଉଚ୍ଚଶିକ୍ଷିତଙ୍କ ଲମ୍ବାଧାଡ଼ି



୧୦୭ ପଦ ପାଇଁ ୯୦୬୧ ପରୀକ୍ଷାର୍ଥୀ

ରାଉରକେଲା,୯।୬(ସଂଚାର ବ୍ୟୁରୋ): ହୋମଗାର୍ଡ ଚାକିରି ପାଇଁ ବି-ଟେକ୍ ପୂରଣ କରିଥିବା ପ୍ରାର୍ଥୀମାନେ ଆବେଦନ କରିଛନ୍ତି। କେବଳ ବି-ଟେକ୍ ନୁହେଁ, ଏମସିଏ ଓ ଏମବିଏ ଡିଗ୍ରୀଧାରୀ ବି ପରୀକ୍ଷା ଦେଇଛନ୍ତି। ରାଉରକେଲା ପୁଲିସ ଜିଲ୍ଲାରେ ୧୦୭ଟି ଗୃହରକ୍ଷୀ ପଦବୀ ପୂରଣ କରିବା ସକାଶେ ପରୀକ୍ଷା ଚାଲିଥିବା ସମୟରେ ଏଥିରେ ମୋଟ ୯୦୬୧ ଜଣ ପରୀକ୍ଷାର୍ଥୀ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ଅନେକ ଏମବିଏ, ଏମସିଏ, ଡିପ୍ଲୋମା ଓ ଆଇଟିଆଇ ଛାତ୍ରଛାତ୍ରୀ ଥିବା ସାମ୍ନାକୁ ଆସିଛି। ହୋମଗାର୍ଡ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ପାସ୍ ରହିଥିବା ବେଳେ ଦୈନିକ ୬୧୨ ଟଙ୍କା ପାରିଶ୍ରମିକ ରହିଛି। ତେବେ ଗୃହରକ୍ଷୀ ଚାକିରି ପାଇଁ ଉଚ୍ଚଶିକ୍ଷା ଯୋଗ୍ୟତାସମ୍ପନ୍ନ ଆଶାୟୀଙ୍କ ଭିଡ଼ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ତେବେ ମାତ୍ର ୧୦୭ ପଦବୀ ପାଇଁ ଏତେସଂଖ୍ୟକ ପ୍ରାର୍ଥୀ ଆବେଦନ କରିବା ପୁଲିସ ଓ ପ୍ରଶାସନର ଚିନ୍ତା ବଢ଼ାଇଥିଲା। ଏସବୁ ଦୃଷ୍ଟିକୋଣରୁ ସୋମବାର ହେବାକୁ ଥିବା ଗୃହରକ୍ଷୀ ପରୀକ୍ଷା କୌଣସି ସରକାରୀ ଚାକିରିଠାରୁ କମ୍ ନୁହେଁ। ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ସାରିବାକୁ ପୁଲିସର ବରିଷ୍ଠ ଅଧିକାରୀମାନେ ପୂରା ଦମ୍ ଲଗାଇ ଦେଇଥିଲେ। ଗତକାଲି ଅପରାହ୍ନରେ ଏସ୍‌ପିଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସକାଳ ପ୍ରାୟ ୫ଟାରେ ପରୀକ୍ଷାର୍ଥୀମାନେ ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲେ। ଷ୍ଟାଡିୟମ ଓ ଏହାର ଚତୁଃପାର୍ଶ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଉରକେଲା ପୁଲିସ ଜିଲ୍ଲାରେ ଗୃହରକ୍ଷୀ ପଦ ପାଇଁ ଗତ ମାର୍ଚ୍ଚରେ ରିଜର୍ଭ ପୁଲିସ ପଡ଼ିଆରେ ପରୀକ୍ଷାର୍ଥୀଙ୍କ ଲମ୍ବା ଧାଡ଼ି ଲାଗିଥିଲା। ରାଉରକେଲା ସହର ସହ କୁଆରମୁଣ୍ଡା, ନୂଆଗାଁ, ଲାଠିକଟା, ବଣାଇ, କୋଇଡ଼ା, ଗୁରୁଣ୍ଡିଆ, ବିଶ୍ରା ଆଦି ବ୍ଲକ୍‌ରୁ ଶହ ଶହ ସଂଖ୍ୟାରେ ବେକାର ଯୁବକଯୁବତୀ ରିଜର୍ଭ କାର୍ଯ୍ୟାଳୟ ଆଗରେ ସକାଳୁ ସକାଳୁ ପ୍ରାର୍ଥୀଙ୍କ ଲମ୍ବା ଧାଡ଼ି ଲାଗିଥିଲା। ସମାନ ସ୍ଥିତି ସୁନ୍ଦରଗଡ଼ ପୁଲିସ ଜିଲ୍ଲାରେ ମଧ୍ୟ ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ୯୨ଟି ପଦ ପାଇଁ ୫ ହଜାରରୁ ଅଧିକ ଆଶାୟୀ ଆବେଦନ କରିସାରିଥିବା ସାମ୍ନାକୁ ଆସିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଗତ ୭ ବର୍ଷରେ ୨୨୬ ମିଲିୟନ ଭାରତୀୟ ଦାରିଦ୍ର୍ୟରୁ ମୁକ୍ତ

ନୂଆଦିଲ୍ଲୀ,୯।୬: ଭାରତ ଗତ ୭ ବର୍ଷ ମଧ୍ୟରେ ଦାରିଦ୍ର୍ୟ ନିର୍ମୂଳନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶ୍ୱ ବ୍ୟାଙ୍କର ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୨୦୧୫-୧୬ ରୁ ୨୦୨୨-୨୩ ମଧ୍ୟରେ ପ୍ରାୟ ୨୨୬ ମିଲିୟନ ଭାରତୀୟ ଅତି ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି। ଏହି ଅଭୂତପୂର୍ବ ସଫଳତା ଭାରତର ଅନ୍ତର୍ଭୁକ୍ତିକରଣ

## ବିଶ୍ୱ ବ୍ୟାଙ୍କ ରିପୋର୍ଟ

ନୀତି, ଅର୍ଥନୈତିକ ସଂସ୍କାର ଏବଂ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ଫଳାଫଳ ବୋଲି ବିଶ୍ୱ ବ୍ୟାଙ୍କ ଉଲ୍ଲେଖ କରିଛି। ବିଶ୍ୱ ବ୍ୟାଙ୍କର ତଥ୍ୟ ଅନୁସାରେ, ୨୦୧୧-୧୨ରେ ଭାରତରେ ଅତି ଦାରିଦ୍ର୍ୟରେ ଥିବା ଲୋକଙ୍କ ହାର ୨୭.୧% ଥିବାବେଳେ, ୨୦୨୨-୨୩ ସୁଦ୍ଧା ଏହା ୫.୩%କୁ ହ୍ରାସ ପାଇଛି। ଏହା ମାନେ ପ୍ରାୟ ୨୬୯ ମିଲିୟନ ଲୋକ ଅତି ଦାରିଦ୍ର୍ୟ ସୀମାରୁ ଉପରକୁ ଉଠିଛନ୍ତି। ବିଶ୍ୱ ବ୍ୟାଙ୍କ ଅତି ଦାରିଦ୍ର୍ୟକୁ ଦୈନିକ ୨.୧୫ ଆମେରିକୀୟ ଡଲାର (ପ୍ରାୟ ୧୮୧ ଟଙ୍କା) ରୁ କମ ଆୟରେ ଜୀବନଯାପନ କରୁଥିବା ବ୍ୟକ୍ତି ଭାବେ ବ୍ୟାଖ୍ୟା କରିଛି। ୨୦୨୧ ପର୍ଚେସିଂ ପାୱାର ପାରିଟି (ପିପିପି) ଆଧାରରେ ନୂତନ ମାନଦଣ୍ଡ ସହିତ ଏହି ଗଣନା କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ,



ଗ୍ରାମାଞ୍ଚଳରେ ଅତି ଦାରିଦ୍ର୍ୟ ହାର ୧୮.୪% ରୁ ୨.୮% ଏବଂ ସହରାଞ୍ଚଳରେ ୧୦.୭% ରୁ ୧.୧% କୁ ହ୍ରାସ ପାଇଛି। ଗ୍ରାମୀଣ-ସହରୀ ଦାରିଦ୍ର୍ୟ ବ୍ୟବଧାନ ମଧ୍ୟ ୭.୭ ପ୍ରତିଶତ ପଏଣ୍ଟରୁ ୧.୭ ପ୍ରତିଶତ ପଏଣ୍ଟକୁ କମିଛି, ଯାହା ବାର୍ଷିକ ୧୬% ହ୍ରାସକୁ ସୂଚାଇଛି। ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶ ପରି ରାଜ୍ୟଗୁଡ଼ିକ ଏହି ଦାରିଦ୍ର୍ୟ ହ୍ରାସରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ଯେଉଁମାନେ ୨୦୧୧-୧୨ରେ ଦେଶର ୬୫% ଅତି ଗରିବଙ୍କୁ ପ୍ରତିନିଧିତ୍ୱ କରୁଥିଲେ। ବିଶ୍ୱ ବ୍ୟାଙ୍କର ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମପିଆଇ) ଅନୁଯାୟୀ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନଧାରଣରେ ଉନ୍ନତି ଦେଖାଯାଇଛି। ୨୦୦୫-୦୬ରେ ଭାରତରେ ୫୩.୮% ଲୋକ ବହୁମୁଖୀ ଦାରିଦ୍ର୍ୟରେ ଥିବାବେଳେ, ୨୦୧୯-୨୧ ସୁଦ୍ଧା ଏହା ୧୬.୪% ଏବଂ ୨୦୨୨-୨୩ରେ ୧୫.୫% କୁ ହ୍ରାସ ପାଇଛି। ସ୍ୱାସ୍ଥ୍ୟ ସେବା, ଶିକ୍ଷା, ସ୍ୱଚ୍ଛ ପାନୀୟ ଜଳ, ସଫାଇ ଏବଂ ବିଦ୍ୟୁତ ପରି ମୌଳିକ ସୁବିଧାରେ ନମନୀୟ ଉନ୍ନତି ହୋଇଛି। ଉଦାହରଣ ସ୍ୱରୂପ, ଗ୍ରାମାଞ୍ଚଳରେ ନଳକୂଅ ଜଳ ସୁବିଧା ୨୦୧୯ରେ ୧୬.୮% ଥିବାବେଳେ ବର୍ତ୍ତମାନ ୭୪.୭% ହୋଇଛି।

ଏହି ସଫଳତାରେ ସରକାରୀ ଯୋଜନା ଯେମିତି ସ୍ୱଚ୍ଛ ଭାରତ ଅଭିଯାନ, ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଭାରତ ଏବଂ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଯୋଜନାଗୁଡ଼ିକ ମାଧ୍ୟମରେ ସଫାଇ, ବିଦ୍ୟୁତ, ରୋଷେଇ ଇନ୍ଧନ ଏବଂ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ହୋଇଛି। ଏହାସହ, ମହିଳା ଓ ଗ୍ରାମୀଣ କର୍ମଚାରୀଙ୍କ ମଧ୍ୟରେ ସ୍ୱନିଯୁକ୍ତିର ବୃଦ୍ଧି ଅର୍ଥନୈତିକ ଅଂଶଗ୍ରହଣକୁ ବୃଦ୍ଧି କରିଛି। ଯଦିଓ ଭାରତ ଦାରିଦ୍ର୍ୟ ହ୍ରାସରେ ବଡ଼ ସଫଳତା ହାସଲ କରିଛି, ତଥାପି ପ୍ରାୟ ୧୨୯ ମିଲିୟନ ଲୋକ ୨୦୨୪ରେ ଅତି ଦାରିଦ୍ର୍ୟରେ ରହୁଛନ୍ତି। ଏହାସହ, ମଧ୍ୟମ-ଆୟ ଦେଶଗୁଡ଼ିକ ପାଇଁ ଦୈନିକ ୬.୮୫ ଡଲାର ସୀମାରେ ଅଧିକ ସଂଖ୍ୟକ ଲୋକ ଦାରିଦ୍ର୍ୟ ସୀମାରେ ଅଛନ୍ତି। କୋଭିଡ-୧୯ ମହାମାରୀ ଏବଂ ବୃଦ୍ଧି ପାଉଥିବା ଖାଦ୍ୟ ଓ ଶକ୍ତି ମୂଲ୍ୟ ଦାରିଦ୍ର୍ୟ ନିର୍ମୂଳନରେ ଆହ୍ୱାନ ସୃଷ୍ଟି କରୁଛି।



# ଏଲ୍ଆଇସିରେ ସିଦ୍ଧାର୍ଥ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ

ନୂଆଦିଲ୍ଲୀ,୯।୬: ରାଷ୍ଟ୍ରାୟତ୍ତ ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ରେ ଓଡ଼ିଆ ଅଧିକାରୀ ସିଦ୍ଧାର୍ଥ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ସେ କମ୍ପାନିର ସିଇଓ ଓ ଏମ୍‌ଡି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଉତ୍ତରାଧିକାରୀ ଭାବେ ସତ୍ ପାଲ୍ ଭାନୋଙ୍କୁ ତିନି ମାସ ପାଇଁ କମ୍ପାନିର ଏମ୍‌ଡି ଓ ସିଇଓ ଭାବେ ଅନ୍ତରୀଣ ଦାୟିତ୍ୱ ଦିଆଯାଇଛି। ୧୯୮୫ରେ ଜଣେ ଡାଇରେକ୍ଟର ରିକ୍ରୁଟ୍ ଅଫିସର୍ ଭାବେ ଶ୍ରୀ ମହାନ୍ତି କମ୍ପାନିରେ ଯୋଗଦେଇଥିଲେ। ଦୀର୍ଘ ସାଢ଼େ ତିନି ଦଶନ୍ଧିର କ୍ୟାରିୟର୍‌ରେ ସେ ମାର୍କେଟିଂ, ମାନବ ସମ୍ବଳ, ଆଇନ ଓ ନିବେଶ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାମ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନ ଓ ଆଇନରେ ସ୍ନାତକ ଏବଂ ଜାଭିୟର ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଭୁବନେଶ୍ୱର (ଏକ୍ସଆଇଏମ୍‌ବି)ରୁ ବିଜନେସ୍ ମ୍ୟାନେଜମେଣ୍ଟରେ ସ୍ନାତକୋତ୍ତର ପାଠପଢ଼ିଥିବା ଶ୍ରୀ ମହାନ୍ତି ଏଲ୍ଆଇସି ହାଉସିଂ ଫାଇନାନ୍ସର ଏମ୍‌ଡି ଓ ସିଇଓ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୨୩ରେ ତାଙ୍କୁ ଏଲ୍ଆଇସିର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୪ ଜୁନ୍‌ରୁ ୨୦୨୫ ଜୁନ୍ ପର୍ଯ୍ୟନ୍ତ ସେ କମ୍ପାନିର ଏମ୍‌ଡି ଓ ସିଇଓ ଭାବେ କାର୍ଯ୍ୟ କରିଥିଲେ।

# ଚାନ୍ଦି ଭଣ୍ଡାରର ରଜ ସଜ ୨.୦

ଭୁବନେଶ୍ୱର, ୯।୬: ଚାନ୍ଦି ଭଣ୍ଡାର ପକ୍ଷରୁ ରଜ ସଜର ଦ୍ୱିତୀୟ ସଂସ୍କରଣ ଘୋଷଣା କରାଯାଇଛି। ବ୍ରାଣ୍ଡ୍ ନୂଆ ଅଭିଯାନ 'ବର୍ଣ୍ଣ ବିଉଟିଫୁଲ୍'ର ଏକ ଅଂଶ ଭାବେ ଏହାକୁ ପ୍ରସ୍ତୁତ କରାଯାଇଥିଲା। ଏହା ହେଉଛି ଆତ୍ମ ପ୍ରକାଶର ଏକ ଉତ୍ସବ। ଏହି ରନ୍‌ୱେ ପାଇଁ ଉଭୟ ମହିଳା ଓ ପୁରୁଷଙ୍କୁ ସ୍ୱାଗତ କରାଯାଇଥିଲା। ରଜ ସଜ ଅଭିଯାନରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୪୦୦୦ରୁ ଅଧିକ ପଞ୍ଜୀକରଣ ଆସିଥିଲା। ଅଡିସନ୍ ପରେ ୫୦୦ରୁ ଅଧିକ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ ଜଣଙ୍କୁ ଫାଇନାଲିଷ୍ଟ ଭାବେ ଚୟନ କରାଯାଇଥିଲା। ଚାନ୍ଦି ଭଣ୍ଡାରର ଚେହେରା ଭାବେ ସେମାନେ ର୍‌ୟାମ୍ପ ୱାକ୍ କରିଥିଲେ। ର୍‌ୟାମ୍ପ ସହିତ ଚାନ୍ଦି ଭଣ୍ଡାର ଏହାର ରୁପା ଗହଣା




ସମ୍ଭାରକୁ ଉନ୍ମୋଚନ କରିଛି। ଏଥିରେ ମହିଳାମାନଙ୍କ ପାଇଁ ଅକ୍ସିଡାଇଜ୍‌ଡ ଗହଣା ସହିତ ଜିର୍‌କନ୍‌ଖଚିତ ନେକ୍‌ଲେସ୍, ଚୁଡ଼ି, ମୁଦି, କାନଫୁଲ, ବ୍ରେସଲେଟ୍ ଓ ଆଙ୍କଲେଟ୍ ଆଦି ରହିଛି। ପୁରୁଷଙ୍କ ଗହଣା ସମ୍ଭାର ଅମୋଘରେ ରହିଛି ବ୍ରେସ୍‌ଲେଟ୍, ମୁଦି, କଫ୍‌ଲିଙ୍କ୍ ଓ ଚେନ୍। ଚାନ୍ଦି ଭଣ୍ଡାର ଏହାର ଲାଇଫ୍‌ଷ୍ଟାଇଲ୍ ବର୍ଗ ଆରମ୍ଭ କରିଛି, ଯେଉଁଥିରେ ୱାଇନ୍ ଗ୍ଲାସ୍, ହ୍ୱିସ୍କି ଗ୍ଲାସ୍ ଓ ବୋତଲ ଆଦି ରହିଛି। ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କହିଛନ୍ତି ଯେ ଆମ ପାଇଁ ରଜ ଏକ ପର୍ବ ନୁହେଁ, ଏହା ଏକ ଅନୁଭୂତି। ଆମେ କିଏ, କେତେ ଦୂର ଆସିଛୁ ଓ ଆମ ଭିତରେ ଓ ବାହାରେ ବହନ କରୁଥିବା ସୌନ୍ଦର୍ଯ୍ୟକୁ ରଜ ପାଳନ କରୁଛି। ରଜ ସଜ ଏହା କହୁଛି ଯେ ଆମେ ସମସ୍ତେ ସୁନ୍ଦର ହୋଇ ଜନ୍ମ ହୋଇଛୁ ଓ ନିଜ ପଥରେ ଚମକିବାକୁ ଯୋଗ୍ୟ।

# ବଡ଼ ଶିଳ୍ପପତିଙ୍କଠାରୁ ସିଇଓମାନଙ୍କ ଦରମା ଅଧିକ

ନୂଆଦିଲ୍ଲୀ, ୯।୬: ଦେଶର ପ୍ରମୁଖ ଶିଳ୍ପପତିମାନେ ମଧ୍ୟ ଦରମା ପାଆନ୍ତି। ନିଜ କମ୍ପାନିଗୁଡ଼ିକଠାରୁ ଦରମା ଆକାରରେ ସେମାନଙ୍କୁ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ମିଳିଥାଏ। ଅନେକ କ୍ଷେତ୍ରରେ ନିଜ କମ୍ପାନିର ସିଇଓଙ୍କଠାରୁ ସେମାନଙ୍କ ଦରମା କମ୍ ରହିଥାଏ। ଦେଶର ଏକ ନମ୍ବର ଧନୀ ମୁକେଶ ଅମ୍ବାନି କୋଭିଡ୍ ମହାମାରୀ ବ୍ୟାପିବା ପରଠାରୁ ଦରମା ନେଉନାହାନ୍ତି। ତା' ପୂର୍ବରୁ ସେ ବର୍ଷକୁ ୧୫ କୋଟି ଟଙ୍କା ଦରମା ନେଉଥିଲେ। ଦ୍ୱିତୀୟ ବଡ଼ ଧନୀ ଗୌତମ ଆଦାନୀ ନିଜର ୯ଟି ତାଲିକାଭୁକ୍ତ କମ୍ପାନି ମଧ୍ୟରୁ ମାତ୍ର ଦୁଇଟି କମ୍ପାନିରୁ ଦରମା ଆକାରରେ ୧୦.୪୧ କୋଟି ଟଙ୍କା ନେଉଛନ୍ତି। ଆଦାନୀ ପୋର୍ଟସ୍ ଆଣ୍ଡ୍ ଏସ୍‌ଇଜେଡ୍‌ରୁ ୭.୮୭ କୋଟି ଟଙ୍କା ଓ ଆଦାନୀ ଏଣ୍ଟରପ୍ରାଇଜେସ୍‌ରୁ ସେ ୨.୨୮ କୋଟି ଟଙ୍କା ଦରମା ପାଉଛନ୍ତି। ଆଦାନୀଙ୍କଠାରୁ ଭାରତୀ ଏୟାରଟେଲ୍‌ର ମୁଖ୍ୟ ସୁନୀଲ ମିତ୍ତଲ (୩୨.୨୭ କୋଟି ଟଙ୍କା), ରାଜୀବ ବଜାଜ (୫୩.୭୫ କୋଟି ଟଙ୍କା), ପୱନ ମୁଞ୍ଜାଲ (୧୦୯ କୋଟି ଟଙ୍କା), ଏଲ୍ଆଣ୍ଡଟି ଅଧ୍ୟକ୍ଷ ଏସ୍ ଏନ୍ ସୁବ୍ରମଣ୍ୟମ (୭୬.୨୫ କୋଟି ଟଙ୍କା) ଓ ଇନ୍‌ଫୋସିସ୍ ସିଇଓ ସଲିଲ ଏସ୍ ପାରେଖ (୮୦.୬୨ କୋଟି ଟଙ୍କା) ଅଧିକ ଦରମା ନେଉଛନ୍ତି। ଆଦାନୀଙ୍କ କମ୍ପାନିରେ ସିଇଓ ଭାବେ କାମ କରୁଥିବା ଲୋକମାନେ ତାଙ୍କଠାରୁ ଅଧିକ ଦରମା ପାଉଛନ୍ତି। ଆଦାନୀ ଏଣ୍ଟରପ୍ରାଇଜେସ୍‌ର ସିଇଓ ବିନୟ ପ୍ରକାଶ ୬୯.୩୪ କୋଟି ଟଙ୍କା ଦରମା ପାଉଥିବା ବେଳେ ଆଦାନୀ ଗ୍ରିନ୍ ଏନର୍ଜିର ସିଇଓ ବିନୀତ ଜୈନ୍ ୧୧.୨୩ କୋଟି ଟଙ୍କା ଦରମା ନେଉଛନ୍ତି।



ମୁକେଶ ଦରମା ନିଅନ୍ତିନି, ଆଦାନୀଙ୍କ ୧୦.୪୧ କୋଟି

# ବ୍ୟାଙ୍କ କମାଇଲେ ଋଣ ସୁଧ

ନୂଆଦିଲ୍ଲୀ, ୯।୬: ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାରରେ ୦.୫ ପ୍ରତିଶତ ହ୍ରାସ କରିବା ପରେ ଦେଶର ବିଭିନ୍ନ ବ୍ୟାଙ୍କ ସେମାନଙ୍କ ଋଣ ସୁଧ କମ୍ କରିବା ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଆଗରେ ରହିଛନ୍ତି। ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କରୁର୍ ବୈଶ୍ୟ ବ୍ୟାଙ୍କ ପକ୍ଷରୁ ବାହ୍ୟ ବେଞ୍ଚମାର୍କ ସହ ଲିଙ୍କ୍ ହୋଇଥିବା ଋଣର ସୁଧ କମ୍ କରାଯାଇଛି। ଆଗାମୀ ଦିନରେ ଗ୍ରାହକମାନେ ବ୍ୟାଙ୍କରୁ କମ୍ ସୁଧରେ ଘର ଓ ଗାଡ଼ି ଆଦି କିଣିବା ଲାଗି ଋଣ ନେଇପାରିବେ। ସେମାନଙ୍କୁ ପୂର୍ବାପେକ୍ଷା ମାସିକ କିସ୍ତି ଆକାରରେ କମ୍ ଟଙ୍କା ଗଣିବାକୁ ପଡ଼ିବ। ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ଏହାର ରେପୋ ସହ ଲିଙ୍କ୍ ହୋଇଥିବା ଋଣ ସୁଧ ହାରକୁ ୮.୮୫ ପ୍ରତିଶତରୁ ହ୍ରାସ କରି ୮.୩୫ ପ୍ରତିଶତ କରିଛି। କିନ୍ତୁ ଏହାର ଏମ୍‌ସିଏଲ୍ଆର୍ ଭିତ୍ତିକ ସୁଧହାର ଅପରିବର୍ତ୍ତିତ ରହିଛି। ବ୍ୟାଙ୍କ ଅଫ୍ ବରୋଦା ଏହାର ଋଣ ସୁଧକୁ ୮.୧୫ ପ୍ରତିଶତକୁ ହ୍ରାସ କରିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏହାର ଓଭର୍‌ନାଇଟ୍ ଓ ମାସିକିଆ ହାରକୁ ୮.୯୦ ପ୍ରତିଶତକୁ ହ୍ରାସ କରିଛି। ୟୁକୋ ବ୍ୟାଙ୍କ ଏହାର ଋଣ ସୁଧ ହାର ୦.୫୦ ପ୍ରତିଶତ କମ୍ କରିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆର ରେପୋ ସହ ଲିଙ୍କ୍ ହୋଇଥିବା ସୁଧ ହାର ୮.୭୫ ପ୍ରତିଶତକୁ ହ୍ରାସ ପାଇଛି। ଇଣ୍ଡିଆନ୍ ବ୍ୟାଙ୍କ ଏହାର ରେପୋ ସହ ଲିଙ୍କ୍ ହୋଇଥିବା ସୁଧ ହାରକୁ ୮.୨୦ ପ୍ରତିଶତକୁ ହ୍ରାସ କରିଛି। କରୁର୍ ବୈଶ୍ୟ ବ୍ୟାଙ୍କର ୬ ମାସିଆ ଏମ୍‌ସିଏଲ୍ଆର୍ ୯.୮୦ ପ୍ରତିଶତକୁ ହ୍ରାସ ପାଇଛି।



କମ୍ ଇଏମ୍ଆଇରେ ମିଳିବ ଋଣ

# ପଲସରକୁ ପଛରେ ପକାଇ ଆଗକୁ ବଢ଼ିଲା ସ୍ପୋର୍ଟ୍ସ ବାଇକ ଟିଭିଏସ୍ ଆପାଚେ

ନୂଆଦିଲ୍ଲୀ, ୯।୬: ଦେଶରେ ସ୍ପୋର୍ଟସ୍ ବାଇକ୍‌ର କ୍ରେଜ୍ ବଢୁଛି। ଏହି ସମୟରେ ଗ୍ରାହକମାନଙ୍କ ପାଖରେ ବହୁତ ଭଲ ବିକଳ୍ପ ମଧ୍ୟ ଅଛି। କିନ୍ତୁ ଏତେ ନୂଆ ବିକଳ୍ପ ପରେ ମଧ୍ୟ, କିଛି ବାଇକ୍ ଅଛି ଯାହାର ଚାହିଦା କେବେ କମି ନାହିଁ। ଯେପରିକି ବଜାଜ୍ ଅଟୋର ପଲସର ହେଉ କି ଟିଭିଏସର ଆପାଚେ। ଆପାଚେ ଏବଂ ପଲସର ସିରିଜ୍ ଏବେ ବହୁତ ବଡ଼ ହୋଇଗଲାଣି ଏବଂ ଆପଣ ଅନେକ ଭଲ ମଡେଲ୍ ଦେଖିପାରିବେ। ତେବେ ପ୍ରମୁଖ ବାଇକ୍ ନିର୍ମାଣକାରୀ କମ୍ପାନୀଗୁଡ଼ିକର ବିକ୍ରୟ ରିପୋର୍ଟ ଆସିଛି। ଏଥର ଆପାଚେ ପଲସରକୁ ବହୁତ ପଛରେ ପକାଇ ଦେଇଛି। ଏପ୍ରିଲ ମାସରେ ଟିଭିଏସ ଆପାଚେର ୪୫୬୩୩ ୟୁନିଟ୍ ବିକ୍ରି ହୋଇଥିଲା। ଗତ ବର୍ଷ ସମାନ ସମୟରେ ୪୫୫୨୦ ୟୁନିଟ୍ ବିକ୍ରି ହୋଇଥିଲା, ଅର୍ଥାତ୍ ବିକ୍ରୟରେ ବହୁତ ବୃଦ୍ଧି ହୋଇନାହିଁ କିନ୍ତୁ ଏହାକୁ ଏକ ଭଲ ପ୍ରଦର୍ଶନ କୁହାଯାଇପାରେ। ସେହି ସମୟରେ, ଏପ୍ରିଲ ମାସରେ ୩୯୮୯୮ ୟୁନିଟ୍ ବଜାଜ୍ ପଲସର ବିକ୍ରି ହୋଇଥିଲା। ଗତ ବର୍ଷ ସମାନ ସମୟରେ ଏହି ସଂଖ୍ୟା ୫୦୭୩୯ ୟୁନିଟ୍ ବିକ୍ରି ହୋଇଥିଲା। ଏପରି ପରିସ୍ଥିତିରେ, ଏଥର କମ୍ପାନୀ ୧୦୮୪୧ ୟୁନିଟ୍ କମ୍ ବିକ୍ରି କରିପାରିଛି ଏବଂ କମ୍ପାନୀର ବିକ୍ରି ୨୧.୩୭% କମ୍ ହୋଇଛି, ଯେତେବେଳେ ଏହି ବାଇକ୍‌ର ବଜାର ଅଂଶ ୨୬.୭୭% ଥିଲା।



# କେଜିଏଫ୍‌ରୁ ପୁଣି ଉତ୍ପାଦନ ହେବ ସୁନା

## ୮୦ ବର୍ଷ ପରେ ଆରମ୍ଭ ହେବ ଭାରତର 'ସ୍ୱର୍ଣ୍ଣ ଯୁଗ'

ନୂଆଦିଲ୍ଲୀ ୯।୬: କର୍ଣ୍ଣାଟକର କୋଲାର ଗୋଲ୍ଡ ଫିଲ୍ଡସ୍ (କେଜିଏଫ) ପୁଣି କାର୍ଯ୍ୟକ୍ଷମ ହେବ। ପାଖାପାଖି ୮୦ ବର୍ଷର ଦୀର୍ଘ ବ୍ୟବଧାନ ପରେ ଭାରତର ଏହି ଐତିହାସିକ ସୁନା ଖଣିକୁ ପୁଣି ଆରମ୍ଭ କରିବାକୁ ଯାଉଛି। ସ୍ୱାଧୀନତା ପରେ ଦ୍ୱିତୀୟବାର ଖୋଲିବାକୁ ଯାଉଥିବା ଏହା ଭାରତର ପ୍ରଥମ ସୁନା ଖଣି। ସରକାରୀ ଅନୁମାନ ଅନୁସାରେ କେଜିଏଫରୁ ବାର୍ଷିକ ଅନୁନ୍ୟ ୭୫୦ କେଜି ସୁନା ଉତ୍ପାଦନ ହେବ ବୋଲି ଆଶା କରାଯାଉଛି। ଯଦି ସୁନା ଖଣି ପୁଣି କାର୍ଯ୍ୟକ୍ଷମ ହୁଏ ତେବେ ଭାରତର ବିଦେଶ ନିର୍ଭର ହ୍ରାସ ହେବ। ଭାରତ ବିଶ୍ୱର ସବୁଠୁ ବଡ଼ ସୁବର୍ଣ୍ଣ ଉତ୍ପାଦନକାରୀ ଦେଶ। ଦେଶର ଆବଶ୍ୟକ ଅଧିକାଂଶ ସୁନା ବିଦେଶରୁ ଆମଦାନୀ ହୋଇଥାଏ। କେଜିଏଫ ଯଦି ପୁଣି ଚାଲୁ ହୁଏ ନା କେବଳ ବୈଦେଶିକ ମୁଦ୍ରା ସଞ୍ଚୟ ହେବନି ବରଂ ସ୍ଥାନୀୟ ରୋଜଗାର ଓ ଆଞ୍ଚଳିକ ବିକାଶକୁ ଗତି ମିଳିବ। କୋଲାର ଗୋଲ୍ଡ ଫିଲ୍ଡସ ଏକ ସମୟରେ ଦେଶର ସବୁଠୁ ସମୃଦ୍ଧ ସ୍ୱର୍ଣ୍ଣ ଖଣି ମଧ୍ୟରେ ଅନ୍ୟତମ ଥିଲା। ଦେଶରେ



ବ୍ରିଟିଶ ଶାସନ କାଳରେ ଏଠାରୁ ବିପୁଳ ସୁନା ଉତ୍ତୋଳନ ହେଉଥିଲା। ଏବେ ନୂଆ ଟେକ୍ନୋଲଜି ଓ ଆଧୁନିକ ମେସିନ ସହାୟତାରେ ଏହି ଖଣିକୁ ପୁଣି ଉତ୍ପାଦକ କରାଯିବ।

ବ୍ରିଟିଶ ଓ ଭାରତ ସରକାର ୧୮୮୦ରୁ ୨୦୦୧ ମସିହା ପର୍ଯ୍ୟନ୍ତ ୧୨୧ ବର୍ଷ ଧରି କେଜିଏଫରୁ ୯୦୦ ଟନରୁ ଅଧିକ ସୁନା ବାହାର କରିଛନ୍ତି। ତେବେ ୨୦୦୧ ମସିହାରେ ଏଠାରୁ ଗୋଲ୍ଡ ମାଇନିଂ ଉପରେ ରୋକ ଲଗାଯାଇଥିଲା। ଏଣୁ କେଜିଏଫକୁ ଏକ ସମୟରେ 'ସୁନାର ସହର' ଓ 'ମିନି ଇଂଲଣ୍ଡ' କୁହାଯାଉଥିଲା। ଖ୍ରୀଷ୍ଟପୂର୍ବ ୧୦୦୪ରୁ ୧୧୧୬ ପର୍ଯ୍ୟନ୍ତ ଚୋଳ ସାମ୍ରାଜ୍ୟା ସମ୍ପର୍କିତ ଶିଳାଲେଖ ଓ ଗ୍ରନ୍ଥରେ ଗୋଲ୍ଡ ମାଇନିଂର ଉଲ୍ଲେଖ ରହିଛି। ୧୩୩୬ ମସିହାରୁ ୧୬୪୬ ମସିହା ପର୍ଯ୍ୟନ୍ତ ଏଠାରୁ ବିଜୟ ନଗର ରାଜବଂଶ ଓ ପରେ ୧୭୫୦ରୁ ୧୭୯୯ ମସିହା ପର୍ଯ୍ୟନ୍ତ ଟିପୁ ସୁଲତାନ ଏଠାରୁ ସୁନା ବାହାର କରୁଥିଲେ। ୧୮୦୨ ମସିହାରେ ବ୍ରିଟିଶ ସରକାରରେ ଲେଫ୍ଟନାଣ୍ଟ ଜନ ୱାରେନ କୋଲାର ସ୍ୱର୍ଣ୍ଣ ଭଣ୍ଡାର ଉପରେ ଗବେଷଣା କରିଥିଲେ। ୧୮୦୪ ଓ ୧୮୬୦ ମସିହା ପର୍ଯ୍ୟନ୍ତ ଏଠାରେ ଇଂରେଜମାନେ ଅନେକ ଗବେଷଣା ଓ ସର୍ଭେକ୍ଷଣ କରିବା ପରେ ସୁନା ଖଣି କରିବାକୁ ନିଷ୍ପତ୍ତି ନେଇଥିଲେ। ୧୮୮୦ ମସିହାରେ ଇଂଲଣ୍ଡର ଜନ ଟେଲର ଆଣ୍ଡ ସନସ୍ କମ୍ପାନୀ ଏଠାରେ କୋଲାରରେ ସୁନା ମାଇନିଂ ଆରମ୍ଭ କରିଥିଲା। ୧୯୪୩ ମସିହା ପର୍ଯ୍ୟନ୍ତ ଇଂରେଜମାନେ କୋଲାରରୁ ୫୮୩ ଟନ ସୁନା ଉତ୍ପାଦନ କରିଥିଲେ ଓ ୧୯୪୭ ମସିହା ପର୍ଯ୍ୟନ୍ତ ନିଜ ରାଜକୋଷ ଭରିବାରେ ଲାଗିଥିଲେ। ୧୯୪୭ ମସିହାରେ ବ୍ରିଟିଶ ଭାରତ ଛାଡି ପଳାଇଥିଲେ ଓ ୧୯୫୬ ମସିହାରେ କର୍ଣ୍ଣାଟକ ସରକାର କେଜିଏଫକୁ ନିଜ ହାତକୁ ନେଇଥିଲେ। ରାଜ୍ୟ ସରକାର ଜନ ଟେଲର ଆଣ୍ଡ ସନସ୍‌କୁ ମାଇନିଂ କନସଲ୍ଟାଣ୍ଟ ଆପଏଣ୍ଟ କରି ସୁନା ଖଣି ଚଳାଇ ରଖିଥିଲେ। ୧୯୭୨ ମସିହାରେ ଭାରତ ସରକାର ଭାରତ ଗୋଲ୍ଡ ମାଇନ୍ସ ଲିମିଟେଡ (ବିଜିଏମଏଲ)କୁ କେଜିଏଫ ହସ୍ତାନ୍ତରିତ କରିଥିଲେ। ୧୯୮୦ ମସିହା ବେଳକୁ ବିଜିଏମଏଲ କ୍ଷତିରେ ଚାଲିବା ଆରମ୍ଭ କରିଥିଲା। କାରଣ ସୁନା ଉତ୍ପାଦନ ବ୍ୟୟ ଭାର ବଢ଼ିବଢ଼ି ଚାଲିଥିଲା। ଏଣୁ ୨୦୦୧ ମସିହା ବେଳକୁ ସ୍ୱର୍ଣ୍ଣଭଣ୍ଡାରରେ ହ୍ରାସ ଓ ହାଇ ଅପରେସନ କଷ୍ଟ ଏବଂ ସ୍ୱଳ୍ପ ଲାଭ ଯୋଗୁ ବିଜିଏମଏଲ ଏଠାରୁ ସୁନା ଉତ୍ପାଦନ ବନ୍ଦ କରି ଦେଇଥିଲେ। ଏବେ ଭାରତ ସରକାର କେଜିଏଫକୁ ପୁଣି ସଞ୍ଚାଳନ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ ଅତ୍ୟାଧୁନିକ ଉପାୟରେ ଏଠାରୁ ସୁନା ଉତ୍ପାଦନ ନିମନ୍ତେ ଉଦ୍ୟମ କରାଯିବ।

## ସୁନା ଓ ରୂପା ଦର



ଆନ୍ତର୍ଜାତୀୟ ସ୍ତରରେ ସୁନାର ଦର ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ଭାରତୀୟ ବଜାରରେ ଅନୁଭୂତ ହେଉଛି। ଆଜି ସାମାନ୍ୟ କମିଛି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୯୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୭୯୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୯୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୭୯୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୯୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୭୯୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୧୧୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୯୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୯୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୭୯୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୯୬୦ ଓ ୮୯, ୭୯୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୬ , ୯୦୦ ଟଙ୍କା ହୋଇଛି।

## ପେଟ୍ରୋଲ, ଡିଜେଲ ଦର



ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧ ୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୩୯ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ହିଞ୍ଜିଳି ରାଜନୀତି: ଯୁବ ଗୋଷ୍ଠୀ କେଉଁ ଆଡ଼େ ଢ଼ଳିବେ ?

● ଶକ୍ତି ଦେଖାଉଛି କଂଗ୍ରେସ
● ଲୋକଙ୍କ ପାଖକୁ ଯାଉଛି ବିଜେପି
● ନିରବୀ ରହିଛି ବିଜେଡ଼ି



**ହିଞ୍ଜିଳିକାଟୁ,୯।୬(ସଂଚାର ବ୍ୟୁରୋ):** ରାଜ୍ୟରେ ରାଜନୈତିକ ଢାଞ୍ଚା ପରିବର୍ତ୍ତନକୁ ବର୍ଷେ ପୁରିଛି। ବିଜେଡିର ଗଡ କୁହାଯାଉଥିବା ଗଞ୍ଜାମ ପଦ୍ମ ମୟ ହୋଇଛି। କେବଳ ସ୍ୱଳ୍ପ ଭୋଟ ବ୍ୟବଧାନରେ ହିଞ୍ଜିଳିରେ ଶଙ୍ଖ ଦଳ ତାର ସ୍ଥାୟୀତ୍ୱ ବଜାୟ ରଖିବାରେ ସଫଳ ହୋଇଛି। କିନ୍ତୁ ନିର୍ବାଚନ ପର ଠୁ ତିନି ପ୍ରମୁଖ ଦଳ ଏକରକମ ନିଷ୍କ୍ରିୟ ହୋଇପଡ଼ିଥିଲେ ।ନିର୍ବାଚନ ପରେ ତିନି ଦଳର ନେତା ନିଜ ବିଜୟ ପରାଜୟର ହିସାବ ନିକାଶ କରିନାହାନ୍ତି । ସୁପ୍ତ ଅବସ୍ଥାରେ ଥିବା ହିଞ୍ଜିଳି କଂଗ୍ରେସ ମିନି ଷ୍ଟାଡିୟମଠାରେ ପିସିସି ସଭାପତିଙ୍କ ଯୋଗଦାନରେ ସମ୍ବିଧାନ ବଞ୍ଚାଅ ମହାସମାବେଶରେ ଶକ୍ତି ପ୍ରଦର୍ଶନ କରିଛି। ପ୍ରକାଶ ଥାଉ କି, ୨୦୦୦ ମସିହାରୁ ହିଞ୍ଜିଳି ଆସନରୁ ଆଜି ଯାଏଁ ବିଧାୟକ ଭାବେ ନିର୍ବାଚିତ ହୋଇ ୨୦୨୪ ଯାଏଁ ୫ ଥର ନବୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିଲେ । ପ୍ରତି ନିର୍ବାଚନରେ ଭୋଟ ବ୍ୟବଧାନ ବିଜେଡ଼ିର ବଢୁଥିବା ବେଳେ ଚଳିତ ଥର ପ୍ରତିଦ୍ୱନ୍ଦ୍ୱୀ ବିଜେପି ଠାରୁ ମାତ୍ର ୪ ହଜାର ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲା । ହିଞ୍ଜିଳିରେ କଂଗ୍ରେସର ଭୋଟ ହାର କିଛୁ କମିଥିଲା। ତେବେ ଶୁକ୍ରବାର ଦିନ ମିନି ଷ୍ଟାଡିୟମ ପରିସରରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ମହାସମାବେଶ ଶ୍ରୀଯୁକ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶ ହିଞ୍ଜିଳି କଂଗ୍ରେସ ପାଇଁ ନୂଆ ସଂଜୀବନୀ ଆଣିବ ବୋଲି ଆଶା କରାଯାଉଛି । ରାଜ୍ୟ ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱ ଶହ ଶହ ବାଇକ ରାଲି ଯୁବ ଗୋଷ୍ଠୀ ପାଇଁ ନୂଆ ଆଇକନ ପାଲଟିଥିଲା । କଂଗ୍ରେସ ଦଳ ଟ୍ରେଲର ଦେଖାଇଥିବା ବେଳେ ଆଗକୁ ଫିଲ୍ମ ବାକି ଥିବା ସ୍ଥାନୀୟ ରାଜନୈତିକ କରିଡରରେ ଆଲୋଚନା ହେଉଥିବା ବେଳେ କଂଗ୍ରେସର ଗର୍ଜନ ହିଞ୍ଜିଳି ସମେତ ଜିଲ୍ଲାର ଅନ୍ୟାନ୍ୟ ନିର୍ବାଚନ ମଣ୍ଡଳୀ ଉପରେ ଏହାର ପ୍ରଭାବ ପଡିବା ସୁନିଶ୍ଚିତ ବୋଲି କୁହାଯାଉଛିଓ ଅନ୍ୟପଟେ ଭାରତୀୟ ଜନତା ପାର୍ଟି ବି ବାଦ୍ ପଡିନି । ବିଜେପି ଗତ ମାସରେ ହିଞ୍ଜିଳି ଖଣ୍ଡରା ଛକରେ ନୂତନ କାର୍ଯ୍ୟାଳୟ ଖୋଲି କର୍ମୀଙ୍କ ମନୋବଳ ବଢ଼ାଇଥିବା ବେଳେ ବିଧାୟକ ପ୍ରାର୍ଥୀ ଥିବା ଶିଶିର ମିଶ୍ର ଏବେ ଗାଁ ଗାଁ ବୁଲି ଜନ ଅଭିଯୋଗ ଶୁଣାଣି ମାଧ୍ୟମରେ ଲୋକଙ୍କ ସମସ୍ୟା ଶୁଣି ସମାଧାନ ପାଇଁ ପ୍ରତିଶ୍ରୁତି ଦେଉଛନ୍ତି । ଅନ୍ୟପଟେ ନିର୍ବାଚନ ପର ଠୁ ବିଜୁ ଜନତା ଦଳର ଜନତା ଜନାର୍ଦ୍ଦନ ମତ ଯାଇଥିଲେ ବି ବିଧାୟକ ତଥା ବିରୋଧୀ ଦଳ ନେତା ନବୀନ ନିର୍ବାଚନ ପର ଠୁ ଅଂଚଳବାସୀଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ହିଞ୍ଜିଳି ମୁନିସିପାଲିଟି କି ବ୍ଲକ ଆସିନାହାନ୍ତି । କେବଳ ଚାଷୀଙ୍କ ଉଜୁଡା ଧାନ ଦେଖିବାକୁ ବ୍ଲକ ଅଞ୍ଚଳକୁ ଆସି ଫେରିଥିଲେ ।ଅଭିମାନ ବୋଲି ଶୁଣାଯାଉଥିଲେ ବି ନୂତନ ନେତୃବୃନ୍ଦ କି ଦଳ ପକ୍ଷରୁ ବିଜୁ ବାବୁ ଜୟନ୍ତୀ ଛାଡି ଲୋକଙ୍କ ପାଇଁ ସେଭଳି ଆଖିଦୃଶିଆ କାର୍ଯ୍ୟକ୍ରମ କରାଯାଉନାହିଁ । ଯାହା ଫଳରେ କର୍ମୀ ମଧ୍ୟ ନିରୁତ୍ସାହିତ ହୋଇ ଦଳରେ ଅଛନ୍ତି ।ତିନି ଦଳର ଏଭଳି ସ୍ଥିତିରେ ଯୁବ ଗୋଷ୍ଠୀ କେଉଁ ଆଡ଼େ ଢ଼ଳିବେ ତାହା ଉପରେ ନଜର ଥିବା ବେଳେ ଆଗାମୀ ଦିନରେ ପୌର ଓ ପଂଚାୟତ ନିର୍ବାଚନ କାହା ସପକ୍ଷରେ ଯିବ ତାହା ଦେଖିବାକୁ ବାକି ରହିଲା ।

# ସାମାନ୍ୟ ବର୍ଷାରେ ନୂତନ ନିର୍ମାଣ ପୋଲରେ ଜମୁଛି ପାଣି



**ଯାଜପୁର ରୋଡ଼,୯।୬(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଂଚଳ ସହରର ଗୋପବନ୍ଧୁ ଛକ କଡ଼ରେ ରେଲୱେ ବିଭାଗର ଚାଲିଥିବା ନିର୍ମାଣଧୀନ ରେଳବାଇ ଗଳାପୋଲରେ ଆଜି ହୋଇଥିବା ସାମାନ୍ୟ କିଛି ସମୟର ବର୍ଷା ଯୋଗୁଁ ଏହି ପୋଲରେ ଏବେ ପୁରୁଷେ ପାଣି ଜମିହୋଇ ରହିଥିବା ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ ଏହି ପୋଲ ନିର୍ମାଣ କାର୍ଯ୍ୟର ତରିକା, ନିର୍ମାଣ ପ୍ଲାନ୍ କାର୍ଯ୍ୟ, ରେଲୱେ ଠିକା ସଂସ୍ଥାର କାର୍ଯ୍ୟ ଦକ୍ଷତା, କାର୍ଯ୍ୟ ତଦାରଖ ସଂପର୍କରେ ଅବଗତ ଥିବା ଅଧିକାରୀଙ୍କ କାମ ତଦାରଖ ଉପରେ ନେଇ ଅଂଚଳର ଜନସାଧାରଣ ମାନଙ୍କ ମଧ୍ୟରେ ଆଲୋଚନା କରିବା ପାଇଁ ବିଭିନ୍ନ ପ୍ରଶ୍ନକୁ ଜନ୍ମ ଦେଇଅଛି। ତେବେ ଏପଟେ ଆସନ୍ତା ରଜ ଅର୍ଥାତ ଚଳିତ ମାସ ଜୁନ ୧୪ ତାରିଖ ପୂର୍ବରୁ ଯାଜପୁର ରୋଡ଼ରେ ନିର୍ମାଣଧୀନ ରେଳବାଇ ଗଳାପୋଲରେ ଲଘୁଯାନ ଚଳାଚଳ କରିବ ବୋଲି ଲୋକ ମାନଙ୍କ ମନରେ ବାନ୍ଧି ହୋଇରହିଥିବା ଆଶାକୁ ବର୍ଷାର ପାଣି ବୁଡାଇ ଦେଉଥୁବା ଦେଖିବାକୁ ମିଳୁଛି। ସେପଟେ ଏଇ ଗଳା ପୋଲ ଲାଗି ମଟର ସାଇକେଲ ଗାଡ଼ିରେ ପେଟ୍ରୋଲ ଖର୍ଚ୍ଚ କରୁଥୁବା ଜନସାଧାରଣ ମାନେ କେ'ବେ ଏହି ପୋଲ ତଳେ ଯାତାୟାତ କରିବେ ତାହା ଆଗାମୀ ସମୟ କହିବ ବୋଲି ସାଧାରଣରେ ଆଲୋଚନା କରୁଛନ୍ତି।

# ଜଗନ୍ନାଥ ମନ୍ଦିର କମିଟି ତରଫରୁ ରଥଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ



**ବେତନଟୀ,୯।୬ (ସଂଚାର ବ୍ୟୁରୋ):** ବେତନଟୀରେ ଏ ବର୍ଷ ନୂତନ ଭାବେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବା ସହିତ ଆସନ୍ତା ରଥଯାତ୍ରା କିପରି ସୁରୁଖୁରୁରେ ପାଳନ କରାଯିବ ସେ ନେଇ ଏକ ବୈଠକ ଗତକାଲି ଟ୍ରଷ୍ଟର ସଭାପତି ଯୋଗେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଙ୍କ ସମେତ ବେତନଟୀ ଅଞ୍ଚଳର ଅନେକ ଜଗନ୍ନାଥ ପ୍ରେମୀ ତଥା ବୁଦ୍ଧିଜୀବି ଓ ପ୍ରଶାସନିକ ଅଧିକାରୀଗଣ ସାମିଲ ହୋଇ ରଥଯାତ୍ରା କିପରି ଶାନ୍ତି ଶୃଙ୍ଖଳା ସହିତ ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ଆସନ୍ତା ଦେବସ୍ନାନ ପୂର୍ଣ୍ଣିମା ଦିବସଟି ମଧ୍ୟ କିପରି ଶୃଙ୍ଖଳା ସହିତ ଅନୁଷ୍ଠିତ ହେବ ସେଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଇଥିଲା। ପଣ୍ଡିତ ପର୍ଶୁରାମ ମିଶ୍ର ରଥଯାତ୍ରା ନିମନ୍ତେ ରୀତିନୀତି ଓ ମାର୍ଗଦର୍ଶିକା ପ୍ରଣୟନ କରିଥିଲେ। ସ୍ଥାନୀୟ ବିଜୁଳି ବିଭାଗ, ପୋଲିସ ବିଭାଗ ତଥା ନିଆଁ ଲିଭା ବିଭାଗ ପକ୍ଷରୁ ସମସ୍ତ ଅଧିକାରୀ ଯୋଗଦାନ କରି ଏହାର ଗୁରୁଦାୟିତ୍ୱ ନେଇଥିଲେ। କାର୍ଯ୍ୟକାରୀ କମିଟିର ସମସ୍ତ ଆଜୀବନ ସଦସ୍ୟ ମଧ୍ୟ ଦେବସ୍ନାନ ପୂର୍ଣ୍ଣିମାଠାରୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଶୃଙ୍ଖଳା ସହିତ ତୁଲେଇବାକୁ ପ୍ରତିଶ୍ରୁତି ଦେଇଥିଲେ। ସଦସ୍ୟ ମାନଙ୍କ ମଧ୍ୟରେ ଶଶଧର ପଣ୍ଡା, ତୁଷାରେନ୍ଦୁ ସିଂହ, ସତୀଶ କୁମାର ସାହୁ, ସନ୍ଦୀପ କୁମାର ମିଶ୍ର, ଜୀବନ ପରିଡ଼ା, ଅଶୋକ କୁମାର ଖଣ୍ଡେଲୱାଲ, ରାବୀନ୍ଦ୍ର ନାଥ ମିଶ୍ର, ଗୌତମ ବେହେରା, ସତୀଶ ପାତ୍ର, ଶ୍ରୀକାନ୍ତ ଜେନା, ମଳୟ ଦାସ, ଦେବ ରଞ୍ଜନ ସାହୁ, ବିକାଶ ବେହେରା, ଯତୀଶ କୁମାର ସାହୁ, ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ରାମେଶ୍ୱର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

● ୧୪୪ ଧାରାକୁ ଅମାନ୍ୟ କରି ଗୃହ ନିର୍ମାଣ

# ଗଣ୍ଡଗୋଳ ଘଟି ଉଭୟ ପରିବାରର ଛଅ ଆହତ



**କଣାସ,୯।୬(ସଂଚାର ବ୍ୟୁରୋ):** କଣାସ ବ୍ଲକ ଗଡିଶାଗୋଦା ଥାନା ପରିସରଭୁକ୍ତ ଚୁପୁରିଙ୍ଗି ଗ୍ରାମପଞ୍ଚାୟତର କାଳିଘଡି ଗ୍ରାମରେ ଆଜି ଦୁଇ ପରିବାରଙ୍କ ମଧ୍ୟରେ ଗୃହ ନିର୍ମାଣ କୁ କେନ୍ଦ୍ର କରି ସଂଘର୍ଷ ଘଟିବାରୁ ଉଭୟ ପକ୍ଷରୁ ଛଅ ଜଣ ଆହତ ହୋଇଛନ୍ତି। ଉକ୍ତ ଜାଗାଟି ରିଜିମାଇଲ ଥିବାରୁ ଗୋଟିଏ ଗୋଷ୍ଠୀକୋର୍ଟର ଆଶ୍ରୟ ନେଇ କେହି ଘର ତିଆରି ନକରିବା ପାଇଁ ୧୪୪ ଧାରା ଜାରି କରିଥିଲେ କିନ୍ତୁ ଗୋଟିଏ ପରିବାର ତାହା ନମାନି ଆଜି ଘର ତିଆରି କରିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ପରିବାରର ସୁରେନ୍ଦ୍ର ବଳିୟାରସିଂହ,ଉପେନ୍ଦ୍ର ବଳିୟାରସିଂହ,ଜଳନ୍ଧର ବଳିୟାରସିଂହ,ସେବତୀ ବଳିୟାରସିଂହ ଆହତ ହୋଇଥିବାବେଳେ ଅନ୍ୟ ପରିବାରର ବିରଞ୍ଚି ବଳିୟାରସିଂହ,ବନୀତା ବଳିୟାରସିଂହ ଆହତ ହୋଇ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଚାରି ଜଣଙ୍କୁ ଚିକିତ୍ସା ପାଇଁ ଭରବଙ୍ଗନଶ୍ୱର ପଠାଇ ଦିଆଯାଇଛି। ଗଡିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସଙ୍କୁ ଏ ସଂପର୍କରେ ପଚାରିବାରୁ ସେ କୁହନ୍ତି ଘର ତିଆରି ହେଉଥିବା ପ୍ଲଟ ଉପରେ ୧୪୪ ଧାରା ଜାରି ହୋଇଥିବାରୁ ମୁଁ ଉଭୟ ପକ୍ଷଙ୍କୁ ଡାକି କେହି ଘର ତିଆରି ନକରିବାକୁ ବାରଣ କରିଥିଲି କିନ୍ତୁ ମୋ କଥା ନମାନି ଘର ତିଆରି କରିବାରୁ ଆଜି ଗଣ୍ଡଗୋଳ ଘଟିଛି। ଖବର ଲେଖାହେବା ସୁଧା କୈାଅଣସି ପକ୍ଷ ଥାନାରେ ଏତଲା ଦେଇ ନାହାଁନ୍ତି।

# ଡମ୍ଫର-ବାଇକ୍ ଧକ୍କା, ପୁଲିସ ଗୁରୁତର

**କଣାସ,୯।୬(ସଂଚାର ବ୍ୟୁରୋ):** ନୂଆ ଜଗନ୍ନାଥ ସଡକର ଅଣ୍ଡାଳସିଂହ ନିକଟରେ ଆଜି ମଧ୍ୟାହ୍ନ ସମୟରେ ଡ୍ରମ୍ଫର ଓ ମଟର ସାଇକେଲ ମଧ୍ୟରେ ଧକ୍କା ହେବାରୁ ମଟର ସାଇକେଲରେ ପୁରୀ ଯାଉଥିବା କଣାସ କୋର୍ଟର ପୁଲିସ ସନ୍ତୋଷ କୁମାର ମିଶ୍ର ଗୁରୁତର ଭାବରେ ଆହତ ହୋଇ ଚିକିତ୍ସା ପାଇଁ ପୁରୀ ଡାକ୍ତରଖାନା ଯାଇଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି ଶ୍ରୀ ମିଶ୍ରଙ୍କର ଆସନ୍ତା କାଲି ପୁରୀରେ ହେଉଥିବା ସ୍ନାନ ପୂର୍ଣ୍ଣୀମାରେ ଡିୟୁଟି କରିବା ପାଇଁ ନିଜ ମଟର ସାକେଲରେ କଣାସରୁ ବାହାରି ପୁରୀ ଅଭିମୁଖେ ଯାଉଥିବାବେଳେ ପୁରୀରୁ ନିରାକାରପୁର ଅଭିମୁଖେ ଆସୁଥିବା ଡ୍ରମ୍ଫରଟି ମଟର ସାଇକେଲକୁ ଧକ୍କା ଦେଇଥିଲା। ଶ୍ରୀ ମିଶ୍ର ମଟର ସାଇକେଲରୁ ପଡି ଗୁରୁତର ଭାବେ ଆହତ ହୋଇଥିଲେ। କଣାସ ପୁଲିସ ଡ୍ରମ୍ଫର ଓ ମଟର ସାଇକେଲଟିକୁ ଜବତ କରିଥିବା ଜଣାପଡିଛି। ଫଟୋ ଇ ମେଲରେ ପଠାଗଲା

# ପଞ୍ଚଦିବସୀୟ ପ୍ରାକୃତିକ କୃଷି ତାଲିମ କାର୍ଯ୍ୟକ୍ରମର ଉଦଯାପିତ



**ସୁନ୍ଦରଗଡ,୯।୬(ସଂଚାର ବ୍ୟୁରୋ):** ପ୍ରାକୃତିକ କୃଷି ଉପରେ ଜିଲ୍ଲାରେ ପ୍ରଥମ ପଞ୍ଚଦିବସୀୟ ତାଲିମ କାର୍ଯ୍ୟକ୍ରମ ୫ ରୁ ୯ ତାରିଖ ପର୍ଯ୍ୟନ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଆଞ୍ଚଳିକ ସାଧନ କେନ୍ଦ୍ର, ମହୁଲପାଲି ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚଦିବସୀୟ ତାଲିମ କାର୍ଯ୍ୟକ୍ରମ ରେ ବାଲିଶଙ୍କରା ବ୍ଲକ ଓ ସବଡ଼େଗା ବ୍ଲକର ୪୦ ଜଣ ସିଆରପି ଓ କୃଷି ସଖୀ ଅଂଶଗ୍ରହଣ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟତଃ କୃଷିର ବର୍ତ୍ତମାନର ଆହ୍ୱାନ ଏବଂ ପ୍ରାକୃତିକ କୃଷିର ଆବଶ୍ୟକତା, ପ୍ରାକୃତିକ କୃଷିର ସାରାଂଶ-ନୀତି, ଧାରଣା, ଉପାଦାନ, ମାଟି ସ୍ୱାସ୍ଥ୍ୟର ଗୁରୁତ୍ୱ ଏବଂ ମୃତ୍ତିକା ସହିତ ବର୍ତ୍ତମାନର ଚିନ୍ତାଧାରା, ମାଟିରେ ବୃଦ୍ଧି ପାଇଥିବା ଜୈବିକ ପଦାର୍ଥ, ବର୍ଷସାରା ମାଟି ଆବରଣ ବିବିଧ ଫସଲ କୃଷି ପ୍ରଣାଳୀ, ସଂକ୍ରମଣରେ ଫସଲ ପ୍ରଣାଳୀର ଗୁରୁତ୍ୱ, ପାରମ୍ପରିକ ଫ୍ରେମିଂରୁ ପ୍ରାକୃତିକ କୃଷିକୁ କୃଷକମାନଙ୍କ ପରିବର୍ତ୍ତନର ପର୍ଯ୍ୟାୟ କ୍ରମେ ପ୍ରକ୍ରିୟା, କୃଷି ବନୀକରଣ ସହିତ ବିଭିନ୍ନ ଫସଲ ପ୍ରଣାଳୀ ଏବଂ ଫସଲ ବିବିଧତା ଅଭ୍ୟାସ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ପଦ୍ଧତି ଏବଂ ସେମାନଙ୍କ ସ୍ଥାନ ପାଇଁ ଫସଲ ପ୍ରଣାଳୀ ଡିଜାଇନ୍ କରିବା ଉପରେ ଗୋଷ୍ଠୀ କାର୍ଯ୍ୟ, ପ୍ରାକୃତିକ କୃଷିରେ ଜୀବଜନ୍ତୁଙ୍କ ସମନ୍ୱୟ - ଦୃଷ୍ଟିକୋଣ ନୀତି ଏବଂ ଅଭ୍ୟାସ, ବିହନ ଏବଂ ରୋପଣ ସାମଗ୍ରୀ ବିଷୟରେ ସୂଚନା - ବିହନ ଉପଚାର, ବୁଣା ପଦ୍ଧତି, ଫସଲ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ପ୍ରାକୃତିକ କୃଷିରେ ରୋଗ, ପୋକ, କୀଟ ପତଙ୍ଗ ପରିଚାଳନା, ପ୍ରାକୃତିକ କୃଷି ମଡେଲ ପ୍ରଦର୍ଶନ, ଜୈବ ଇନୋକୁଲାଣ୍ଟ ପ୍ରସ୍ତୁତି ଏବଂ ପ୍ରୟୋଗ ଉପରେ ପ୍ରଦର୍ଶନ ଇତ୍ୟାଦି ବିଷୟ ଉପରେ ବିସ୍ତୁତ ଆଲୋଚନା କରାଯାଇଥିଲା।

● ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୫୯ ପଞ୍ଜିକୃତ ଅଭିଯୋଗର ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୯।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୯ ଗୋଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୪୯ ଗୋଟି ବ୍ୟକ୍ତିଗତ ଦରଖାସ୍ତ ଗ୍ରହଣ କରାଯାଇଥିବା ବେଳେ, ୧୦ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଦୁଇ ଗୋଟି ଦରଖାସ୍ତ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବାବେଳେ ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ତରଭା ଶ୍ରୀ ନିରଞ୍ଜନ ନାଏକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ କୁମାର ମେହେର ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଭା ସହ ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।



# ଅଙ୍ଗନବାଡି କେନ୍ଦ୍ରରେ ଅନିୟମିତତା ଅଭିଯୋଗ

● ବିଡ଼ିଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ନୀଳଗିରି,୯।୬(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ଅଧୀନ ମିତ୍ରପୁର ନିକଟ କେପି ଲାଖରାଜ ପଞ୍ଚାୟତର ମଖାପଦା ଅଙ୍ଗନୱାଡ଼ି କେନ୍ଦ୍ରରେ ଗର୍ଭବତୀ ଓ କୋମଳମତି ଶିଶୁ ଙ୍କୁ ମିଳୁନି ପୁଷ୍ଟିକର ଖାଦ୍ୟ, ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ପରେ ବି ଶୁଣିଲାନି ପ୍ରଶାସନ। ବାଧ୍ୟ ହୋଇ ସୋମବାର ପୂର୍ବାହ୍ନରେ ନୀଳଗିରି ବିଡ଼ିଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳା ମାନେ ଦେଲେ ଧାରଣା। ଉକ୍ତ ଅଙ୍ଗନବାଡିରେ ରେବତୀ ସିଂ ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟରତ ଅଛନ୍ତି। ମଖାପଦା ଅଙ୍ଗନୱାଡ଼ି କେନ୍ଦ୍ରରେ ଗର୍ଭବତୀ ମା ଓ କୋମଳମତି ଶିଶୁ ଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁନାହିଁ, ପ୍ରି-ସ୍କୁଲ ପିଲାମାନଙ୍କୁ ମଧ୍ୟ ଗରମ ରନ୍ଧା ଖାଦ୍ୟ ଠିକ ଭାବେ ଅଙ୍ଗନୱାଡି କର୍ମୀ ଦେଉନାହାନ୍ତି। ଅଭିଯୋଗ କଲେ କିଛି ଲୋକଙ୍କୁ ପୋକରା ଖାଦ୍ୟ ଦେଉଛନ୍ତି ଅଙ୍ଗନ ୱାଡ଼ି କର୍ମୀ। ଏ ସମସ୍ତ ବିଷୟରେ ପଚାରିଲେ ଅଙ୍ଗନବାଡି କର୍ମୀ ଆମ୍ଭମାନଙ୍କୁ ଗାଳି ଗୁଲଜ କରୁଛନ୍ତି ତତ୍ ସଙ୍ଗେ ଧମକାଉଛନ୍ତି। ଯାଞ୍ଚ କମିଟି ମାତ୍ର କମିଟି ଗଠନ କରି ନାହାନ୍ତି । କୌଣସି ଦିନ ମିଟିଙ୍ଗ କରନ୍ତି ନାହିଁ କି ଗୃହ ପରିଦର୍ଶନ କରନ୍ତି ନାହିଁ। ଖାଦ୍ୟକୁ ବେନିଫିସାରିଙ୍କୁ ଧରାଇ ଫୋଟ ଉଠାଇ ନେଉଛନ୍ତି, ତାପରେ ଖାଦ୍ୟ ରଖି ଦେଉଛନ୍ତି। ପଚାରିଲେ ଖାଦ୍ୟ ତମ ମାନଙ୍କ ପାଇଁ ଆସିନାହିଁ । ଖାଦ୍ୟ ସବୁ ନେଇ ଗ୍ରାମରେ ଥିବା ତାଙ୍କ ଦୋକାନରେ ବିକ୍ରି କରୁଛନ୍ତି। ମଖାପଦା ଅଙ୍ଗନବାଡି କେନ୍ଦ୍ରର କର୍ମୀ ସିଂ ଙ୍କୁ ଚାକିରି ରୁ ବାହାର କରିବା ସହିତ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ମହିଳା ମାନେ ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କରିଛନ୍ତି। କିନ୍ତୁ ପୂର୍ବରୁ ବହୁବାର ପ୍ରଶାସନ ତାଙ୍କ ଗୁହାରି ଶୁଣି ନାହିଁ ଯାହାକୁ ବିରୋଧ କରି ଆଜି ନୀଳଗିରି ବିଡ଼ିଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ ମହିଳାମାନେ। ପରେ ନୀଳଗିରି ବିଡିଓ ବିକ୍ରମ କିଶୋରୀ ପରିଡା ଧାରଣା ସ୍ଥଳରେ ପହଞ୍ଚି କହିଥିଲେ ସି.ଡି.ପି.ଓ ଆଜି ଛୁଟିରେ ଅଛନ୍ତି, କିନ୍ତୁ ଗତ ୬ ତାରିଖରେ ଜାଇ ତଦନ୍ତ କରି ଛନ୍ତି, ଯେଉଁ ସବୁ ଭୁଲ ଭାରିଛି ସେମାନଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ ହେବା ସହ ଚାରି ପାଞ୍ଚ କାର୍ଯ୍ୟାନୁଷ୍ଠାନ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସିଭିଲ ସୋସାଇଟି, ବେତନଟୀର କାର୍ଯ୍ୟକାରିଣୀ ବୈଠକ



**ବେତନଟୀ,୯।୬(ସଂଚାର ବ୍ୟୁରୋ):** ବେତନଟୀ ଅଞ୍ଚଳର ପ୍ରମୁଖ ବରିଷ୍ଠ ନାଗରିକମାନଙ୍କୁ ନେଇ ୨୦୧୬ ମସିହାରେ ଗଠିତ ଅନ୍ୟତମ ସମାଜସେବୀ ଅନୁଷ୍ଠାନ ସିଭିଲ ସୋସାଇଟିର ବିଶେଷ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରେଳ ଷ୍ଟେସନ ପରିସରରେ ସଭାପତି ଚୂଡ଼ାମଣି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ପ୍ରସ୍ତାବମାନ ଆଗତ କରିଥିଲେ । ସଂଗଠନର ତୃତୀୟ ସାମ୍ବିଧାନକ ସମ୍ମିଳନୀ ଚଳିତ ମାସ ମଧ୍ୟରେ କରାଯିବା,ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ଏ ଯାବତ୍ କରାଯାଇଥିବା ଓ ଆଗାମୀ ଦିନରେ କରାଯିବାକୁ ଥିବା ବିଭିନ୍ନ ସାମାଜିକ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ବନ୍ଧରେ ନିଷ୍ପତ୍ତି ଗ୍ରହଣ କରାଯଓଇଥିଲା। ତନ୍ମଧ୍ୟରେ ବୃକ୍ଷରୋପଣ, କରୋନା ନିମନ୍ତେ ସଚେତନତା ସଭା, ରକ୍ତଦାନ ଶିବିର,ସମାଜରୁ କୁସଂସ୍କାର ଦୂରୀକରଣ, ଅଶିକ୍ଷା କରୁଦ୍ଧରେ ପଦକ୍ଷେପ, ନାରୀ ଶିକ୍ଷାରେ ସହଯୋଗ ପ୍ରଦାନ,ଅସହାୟ ଓ ବାର୍ଦ୍ଧକ୍ୟ ଜନିତ ସମସ୍ୟାରେ ସାହାଯ୍ୟ ଇତ୍ୟାଦି ରହିଅଛି। ଏତଦ୍ ବ୍ୟତୀତ ଆଗ। ମୀ ସାମ୍ବିଧାନିକ ସମ୍ମିଳନୀର ପ୍ରସ୍ତୁତି ନିମନ୍ତେ ବିଭିନ୍ନ ସବ୍-କମିଟିମାନ ଗଠନ କରାଯାଇଥିଲା । ଏ ସମସ୍ତ ଆଲୋଚନାରେ ବିଶେଷଭାବେ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଅରୁଣ କୁମାର ଓତା, ପ୍ରକାଶ ଚନ୍ଦ୍ର ବେହେରା, ବାସୁଦେବ ନାପିତ, ହରେନ୍ଦ୍ର ନାଥ ବାରିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଶେଷରେ ସଂଗଠନ ସମ୍ପାଦକ ଡଃ ରମାକାନ୍ତ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସର୍ପାଘାତରେ ଯୁବକ ମୃତ

**ନୀଳଗିରି,୯।୬(ସଂଚାର ବ୍ୟୁରୋ):** ରାତିରେ ଶୋଇଥିବା ବେଳେ ଗୋଟିଏ ଅଜଣା ସାପ କାମୁଡିଦେବା ଫଳରେ ଯୁବକଙ୍କ ଜୀବନଯାଇଛି। ସୂଚନା ଅନୁଯାୟୀ ବରହମପୁର ଥାନା ଅନ୍ତର୍ଗତ ତେଲିପାଳ ପଞ୍ଚାୟତ ଅନ୍ତାଡାହି ଗ୍ରାମର ସୁକୁଲ ହାଁସଦାଙ୍କ ପୁଅ ବିଜୟ(୩୯) ରବିବାର ରାତିରେ ଖାଇପିଇ ଶୋଇଥିବା ବେଳେ ହଠାତ୍ କିଛି କାମୁଡିଥିବା ଅନୁଭବ କରି ଉଠିପଡ଼ି ବିଛଣାରେ ଏକ ସାପକୁ ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ନିଜଘରକୁ ବୁଲିବାକୁ ଆସିଥିବା ଶଳାକୁ ଡାକ ପକାଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ବିଳମ୍ବ ହେବାରୁ ଏକ ଟେମ୍ପୋ ଭଡ଼ାକରି ନୀଳଗିରି ଡ଼ାକ୍ତରଖାନା ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଶବବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ଶବହସ୍ତାନ୍ତର ପରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଥିଲା। ବିଜୟଙ୍କର ଦୁଇଝିଅ ଥିବାବେଳେ ଗରୀବଶ୍ରେଣୀର ହୋଇଥିବାରୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି।

## ନବବିବାହିତା ବୋହୂକୁ ହତ୍ୟା ଘଟଣା

# କୋର୍ଟ ଚାଲାଣ ହେଲେ ସ୍ୱାମୀ ସମେତ ଶାଶୂ ଓ ଶଶୁର



**ଭବାନୀପାଟଣା,୯।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଲଡୁଗାଁ ପଞ୍ଚାୟତ ର ଆଇଲି ଗ୍ରାମ ର ଲଛମନ ବାଗ ଙ୍କ ପୁଅ ଲିଙ୍ଗରାଜ ବାଗ ଗତ ମାର୍ଚ୍ଚ ମାସ ୮ ତାରିଖରେ କାଉଡୋଲା ଗ୍ରାମ ର ଗଗନ ଛତ୍ରୀଆ ଙ୍କ ବଡ଼ ଝିଅ ମାଳତୀ ଛତ୍ରୀଆ ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ଗତ ଶୁକ୍ରବାର ଦିନ ନବବଧୂ ମାଳତୀ ଙ୍କୁ ସନ୍ଦେହ ଜନକ ଅବସ୍ଥାରେ ବୁର୍ଲା ମେଡ଼ିକାଲ ନେବା ବାଟରେ ମୃତ୍ୟୁ ହୋଇଥିଲା। ଘଟଣା ପରେ ମୃତ ମାଳତୀ ଙ୍କ ବାପା କୋକସରା ଥାନା ର ଦ୍ୱାରସ୍ଥ ହୋଇ ଝିଅ କୁ ଯୌତୁକ ନିର୍ଯ୍ୟାତନା ଦେଇ ଯୋଜନାବଦ୍ଧ ଭାବେ ଜ୍ୱାଇଁ ଲିଙ୍ଗରାଜ ଓ ତାର ପରିବାର ଲୋକେ ମିଶି ଅକଥନୀୟ ନିର୍ଯ୍ୟାତନା ଦେବାରୁ ଝିଅ ର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ କରିବା ସହ ଝିଅ ର ମୃତ୍ୟୁ କୁ ଦୁର୍ଘଟଣା ର ରୂପ ଦେବାକୁ ଜ୍ୱାଇଁ ଲିଙ୍ଗରାଜ ଓ ତାଙ୍କ ବାପା ଲଛମନ ଓ ମା ରାଏମତି ବାଗ ଚେଷ୍ଟା କରିଛନ୍ତି ବୋଲି କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ରେ କୋକସରା ପୁଲିସ ତତ୍ପରତା ଦେଖାଇ ସାଇଣ୍ଟିଫିକ ଟିମ ଓ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ତଦନ୍ତ ଆରମ୍ଭ କରିବା ପରେ ଘଟଣା ରେ ମାଳତୀ ଙ୍କ ସ୍ୱାମୀ ଲିଙ୍ଗରାଜ ବାଗ କୁ ଗିରଫ କରି ଥାନା ରେ ଆଣି ପଚରାଉଚୁରା କରିବା ପରେ ଘଟଣା ରେ ଅଭିଯୁକ୍ତ ଲିଙ୍ଗରାଜ ବାଗ (୩୫) ବାପା ଲଛମନ ବାଗ(୫୫) ଓ ମା ରାଏମତି ବାଗ (୫୦) କୁ ମଧ୍ୟ ବଧୁ କୁ ନିର୍ଯ୍ୟାତନା ଯୋଜନାବଦ୍ଧ ହତ୍ୟା ଘଟଣାରେ ସଂପୃକ୍ତ ଥିବା ନେଇ ଗିରଫ କରି ଡାକ୍ତରୀ ମାଇନା ପରେ ଥାନା କେଶ ନମ୍ବର ୧୬୯/୨୫ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ନେଇ କୋକସରା ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ସେବାଶ୍ରମର ସର୍ବାଙ୍ଗୀନ ଉନ୍ନତି ପାଇଁ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ସରପଞ୍ଚ



**ଦଶରଥପୁର,୯।୬(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକରେ ଅବସ୍ଥିତ ଦୁଇଟି ସେବାଶ୍ରମ ଯଥା କନ୍ୟାଶ୍ରମ କସ୍ତୁରିବା ବାଳିକା ଉଚ୍ଚ ବିଦ୍ୟାଳୟ ଓ ଜୟନ୍ତରା ଆଶ୍ରମ ବିଦ୍ୟାଳୟ ଦୁଇଟି ଅତି ଦୟନୀୟ ଅବସ୍ଥା ମଧ୍ୟ ଦେଇ ଗତି କରୁଛି। ଉକ୍ତ ସେବାଶ୍ରମ ଦୁଇଟିରେ ଶ୍ରେଣୀ ଗୃହର ଅଭାବ ସହିତ ହଷ୍ଟେଲ ପାଇଁ ଗୃହର ଆବଶ୍ୟକତା ରହିଛି। ସରକାର ବଦଳିବା ପରେ ଉକ୍ତ ଆଶ୍ରମ ଦୁଇଟିର ରୂପରେଖ ପରିବର୍ତ୍ତନ କରିବା ପାଇଁ ବିଜେପି ଯୁବନେତା ତଥା ଦଶରଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ ଅଣ୍ଟା ଭିଡ଼ିଛନ୍ତି। ଉକ୍ତ ଆଶ୍ରମ ଦୁଇଟିର ସର୍ବାଙ୍ଗୀନ ଉନ୍ନତି ପାଇଁ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ପ୍ରାକ୍ତନ ବିଜେପି ଜିଲ୍ଲା ସଭାପତି ଗୌତମ ରାୟଙ୍କ ମାଧ୍ୟମରେ ଓଡିଶା ସରକାରଙ୍କ ସ୍କୁଲ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଏବଂ ପଛୁଆବର୍ଗ କଲ୍ୟାଣ, ସାମାଜିକ କଲ୍ୟାଣ ଓ ସଶକ୍ତକରଣ ବିଭାଗ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯୁବ ନେତା ଇନ୍ଦ୍ରଜିତ ଦାସ ବରିଷ୍ଠ ବିଜେପି ନେତା ଗୌତମ ରାୟଙ୍କୁ ଚିଠି ପ୍ରଦାନ କରିଛନ୍ତି।

# ଅଟୋ ଦୁର୍ଘଟଣାଗ୍ରସ୍ତ: ଗୁରୁତର ବୃଦ୍ଧଙ୍କୁ ଛାଡି ଚାଳକ ଫେରାର

**ଦାରିଙ୍ଗବାଡି,୯।୬(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଦେଇ ଯାଇଥିବା ୫୯ନଂ ଜାତୀୟ ରାଜପଥର ଡାବୁଲୁମାହା ଘାଟିର ବୁଲାଣି ରାସ୍ତାରେ ଏକ ଅଜଣା ଅଟୋ ଦୁର୍ଘଟଣାଗ୍ରସ୍ତରେ ଜଣେ ଷାଠିଏ ବର୍ଷର ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ଆହତ ବୃଦ୍ଧ ହେଲେ ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ଗ୍ରାମ ବାଲେଶ୍ୱର କଂହର ବୋଲି ଜଣାପଡିଛି। ପ୍ରକାଶ ଯେ, ବୃଦ୍ଧଙ୍କ ସ୍ୱାସ୍ଥ୍ୟ ଖରାପ ରହିଥିବାରୁ ସେ ପବିଙ୍ଗିଆରୁ ଏକ ଅଟୋକୁ ଭଡାସୂତ୍ର ରେ ଦାରିଙ୍ଗବାଡି କୌଣସି ଗାଁ ବୈଦ୍ୟ ନିକଟକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ନିଜର ଚିକିତ୍ସା କରାଇ ପୁଣି ନିଜ ଗାଁକୁ ଉକ୍ତ ଅଟୋରେ ଫେରୁଥିଲେ। ତେବେ ଅଟୋଟି ଦ୍ରୁତ ଗତିରେ ଯାଉଥିବାବେଳେ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ତେବେ ରାଜପଥରେ ଯାତାୟାତ କରୁଥିବା ଯାତ୍ରୀମାନେ ଅଟୋକୁ ଉଠାଇ ଠିଆ କରିବା ସହ ପୋଲିସ ଓ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ହେଲେ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚିଲା ବେଳେ ଅଟୋଟି ଗୁରୁତର ରୋଗୀଙ୍କୁ ଛାଡି ଫେରାର ହୋଇଗଲା।

# ନାରୀ



ସନ୍ତୁର ବାଦ୍ୟ ସାଧନାର ବିଶେଷତ୍ୱ ହେଉଛି ଏଥିରେ କେବଳ ଗୋଟିଏ ମାତ୍ର ଘରାନା ରହିଛି। ଯାହାକି କଶ୍ମୀର ସୁଫିୟାନା ଘରାନା ଭାବରେ ବିଶ୍ୱବିଖ୍ୟାତ। ସନ୍ତୁର ବାଦ୍ୟର ସୁଫିୟାନା ସାଧନା ପରିବେଷଣ ମାଧ୍ୟମରେ ଈଶ୍ୱରଙ୍କ ସହିତ ତାଳ ଓ ଲୟରେ ଏକ ସୁମଧୁର ସମ୍ପର୍କ ଓ ସଂଯୋଗ ସ୍ଥାପନ କରାଯାଏ। କଶ୍ମୀର ଘରାନା ହେଉଛି 'ମୋହର୍ ବନ୍ଦ୍ ଘରାନା' ଯାହା ଅନ୍ୟ କୌଣସି ଘରାନା ସଂଗୀତରେ ଦେଖାଯାଏନି। ସନ୍ତୁରରୁ ସୃଷ୍ଟି ହେଉଥିବା ଶବ୍ଦ ଓ ସ୍ୱର ଦୂର ଦିଗନ୍ତ ବିସ୍ତାରୀ ଅସୀମ ଦିଗ୍‌ବଳୟରେ ବିଚରଣ କରି ପ୍ରତିଧ୍ୱନିତ ହୋଇ ବିଭୁ ପଦାରବିନ୍ଦରେ ଲୀନ ହୋଇଯାଏ। ସନ୍ତୁର ସାଧକ ସବୁବେଳେ ଉଜ୍ଜ୍ୱଳ ସଫେଦ୍ ମୁଲାୟମ୍ ବସ୍ତ୍ର ପରିଧାନ କରିବା ସହିତ ମଖ୍‌ମଲ୍ ଭେଲ୍‌ଭେଟ୍ ଚାଦର ଉପରେ ବସି ସନ୍ତୁର ବାଦ୍ୟ ପରିବେଷଣ କରନ୍ତି। ଏହି ପରମ୍ପରା ଅନ୍ୟକୌଣସି ସଂଗୀତ ଓ ବାଦ୍ୟଯନ୍ତ୍ର ସାଧନାରେ ଦେଖିବାକୁ ମିଳିନଥାଏ। ବର୍ତ୍ତମାନ ଏହି ପରମ୍ପରା ଓ ସାଧନା ହୁଏତ ମାତ୍ର କିଛିବର୍ଷ ମଧ୍ୟରେ ଲୋପ ପାଇଯିବାର ପରିସ୍ଥିତି ସୃଷ୍ଟି ହୋଇଯାଇଛି।



# ସନ୍ତୁର ଓ ସୁଫିୟାନା

## ସନ୍ତୁର ସାଧିକା ବର୍ଷା

ଭାରତର ପ୍ରସିଦ୍ଧ ସନ୍ତୁର ସାଧିକା ଡକ୍ଟର ବର୍ଷା ଅଗ୍ରୱାଲ ଭାରତର ପ୍ରଥମ ମହିଳା ସନ୍ତୁର ବାଦିକା ଭାବେ ବିଶ୍ୱର ୬୨ଟି ରାଷ୍ଟ୍ରରେ ସନ୍ତୁର ବାଦ୍ୟ ପରିବେଷଣ କରି ଅନେକ ଯଶଖ୍ୟାତି ସାଉଣ୍ଟିଛନ୍ତି। ତାଙ୍କଦ୍ୱାରା ସନ୍ତୁର ବାଦ୍ୟରେ 'କଲ୍ ଅଫ୍ ଦି ହିଲ୍‌ସ' ନାମରେ ବିଭିନ୍ନ ରାଜ୍ୟକୁ ନେଇ ପରିବେଷଣ ଓ ପ୍ରସ୍ତୁତ ହୋଇଥିବା 'ଆଲ୍‌ବମ୍' ପାଇଁ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ଇରାନ, ଫ୍ରାନ୍ସ ଓ ଇଉରୋପୀୟ ଦେଶ ସମୂହରେ ଅନେକ ମାନସମ୍ମାନ ତଥା ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି। ୨୦୧୮ ମସିହାରେ କେନ୍ଦ୍ର ସରକାରଙ୍କ ମହିଳା ସଶକ୍ତୀକରଣ ଓ ଶିଶୁ ବିକାଶ ତଥା ସଂସ୍କୃତି ମନ୍ତ୍ରଣାଳୟ ସହିତ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।

ସନ୍ତୁର ଶିକ୍ଷା ତଥା ସନ୍ତୁର ଓ ସୁଫିୟାନା ସଂଗୀତକୁ ନେଇ ବର୍ଷା ଅଗ୍ରୱାଲ କହନ୍ତି, "ମୋର ସଂଗୀତ ପ୍ରତି ପିଲାବେଳରୁ ଆଗ୍ରହ ଥିଲା। ଆମ ପରିବାର ନିକଟତର ଥିଲେ ପଣ୍ଡିତ ଲଳିତ ମୋହନ। ସେ ସନ୍ତୁର ସାଧନା କରୁଥିଲେ। ସନ୍ତୁର ପ୍ରତି ମୋର ଦୁର୍ବଳତା ବଢ଼ିଲା ଏବଂ ମୁଁ ସନ୍ତୁର ଶିକ୍ଷା ପାଇଁ ତାଙ୍କୁ କହିଲି। ସେ ମୋତେ କହିଲେ, 'ସନ୍ତୁର ଶିଖିବାକୁ ହେଲେ ପ୍ରଥମେ ଶାସ୍ତ୍ରୀୟ ସଂଗୀତର ଗାଆଁ କଳା ଓ ତବଲା ସାଧନା କରିବାରେ ପାରଙ୍ଗମତା ନିତାନ୍ତ ଆବଶ୍ୟକ। ଏହା ବ୍ୟତୀତ ସନ୍ତୁର ସାଧନା ହୋଇପାରିବ ନାହିଁ। ମୁଁ ତାଙ୍କୁ ଗୁରୁ ଭାବେ ଗ୍ରହଣ କରି ମୋର ସାଧନା ଆରମ୍ଭ କରିଥିଲି। ମୋର ସୌଭାଗ୍ୟରୁ ଦିନେ ଆମର ଜଣେ ପାରିବାରିକ ବନ୍ଧୁଙ୍କ ଘରକୁ ପ୍ରସିଦ୍ଧ ସନ୍ତୁର ସାଧକ ପଣ୍ଡିତ ଭଜନ ସୁପରି ଆସିଥିଲେ। ମୋତେ ତାଙ୍କ ସହିତ ମିଶିବାର ସୌଭାଗ୍ୟ ମିଳିଲା। ମୋ ଗୁରୁ ଲଳିତ ମୋହନଙ୍କୁ ମଧ ସେ ଭେଟିବାର ପ୍ରସ୍ତୁତି ଥିଲା। ତେଣୁ ଆମେ ଉଭୟ ଗୋଟିଏ ସମୟରେ ପଣ୍ଡିତ ସୁପରିଙ୍କୁ ଭେଟିଲୁ। ସେ ମୋତେ ସନ୍ତୁର ବଜାଇବାକୁ କହିଲେ ଏବଂ ମୁଁ ବଜାଇଲି। ସେ ମୋ ପ୍ରତି ଅତ୍ୟନ୍ତ ଆଗ୍ରହ ଦେଖାଇ କହିଲେ, ପଣ୍ଡିତ ମୋହନଜୀ ମୁଁ ବର୍ଷାକୁ ସନ୍ତୁର ସାଧନା ଶିକ୍ଷା ଦେବି। ମୋ ଗୁରୁ ମୋହନଜୀ କହିଲେ ଏହା ବହୁତ ଗର୍ବର କଥା। ସେହିଦିନ ମୋ ଜୀବନର ଗୋଟିଏ ମୋଡ଼ ଆସିଥିଲା ଯାହା ମୋ ସନ୍ତୁର ସାଧନା ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ବଦଳାଇଦେଇଥିଲା ଏବଂ ମୁଁ ଆଉ ପଛକୁ ଫେରି ଦେଖିବାର ସୁଯୋଗ ପାଇନଥିଲି। ମୁଁ ସନ୍ତୁର ସାଧନାରେ ସଂପୂର୍ଣ୍ଣ ନିମଗ୍ନ ହୋଇଗଲି।



## ସନ୍ତାପିତ ସନ୍ତୁରର ସୁରକ୍ଷା

ସମଗ୍ର ବିଶ୍ୱରେ କଶ୍ମୀର ଏହାର ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟ, ଚିତ୍ତାକର୍ଷକ କଳା ସଂସ୍କୃତି ଏବଂ ଐତିହ୍ୟ ତଥା ସମୃଦ୍ଧ ସଙ୍ଗୀତ ପାଇଁ ଯେତିକି ପ୍ରସିଦ୍ଧ, ସନ୍ତୁର ବାଦ୍ୟଯନ୍ତ୍ରକୁ ନେଇ ତା'ଠାରୁ ଯଥେଷ୍ଟ ଅଧିକ ସ୍ୱତନ୍ତ୍ର ସୁଖ୍ୟାତି ରହିଛି। ଅଳ୍ପଲୋକ ଏହା ଜାଣନ୍ତି। ସମଗ୍ର ଭାରତରେ ସନ୍ତୁର ବାଦ୍ୟଯନ୍ତ୍ର ନିର୍ମାଣ ଓ ପ୍ରସ୍ତୁତ କେବଳ ଶ୍ରୀନଗରରେ (କଶ୍ମୀର) ହିଁ ହୋଇଥାଏ। ସନ୍ତୁର ବାଦ୍ୟଯନ୍ତ୍ର ଯାହା ପାରମ୍ପରିକ ସଙ୍ଗୀତର ଏକ ଚିରସ୍ଥାୟୀ ପ୍ରତୀକ। ଯଦିଓ ଇରାନ ଓ ଫ୍ରାନ୍ସରେ ସନ୍ତୁର ବାଦ୍ୟଯନ୍ତ୍ର ନିର୍ମାଣ ହୁଏ କିନ୍ତୁ କଶ୍ମୀରରେ ପ୍ରସ୍ତୁତ ହେଉଥିବା ସନ୍ତୁର ବାଦ୍ୟର ସ୍ୱର ସମ୍ପୂର୍ଣ୍ଣ ନିଆରା। ଭାରତୀୟ ସନ୍ତୁର ବାଦ୍ୟରୁ ସୃଷ୍ଟି ହେଉଥିବା ସ୍ୱତନ୍ତ୍ର ଓ ବିରଳ ସୁମଧୁର ସ୍ୱରକୁ ଇରାନ ଓ ଫ୍ରାନ୍ସ ସନ୍ତୁର ଆଜିବି ଧରିରଖି ପାରିନାହିଁ। ସେଥିପାଇଁ ଭାରତୀୟ ସନ୍ତୁର ବାଦ୍ୟର ଆଦର ଓ ଚାହିଦା ବିଶ୍ୱବ୍ୟାପୀ ସର୍ବତ୍ର ରହିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ସନ୍ତୁର ବାଦ୍ୟଯନ୍ତ୍ର ପ୍ରସ୍ତୁତି ଓ ନିର୍ମାଣ ବର୍ତ୍ତମାନ ଲୋପ ପାଇବାକୁ ବସିଲାଣି। ସମଗ୍ର କଶ୍ମୀର ଉପତ୍ୟକାରେ ଆଜି କେବଳ ଜଣେ କାରିଗରଙ୍କୁ ଛାଡ଼ିଦେଲେ ଅନ୍ୟକେହି ଭାରତୀୟ ସନ୍ତୁର ନିର୍ମାଣ କରୁନାହାନ୍ତି। ଜଣେ ବ୍ୟକ୍ତି ଏହି କାରିଗରୀରେ ପାରଙ୍ଗମ, ସେ ହେଉଛନ୍ତି ୮୦ ବର୍ଷ ବୟସ୍କ ଗୁଲାମ ମହମ୍ମଦ ଜାଜ୍। ଏହି ଅନନ୍ୟ କାର୍ଯ୍ୟ ପାଇଁ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଛି।

"ଶାସ୍ତ୍ରୀୟ କଶ୍ମୀରୀ ସଙ୍ଗୀତର ଏକ ଧାରା 'ସୁଫିୟାନା କାଲାମ୍ ଓ ଘରାନା'ରେ ପାରମ୍ପରିକ ଭାବରେ ସନ୍ତୁର ବାଦ୍ୟ ବିନା ଏହାର ପରିବେଷଣ ହୋଇପାରିବ ନାହିଁ। ସନ୍ତୁର ଶାସ୍ତ୍ରୀୟ ସଙ୍ଗୀତର ଏକ ସ୍ୱତନ୍ତ୍ର ବାଦ୍ୟର ପ୍ରତୀକ ଅଟେ। ଭାରତୀୟ ସନ୍ତୁର କଶ୍ମୀର ମଲ୍‌ବେରି(ତୁତ୍ ଗଛ) କାଠରେ ନିର୍ମିତ। ବିଶ୍ୱାସ କରାଯାଏ ଏହି କାଠ ହିଁ ଏହାକୁ ଅଦ୍ୱିତୀୟ କରି ଗଢ଼ି ତୋଳିଛି। ଯାହାକି ଇରାନ ଓ ଫ୍ରାନ୍ସ ସନ୍ତୁର ବାଦ୍ୟରେ ଦେଖିବାକୁ ମିଳେନି। କଶ୍ମୀର ସନ୍ତୁର ବିଶ୍ୱ ବାଦ୍ୟଯନ୍ତ୍ରକୁ ଏକ ବିରଳ ଦାନ। ଏହାକୁ ଅଧିକ ଆକର୍ଷଣୀୟ କରି ପ୍ରସ୍ତୁତ କରିବାରେ ଶିବ କୁମାର ଶର୍ମା ଓ ଭଜନ ସୋପାରିଙ୍କ ମଧ ଯଥେଷ୍ଟ ଅବଦାନ ରହିଛି। ଉଭୟ କଶ୍ମୀର ସନ୍ତୁରରେ ନୂତନତା ଭରିଦେଇ ଏହାକୁ ଅଧିକ ଆଧୁନିକ ଶୈଳୀରେ ପରିବେଷଣ କରି ପୃଥିବୀର କୋଣ ଅନୁକୋଣରେ ଆଦୃତ କରାଇଥିଲେ" ବୋଲି ଗୁଲାମ ଜାଜ୍ କହିଛନ୍ତି।

ଶ୍ରୀନଗରର ଐତିହାସିକ ଯାଇନା କାଦଲ ଅଞ୍ଚଳର ବାସିନ୍ଦା ଗୁଲାମ ମହମ୍ମଦ ଜାଜ୍ ପଦ୍ମଶ୍ରୀ ପାଇବା ପରେ ନିଜର ପ୍ରତିକ୍ରିୟାରେ କହିଛନ୍ତି "ବିଗତ ବର୍ଷର ସରକାରମାନେ ଯଦି ଏଥିପ୍ରତି ଧ୍ୟାନ ଦେଇଥା'ନ୍ତେ ତେବେ ହୁଏତ ଭାରତୀୟ ସନ୍ତୁର ନିର୍ମାଣ ଓ ପ୍ରସ୍ତୁତି ଆଜି ଲୋପ ପାଇବାକୁ ବସିନଥା'ନ୍ତା। ମୁଁ ଖୁସି ବର୍ତ୍ତମାନ ସରକାର ଏହାକୁ ବୁଝିପାରି ମୋତେ ସମ୍ମାନିତ କରିଛନ୍ତି। ଯେଉଁ ସମୟରେ ମୋ ବାପା ଓ ତାଙ୍କ ଜେଜେବାପାଙ୍କ ଭଳି ଆଠ ପିଢ଼ି ପରେ ପିଢ଼ି ଏହି ବାଦ୍ୟକୁ ନିର୍ମାଣ କରୁଥିଲେ ସେମାନେ ଆଜି ନିଶ୍ଚିତ ଖୁସି ହେଉଥିବେ"। ୧୯୫୩ ମସିହାରେ ବାର ବର୍ଷର ବାଳକ ଭାବରେ ନିଜ ପରିବାରର ଗୁରୁମାନଙ୍କ ଅଧୀନରେ ଶିକ୍ଷାଦାନ ଆରମ୍ଭ କରିଥିଲି। ସନ୍ତୁର ପ୍ରସ୍ତୁତି ଓ ପରିବେଷଣ କରିବାରେ ବିଶ୍ୱ ଗୁରୁ ରୂପେ ପରିଚିତ ଶିବ କୁମାର ଶର୍ମା ଓ ଭଜନ ଲାଲ୍ ସୋପୋରିଙ୍କ ପରି ବ୍ୟକ୍ତିଙ୍କ ଅଧୀନରେ ଏହି ବାଦ୍ୟର କଳାକୌଶଳର ତାଲିମ ନେଇଥିଲି। କିନ୍ତୁ ବିଶ୍ୱବିଖ୍ୟାତ ସନ୍ତୁର ବାଦ୍ୟ ଏନ୍ତୁଡ଼ିଶାଳରେ ମୁଁ ଆଜି ଆମ ପାରିବାରିକ ପରମ୍ପରାର ଶେଷ ପିଢ଼ିର ସାକ୍ଷୀ ଭାବେ କଶ୍ମୀର ଉପତ୍ୟକାରେ ଛିଡ଼ା ହୋଇଛି। ମୋର ତିନି ଝିଅ ସେମାନେ ସମସ୍ତେ ଅନ୍ୟ ବୃତ୍ତି ଓ ପେଶାରେ ମନୋନିବେଶ କରିସାରିଛନ୍ତି। ମୋର ସମସ୍ତ ସମ୍ପର୍କୀୟ ସନ୍ତୁର ପ୍ରସ୍ତୁତିର କଠିନ କଳାକୁ ଅନୁସରଣ କରିବାକୁ ପ୍ରସ୍ତୁତ ନୁହନ୍ତି। ତଥାପି ମୁଁ ଆଶାବାଦୀ କଶ୍ମୀର ଉପତ୍ୟକାରେ ଭାରତୀୟ ସନ୍ତୁର ନିର୍ମାଣ ଓ ପ୍ରସ୍ତୁତ କଳାର ଲୋପ ହେବନାହିଁ। ମୋ ଜିବଦ୍ଦଶାରେ ଦିନେ କେହି ଜଣେ ଆଗକୁ ଆସି ଭାରତୀୟ ସନ୍ତୁରକୁ ସଂରକ୍ଷଣ କରିବେ ଏବଂ ଭବିଷ୍ୟତ ପିଢ଼ି ପାଇଁ ଏହାକୁ ଜୀବନ୍ତ ରଖିବେ। ଭାରତୀୟ ସନ୍ତୁର କଶ୍ମୀର ଉପତ୍ୟକାକୁ ଛାଡ଼ିଦେଲେ ଭାରତର ଅନ୍ୟ କେଉଁଠାରେ ପ୍ରସ୍ତୁତ ଓ ନିର୍ମାଣ ହୁଏନାହିଁ କିମ୍ବା ବିଦେଶରେ ତିଆରି ବାଦ୍ୟଯନ୍ତ୍ରରୁ ଭାରତୀୟ ସନ୍ତୁରର ସୁମଧୁର ରାଗିଣୀ ସ୍ଫୁରିବ ନାହିଁ। ଏହି ଅବସରରେ ଡ. ବର୍ଷା ଅଗ୍ରୱାଲ୍ ଓ ଅନ୍ୟମାନେ ଏହାର ନିର୍ମାଣ କଳାକୁ ବଞ୍ଚେଇ ରଖିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ଏକ ଆବେଗଭରା ଅନୁରୋଧ କରିଛନ୍ତି। ଆଶା କରିବା ଶତତନ୍ତ୍ରୀ ବୀଣାର ରାଗିଣୀ କଦାଚ ନିରବି ଯିବନାହିଁ।



## ଖାଦ୍ୟ ସାରଣୀରେ ରଖନ୍ତୁ ଏହିସବୁ ଖାଦ୍ୟ

ଆଜିକାଲି ବୟସ ନିର୍ବିଶେଷରେ ସଭିଏଁ ସ୍ୱାସ୍ଥ୍ୟ ସଚେତନ ହେଲେଣି। ବିଶେଷକରି କରୋନା ମହାମାରୀ ପରଠୁ ସାରା ପୃଥିବୀରେ ସୁସ୍ୱାସ୍ଥ୍ୟ ମୋହରେ ଜୀବନଶୈଳୀରେ ପରିବର୍ତ୍ତନ ଆସିଛି। ଦିନଚର୍ଯ୍ୟାର ରୁଟିନ୍ ପରି ଖାଦ୍ୟସାରଣୀ ଅନୁସାରେ ଖାଇବାକୁ ଅନେକ ପ୍ରାଧାନ୍ୟ ଦେଉଛନ୍ତି। ସୌନ୍ଦର୍ଯ୍ୟ ସଚେତନ ମହିଳା ଓ ଯୁବବର୍ଗ ବିଭିନ୍ନ ପ୍ରକାର ଫଳ, ପନିପରିବା ସାଲାଡ୍, ସ୍ପ୍ରାଉଟ୍ ଖାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଆଖି ଓ ପାଟିକୁ ସୁଆଦିଆ ଲାଗୁଥିବା ବିଭିନ୍ନ ପ୍ରକାର ପ୍ୟାକେଟ୍ ଫୁଡ୍, ଜଙ୍କ୍‌ଫୁଡ୍, ଇନ୍‌ଷ୍ଟାଣ୍ଟ୍ ଫୁଡ୍, କୃତ୍ରିମ ରଙ୍ଗ ଓ କେମିକାଲ୍ ମିଶ୍ରିତ, ଦୁଧ, ଦହି, ଫଳରସ ପ୍ରଭୃତି ବଜାରରେ ଉପଲବ୍ଧ ଦାମିକା ଖାଦ୍ୟ ଅପେକ୍ଷା ସହଜରେ ଓ ହାତ ପାହାନ୍ତାରେ ମିଳୁଥିବା ଘରତିଆରି ଖାଇବା ଉଭୟ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଉପକାରୀ। ଏଣୁ ଆବଶ୍ୟକୀୟ ଦୈନିକ ତାଲିକାରେ ଏଥର ଆପଣ ଏହି ୨୦ଟି ସହଜଲବ୍ଧ ତଥା ପୁଷ୍ଟିକର ଖାଦ୍ୟ ନିଶ୍ଚୟ ସାମିଲ୍ କରନ୍ତୁ। ଅଁଳା, ଖଜୁରୀ, କଦଳୀ, ଲେମ୍ବୁ, ଅଣ୍ଡା, କମଳା, ଚିଆ ସିଡ୍, ଅମୃତଭଣ୍ଡା, ବ୍ରୋକୋଲି, ସେଓ, ଆଲ୍‌ମଣ୍ଡ, ପାଳଙ୍ଗ ଶାଗ, ଗାଜର, ପିଜୁଳି, ଡାଳିମ୍ବ, ଷ୍ଟ୍ରବେରି, ବ୍ଲୁବେରି, ତରଭୁଜ, ସଜନା ଶାଗ, ଛୁଇଁ ଓ ସୋୟାବିନ୍।



## ଭିନ୍ନକ୍ଷମ ଅଧିକାର ଯୋଦ୍ଧା ସୁବର୍ଣ୍ଣା



ଭାରତରେ ଭିନ୍ନକ୍ଷମଙ୍କ ଅଧିକାର ପାଇଁ ଅବିଶ୍ରାନ୍ତ ଭାବେ ଲଢ଼ିଆସୁଥିବା ଭାରତୀୟ ପାରା-କ୍ରୀଡ଼ାବିତ୍ ସୁବର୍ଣ୍ଣା ରାଜ ନିକଟରେ ଏକ ବିଶ୍ୱସ୍ତରୀୟ ସମ୍ମାନ ପାଇବାର ଗୌରବ ହାସଲ କରିଛନ୍ତି। ଭିନ୍ନକ୍ଷମଙ୍କ ଅଧିକାର ସମେତ ଅନ୍ତର୍ଭୁକ୍ତୀ ନୀତି ପ୍ରଣୟନ, ନିର୍ବାଚନରେ ଭିନ୍ନକ୍ଷମଙ୍କ ସୁବିଧା ସପକ୍ଷରେ ଏକ ମୁଖର ସ୍ୱର ପାଲଟିଥିବାର ସ୍ୱୀକୃତି ସ୍ୱରୂପ ତାଙ୍କୁ ଗତ ମାସ ୨୯ ତାରିଖରେ ରୋମ୍‌ଠାରେ ମିଳିତ ଜାତିସଂଘର 'ଏସ୍‌ଡିଜି ଆକ୍‌ସନ୍ ଆୱାର୍ଡ' ଦ୍ୱାରା ସମ୍ମାନିତ କରାଯାଇଛି। ତାଙ୍କୁ 'ଚେଞ୍ଜ୍‌ମେକର୍' ବିଭାଗରେ ଏହି ସମ୍ମାନଜନକ ପୁରସ୍କାର ମିଳିଛି।

ଉଲ୍ଲେଖଯୋଗ୍ୟ ଯେ ଭିନ୍ନକ୍ଷମଙ୍କୁ ଆଇନଗତ ସୁରକ୍ଷା ଓ ସମର୍ଥନ ଯୋଗାଉଥିବା 'ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ଆଇନ ୨୦୧୬' ଓ 'ମାନସିକ ସ୍ୱାସ୍ଥ୍ୟ ବିଲ୍' ପ୍ରଣୟନରେ ସୁବର୍ଣ୍ଣା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେହିପରି ନିର୍ବାଚନ ଆୟୋଗଙ୍କ ଆମ୍ବାସଡର୍ ଭାବେ ସେ ଭୋଟଦାନର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସମସ୍ତଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାର ଗୁରୁତ୍ୱକୁ ଉତ୍‌ଥାପନ କରିଛନ୍ତି। ସୁବର୍ଣ୍ଣା ନିଜେ ଜଣେ ହ୍ୱିଲ୍‌ଚେଆର୍ ନିର୍ଭର ଭିନ୍ନକ୍ଷମ ଭାବେ ଜୀବନରେ ଅନେକ ବାଧାର ସମ୍ମୁଖୀନ ହୋଇଛନ୍ତି, ଯାହା ତାଙ୍କୁ ସମାଜକୁ ଅଧିକ ଅନ୍ତର୍ଭୁକ୍ତୀ କରିବାର ଉଦ୍ୟମ କରିବା ପାଇଁ ପ୍ରୋତ୍ସାହିତ କରିଥିଲା। ସେ ୨୦୨୨ ଏସିଆନ୍ ପାରା ଗେମ୍‌ସରେ ଡିସ୍‌କସ୍ ଥ୍ରୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। 'ଆକ୍‌ସେସିବିଲିଟ୍ ଇଣ୍ଡିଆ' କ୍ୟାମ୍ପେନ୍ ଅଧୀନରେ ସେ ୫୦୦ରୁ ଅଧିକ ସରକାରୀ ଓ ଘରୋଇ ସଂସ୍ଥାରେ ସୁଗମ ଯାତାୟାତ ସୁବିଧାର ସମୀକ୍ଷା ବା ଅଡିଟ୍ କରିଛନ୍ତି, ଯାହା ଫଳରେ ଭିନ୍ନକ୍ଷମଙ୍କ ସୁବିଧା ପାଇଁ ଗମନାଗମନ, ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି କ୍ଷେତ୍ରରେ ଉନ୍ନତି ସାଧିତ ହୋଇଛି। ଜାତିସଂଘର 'ସଷ୍ଟେନେବଲ୍ ଡେଭେଲୋପ୍‌ମେଣ୍ଟ ଗୋଲ୍'ମାନ ହାସଲ କରିବା ଦିଗରେ ତାଙ୍କ କାର୍ଯ୍ୟ ସହାୟକ ହେବା ଓ ସେଥିପାଇଁ ତାଙ୍କ ସଂଘର୍ଷକୁ ସ୍ୱୀକୃତି ମିଳିବା ଭାରତର ସଫଳତାକୁ ମଧ ବିଶ୍ୱ ସ୍ତରରେ ଉତ୍‌ଥାପନ କରିଛି। ସେ ଏହି ସମ୍ମାନ ପାଇବା ଦ୍ୱାରା ଅଧିକରୁ ଅଧିକ ଲୋକ ଭିନ୍ନକ୍ଷମ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ପ୍ରୋତ୍ସାହିତ ହେବେ ବୋଲି ସୁବର୍ଣ୍ଣା ଆଶା ରଖିଛନ୍ତି।



### ଏମପିଙ୍କ ପ୍ରେସରରେ ପୁଲିସ ଚେପା

# ଅଭିଯୁକ୍ତଙ୍କ ପରିବର୍ତ୍ତେ ପୀଡ଼ିତଙ୍କ ପୁଅକୁ ଗିରଫ



- ଟ୍ରାକ୍ଟର ଚଢ଼ାଇ କଲେ ଗୁରୁତର ଆହତ
- ଗ୍ରାମବାସୀଙ୍କ ଏକାଠି ପରେ ଅଭିଯୁକ୍ତ ପରିବର୍ତ୍ତେ କେବଳ ଟ୍ରାକ୍ଟର ଜବତ

**ବିଞ୍ଝାରପୁର,୯।୬(ସଂଚାର ବ୍ୟୁରୋ):** ଏମପିଙ୍କ ପ୍ରେସରରେ ଆଇଆଇସି ପ୍ରେସରାଇଜ। ସାଂସଦଙ୍କ ଚାପରେ ଥାନା ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ ନକରି ପୀଡ଼ିତଙ୍କ ସମ୍ପର୍କୀୟଙ୍କୁ ଗିରଫ କରିବାକୁ ବିରୋଧ କରି ଏକାଠି ହୋଇଛନ୍ତି ଗ୍ରାମବାସୀ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ।ଅଭିଯୋଗ ଅନୁଯାୟୀ ଗତ ୪ ତାରିଖ ଦିନ ଅଳକୁଣ୍ଡ ଥାନା କପିଳା ପଞ୍ଚାୟତର ଗୁହାଳି ଗ୍ରାମର କୈଳାସ ସାମଲ ଏବଂ ରାଜେନ୍ଦ୍ର ସାମଲଙ୍କ ମଧ୍ୟରେ ରାସ୍ତାରେ ବାଇକ୍ ନେବା ଆଣିବା ସମସ୍ୟାକୁ ନେଇ ଯୁକ୍ତି ତର୍କ ଏବଂ ପେଲା ଠେଲା ହୋଇଥଲା। ପରେ ଗ୍ରାମବାସୀଙ୍କ ହସ୍ତକ୍ଷେପ ପରେ ଉଭୟ ଘରକୁ ଫେରିଥିଲେ।କିନ୍ତୁ ତହିଁଦିନ ସନ୍ଧ୍ୟାବେଳେ ରାଜେନ୍ଦ୍ର ସାମଲ ଜଣେ ବ୍ୟକ୍ତିଙ୍କ ଗାଡ଼ିର ଚାଳକ ଥିବାରୁ ଗାଡ଼ି ମାଲିକଙ୍କ ଘରେ ରଖି ନିଜ ଘରକୁ ଫେରୁଥିବା ସମୟରେ କୈଳାଶ ସାମଲଙ୍କ ପୁଅ ସିଦ୍ଧାନ୍ତ ଶଙ୍କର ସାମଲ ରାଜେନ୍ଦ୍ରଙ୍କ ପିଛା କରିଥିଲା ଏବଂ ଗ୍ରାମର ଶ୍ୟାମ ସୁନ୍ଦର ନାୟକଙ୍କ ଘର ପାଖରେ କୈଳାସ ଏବଂ ତାଙ୍କ ପୁଅ ସିଦ୍ଧାନ୍ତ ରାଜେନ୍ଦ୍ରଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବାକୁ ଚେଷ୍ଟା କରିବାରୁ ରାଜେନ୍ଦ୍ର ତାଙ୍କୁ ବାଧା ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ କୈଳାସଙ୍କ ପୁଅ ସିଦ୍ଧାନ୍ତ ତାଙ୍କ ଉପରେ ନିଜ ଟ୍ରାକ୍ଟର ଚଢାଇ ଦେଇଥିଲେ।ତେବେ ରାଜେନ୍ଦ୍ର ଚିତ୍କାର କରିବାରୁ ଗ୍ରାମବାସୀ ଦୌଡ଼ି ଆସିଥିଲେ ଏବଂ ଘଟଣା ସ୍ଥଳରେ ଅଳକୁଣ୍ଡ ପୋଲିସ ପହଞ୍ଚି ରାଜେନ୍ଦ୍ରଙ୍କୁ ନିକଟସ୍ଥ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା।ଟ୍ରାକ୍ଟର ଚଢ଼ିଯିବା ଦ୍ୱାରା ରାଜେନ୍ଦ୍ର ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଦୁଇଟି ମାମଲା ରୁଜୁ ହୋଇଥିବା ବେଳେ ପୋଲିସ କେବଳ ରାଜେନ୍ଦ୍ରଙ୍କ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ରାଜେନ୍ଦ୍ରଙ୍କୁ ଗାଡ଼ି ଚଢାଇ ମାରିଦେବାକୁ ଉଦ୍ୟମ କରିଥିବା କୈଳାଶ ସାମଲଙ୍କ ପୁଅ ସିଦ୍ଧାନ୍ତ ସାମଲଙ୍କୁ ଗିରଫ କରିପାରିନାହିଁ। ତେବେ ଏ ନେଇ ଆଜି ଅଳକୁଣ୍ଡ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗୁହାଳି ଗ୍ରାମବାସୀ।କୈଳାସଙ୍କ ବଡ଼ପୁଅ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କ ଅଙ୍ଗରକ୍ଷୀ ଥିବାରୁ ସାଂସଦଙ୍କ ଚାପରେ ପୋଲିସ ଟାଳ ଟୁଳ ନୀତି ଅବଲମ୍ବନ କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପଛଘୁଞ୍ଚା ଦେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏଭଳିକି ଘଟଣା ଦିନ କୈଳାଶ ସାମଲ ମୋ ବଡ ପୁଅ ସାଂସଦଙ୍କ ପାଖରେ ପିଏସଓ ଅଛି, ମୋର କେହି କିଛି କରିପାରିବେ ନାହିଁ କହି ଧମକ ଦେଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।ତେବେ ଗ୍ରାମବାସୀ ଆଜି ଏକତ୍ରିତ ହୋଇ ଥାନାରେ ଏକାଠି ହେବା ଦେଖି ଅଳକୁଣ୍ଡ ଥାନା ଅଧିକାରୀ ଦେବାଶିଷ ଶତପଥୀ କେବଳ କୈଳାଶ ସାମଲଙ୍କ ଟ୍ରାକ୍ଟର ଗାଡ଼ି ଟିକୁ ଜବତ କରି ଚୁପ ବସିଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ।

## ଏୟୁପିଟିଏଫ୍ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



**ସୋନପୁର,୯।୬(ସଂଚାର ବ୍ୟୁରୋ):** ଗତ ୭ ତାରିଖ ଦିନ ମୁଖ୍ୟମନ୍ତ୍ରୀ ଗସ୍ତ ସମୟରେ ଏୟୁପିଟିଏଫ୍ ର ସଭାନେତ୍ରୀ ତଥା ତାଙ୍କ କର୍ମକର୍ତ୍ତା ମାନଙ୍କ ମଧ୍ୟରୁ ସଭାନେତ୍ରୀ ଡ. ଅନିତା ମେହେର, ଉମାକାନ୍ତ ମିଶ୍ର ଏବଂ ଭାଗ୍ୟସିନି ମିଶ୍ର ଓଡ଼ିଶା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସାକ୍ଷାତ କରି ଶିକ୍ଷକଙ୍କ ସମସ୍ୟା ବିଷୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସଂଘ ମୂଳକ ଆବେଦନ ମାଧ୍ୟମରେ ସେମାନେ ପ୍ରାଥମିକ ଶିକ୍ଷକମାନଙ୍କ ନ୍ୟୁନତମ ଦରମା, ଚାକିରି ସ୍ଥାୟୀକରଣ, ପେନସନ ପୁନଃସ୍ଥାପନ ଆଦି ମହତ୍ତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଥିଲେ। ପ୍ରତିନିଧିମାନଙ୍କ ଦାବି ଗୁଡ଼ିକ ପ୍ରାଥମିକ ଶିକ୍ଷକଙ୍କ ପାଇଁ ନ୍ୟୁନତମ ୪୨୦୦ ଗ୍ରେଡ୍ ପେ , ୬ ବର୍ଷ ଓ ୮ ବର୍ଷ କଣ୍ଟ୍ରାକଚୁଆଲ ଚାକିରିକୁ ୬ ଟି ନୋସନାଲ ଇନକ୍ରୀମେଣ୍ଟ୍ ସହିତ ସ୍ଥାୟୀ ଚାକିରୀ ରେ ସାମିଲ କରିବା।,ପୁରୁଣା ପେନସନ ପୁନଃସ୍ଥାପନ ଓ ଆର୍ଥିକ ନିଶ୍ଚିତତା। ଓଟିଇଟି କୁ ପ୍ରମୋସନ ପାଇଁ ବଧ୍ୟତାମୂଳକ କରିବା ନାହିଁ । ପ୍ରାଥମିକ ଶିକ୍ଷକମାନଙ୍କୁ ଆୟୁଷ୍ମାନ ଯୋଜନା ରେ ଅନ୍ତର୍ଭୁକ୍ତ କରିବା। ମୁଖ୍ୟମନ୍ତ୍ରୀଙ୍କ ପ୍ରତିକ୍ରିୟା ଏହି ମହତ୍ତ୍ୱପୂର୍ଣ୍ଣ ଦାବିଗୁଡ଼ିକୁ ଗଭୀର ଭାବରେ ବିଚାର କରିବା ଓ ସମସ୍ୟାର ଶୀଘ୍ର ସମାଧାନ ପାଇଁ ସରକାର ରାସ୍ତା ବାହାର କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନ ଦେଇଛନ୍ତି। ଏୟୁପିଟିଏଫ୍ ପ୍ରତିନିଧିମାନେ ଏହାକୁ ଏକ ପ୍ରଗତିଶୀଳ ପଦକ୍ଷେପ ଭାବେ ଦେଖି ଆଶା ରଖିଛନ୍ତି ଯେ ଖୁବ୍ ଶୀଘ୍ର ଉଚିତ ପଦକ୍ଷେପ ନିଆଯିବ। ଏହି ଗୁରୁତ୍ୱପୂର୍ଣ୍ଣ ଦାବିପତ୍ର ପ୍ରଦାନ ଓ ସରକାରଙ୍କ ଅନୁକୂଳ ପ୍ରତିକ୍ରିୟା ଶିକ୍ଷକମାନଙ୍କ ଭବିଷ୍ୟତ ସୁରକ୍ଷିତ ଏବଂ ନ୍ୟାୟସଂଗତ ରହିବ ବୋଲି ଆଶା କରାଯାଉଛି ।

## ବିନା ସୂଚନା ଫଳକରେ ଚାଲିଛି ନିମ୍ନ ମାନର ବିଦ୍ୟାଳୟ ଗୃହ କାମ, ପ୍ରଶାସନ ନିରବ

**କଳିଙ୍ଗନଗର,୯।୬(ସଂଚାର ବ୍ୟୁରୋ):** କୌଣସି ସରକାର ଗୃହ ନିର୍ମାଣ ପାଇଁ ସୂଚନା ଫ ଳକ ବାଧ୍ୟତାମୂଳକ।କିନ୍ତୁ ଏଠାରେ ତାହା ବିଚ୍ୟୁତ ଘଟିଛି।ଏପରି ଏକ କାର୍ଯ୍ୟ ଯାଜପୁର ଜିଲ୍ଲା ଦାନଗଦି ବ୍ଲକର ଶାଳୀଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ଏହି ଗାଁ ର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନୂଆ ଶ୍ରେଣୀ ଗୃହ ନିର୍ମାଣ ରେ ଦେଖିବାକୁ ମିଳିଛି । ଜିଲ୍ଲା ଖଣିଜ ପାଣ୍ଠି ରେ ବର୍ତମାନ ବ୍ଲକ ର ବହୁତ ଜାଗା ରେ ବିଦ୍ୟାଳୟ ଗୃହ ନିର୍ମାଣ ହେଉଥିବା ଦେଖିବାକୁ ମିଳୁଛି ପ୍ରାୟ ଅଧିକାଂଶ ଜାଗା ରେ ଠିକାଦାର ମନମୁଖୀ କାର୍ଯ୍ୟ କରୁଛନ୍ତି ଏବଂ ଗୃହ ଟି ପ୍ରାୟ ଲକ୍ଷା ଧିକ ଟଙ୍କା ଉର୍ଦ୍ଧ୍ୱ ବ୍ୟୟ ଅଟକଳ ରେ ହେଉଛି ଥିବା ଜଣାପଡିଛି ।ଏଠାରେ ଠିକାଦାର ସୂଚନା ଫଳକ ନ ଲଗାଇ କିପରି କାର୍ଯ୍ୟ କରୁଛନ୍ତି।ଏହି ଶ୍ରେଣୀ ଗୃହ ନିର୍ମାଣ କାମ ନିମ୍ନ ମାନର ହେଉଥିବା ଜଳ ଜଳ ଦେଖାଦେଉଛି।ଉକ୍ତ କାର୍ଯ୍ୟ ପାଇଁ ଠିକାଦାର ଆରମ୍ଭରୁ ନିମ୍ନମାନର ସିମେଣ୍ଟ , ରଡ ଓ କାମ ରେ ବ୍ୟବହାର କରୁଥିବା ସର୍ବସାଧାରଣରେ ପକ୍ଷରୁ ଅଭିଯୋଗ ହେଉଛି।ସମସ୍ତ ପିଲର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଲୁହାଛଡ଼ ୧୬ ଜାଗା ରେ ୧୨ ଲାଗୁଛି,୧୨ ଜାଗାରେ ୧୦ ଲାଗୁଛି, ଚିପ୍ସ ମିଶାଇ ତଳ ଢ଼ଳେଇ ହେଉଛି, ବହୁ ଦୁର୍ବଳ କାର୍ଯ୍ୟ ହେଉଛି।ଏଠାକୁ ବିଭାଗୀୟ ଯନ୍ତ୍ରୀ ଆସୁନଥିବାରୁ ଜଣାପଡୁଛି କାରଣ ଯଦି ଏଠାକୁ ଆସୁଥାନ୍ତେ ତେବେ ଏଭଳି କାର୍ଯ୍ୟ ହେଉ ନଥାନ୍ତା ଓ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁନ ଥାନ୍ତେ। ଜିଲ୍ଲା ଖଣିଜ ପାଣ୍ଠି ର କୋଟି କୋଟି ଟଙ୍କା କୁ ଲୁଟ କରି ଖାଇବା ପାଇଁ ଏକ ମିଳିତ ଯୋଜନା ହୋଇଥିବା ପରି ଜଣା ପଡୁଛି ନଚେତ ଦିନ ଦ୍ୱି ପ୍ରହର ରେ ଠିକାଦାର ମାନେ କାହା ସାହସ ରେ ନିର୍ଭୟ ରେ ଏପରି ନିମ୍ନ ମାନର କାମ କରୁଛନ୍ତି, ସରକାର ଓ ପ୍ରଶାସନର ପକ୍ଷରୁ ଉକ୍ତ ଶ୍ରେଣୀ ଗୃହକାମ ତଦନ୍ତ କରି ଠିକାଦାର ତାଗିଦ କରି କାର୍ଯ୍ୟ ଟି ଭଲଭାବରେ କରିବାକୁ ଗ୍ରାମବାସୀ ଦାବି କରୁଛନ୍ତି ।

### ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ

## ଖୁସି ଓ ରାଜଯୋଗ ଶିବିର ଉଦ୍‌ଯାପିତ



**ସୁନ୍ଦରଗଡ,୯।୬(ସଂଚାର ବ୍ୟୁରୋ):** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପଞ୍ଚ ଦିବସୀୟ ଖୁସି ଏବଂ ରାଜଯୋଗ ଶିବିର ରବିବାର ସଫଳତାର ସହିତ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଓମକାର ଚାନ୍ଦ ଯୋଗଦେଇ ଆତ୍ମାନ୍ତଦୃଷ୍ଟି ଓ ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ ଈଶ୍ୱରୀୟ ଭାବନା ପ୍ରତି ସମର୍ପଣର ଉପାୟ ବିଷୟରେ ଆଲୋକପାତ କରିଥିଲେ। ପ୍ରଫେସର ଓମକାର ଚାନ୍ଦ କେନ୍ଦ୍ରିତ କରିବା। ପ୍ରଫେସର ଓମକାର ଚାନ୍ଦ ଆଲୋକପାତ କରିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଦୁଇଥର ଅମୃତ ବେଳାରେ ଧ୍ୟାନ କରିବା ପାଇଁ ଉପଦେଶ ଦେଇଥିଲେ। ମନ ଓ ଶରୀର ଶାନ୍ତ ଏବଂ ମନ ସ୍ଥିର ଥିବା ସମୟରେ ହିଁ ଧ୍ୟାନ କଲେ ଧ୍ୟାନ ପ୍ରକ୍ରିୟାକୁ ସହଜ ଓ ପ୍ରଭାବଶାଳୀ କରେ। ଲୋକଙ୍କୁ ଈଶ୍ୱରଙ୍କ ପ୍ରତି ଭାବନା ଓ ଆତ୍ମସମର୍ପଣର ଅନୁଭୂତି କରିବାରେ ଉପଦେଶ ଦେଇଥିଲେ।

ମେଡିଟେସନ୍ ପ୍ରକ୍ରିୟାକୁ ସହଜ ଏବଂ ପ୍ରାୟୋଗିକ ଭାବରେ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ ଶରୀର ଓ ମନର କ୍ଲାନ୍ତ ଦୂରେଇବା ପାଇଁ ମନରେ ଶାନ୍ତ ଓ ଶିଥିଳ ଅବସ୍ଥାରେ ନିଜକୁ ପ୍ରସ୍ତୁତ କରିବା। ମନକୁ ନିର୍ଦ୍ଦିଷ୍ଟ ଧ୍ୟାନରେ

## ନାବାଳିକାକୁ ଦୁଷ୍କର୍ମ କରି ଯୁବକ କୋର୍ଟ ଚାଲାଣ



**କଳିଙ୍ଗନଗର,୯।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋବରଘାଟି ଅଞ୍ଚଳ ରେ ଲଭ, ସେକ୍ସ ଓ ଧୋକା ର ଏକ ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି, ଏହି ଗୋବର ଘାଟି କଲୋନୀ ଅଞ୍ଚଳ ର ଜଣେ ନା ବାଳିକା ଙ୍କ ଲିଖିତ ଅଭିଯୋଗ ଅନୁସାରେ ତାଙ୍କୁ ଦୀର୍ଘ ବର୍ଷ ହେଲା ପୂର୍ଣ୍ଣଚନ୍ଦ୍ର ମୁଣ୍ଡା ନାମକ ଆମ୍ବ ଗାଡ଼ିଆ ର ଜଣେ ଯୁବକ ବାହା ହେବ ବୋଲି ମିଛ ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା କିନ୍ତୁ ଏବେ ସେ ବାଳିକା ଜଣଙ୍କୁ ତୋତେ ମୁଁ ବାହା ହେବି ନାହିଁ ତୁ ମୋର କିଛି କରି ପାରିବୁ ନାହିଁ, ଯଦି କାହାକୁ କିଛି କହିବୁ ତାହାଲେ ତତେ ଓ ତୋ ବାପାକୁ ଜୀବନରେ ମାରିଦେବି ବୋଲି ଧମକ ଦେଲା, ଆହୁରି ଶୁଣିବାକୁ ମିଳୁଛି ଜଣେ ବାହୁବଳୀ ୟୁନିୟନ ନେତା ଙ୍କର ସମ୍ପର୍କୀୟ ହୋଇଥିବା ରୁ ଯୁବକ ଜଣଙ୍କ ଦାଦାଗିରି ଦେଖାଇ ବହୁତ ଝିଅ ଙ୍କ ସହ ସମ୍ପର୍କ ରଖିଛି ଓ ବିଭିନ୍ନ କମ୍ପାନୀ ରେ ଚାକିରୀ କରାଇଦେବା ନାଁ ରେ ବହୁତ ଲୋକଙ୍କ ଠାରୁ ଟଙ୍କା ଠକେଇ କରିଛି, ତେଣୁ ପୋଲିସ ପୋସ୍କୋ ଆକ୍ଟ ରେ କେସ ନମ୍ବର ୧୭୪/ ୨୫ ରେ ଆଜି ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମାଘମେଳାକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ଟ୍ରଷ୍ଟି ସଦସ୍ୟ



**ସୁବର୍ଣ୍ଣପୁର,୯।୬(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ଅବସର ରେ ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଖଲିଆପାଲି ଭୀମଭୋଇ ଟ୍ରଷ୍ଟ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ସ୍ୱାଗତ ସଂବର୍ଦ୍ଧନା ଜ୍ଞାପନ କରିବାସହ ଆସନ୍ତା ମାଘ ମେଳାରେ ମୁଖ୍ୟ ଅତିଥି ଭାବରେ ଯୋଗଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ରାମେଶ୍ୱର ଷ୍ଟାଡିୟମ ରେ ଜନସାଧାରଣ ଙ୍କୁ ସମ୍ବୋଧିତ କରିବା ଅବସରରେ ପବିତ୍ର ଏହି ମାଟିର ସ୍ୱତନ୍ତ୍ର ମହକ କୁ ସ୍ୱୀକାର କରି ଭୀମଭୋଇ ଙ୍କ କାଳଜୟୀ କବିତା ର ପଂକ୍ତିର ଉଦ୍ଧାର କରିଥିଲେ। ସର୍କିଟ ହାଉସ୍ ଠାରେ ଭୀମଭୋଇ ଟ୍ରଷ୍ଟ୍ ର ମେନେଜିଂ ଟ୍ରଷ୍ଟି ଛତ୍ରଧାରୀ ଅଗ୍ରୱାଲ, ସଂପାଦକ ଜନ୍ମେଜୟ ସ୍ୱାଇଁ, ମଠାଧୀଶ ବାବା ସନ୍ୟାସୀ ଦାସ୍ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ମାଘ ମେଳାରେ ଆସିବାପାଇଁ କରିଥିବା ଅନୁରୋଧ ର ପ୍ରତ୍ୟୁତ୍ତର ସେ ନିଶ୍ଚିତ ଚେଷ୍ଟା କରିବେ ବୋଲି କହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରୁ ସ୍ତ୍ରୀ ଘରକୁ ଫେରିବା ବିଳମ୍ବ ହେବାରୁ ନିର୍ବାହୀ ଅଧିକାରୀଙ୍କୁ ମାଡ଼ ମାରିଲେ ସ୍ୱାମୀ

**ସୁବର୍ଣ୍ଣପୁର,୯।୬(ସଂଚାର ବ୍ୟୁରୋ):** ଗତ ୭ ତାରିଖରେ ମୁଖ୍ମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଯାଇଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିଭିନ୍ନ ଅଞ୍ଚଳରୁ ସାଧାରଣ ଲୋକ, ବିଭିନ୍ନ ସ୍ୱଂୟ ସହାୟକ ଗୋଷ୍ଠୀର ମହିଳା ଆସିଥିଲେ । ବିରାମହାରାଜପୁର ର ମୂର୍ଶୁଣ୍ଡି ପଞ୍ଚାୟତର ମାଣିକପୁର ଗାଁରୁ କିଛି ମହିଳା ଗୋଷ୍ଠୀର ସଦସ୍ୟକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯାଇଥିଲେ। ସେମାନେ ବିଳମ୍ବରେ ଫେରିବାରୁ କିଛି ମହିଳାଙ୍କ ସ୍ୱାମୀ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି । ଟ୍ରାଫିକ ସମସ୍ୟା ଯୋଗୁଁ ଫେରିବାରେ ବିଳମ୍ବ ହୋଇଥିବା କହିଛନ୍ତି ପିଇଓ । ଅନ୍ୟପଟେ ସଂପୃକ୍ତ ପିଇଓ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଲିଖିତ ଅଭିଯୋଗ ହୋଇଥିଲେ ବି ପୋଲିସ ଏତଲା ରଖୁ ନଥିବା ଅଭିଯୋଗ ହୋଇଛି ।

## ସାମ୍ବାଦିକ ତଥା ଗାୟକ 'ସୁଦୀପ' ସମ୍ବର୍ଦ୍ଧିତ

**ବ୍ରହ୍ମପୁର,୯।୬(ସଂଚାର ବ୍ୟୁରୋ):** ଆସ୍କା ସ୍ଥିତ ମା ଖମ୍ବେଶ୍ୱରୀ ମନ୍ଦିର ପରିସରରେ ଏକ ଡିଜିଟାଲ ମିଡିଆ ହାଉସ ପକ୍ଷରୁ ଆୟୋଜିତ ଅଷ୍ଟମ ସ୍ୱନକ୍ଷତ୍ର ଏବଂ ସମ୍ବର୍ଦ୍ଧନା ଉତ୍ସବରେ ବ୍ରହ୍ମପୁରର ବରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ କୁମାର୍ ସାହୁଙ୍କୁ ସମ୍ମାନୀତ କରାଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଆଞ୍ଚଳିକ ସ୍ତରରେ ଶିକ୍ଷା, ଲୋକକଳା, ସାହିତ୍ୟ, ସଂସ୍କୃତି, ପରମ୍ପରା, ସାମ୍ବାଦିକତା ଓ ସମାଜସେବାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଶହେରୁ ଅଧିକ ପ୍ରତିଭାବାନ ବିଦ୍ୟାର୍ଥୀ ଓ ବ୍ୟକ୍ତି ବିଶେଷଙ୍କୁ ଶ୍ରେଷ୍ଠ ପ୍ରେରଣା ଓ ଶ୍ରେଷ୍ଠ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲ । ଏହାସହ ବିତର୍କ - 'ଡିଜିଟାଲ ଜମାନାରେ ଆଞ୍ଚଳିକ ଗଣମାଧ୍ୟମର ଭୂମିକା ଓ ଗୁରୁତ୍ୱ' ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ. ବନ୍ଦିତା ପଣ୍ଡା ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥୀ ଭାବେ ସାମ୍ବାଦିକା ତଥା ଉପସ୍ଥାପିକା ନୀଳିମା ପ୍ରିୟଦର୍ଶିନୀ, ସାମ୍ବାଦିକ ସମୀର ଆଚାର୍ଯ୍ୟ, ପ୍ରସନଜିତ ରୟ,ଅନୀଲ ପାଣିଗ୍ରାହୀ, ଅଳକା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବ୍ରହ୍ମପୁରର ବରିଷ୍ଠ ସାମ୍ବାଦିକ ସୁଦୀପ ଅନୁରୂପେ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିବାବେଳେ ସେ ଏକ ଭଜନ ଗାନ କରିଥିଲେ। ଆଜିର ଯୁଗରେ ଡିଜିଟାଲ ମିଡିଆର ଗୁରୁତ୍ୱ ବୃଦ୍ଧି ପାଇଛି ବୋଲି କହିବା ସହ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯିବା ଲାଗି ସରକାର ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ରଖିଥିଲେ।

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ



**ସୁନ୍ଦରଗଡ଼,୯।୬(ସଂଚାର ବ୍ୟୁରୋ):** ସବଡେଗା ବ୍ଲକ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ସତ୍ୟବ୍ରାନ ମହାଜନ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୩୭ ଗୋଟି ଅଭିଯୋଗ ମଧ୍ୟରୁ ୧୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୬ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ଗୋଟିଏ ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଗୋଟିଏ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଆଇ ଏ ଏସ ଶିକ୍ଷାନବିଷ ଫାବୀ ରସିଦ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ପାଳନ କଲେ ବିଜେପି କର୍ମକର୍ତ୍ତା

**ଭବାନୀପାଟଣା,୯।୬(ସଂଚାର ବ୍ୟୁରୋ):** ଆଜି ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡା ଙ୍କ ବଳିଦାନ ଦିବସ କୁ କୋକସରା ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ ବ୍ଲକ ସ୍ତରୀୟ ସ୍ୱାଧୀନ ସଂଗ୍ରାମୀ ସହିଦ ବିର୍ସା ମୁଣ୍ଡା ବଳିଦାନ ଦିବସ ପାଳନ କୋକସରା ମଣ୍ଡଳ ସଭାପତି ବସନ୍ତ ନାଗ ଙ୍କ ସଭାପତିତ୍ୱରେ କୋକସରା ଠାରେ ପାଳନ କରାଯାଇଛି। ଏହି ଅବସରରେ ଉପସ୍ଥିତ କର୍ମକର୍ତ୍ତା ମାନେ ସହିଦ ମୁଣ୍ଡା ଙ୍କ ଫୋଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା , କୋକସରା ମଣ୍ଡଳ ସାଧାରଣ ସମ୍ପାଦକ ଶାରଳା ପ୍ରସାଦ ପ୍ରଧାନି , ଉପ ସଭାପତି ଦୈତାରି ବାରିକ, ଆମପାଣି ମଣ୍ଡଳ ସାଧାରଣ ସମ୍ପାଦକ ତୁଳାରାମ୍ ନାଏକ ,ଜିଲ୍ଲା ପ୍ରତିନିଧି ଅର୍ଜୁନ ଭାଟି, ଆମପାଣି ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ତ୍ରିଲୋକ୍ୟ ବେଶ୍ରା , ମୋଟେର ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଧବଳେଶ୍ୱର ଗୋପାଳ,ଧର୍ମାନନ୍ଦ ନେଗି ଓ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

## ଜହ୍ନା ରଥଯାତ୍ରା ଲାଗି ପ୍ରସ୍ତୁତି ବୈଠକ

- ନିର୍ଦ୍ଧାରିତ ସମୟରେ ହେବ ପହଣ୍ଡି ବିଜେ



**ଯାଜପୁର ରୋଡ଼,୯।୬(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ବଳଦେବଜୀଉ ମନ୍ଦିର ପରିଚାଳନା କମିଟି ତରଫରୁ ଗତ ରବିବାର ମନ୍ଦିର ପରିସରରେ ୨୦୨୫ ରଥଯାତ୍ରା ଲାଗି ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁଙ୍କ ସ୍ନାନ ପୂର୍ଣିମା ଆସନ୍ତା ୧୩ ତାରିଖ ବୁଧବାର ପାଳିତ ହେବାକୁ ନେଇ ପ୍ରଥମେ ସବିଶେଷ ଆଲୋଚନା କରାଯାଇଥିଲା। ବଡଦାଣ୍ଡରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ନୂଆ ରଥ ଦଉଡି, ରଥ କପଡା ଓ ରଥ ରଙ୍ଗ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ଚଳିତ ବର୍ଷ ନିର୍ଦ୍ଧାରିତ ସମୟରେ ପହଣ୍ଡି ବିଜେ ଓ ରଥଟଣା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ପ୍ରଭୁ ଗୁଣ୍ଡିଚା ମନ୍ଦିରରେ ପହଂଚିବା ପରେ ସେଠାରେ ନବ ଦିନଧରି ଅନ୍ନ ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନେଇ ବ୍ୟୟ ବରାଦ ପାରିତ ହୋଇଥିଲା। ପ୍ରଧାନ ଟ୍ରଷ୍ଟି ଶ୍ରୀ ଅଭିଳାଷ ବୋଇତାଇ, ଡ଼ଃ. ଚିନ୍ତାମଣି ପାଢୀ, ଚନ୍ଦ୍ରମଣି ବେହେରା, ବିଶ୍ୱଜିତ ନାୟକ, ପ୍ରିତିରଞ୍ଜନ ସାହୁ, ବିକ୍ରମ କେଶରୀ ବିଶ୍ୱାଳ, ସଦାନନ୍ଦ ବେହେରା, ଅତନୁ କୁମାର ବିଶ୍ୱାଳ,ରାଜୀବ ଲୋଚନ ରାଉତ,ସନାତନ ଦାଶ, ଭବାନୀ ଶଙ୍କର ପାଢୀଙ୍କ ସମେତ ବଡ଼ପଣ୍ଡା ଗୋପବନ୍ଧୁ ପାଢ଼ୀ, ମନ୍ଦିର କମିଟି କର୍ମକର୍ତା କାମଦେବ ଦାଶ, ହୃଷିକେଶ ସିଂହ, ବିଦ୍ୟାଧର ସାହୁ ସଞ୍ଜୟ କୁମାର ସାହୁ, ସନ୍ତୋଷ କୁମାର ନାୟକ, ନିତ୍ୟାନନ୍ଦ ବିଶ୍ୱାଳ, ନିରଞ୍ଜନ ନାୟକ ଭୋଦେବ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ଡ଼ଃ ଚିନ୍ତାମଣି ପାଢ଼ୀ ବାସ୍ତୁ ଶାସ୍ତ୍ରରେ ପିଏଚଡି ହାସଲ କରିଥିବାରୁ ବୈଠକ ଆରମ୍ଭରେ ତାଙ୍କୁ ପ୍ରଭୁଙ୍କ ଅଜ୍ଞାମାଳ, ଉପଢୌକନ ଓ ପୁଷ୍ପ ଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ବଜ୍ରପାତରେ ଚାଳକଙ୍କ ମୃତ୍ୟୁ

**କଳିଙ୍ଗନଗର,୯।୬(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା କୋରେଇ ଥାନା ରଗଡ଼ି ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ନିର୍ବାକ୍ ପାଲଟିଯାଇଛନ୍ତି। ବଜ୍ରପାତରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଉଛନ୍ତି ଦିଲୀପ ନାୟକ(୩୨)। ତାଙ୍କ ଘର କେନ୍ଦୁଝର ଜିଲ୍ଲା ଚକ୍ରଖୁଣ୍ଟିଆରେ ବୋଲି ଜଣାପଡ଼ିଛି। ସେ ଓଡି ୦୯ ଏବି ୯୭୩୩ ଟ୍ରକ୍ ଚଳାଇ ଆସୁଥିଲାବେଳେ ସୋମବାର ଅପରାହ୍ଣ ପ୍ରାୟ ଅଢ଼େଇଟା ସମୟରେ ରାଜପଥ କଡ଼ରେ ମା'ଭଗବତୀ ହୋଟେଲ ନିକଟରେ ଗାଡ଼ି ଅଟକାଇଥିଲେ।ସେଠାରେ ସେ ଓ ଖଲାସୀ ଖାଇବାକୁ ଯିବା ପୂର୍ବରୁ ଗାଧୋଉଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଦିଲୀପ ସେହିଠାରେ ହିଁ ଟଳିପଡ଼ିଥିଲେ। ନିକଟରେ ଥିବା ଖଲାସୀ ବର୍ତ୍ତିଯାଇଥିଲେ ମଧ୍ୟ ପ୍ରଚଣ୍ଡ ଶବ୍ଦ ରେ ଭୟରେ ନିର୍ବାକ୍ ହୋଇଯାଇଥିଲେ। ସେ ନିର୍ବାକ୍ ହୋଇ ଏବେ ନିଜ ନାଁ ମଧ୍ୟ କହିପାରୁନାହାନ୍ତି। ମୃତକଙ୍କ ମୃତଦେହ ଉଦ୍ଧାର କରି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



## ଆଦିବାସୀ ମହାସଂଘ ବୈଠକ

**ଭେଡେନ,୯।୬ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଆଦିବାସୀ ମହାସଂଘ ଭେଡେନ ବ୍ଲକ୍ ସଭାନେତ୍ରୀ ଶ୍ରୀମତି ପ୍ରେମସିଲା ବରିହାଙ୍କ ସଭାପତିତ୍ୱରେ ସମସ୍ତ ଗ୍ରାମ ପଞ୍ଚାୟତ ଆଦିବାସୀ ସଂଘ ସଭାପତି ମାନଙ୍କୁ ନେଇ ବ୍ଲକ ସ୍ତରୀୟ ଅଇଁଲାପାଲି ଗ୍ରାମ ପଞ୍ଚାୟତ ପୋତ ତାଲଗାଁ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା କ୍ଷ ଆଦିବାସୀ ମାନଙ୍କ ହକ୍ ଅଧିକାର ପାଇବା ପାଇଁ ଓ ଆଦିବାସୀ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏବଂ ଅନ୍ୟ ବର୍ଗର ଗରିବ ଲୋକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବାରମ୍ବାର ପ୍ରଶାସନକୁ ମହାସଂଘ ଅଭିଯୋଗ କରି ଆସିଲା ପରେବି, କିଛି କାର୍ଯ୍ୟକାରୀ ହେଉ ନ ଥିବାରୁ ଆଗାମୀ ଦିନରେ ବରଗଡ଼ ଉପ ଜିଲ୍ଲାପାଳ ଅଫିସ୍ ଘେରାଉ କରିବା ପାଇଁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ତରଫରୁ ନିଷ୍ପତ୍ତି ନେଇଛି । ଏଥିପାଇଁ ଭେଡେନ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ଆଦିବାସୀ ମହିଳା ଓ ପୁରୁଷ ନିଜ ନିଜର ଅସ୍ତ୍ରଶସ୍ତ୍ର ଧରି ଏହି ଲଢେଇରେ ବେଶି ସଂଖ୍ୟାରେ ଯୋଗଦାନ କରିବାକୁ ବୈଠକରେ ନିଷ୍ପତି ନିଆଗଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲାର ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ତ୍ରିଲୋଚନ ଭୁଏ ଯୋଗଦାନ କରିଥିଲେ। ଭେଡେନ ବ୍ଲକର ବ୍ଲକ ସଭାନେତ୍ରୀ ଶ୍ରୀମତି ପ୍ରେମସିଲା ବରିହା, ଉପ ସଭାନେତ୍ରୀ ବନ୍ତୀ ଭୁଏ, ବ୍ଲକ ସଂପାଦକ ପ୍ରମୋଦ କୁମାର ବାରିକ, ସଦାନନ୍ଦ ବରିହା, ମାର୍ଗଶିର ଭୁଏ , ନୀଳମଣି ବାରିକ, ବିରାଟ କୁମୁରା, ନକୁଳ ବରିହା, ପାଣ୍ଡବ ଭୋଇ, ମଞ୍ଜୁସା ଧରୁଆ ଏବଂ ଅନ୍ୟ ତମ ମହିଳା ଓ ପୁରୁଷ ମାନେ ଯୋଗଦାନ କରିଥିଲେ ।

## ଆଙ୍କୋରଡ଼ା ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା ଉଦଯାପିତ



**ହିଞ୍ଜିଳିକାଟୁ,୯।୬ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦ ଅଙ୍କୋରଡା ଗ୍ରାମରେ ୪ ତାରିଖ ଠାରୁ ୫ଦିନ ଧରି ଚାଲିଥିବା ଗ୍ରାମଦେବତୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ହନୁମାନ ମନ୍ଦିରର ସିଂହଦ୍ୱାର ଓ କପିଳେଶ୍ୱର ମହାଦେବ ମନ୍ଦିରର ଯଜ୍ଞମଣ୍ଡପ ପ୍ରତିଷ୍ଠା ଉତ୍ସବ ରବିବାର ଦିନ ଉଦଯାପିତ ହୋଇଯାଇଛି । ପ୍ରଥମ ଦିନ ଜଳଯାତ୍ରା, ଦ୍ୱିତୀୟ ଦିନ ରତ୍ନମୁଦ ପ୍ରତିଷ୍ଠା ସହ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ତୃତୀୟ ଦିନ ଶାଳା ସଂସ୍କାର, ଗୋ ପୂଜା, କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସ୍ଥାୟୀ ଯଜ୍ଞମଣ୍ଡପ ଅଧିବାସ ଅନୁଷ୍ଠିତ ହୋଇଥିଲା । ୪ଥ ଦିନ ପ୍ରସାଦ ସେବନ ଓ ବିଗ୍ରହ ମାନଙ୍କ ଅଧିବାସ,ହୋମଯଜ୍ଞ ହେଇଥିବା ବେଳେ ରାତ୍ର ଦେବତା ଜୀବନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଶୁକ୍ରବାର ଦିନ ବିଜେଡି ଜିଲ୍ଲା ସଭାପତି ଡ଼ ରମେଶ ଚନ୍ଦ୍ର ପଟ୍ଟନାୟକ,ଜିଲ୍ଲା ସଭାପତି ଅଞ୍ଜଳି ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ,ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା,ଲତିକା ପ୍ରଧାନ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ , ପ୍ରମିଳା ବିଷୋୟୀ,ବ୍ରହ୍ମପୁର ମେୟର ସଙ୍ଘମିତ୍ରା ଦଳେଇ , ସାଂସଦ ପ୍ରାର୍ଥୀ ରଂଜିତା ସାହୁ,ସୁବାଷ ମହାରଣା, ବିରୋଧୀ ଦଳ ନେତାଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର , ହିଞ୍ଜିଳିକାଟୁ ପୌରପରିଷଦ ଅଧକ୍ଷ ସୁବାଷ ଚନ୍ଦ୍ର ପଳାଇ , ବ୍ଲକ ଅଧକ୍ଷା ସରସ୍ୱତୀ ସେଠି ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରୀତି ସାହୁ ଯୋଗ ଦେଇ ଦର୍ଶନ କରିଥିଲେ । ପରେ ଶନିବାର ଦିନ ପିସିସି ଉପସଭାପତି ତଥା ସାନଖେମୁଣ୍ଡିର କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନା, ଯୁବ ନେତା ଶିବରାମ ପ୍ରଧାନ,ସଞ୍ଜୟ ସ୍ୱାଇଁ ଯୋଗ ଦେଇ ଥିଲେ । ପରେ ରବିବାର ଦିନ ଉଦଯାପନ ଉତ୍ସବରେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ଘୁମୁସୁର(ଆସିକା)ସାଙ୍ଗଠନିକ ଜିଲ୍ଲାର ସଭାପତି ବିଜୟ ସ୍ୱାଇଁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର,ମାଧବ ଗୌଡ଼, ରବୀନ୍ଦ୍ର ପାଣିଗ୍ରାହୀ, ରାକେଶ ରଥ ଯୋଗ ଦେଇଥିଲେ ।